

ଜେମିମାଙ୍କ ପ୍ରଥମ ଶତକ: ସିରିଜ୍ ଜିତିଲା ଭାରତ | ପୃଷ୍ଠା ୭


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 291 | ଭାଗ ୩୨ | ସଂଖ୍ୟା ୨୯୧

Bhubaneswar | Tuesday 14 January 2025 | Page 8 Rs. 4.00

ଭୁବନେଶ୍ୱର ମଙ୍ଗଳବାର ୧୪ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




ଏନ୍‌ଏଚ୍‌ଏ-ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଚୁକ୍ତି ସ୍ୱାକ୍ଷରିତ

# ଓଡ଼ିଶାରେ 'ଆୟୁଷ୍ମାନ୍' ଲାଗୁ, ଫାଇଦା ପାଇବେ ୧.୦୩ କୋଟି ପରିବାର



- ୨୩ ଲକ୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ମିଳିବ ଚିକିତ୍ସା ସୁବିଧା
- ୨୯ ହଜାରରୁ ଊର୍ଦ୍ଧ୍ୱ ଚିକିତ୍ସାଳୟରେ ଉପଲବ୍ଧ
- ପ୍ରତି ପଞ୍ଚାୟତରେ ପ୍ରତିଷ୍ଠା ହେବ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର

**ଭୁବନେଶ୍ୱର,୧୩।୧(ସଂଚାର ବ୍ୟୁରୋ):** ଓଡ଼ିଶାରେ କାର୍ଯ୍ୟକାରୀ ହେବ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା। ଏଥିପାଇଁ ଆଜି ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ (ଏନ୍‌ଏଚ୍‌ଏ) ସହ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ଏଥିରୁ ରାଜ୍ୟର ୧.୦୩ କୋଟି ପରିବାର ଫାଇଦା ପାଇବେ। ସେହିପରି ରାଜ୍ୟର ୨୩ ଲକ୍ଷରୁ ଅଧିକ ୭୦ ବର୍ଷରୁ ଊର୍ଦ୍ଧ୍ୱ ⮊ପୃଷ୍ଠା-୬

## ବିଜେଡି ସରକାରକୁ ମୋଦିଙ୍କ ଟାର୍ଗେଟ୍

**ନୂଆଦିଲ୍ଲୀ:** ଆଜି କେନ୍ଦ୍ର ସରକାରଙ୍କ ସହ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହେବା ପରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଲାଗୁ ହୋଇଛି। ଏପରି ଏକ ଜନକଲ୍ୟାଣ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିବାରୁ ଆଜି ଓଡ଼ିଶାବାସୀଙ୍କ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଧେଇ ଜଣାଇଛନ୍ତି। ଏଥିସହ ଏହି ଯୋଜନା ନେଇ ନକାରାତ୍ମକ ଆଭିମୁଖ୍ୟ ପୋଷଣ ⮊ପୃଷ୍ଠା-୬

ସୋନମାର୍ଗ ଟନେଲ୍ କାଶ୍ମୀର ବିକାଶର ନୂଆ ଅଧ୍ୟାୟ

# ସହଜ ହେବ କାଶ୍ମୀର-ଲେହ ଯୋଗାଯୋଗ






**ଶ୍ରୀନଗର,୧୩।୧:** ଜମ୍ମୁ-କାଶ୍ମୀରର ବହୁ ପ୍ରତୀକ୍ଷିତ ଜେଡ୍-ମୋଡ୍ ଟନେଲ ଉଦଘାଟିତ । ଆଜି (ସୋମବାର) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଟନେଲକୁ ଉଦଘାଟନ କରିଛନ୍ତି । ଏହା ପର୍ଯ୍ୟଟନ ଓ ଯୋଗାଯୋଗ କ୍ଷେତ୍ରକୁ ଆହୁରି ମଜଭୁତ କରିବ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ।

ଜମ୍ମୁ-କାଶ୍ମୀରର ଶ୍ରୀନଗର-ସୋନମାର୍ଗ ରାଜପଥରେ ନିର୍ମିତ ଏହି ଜେଡ ମୋଡ ଟନେଲ ପର୍ଯ୍ୟଟନଠୁ ନେଇ ପ୍ରତିରକ୍ଷା ପର୍ଯ୍ୟନ୍ତ ଅନେକ କ୍ଷେତ୍ରରେ ବହୁ ଗୁରୁତ୍ୱ ବହନ କରେ। ଏହା କାଶ୍ମୀର ଓ ଲଦାଖ ମଧ୍ୟରେ ଯୋଗାଯୋଗକୁ ଆହୁରି ସହଜ କରିବ। ଜେଡ୍-ମୋଡ୍ ଟନେଲ ଉଦଘାଟନ ଅବସରରେ ଆୟୋଜିତ ସମାରୋହରେ ପ୍ରଧାନମନ୍ତ୍ରୀ ଯୋଗଦେଇ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ଏହି ଟନେଲ କାର୍ଯ୍ୟକାରୀ ହେବା ଦ୍ୱାରା କାଶ୍ମୀରର ପର୍ଯ୍ୟଟନ ଆହୁରି ସୁଦୃଢ଼ ହେବ। ଦୁଇ ଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ସୋଶାଲ ମିଡିଆରେ ଏହି ସ୍ଥାନର କେତେକ ଫଟୋ ପୋଷ୍ଟ କରିଥିଲେ, ଯାହାକୁ ଦେଖିବା ପରେ ଏଠାକୁ ଆସିବାକୁ ତାଙ୍କ ଉତ୍ସାହ ବହୁଗୁଣିତ ହୋଇଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସୋନମାର୍ଗ ଟନେଲ ସମ୍ପର୍କରେ ମୋଦି କହିଛନ୍ତି ଯେ ଏହି ଟନେଲ ସୋନମାର୍ଗ ସହ କାର୍ଗିଲ ଏବଂ ଲେହ ଲୋକଙ୍କ ଜୀବନକୁ ଆହୁରି ସହଜ କରିବ। ଏହି ଅଞ୍ଚଳର ପର୍ଯ୍ୟଟନ କ୍ଷେତ୍ରକୁ ଏହା ବେଶ୍ ଆଗକୁ ନେଇପାରିବ। ଗତ କିଛି ଦିନ ମଧ୍ୟରେ ରାସ୍ତାଘାଟ ଓ ରେଳ ଯୋଗାଯୋଗ ସହ ଜଡ଼ିତ ଅନେକ ପ୍ରକଳ୍ପ ଜମ୍ମୁ-କାଶ୍ମୀରରେ କାର୍ଯ୍ୟକାରୀ ହୋଇଛି। କାଶ୍ମୀର ମଧ୍ୟ ରେଳପଥରେ ଯୋଡ଼ି ହେବାକୁ ଯାଉଛି। ହସ୍ପିଟାଲ, କଲେଜ ନିର୍ମାଣ କରାଯାଉଛି। ତେଣୁ ଏନ୍‌ଡିଏ ସରକାର ଅମଳରେ କାଶ୍ମୀରକୁ ନୂଆ ରୂପ ମିଳିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନୀତିନ ଗଡକାରୀ, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ଟମ୍ଟା, ଜମ୍ମୁ-କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ମୁଖ୍ୟମନ୍ତ୍ରୀ ⮊ପୃଷ୍ଠା-୬

## ଏନ୍‌ଏଚ୍‌ଆଇଡିସିଏଲ୍ ତତ୍ତ୍ୱାବଧାନରେ ହୋଇଥିଲା ପ୍ରକଳ୍ପ

**ଶ୍ରୀନଗର:** ଆଜି ଉଦଘାଟିତ ହୋଇଥିବା ସନମାର୍ଗ ଟନେଲକୁ ନେଇ ସାରା ଦେଶ ଗର୍ବିତ। କାରଣ ୨୭ଶହ କୋଟି ଟଙ୍କା ବ୍ୟୟରେ ନିର୍ମିତ ସାଢେ ୬ କିଲୋମିଟର ଲମ୍ବ ଟନେଲ ବାଟଲା ଓ କାର୍ଗିଲ ପର୍ଯ୍ୟନ୍ତ ସବୁଦିନିଆ ଯୋଗାଯୋଗକୁ ସୁଗମ କରିଛି। ଜେଡ ଆକାରର ଏହି ଟନେଲ ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା ଜାତୀୟ ରାଜପଥ ଓ ଭିତ୍ତିଭୂମୀ ବିକାଶ ନିଗମ (ଏନଏଚଆଇଡିସିଏଲ)କୁ। ଆଉ ବରିଷ୍ଠ ଓ ଅନୁଭବୀ ଓଡିଶା କ୍ୟାଡର ଆଇଏଏସ ଅଫିସର କ୍ରିଷନ କୁମାର ଏନଏଚଆଇଡିସିଏଲର ପରିଚାଳନା ନିର୍ଦ୍ଦେଶକ ଅଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଟନେଲ ଉଦଘାଟନ କରିବା ଅବସରରେ ମଧ୍ୟ ସେ ତାଙ୍କୁ ପ୍ରକଳ୍ପର କାର୍ଯ୍ୟକାରିତା ଓ ଏହାର ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ। ସମୁଦ୍ର ⮊ପୃଷ୍ଠା-୬

# ଚାଷୀଙ୍କୁ ମିଳିଲା ୨୨କୋଟି ବୀମା ସହାୟତା

- ପ୍ରଧାନମନ୍ତ୍ରୀ ଫସଲ ବୀମା କ୍ଷୟକ୍ଷତି ଆକଳନ ଶେଷ
- ୨.୭୨୯ ଲକ୍ଷ ପ୍ଲଟରେ କ୍ଷତିଗ୍ରସ୍ତ ବୀମାଭୁକ୍ତ ଚାଷୀଙ୍କ ଆବେଦନ



**ଭୁବନେଶ୍ୱର,୧୩।୧(ସଂଚାର ବ୍ୟୁରୋ):** ଅମଳ ପରବର୍ତ୍ତୀ ଫସଲ କ୍ଷୟକ୍ଷତି ଆକଳନ କାର୍ଯ୍ୟ ଶେଷ ହୋଇଛି। ଆଜି ସୁଦ୍ଧା ପ୍ରାୟ ଲକ୍ଷେ କ୍ଷତିଗ୍ରସ୍ତ ପ୍ଲଟ ବାବଦକୁ ମୋଟ ୨୧ କୋଟି ୯୬ ଲକ୍ଷ ଟଙ୍କା କ୍ଷତିପୂରଣ ସିଧାସଳଖ ଚାଷୀମାନଙ୍କର ବ୍ୟାଙ୍କ ଖାତାରେ ଜମା କରାଯାଇଛି। ବୀମା କମ୍ପାନୀମାନଙ୍କ ପକ୍ଷରୁ ଏହି କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟା ସୁଚାରୁ ରୂପେ ଜାରି ରହିଛି। ଗତ ଡିସେମ୍ବରରେ ଦୁଇ ଥର ଅଦିନିଆ ବର୍ଷା ହେବା କାରଣରୁ ରାଜ୍ୟରେ ଖରିଫ ଫସଲ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଚାଷୀମାନେ ଧାନ କାଟି ଜମିରେ ଜମା କରିଥିବା ସମୟରେ ବର୍ଷା ଯୋଗୁଁ ସେଥି ମଧ୍ୟରୁ ଅଧିକାଂଶ ନଷ୍ଟ ହୋଇଯାଇଥିଲା। ଏଥିପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକୃତ ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ୭୨ ଘଣ୍ଟା ମଧ୍ୟରେ ଫସଲ ବୀମା ପୋର୍ଟାଲରେ କ୍ଷୟକ୍ଷତିର ସୂଚନା ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିବେଦନ କରାଯାଇଥିଲା । କେନ୍ଦ୍ର ସରକାରଙ୍କ ଅନୁମତି କ୍ରମେ ନିର୍ଦ୍ଧାରିତ ସମୟ ମଧ୍ୟରେ ସୂଚନା ପ୍ରଦାନ କରି ନଥିବା ଚାଷୀମାନଙ୍କୁ ସୂଚନା ପ୍ରଦାନ ନିମନ୍ତେ ପୁନର୍ବାର ଆଉ ୩ ଦିନ ମହଲତ ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମାଭୁକ୍ତ ଚାଷୀ ଫସଲ ବୀମା ପୋର୍ଟାଲରେ ମୋଟ ୨, ଲକ୍ଷ ୭୨୯ଟି ପ୍ଲଟରେ କ୍ଷତି ହୋଇଥିବା ନେଇ ଆବେଦନ କରିଥିଲେ। ସେଥି ମଧ୍ୟରୁ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୪୭,୯୬୯ ସଂଖ୍ୟକ ଆବେଦନପତ୍ର ମିଳିଥିବା ବେଳେ ଗଞ୍ଜାମ ସମେତ ଗଜପତି, ପୁରୀ, କେନ୍ଦ୍ରାପଡ଼ା, ନୟାଗଡ, କଟକ, ଖୋର୍ଦ୍ଧା ଓ ଜଗତସିଂହପୁର ଜିଲ୍ଲାରୁ ମୋଟ ୧ ଲକ୍ଷ ୬୨ ହଜାର ୯୭୨ଟି ଆବେଦନପତ୍ର ମିଳିଥିଲା। ଏହି ସମସ୍ତ ଆବେଦନକୁ ଭିତ୍ତି କରି ତୁରନ୍ତ କ୍ଷେତ୍ରୀୟ ସ୍ତରରେ ଫସଲ କ୍ଷତି ଆକଳନ କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ୪ଟି ବୀମା କମ୍ପାନୀ ( ଏଗ୍ରିକଲଚର୍ ଇନ୍‌ସ୍ୟୁରାନ୍ସ କମ୍ପାନୀ ଅଫ୍ ଇଣ୍ଡିଆ ଲମିଟେଡ୍, ଏସ୍‌ବିଆଇ ଜେନେରାଲ୍ ଇନ୍‌ସ୍ୟୁରାନ୍ସ ଲିମିଟେଡ୍, ଫ୍ୟୁଚର୍ ଜେନେରାଲି ଇଣ୍ଡିଆ ଇନ୍‌ସ୍ୟୁରାନ୍ସ ଲିମିଟେଡ୍ ଓ ରିଲାଏନ୍ସ ଜିଆଇସି ଲିମିଟେଡ୍)ଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା।

ଇତିମଧ୍ୟରେ ବୀମା କମ୍ପାନୀ ପକ୍ଷରୁ ଅମଳ ପରବର୍ତ୍ତୀ ଫସଲ କ୍ଷୟକ୍ଷତି ଆକଳନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ବୀମା କମ୍ପାନୀ ପକ୍ଷରୁ କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟା ସୁଚାରୁ ରୂପେ ଜାରି ରହିଛି। ଚାଷୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ରାଜ୍ୟ ସରକାରଙ୍କ କୃଷି ବିଭାଗ ଓ ସମବାୟ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ କ୍ଷତିପୂରଣ ରାଶି ପ୍ରଦାନ ପ୍ରକ୍ରିୟାର ପ୍ରତ୍ୟକ୍ଷ ଭାବେ ତଦାରଖ ଓ ସମୀକ୍ଷା କରୁଛନ୍ତି।

# ପ୍ରବାସୀ ସମ୍ମିଳନୀରେ ଝଲସିଲା ମହିଳା ସଶକ୍ତିକରଣ




**ଭୁବନେଶ୍ୱର,୧୩।୧(ସଂଚାର ବ୍ୟୁରୋ):** ନିକଟରେ ସ୍ଥାନୀୟ ଜନତା ମଇଦାନଠାରେ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ଅବସରରେ ଆୟୋଜିତ ସମ୍ମିଳନୀରେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ସମ୍ମିଳନୀ ପରେ ୨ ଦିନ ପାଇଁ ପ୍ରଦର୍ଶନୀ ଅବଧି ବଢ଼ାଯାଇଥିବା ବେଳେ ଏଥିରେ ୧୬ ଜିଲ୍ଲାରୁ ୩୦ରୁ ଅଧିକ ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ପ୍ରସ୍ତୁତ ସାମଗ୍ରୀ ୪୧ଟି ବଛା ବଛା

## ୩୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ

ଷ୍ଟଲ୍‌ରେ ପ୍ରଦର୍ଶିତ ହୋଇଥିଲା। ଏଠାକୁ ଆସିଥିବା ପ୍ରବାସୀ ଭାରତୀୟମାନେ ଉକ୍ତ ଷ୍ଟଲ୍‌ଗୁଡ଼ିକ ବୁଲି ଦେଖିବା ସହ ସେମାନଙ୍କ ମନପସନ୍ଦର ସାମଗ୍ରୀ ଖରିଦ୍ କରିଥିଲେ। ଫଳରେ ମିଶନ୍ ଶକ୍ତି ଷ୍ଟଲ୍‌ଗୁଡ଼ିକରେ ସ୍ଥାନ ପାଇଥିବା ଉତ୍ପାଦ ମଧ୍ୟରୁ ପାଖାପାଖି ୩୧ ଲକ୍ଷ ଟଙ୍କାର ଉତ୍ପାଦ ବିକ୍ରି ହୋଇଥିଲା। ଏଠାରେ ଅତିଥିମାନେ କୋରାପୁଟର କୋଟପାଡ଼ ଶାଢ଼ୀ, ନୟାଗଡ଼ର ଟେରାକୋଟା, କଟକର ପ୍ରସିଦ୍ଧ ତାରକସି କାର୍ଯ୍ୟର ସୂକ୍ଷ୍ମ କାରିଗରୀ, ମୟୂରଭଞ୍ଜର ସବାଇ ଘାସ କଳାକୃତି ଓ ନବରଙ୍ଗପୁରର ଆଦିବାସୀ ଅଳଙ୍କାର ଦେଖିବାକୁ ପାଇଥିଲେ। ଏହାଛଡ଼ା ବାଲେଶ୍ୱରର ପାରମ୍ପରିକ ଜଉ କଣ୍ଢେଇ ଓ ଚୁଡ଼ି, ବୌଦ୍ଧ ଓ ସୁବର୍ଣ୍ଣପୁରର ପାରମ୍ପରିକ ସମ୍ବଲପୁରୀ ଶାଢ଼ୀ, ଢେଙ୍କାନାଳର ବାଉଁଶ କଳାକୃତି, ଗଞ୍ଜାମର ପିତଳ ଧାତୁ ଓ ଖୋର୍ଦ୍ଧାର ବିବିଧ ହସ୍ତତନ୍ତ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଆହୁରି ମାଣ୍ଡିଆ-ଭିତ୍ତିକ ବ୍ୟଞ୍ଜନ ଓ ଜୈବିକ ଖାଦ୍ୟର ମଧ୍ୟ ବେଶ୍ ଆଦର ରହିଥିବା ପରିଲକ୍ଷିତ ⮊ପୃଷ୍ଠା-୬

## ଜାପାନରେ ୬.୯ ତୀବ୍ର ଭୂମିକମ୍ପ

**ଟୋକିଓ,୧୩।୧:** ଜାପାନରେ ଆଜି ସନ୍ଧ୍ୟା ସମୟରେ ବଡ଼ ଧରଣର ଭୂମିକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହି ଭୂମିକମ୍ପର ତୀବ୍ରତା ୬.୯ ରେକର୍ଡ କରାଯାଇଥିବା ବେଳେ ଏହାର କେନ୍ଦ୍ରସ୍ଥଳ ଜାପାନର କ୍ୟୁଶୁ ରହିଥିବା ଆମେରିକା ଭୂତତ୍ତ୍ୱ ସର୍ବେକ୍ଷଣ ପକ୍ଷରୁ ସୂଚନା ଦିଆଯାଇଛି। ସମୁଦ୍ର ଭିତରେ ୩୭ କିମି ଦୂରରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା। ତେବେ ଭୂମିକମ୍ପ ପରେ ସୁନାମୀ ନେଇ ସତର୍କତା ଜାରି କରାଯାଇଥିଲେ ମଧ୍ୟ ରାତିରେ ଏହା ପ୍ରତ୍ୟାହାର କରିନିଆଯାଇଛି। ଭୂକମ୍ପ ପରେ ସୁନାମୀ ଆଲର୍ଟ ଜାରି କରାଯାଇଛି। ଭୂମିକମ୍ପ ପରେ ଅବଶ୍ୟ ଦୁଇ ଥର ୨୦ ସେମିର ହାଲକା ସୁନାମୀ ଅନୁଭୂତ ହୋଇଥିଲା, କିନ୍ତୁ ଏଥିରେ କୌଣସି ପ୍ରକାର କ୍ଷୟକ୍ଷତି ହୋଇଥିବା ଜଣାପଡ଼ିନାହିଁ। ଭୂମିକମ୍ପ ଅନୁଭୂତ ହେବା ପରେ ଜାପାନ ପାଣିପାଗ ଏଜେନ୍ସି (ଜେଏମ୍ଏ) ପକ୍ଷରୁ ସୁନାମୀ ପାଇଁ ସତର୍କତା ଜାରି କରାଯିବା ସହ ସମୁଦ୍ରଠାରୁ ଦୂରରେ ରହିବାକୁ ପରାମର୍ଶ ଦିଆଯାଇଥିଲା। ଭୂମିକମ୍ପ ପ୍ରଭାବରେ ସମୁଦ୍ରରେ ୧ ମିଟର ଉଚ୍ଚ ପର୍ଯ୍ୟନ୍ତ ଜୁଆର ଆସିବା ନେଇ ସତର୍କ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଗତବର୍ଷ ଅଗଷ୍ଟ ୮ରେ ଜାପାନରେ କ୍ରମାଗତ ଦୁଇଟି ବଡ଼ ଧରଣର ଭୂମିକମ୍ପ ଅନୁଭୂତ ହୋଇଥିଲା। ତା'ଛଡ଼ା ଗତ ନୂଆବର୍ଷରେ ୭.୬ ତୀବ୍ରତାବିଶିଷ୍ଟ ଏକ ଶକ୍ତିଶାଳୀ ଭୂକମ୍ପ ଜାପାନର ସୁଜୁ, ୱାଜିମା ଓ ଏହାର ଆଖପାଖ ଅଞ୍ଚଳରେ ଅନୁଭୂତ ହୋଇଥିଲା, ଯେଉଁଥିରେ ପ୍ରାୟ ୩୦୦ ଲୋକ ପ୍ରାଣ ହରାଇଥିଲେ।

## କୋଣାର୍କରେ କେବଳ ଲାଇସେନ୍ସପ୍ରାପ୍ତ ଫଟୋଗ୍ରାଫର ଫଟୋ ଉଠାଇପାରିବେ

**କଟକ,୧୩।୧(ସଂଚାର ବ୍ୟୁରୋ):** କୋଣାର୍କ ସୂର୍ଯ୍ୟମନ୍ଦିରରେ ଫଟୋ ଉତ୍ତୋଳନ ନେଇ ଆଜି ହାଇକୋର୍ଟ ତାଙ୍କ ରାୟ ଶୁଣାଇଛନ୍ତି। ଏହି ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରରେ ଏଣିକି କେବଳ ଲାଇସେନ୍ସପ୍ରାପ୍ତ ଫଟୋଗ୍ରାଫରମାନେ ହିଁ ଫଟୋ ଉତ୍ତୋଳନ କରିପାରିବେ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି। ଏଥିସହ ହାଇକୋର୍ଟ ଜଣିକିଆ ଖଣ୍ଡପୀଠଙ୍କ ରାୟକୁ କାଏମ ରଖିଛନ୍ତି। ୨୦୧୭ ନିୟମାନୁଯାୟୀ ପ୍ରତ୍ନତତ୍ତ୍ୱ ବିଭାଗରୁ ଲାଇସେନ୍ସ ପାଇଥିବା ଫଟୋଗ୍ରାଫରମାନେ ଫଟୋ ଉଠାଇପାରିବେ ବୋଲି ହାଇକୋର୍ଟ ରାୟ ଦେବା ସହ ବିନା ଲାଇସେନ୍ସରେ ଫଟୋ ଉଠାଉଥିବା ୧୫୪ ଜଣଙ୍କ ଆବେଦନକୁ ଖାରଜ କରିଛନ୍ତି।

## ଓଡ଼ିଶା କଳା ସଂସ୍କୃତି ଦେଖିବେ ସିଙ୍ଗାପୁର ରାଷ୍ଟ୍ରପତି

**ଭୁବନେଶ୍ୱର,୧୩।୧(ସଂଚାର ବ୍ୟୁରୋ):** ଆସନ୍ତାକାଲି ସିଙ୍ଗାପୁର ରାଷ୍ଟ୍ରପତି ଟି. ଶାନମୁଗରତ୍ନମ୍ ଭାରତ ଗସ୍ତରେ ଆସୁଛନ୍ତି। ଏହି ଗସ୍ତରେ ସେ ୫ ଦିନ ଧରି ଭାରତରେ ଅବସ୍ଥାନ କରିବେ। ଭାରତ-ସିଙ୍ଗାପୁର ଦ୍ୱିପାକ୍ଷିକ ସମ୍ପର୍କ ୬୦ ବର୍ଷ ପୂରଣ କରିଥିବା ଦୃଷ୍ଟିରୁ ଶାନମୁଗରତ୍ନମ୍‌ଙ୍କ ଏହି ଭାରତ ଗସ୍ତ ବେଶ ଗୁରୁତ୍ୱ ବହନ କରୁଛି। ତେବେ ଶାନମୁଗରତ୍ନମ ଏହି ପାଞ୍ଚଦିନିଆ ଗସ୍ତରେ ଓଡ଼ିଶା ଉପରେ ଫୋକସ୍ ରହିଛି। ଏହି ଗସ୍ତ ଶାନମୁଗରତ୍ନମ୍ ଆସନ୍ତା ୧୭ ଓ ୧୮ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ଏହି ଅବସରରେ ସେ ଓଡ଼ିଶାର ଐତିହ୍ୟ ଓ କଳାସଂସ୍କୃତିକୁ ପାଖରୁ ଦେଖିବେ। ଦୁଇ ଦିନିଆ ଓଡ଼ିଶା ଗସ୍ତରେ ସେ ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ଓ ପୁରୀର ପଟ୍ଟଚିତ୍ର ଓ କଳାକୃତିର ଗାଁ ରଘୁରାଜପୁର ଯିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ପାଇଁ କମିସନରେଟ ପୁଲିସ ପକ୍ଷରୁ ସୁରକ୍ଷା ପ୍ରସ୍ତୁତି ଆରମ୍ଭ କରାଯାଇଛି। ଭୁବନେଶ୍ୱରରେ ଆସନ୍ତା ୧୭ରେ ପହଞ୍ଚିବା ପରେ ସିଙ୍ଗାପୁର ରାଷ୍ଟ୍ରପତି ଏକ ତାରକା ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଗନେବେ। ସେଠାରେ ତାଙ୍କ ସହ ଓଡ଼ିଶାର ଅର୍ଥନୈତିକ ଓ ବ୍ୟବସାୟିକ କାରବାରର ସୁଯୋଗ ଆଦି ଦିଗରେ ଅନେକ ବ୍ୟବସାୟିକ ପ୍ରତିନିଧିଙ୍କର ଆଲୋଚନା କାର୍ଯ୍ୟକ୍ରମ ରହିଛି। ଏଥିସହ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ମଧ୍ୟ ଶାନମୁଗରତ୍ନମ ଆଲୋଚନା କରିବେ। ଏଥିସହ ସେ ଏଠାରେ ସ୍ଥାପିତ ସିଙ୍ଗାପୁର ଅଆଇଟିଇଏସ୍ ମଧ୍ୟ ପରିଦର୍ଶନ କରିବେ।

# ପାଢ଼ୀବାବୁଙ୍କ ପ୍ଲେଜର ଟ୍ରିପ !

## ହଂସୀତା ଅନିଲଙ୍କୁ ନେଇଥିଲେ ମାଳଦ୍ୱୀପ



ପୋଲିସର ହୋସ ଉଡ଼ାଇଦେଇଥିବା ହଂସୀତା ଅଭିଲିପ୍ସା ଓ ଅନୀଲ ମହାନ୍ତି କେସରେ ତଦନ୍ତ ଯେତିକି ବଢୁଛି, ନୂଆ ନୂଆ ସେତିକି ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି । ମିଳିଥିବା ସୂଚନା ମୁତାବକ ଗତ ବର୍ଷ ନଭେମ୍ବର ୮ ରୁ ୧୨ ତାରିଖ ପର୍ଯ୍ୟନ୍ତ ଏକ ପ୍ରତିଷ୍ଠିତ ଟ୍ରାଭେଲ ସଂସ୍ଥା ଜରିଆରେ ମାଳଦ୍ୱୀପ ଯାଇଥିଲେ ଏହି ଧୃତ ବଣ୍ଟି ଔର ବବଲି। ଦକ୍ଷିଣ ଓଡ଼ିଶାର ପାଢ଼ୀ ସାଙ୍ଗିଆ ଥିବା ବ୍ୟକ୍ତି ଦୁହିଁଙ୍କୁ ବିଦେଶ ନେବା ପାଇଁ ଟିକେଟ କରିଥିଲେ। ସେଠାରେ ସୁଇମିଂ ସହ ବେଶ ଏଞ୍ଜୟ କରିଥିଲେ ଦୁହେଁ । ଏହି ଟୁର୍ ପ୍ୟାକେଜର ବଜେଟ୍ ଥିଲା ୨୮ ଲକ୍ଷ। ଏହି ଖବର ମିଳିବା ପରେ ଏବେ ଆକ୍ସନ ମୋଡ୍‌କୁ ଆସିଛି କମିଶନରେଟ ପୋଲିସ। ପାଢ଼ୀ ବାବୁଙ୍କୁ ତଦନ୍ତ ପରିସର କରିବା ସହ ଖୁବଶୀଘ୍ର ଜେରା କରାଯିବ ବୋଲି ଜଣାପଡିଛି । ସେପଟେ ଝାଡ଼ଖଣ୍ଡ ଇଏସଏଲ ବୋକାରୋ କଂପାନୀ ସହ ଏକ ୩୦୦ କୋଟି ଟଙ୍କାର ଡିଲ୍ ମଧ୍ୟ ସାମ୍ନାକୁ ଆସିଛି । ଅଗ୍ରୀମ ଆକାରରେ ସେଠାରୁ ମଧ୍ୟ ୩୦ କୋଟି ଟଙ୍କା ଅନଲାଇନରେ ଆଣିଛନ୍ତି ଏହି ଠକ ଦମ୍ପତି। ଆୟକର ବିଭାଗର ଏକ ଟିମ ଝାଡ଼ଖଣ୍ଡ ଗସ୍ତ କରି ଫେରିଛି। ସେହିପରି ଗତ ⮊ପୃଷ୍ଠା-୬



## କାନ ଡେରିଥା

ଟିକେଟ ପାଇଁକି ନାଟକ ରଚିଲେ
ସୁନା ଝିଅ ତାଙ୍କ ଦିପାଲି
ବାପା ମଲା ବେଳେ ଗୁଙ୍ଗୀ
ସାଜିଗଲେ
ଏବେ ଭାଇ ପାଇଁ ଚୁଗୁଲୀ
ଗେମ ଖେଳିଲେ ଗୁଗଲି...
ପାଣ୍ଡୁ ସେବା କରି ବିଳିବିଳେଇଲେ
ଏବେ ସେ ଗଲେଣି ହୁଗୁଲି।

■ ଦେବାଶିଷ

# ବଳକା ରାଜ୍ୟର ବିକଳିଆ ଖାଉଟି

- ବିଜୁଳି ବିକି ହାତ ଚିକ୍କଣ କରିଛନ୍ତି ନେତା ଓ ବାବୁ
- ଓଡିଶାକୁ ଲଗାଇଛନ୍ତି ଚୂନ



**ଭୁବନେଶ୍ୱର,୧୩।୧ (ସଂଚାର ବ୍ୟୁରୋ):** ବିଜୁଳି ଉତ୍ପାଦନରେ ବଳକା ରାଜ୍ୟ ଓଡିଶାର ବିଜୁଳିକୁ ଅତି ଶସ୍ତାରେ ଅନ୍ୟ ରାଜ୍ୟକୁ ବିକ୍ରି ହୋଇଛି । ରାଜ୍ୟର ଖାଉଟିମାନେ ଯେତେବେଳେ ୟୁନିଟ୍ ପିଛା ସର୍ବନିମ୍ନ ୩ଟଙ୍କାରୁ ଅଧିକ ଦରରେ ବିଜୁଳି କିଣୁଛନ୍ତି ସେତେବେଳେ ରାଜ୍ୟ ସରକାର ୟୁନିଟ୍ ପିଛା ୨.୬୮ ପଇସା ଦରରେ ବିଜୁଳି ବିକ୍ରି କରିଛନ୍ତି । ଏହା ଦ୍ୱାରା କେବଳ ଓଡିଶାବାସୀଙ୍କୁ ଚୂନ ଲଗାଇ ନାହାନ୍ତି କୋଟି କୋଟି ଟଙ୍କାର ହାତ ଚିକ୍କଣ ବି କରିଛନ୍ତି ।

ଅନ୍ୟ ରାଜ୍ୟକୁ ବିଜୁଳି ବିକ୍ରି ସଂକ୍ରାନ୍ତରେ ମିଳିଥିବା ସୂଚନା ରୁ ଜଣାଯାଇଛି ଯେ ୨୦୧୯-୨୦ବର୍ଷରେ ସବୁଠାରୁ କମ୍ ଦରରେ ଅର୍ଥାତ୍ ୟୁନିଟ୍ ପିଛା ୨.୬୮ ଟଙ୍କା ଦରରେ ବିଜୁଳି ବିକ୍ରି ହୋଇଛି । ଏହା ପରବର୍ଷ ଅର୍ଥାତ୍ ୨୦୨୦-୨୧ ବର୍ଷରେ ସରକାର ୟୁନିଟ୍ ପିଛା ୨.୭୬ ଟଙ୍କା ଦରରେ ବିକିଛନ୍ତି । ତେବେ ଆଶ୍ଚର୍ଯ୍ୟର କଥା ହେଉଛି ୨୦୧୩-୧୪ ବର୍ଷରେ ରାଜ୍ୟ ସରକାର ଅନ୍ୟ ରାଜ୍ୟକୁ ୟୁନିଟ୍ ପିଛା ୩.୯୯ ଟଙ୍କା ଦରରେ ବିଜୁଳି ବିକ୍ରି କରିଥିବାବେଳେ ୨୦୧୮-୧୯ବର୍ଷରେ ଏହା ୪.୩୫ ଟଙ୍କା ଥିଲା। ଏହାର ପରବର୍ତ୍ତୀ ବର୍ଷଗୁଡିକରେ ଉତ୍ପାଦନ ଓ ପରିବହନ ଖର୍ଚ୍ଚ ବୃଦ୍ଧି ପାଇଥିଲେ ମଧ୍ୟ ସରକାର ଦର ହ୍ରାସ କରିଥିଲେ।

ତେବେ ରାଜ୍ୟରେ ନିର୍ବାଚନ ସମୟରେ ବିକ୍ରି ହେଉଥିବା ବିଜୁଳିର ଦର ହଠାତ୍ କମିଗଲା କିଭଳି ? ଏହାକୁ ନେଇ ସେତେବେଳେ ତୁମ୍ବି ତୋଫାନ ହେବା ସହିତ ବିରୋଧି ପ୍ରଶ୍ନ କରିଥିଲେ ମଧ୍ୟ ସରକାର ତାହାକୁ ଚାପିବାରେ ସକ୍ଷମ ହୋଇଥିଲା । ଅନ୍ୟ ରାଜ୍ୟକୁ ବିକ୍ରି ହେଉଥିବା ବିଜୁଳିର ସିଂହଭାଗ ତାମିଲନାଡୁକୁ ଯାଇଥିବାବେଳେ ଏହାକୁ ନେଇ ସେତେବେଳେ କେଁ ବାହାରିଥିଲା। ହେଲେ ସରକାର କାହାକୁ କଥାକୁ କର୍ଣ୍ଣପାତ କରିନଥିଲେ । ବିରୋଧିଙ୍କ ସ୍ୱର ମଧ୍ୟ ନରମି ଯାଇଥିଲା ।

ସୂଚନା ଅନୁଯାୟୀ ୨୦୧୩-୧୪ ବର୍ଷରେ ରାଜ୍ୟ ସରକାର ଅନ୍ୟ ରାଜ୍ୟକୁ ୧୬୬୫ ନିୟୁତ ୟୁନିଟ୍ ବିଜୁଳିବିକ୍ରି କରିଥିବାବେଳେ ଶସ୍ତା ଦରରେ ବିଜୁଳି ବିକ୍ରି କରିଥିବା ବର୍ଷ ଅର୍ଥାତ୍ ୨୦୧୯-୨୦ ବର୍ଷରେ ଏହା ୧୨୮୫ ନିୟୁତ ୟୁନିଟ୍ ଏବଂ ୨୦୨୦-୨୧ ବର୍ଷରେ ଏଡା ୫୭୫୦ ନିୟୁତ ୟୁନିଟ୍‌କୁ ଟପିଯାଇଥିଲା। ଏହି ଦୁଇ ବର୍ଷରେ ବିକ୍ରି ହୋଇଥିବା ବିଜୁଳିର ଦର ୟୁନିଟ୍ ପିଛା ଯଥାକ୍ରମେ ୨.୬୮ ଟଙ୍କା ଓ ୨.୭୬ ଟଙ୍କା ରହିଥିଲା। ୨୦୨୩-୨୪ ବର୍ଷୋର ରାଜ୍ୟ ସରକାର ଅନ୍ୟ ରାଜ୍ୟକୁ ୨୨୫୧ ନିୟୁତ ୟୁନିଟ୍ ବିଜୁଳି ବିକ୍ରି କରିଛନ୍ତି। ଏହାର ୟୁନିଟ୍ ପିଛା ଦର ୫.୦୨ ଟଙ୍କା ରହିଛି।

ଏହି ସୂଚନା ଅନୁଯାୟୀ ୨୦୧୩-୧୪ ବର୍ଷରେ ରାଜ୍ୟରେ ଜଳ ବିଦ୍ୟୁତ୍, ତାପଜ, ଆଇପିପି, ଅକ୍ଷୟଶକ୍ତି ଓ ସିଜିପିରୁ ମୋଟ୍ ୧୭,୪୪୦ ନିୟୁତ ୟୁନିଟ୍ ବିଜୁଳି ଉତ୍ପାଦନ ହୋଇଥିବାବେଳେ ଏହା ବର୍ଷକୁ ବର୍ଷ ବୃଦ୍ଧି ପାଇ ୨୦୨୦-୨୧ ବର୍ଷରେ ୨୩,୧୦୦ ନିୟୁତ ୟୁନିଟ୍‌ରେ ପହଞ୍ଚିଥିଲା। ଏହା ପର ଦୁଇବର୍ଷ ବିଜୁଳି ଉତ୍ପାଦନ ହ୍ରାସ ପାଇଥିବାବେଳେ ୨୦୨୩-୨୪ ବର୍ଷରେ ଏହି ପରିମାଣ ୨୩,୨୫୮ ନିୟୁତ ୟୁନିଟ୍‌କୁ ଟପିଯାଇଥିଲା ।

ତେବେ ରାଜ୍ୟ ସରକାର ଅନ୍ୟ ରାଜ୍ୟକୁ ଶସ୍ତାରେ ବିଜୁଳି ଯୋଗାଣ କରୁଥିବାବେଳେ ରାଜ୍ୟବାସୀ କିନ୍ତୁ ଚଢ଼ା ଦରରେ ବିଜୁଳି କିଣିବା ଜାରି ରଖିଛନ୍ତି। ଗ୍ରିଡ୍‌କୋର କ୍ଷତି ଠାରୁ ⮊ପୃଷ୍ଠା-୬

## 'ମିସା' ବନ୍ଦୀଙ୍କ ପାଇଁ ୨୦ ହଜାର ପେନ୍‌ସନ୍

**ଭୁବନେଶ୍ୱର,୧୩।୧(ସଂଚାର ବ୍ୟୁରୋ):** ୧୯୭୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ସମଗ୍ର ଦେଶରେ ଅପ୍ରତ୍ୟାଶିତ ଭାବେ ଜରୁରୀକାଳୀନ ପରିସ୍ଥିତି ଜାରି କରିଥିଲେ। ଏହି ସମୟରେ ଓଡ଼ିଶାର ଯେଉଁ ସଂଗ୍ରାମୀମାନେ କାରାଦଣ୍ଡ ଭୋଗିଥିଲେ, ସେମାନଙ୍କ ସକାଶେ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ୨୦ ହଜାର ଟଙ୍କା ଲେଖାଏଁ ମାସିକ ପେନ୍‌ସନ୍ ଘୋଷଣା କରାଯାଇଛି। ମିସା, ଡିଆଇଆର ଏବଂ ଡିଆଇଏସଆଇଆର ଆଇନରେ ବିଭିନ୍ନ ଜେଲରେ ବନ୍ଦୀ ଥିବା ସଂଗ୍ରାମୀମାନଙ୍କୁ ଏହି ପେନ୍‌ସନ୍ ମିଳିବ ବୋଲି ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିବା ବେଳେ ଆଜି ଗୃହ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ⮊ପୃଷ୍ଠା-୬

# କଳି ଯୁଗର ଶ୍ରବଣ କୁମାର ଧିରେନ୍

**ମାର୍ଶାଘାଇ, ୧୩।୧ (ସଂଚାର ବ୍ୟୁରୋ) :** ପିତୃମାତୃ ସେବା କଥା କହିଲେ ଆପଣମାନେ ଶ୍ରବଣ କୁମାରଙ୍କ କଥା ମନେ ପକାଉଥିବେ। ତ୍ରେତୟା ଯୁଗରେ ଶ୍ରବଣ କୁମାର ଅନ୍ଧ ପିତା ମାତାଙ୍କ ନିରନ୍ତର ସେବା ଯତ୍ନ କରିବା ଘଟଣା ଆଜି ବି ସମସ୍ତଙ୍କ ମନରେ ଲିପିବଦ୍ଧ ରହିଛି। ଆମେ ଆଜି କଳିଯୁଗର ଏକ ଶ୍ରବଣ କୁମାରଙ୍କ କଥା କହୁଛୁ ଯାହା ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିବ ନିଶ୍ଚୟ। ଯିଏ ତାଙ୍କ ୯୨ ବର୍ଷୀୟ ବାପାଙ୍କ ସେବା କରୁଛନ୍ତି । ସେ ନିଜେ ଜଣେ ଦିବ୍ୟାଙ୍ଗ ହୋଇ ମଧ୍ୟ ବାପାଙ୍କ ସେବାରେ ନା କେବେ ଅବହେଳା କରିଛନ୍ତି ନା ଦେଖାଇଛନ୍ତି କୌଣସି ବିରକ୍ତି ଭାବ। ଜୀବନର ସମସ୍ତ ଦୁଖ କଷ୍ଟକୁ ପଛରେ ପକାଇ ବାପାଙ୍କର ଯତ୍ନ ନେବା ସହିତ ନିଜେ ରୋଷେଇ କରି ବାପାଙ୍କୁ ଖାଇବାକୁ ଦେଉଛନ୍ତି। ଆଜିର ସମାଜରେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି ଦିବ୍ୟାଙ୍ଗ ଧିରେନ୍। ଯାହା ସମ୍ପର୍କରେ ଜାଣି ଆପଣ ମଧ୍ୟ ତାଙ୍କୁ କଳିଯୁଗର ଶ୍ରବଣ କୁମାର ହିଁ କହିବେ।

## ୬୦ ବର୍ଷ ବୟସରେ ୯୨ ବର୍ଷୀୟ ବାପାଙ୍କ ସେବା
## ଦିବ୍ୟାଙ୍ଗ ହୋଇ ବି ହାର୍ ମାନି ନାହାଁନ୍ତି

ଏମିତି ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ଗରଜଙ୍ଗା ଗ୍ରାମ ପଞ୍ଚାୟତ ଅର୍ନ୍ତଗତ କୁଆଁରପାଳ ଗ୍ରାମରେ। ଗ୍ରାମର ୯୨ ବର୍ଷିୟ ଶତ୍ରୁଘ୍ନ ସାହୁ ଙ୍କ ସହିତ ରୁହନ୍ତି ୬୦ ବର୍ଷିୟ ପୁଅ ଧୀରେନ କୁମାର ସାହୁ। ବାପା ଶତ୍ରୁଘ୍ନ ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡିତ ଥିବା ବେଳେ ପୁଅ ଧୀରେନ ପିଲାଟି ଦିନରୁ ପୋଲିଓ ଆକ୍ରାନ୍ତ। ଧୀରେନ ହାତରେ ବାଡି ଖଣ୍ଡିଏ ଧରି ଘରର ସମସ୍ତ କାର୍ଯ୍ୟ କରିବା ସହିତ ରୋଷେଇବାସ କରି ବାପାଙ୍କୁ ଖାଇବାକୁ ଦିଅନ୍ତି। ବାବାଙ୍କର ସମସ୍ତ ସେବାଯତ୍ନ କରନ୍ତି ପୁଅ ଧୀରେନ। ନିଜେ ସଳଖ ଭାବରେ ଚାଲିବାକୁ ସକ୍ଷମ ନଥିବା ଧିରେନ ବାପାଙ୍କର ସମସ୍ତ କାର୍ଯ୍ୟ କରୁଛନ୍ତି। ଝାଡା ପରିସ୍ରା ସେବା କରି ତାଙ୍କ ପାଖରେ ଛାଇ ପରି ରହୁଛନ୍ତି। ଧୀରେନଙ୍କୁ ଯେତେବେଳେ ୧୫ ବର୍ଷ ବୟସ ହୋଇଥିଲା ତାଙ୍କ ମା'ଙ୍କର ଦେହାନ୍ତ ହୋଇ ଯାଇଥିଲା । ବହୁତ କଷ୍ଟରେ ଲାଳନ ପାଳନ କରି ଧୀରେନଙ୍କୁ ପାଠ ପଢ଼ାଇ ବଡ଼ କରିଥିଲେ ବାପା ଶତ୍ରୁଘ୍ନ। ବିବାହର କିଛି ବର୍ଷ ପରେ ଧିରେନଙ୍କର ଝିଅଟିଏ ହୋଇଥିଲା। ହେଲେ ନିଜର ସ୍ତ୍ରୀ ବି ନିଜର ସାଥି ଦେଲାନି। ସେଥିରେ ବିଚଳିତ ନହୋଇ ବାପାଙ୍କ ସେଇ ସ୍ନେହ ଶ୍ରଦ୍ଧା ଭଲପାଇବାକୁ ପାଥେୟ କରି ବାପାଙ୍କ ସେବାରେ ନିଜକୁ ସମର୍ପି ଦେଇଛନ୍ତି।

ରୋଜଗାର କହିଲେ ମାସକୁ ମିଳୁଥିବା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ବ୍ୟାଟେରୀ ଚାଳିତ ଟ୍ରାଇ ୨୪୦୦ ଟଙ୍କା, ରାସନ୍ କାର୍ଡ ରେ ମିଳୁଥିବା ଚାଉଳ ଓ ନିଜେ ଟିଉସନ କରି ରୋଜଗାର କରୁଥିବା କିଛି ଟଙ୍କା। ପ୍ରତିଦିନ ସାଇକେଲରେ ଯାଇ ଗ୍ରାମର କିଛି ପିଲା ମାନଙ୍କୁ ପାଠ ପଢ଼ାଉଛନ୍ତି ଧୀରେନ। ସେତିକିରେ ତାଙ୍କ କାମ ସରୁନି ସେଠାରୁ ଫେରି ବାପାଙ୍କ ପାଇଁ ଚୁଲି ଜାଳି ରୋଷେଇ କରି ଖାଦ୍ୟ ପ୍ରସ୍ତୁତି କରୁଛନ୍ତି। ଭଗବାନ ସିନା ଶରୀରକୁ ଦିବ୍ୟାଙ୍ଗ ସଜାଇଛନ୍ତି ହେଲେ ତାଙ୍କ ଦୃଢ଼ ଇଛା ଶକ୍ତି ଓ ବାପାଙ୍କ ପ୍ରତି ଥିବା ଦାୟିତ୍ୱ ଓ ଭକ୍ତି ତାଙ୍କୁ ସମଗ୍ର ମାନବ ଜାତି ପାଇଁ ପ୍ରେରଣା ସଜାଇ ଦେଇଛନ୍ତି। ସଭ୍ୟ ସମାଜରେ ବାପା ମାଆଙ୍କ ପାଇଁ ସମୟ ନଥିବା ସନ୍ତାନ ଓ ଜରାଶ୍ରମରେ ନିଜର ବୃଦ୍ଧ ବାପା ମାଆଙ୍କୁ ନେଇ ଛାଡୁଥିବ ମଣିଷଙ୍କ ପାଇଁ ଧିରେନଙ୍କ ଭଳି ପୁଅ ଏକ ନଗଣ୍ୟ ଉଦାହରଣ।



# ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଶୁଭଦେଲେ ବିଧାୟକ



**ପଟ୍ଟାମୁଣ୍ଡାଇ, ୧୩।୧ (ସଂଚାର ବ୍ୟୁରୋ) :** ପଟ୍ଟାମୁଣ୍ଡାଇ ବଣିକ ସଂଘ ପକ୍ଷରୁ ସ୍ଥାନୀୟ ଅଂଚଳର ଅନ୍ୟତମ ଗଣପର୍ବ ଓ ମହାନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ୭୬ତମ ବିଶ୍ୱଶାନ୍ତି ମହାଯଜ୍ଞର ପାରମ୍ପରିକ ରୀତିନୀତି ଅନୁଯାୟୀ ଶୁଭ ଦିଆଯାଇଛି। ଏହି ଉପଲକ୍ଷେ ପଣ୍ଡିତ ବ୍ରହ୍ମାନନ୍ଦ ନନ୍ଦ ଓ ଭ୍ରମରବର ତ୍ରିପାଠୀଙ୍କ ଯଥାବିଧି ପୂଜାର୍ଚ୍ଚନା ଓ ମନ୍ତ୍ରଧ୍ୱନି ମଧ୍ୟରେ ରାଜନଗର ବିଧାୟକ ଧ୍ରୁବ ସାହୁ ଏହି ଯଜ୍ଞର ଶୁଭ ଦେଇଥିଲେ। ଏହି ମହାର୍ଘ୍ୟ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ଆଦର୍ଶ ଥାନା ଆଇ ଆଇ ସି ସୁଶାନ୍ତ ସାହୁ,ବିଦ୍ୟୁତ ବିଭାଗ ଯନ୍ତ୍ରୀ ସୂର୍ଯ୍ୟ କାନ୍ତ ପାଢ଼ୀ, ଅଗ୍ନିଶମ ଅଧିକାରୀ ରାମକୃଷ୍ଣ ପଣ୍ଡା, ରାଜସ୍ୱ ନିରୀକ୍ଷକ ଲାଲୁ ଚୌଧୁରୀ,ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା,ବଣିକ ସଂଘ ସଭାପତି ଗୋପୀନାଥ କର ଉପସଭାପତି ମୋହନ ଦାସ (ନମି ),ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା ସହସମ୍ପାଦକ ସରୋଜ ପାଢ଼ୀ କୋଷାଧକ୍ଷ ପର୍ଶୁରାମ ଷଣ୍ଢ କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ ବିଦ୍ୟାଧର ସେଠୀ,ମଳୟ ଓଝା, ବଣିକ ସଂଘ ଉପଦେଷ୍ଟା କିରଣ କୁମାର ଭୂୟାଁ,ରବୀନ୍ଦ୍ର ସାହୁ କିଶୋର ଜେନା (ବାଇନ)ଅଚ୍ୟୁତାନନ୍ଦ ଜେନା ଗୋପାଳ ଦାସ, ସମ୍ବିତ ଦାସ ,ବ୍ରଜ କିଶୋର ତ୍ରିପାଠୀ, ମୁନ୍ନା ପ୍ରଧାନ, ହରେକୃଷ୍ଣ ସାହୁ, ସୁଦର୍ଶନ ଦାସ ସଂଗ୍ରାମ ଦାସ, ସଞ୍ଜୟ ବର୍ମା ଅନିଲ ପଣ୍ଡା, ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ । ଏହି ମହାଯଜ୍ଞ ଆସନ୍ତା ଫେବୃଆରୀ ୪ତାରିଖରୁ ଆରମ୍ଭ ହୋଇ ୧୨ ତାରିଖରେ ପୂର୍ଣ୍ଣାହୂତି ଦିଆଯିବ ବୋଲି କାର୍ଯ୍ୟକ୍ରମ ସ୍ଥିର କରାଯାଇଛି ।

# ସମାଜ ସଚେତନତା ପାଇଁ ସମ୍ବର୍ଦ୍ଧିତ ହେଲେ ହରେକୃଷ୍ଣ

**ମହାକାଳପଡ଼ା, ୧୩।୧ (ସଂଚାର ବ୍ୟୁରୋ) :** ସମାଜ ସଚେତନତା ପାଇଁ ହରେକୃଷ୍ଣ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଠାରେ ଗୁଗୁଲୁ ଟ୍ରଷ୍ଟ ଓ ଆୟୁସ୍ମାନ ଫାଉଣ୍ଡେସନ ସୌଜନ୍ୟରେ ଭୁବନେଶ୍ୱରର ଅଗ୍ରଣୀ ସାମାଜିକ ସଂଗଠନ ଆମ ପରିବାର" ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବିଶାଳ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସାମାଜିକ ସଚେତନତା ସୃଷ୍ଟି ଦିଗରେ ତଥା ସମାଜସେବାରେ ସାମିଲ ହେଉଥିବା ବ୍ୟକ୍ତିତ୍ୱଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡ଼ା ର ସମାଜସେବୀ ହରେକୃଷ୍ଣ ପାତ୍ର ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ମୁଖ୍ୟ ଅତିଥି ଭାବରେ ପୂର୍ବତନ ଲୋକସଭା ସାଂସଦ ପ୍ରସନ୍ନ କୁମାର ପାଟଶାଣୀ ଯୋଗଦେଇ ସାମ୍ବାଦିକ ଓ ସାମାଜିକ କର୍ମୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



# କେନ୍ଦ୍ରାପଡ଼ା ହାଇସ୍କୁଲର ବାର୍ଷିକ ଉତ୍ସବ



**କେନ୍ଦ୍ରାପଡା, ୧୩।୧ (ସଂଚାର ବ୍ୟୁରୋ) :** ରାଜ୍ୟର ଅନ୍ୟତମ ପୁରୁଣା ଉଚ୍ଚ ବିଦ୍ୟାଳୟ ତଥା ଜିଲ୍ଲାର ସର୍ବ ପୁରାତନ ଭାବେ ପରିଚିତ କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ର ବାର୍ଷିକ ଉତ୍ସବ ମହା ଆଡମ୍ବରରେ ପାଳନ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଶିକ୍ଷାବିତ୍ ହେମନ୍ତ କୁମାର ଜେନା, କ୍ରୀଡା ସାଧାରଣ ସଂପାଦକ ସୟଦ ଆକମଲ ଅଲ୍ଲୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମୁସ୍ତାକ ଖାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ଶୁଭସ୍ମିତା ପତି କାଯ୍ୟ ନିର୍ବାହ କରିଥିବା ବେଳେ ଶିକ୍ଷକ ଉମାକାନ୍ତ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ମନୋଜ କୁମାର ପରିଡାଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରାଯାଇ ଥିଲା । ହେମନ୍ତ କୁମାର ଜେନାଙ୍କୁ ଗୁରୁଶ୍ରୀ ସମ୍ମାନ, ସୟଦ ଅକମଲ ଅଲ୍ଲୀଙ୍କୁ ବିଦ୍ୟାଳୟ ରତ୍ନ ସମ୍ମାନ, ସେକ ଜାହିଦ ଅଲ୍ଲୀଙ୍କୁ କ୍ରୀଡାରତ୍ନ ସମ୍ମାନରେ ସମ୍ମାନିତ କରାଯାଇ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି । ବିଭିନ୍ନ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ ।

# ଗ୍ରାମ ସଫେଇ କଲେ ଜନପ୍ରତିନିଧି

**ମହାକାଳପଡ଼ା, ୧୩।୧ (ସଂଚାର ବ୍ୟୁରୋ) :** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଜୟଚନ୍ଦ୍ରପୁର ଗ୍ରାମପଞ୍ଚାୟତ ଅଧିନ ଜନପ୍ରତିନିଧି ମାନଙ୍କ ଦ୍ୱାରା ନିଆରା ପ୍ରୟାସ ଦେଖିବାକୁ ମିଳିଛି। ପଞ୍ଚାୟତ ପ୍ରତିନିଧିମାନଙ୍କ ଉଦ୍ୟମରେ ଗାଁ ରାସ୍ତା ସଫେଇ କରିଛନ୍ତି।

ସୂଚନା ମୁତାବକ ସାନଗାଁ ଗ୍ରାମରେ ରାସ୍ତା ପାର୍ଶ୍ୱରେ ପାଣି ଜମି ଅବସ୍ଥା ଶୋଚନୀୟ ହୋଇଥିଲା। ଯାହା ଫଳରେ ଗ୍ରାମବାସୀ ହୁଅନ୍ତୁ କି ଗ୍ରାମକୁ ଆସୁଥିବା ଅତିଥି, ସବୁଠାରୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଗ୍ରାମର କୋମଳମତି ଶିଶୁ/ଛାତ୍ରଛାତ୍ରୀମାନେ ଆଜି ପଞ୍ଚୟତର ସରପଞ୍ଚ ପ୍ରତିନିଧି ପ୍ରସନ୍ନ ସାମଲ, ସମିତି ସଭ୍ୟା କଲ୍ୟାଣି ରାଉତ, ନ୍ୟାବସରପଞ୍ଚ ଦୁର୍ଯ୍ୟୋଧନ ପାଇଟାଳ, ମିତ୍ରଶକ୍ତି କ୍ଲବର ସଭାପତି ତଥା ୧୧ ୱାର୍ଡର ପ୍ରତିନିଧି ରଞ୍ଜିତ ସ୍ୱାଇଁ, କିଶୋର ବସନ୍ତିଆ, କାଙ୍ଗାଳୀ ସେଠି, ସୁବାଷ ବସନ୍ତିଆଙ୍କ ସହିତ ଗ୍ରାମର ବହୁ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇ ରାସ୍ତା ସଫେଇ କରିଥିଲେ।



# ନବଦିଗନ୍ତ ଯୁବକ ସଙ୍ଘ ପକ୍ଷରୁ ରକ୍ତଦାନ ଶିବିର

**ମାର୍ଶାଘାଇ, ୧୩।୧ (ସଂଚାର ବ୍ୟୁରୋ) :** ମାର୍ଶାଘାଇ ବ୍ଲକ ମାଣ୍ଡିଆ ରାଘବପୁର ସ୍ଥିତ ନବଦିଗନ୍ତ ଯୁବକ ସଂଘ ଆନୁକୂଲ୍ୟରେ ଚତୁର୍ଥ ବାର୍ଷିକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମାଣ୍ଡିଆ ରାଘବପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଶିବିରକୁ ମୁଖ୍ୟ ଅତିଥି ରାଘବପୁର ପଞ୍ଚାୟତ ସରପଞ୍ଚ ରମେଶ ଚନ୍ଦ୍ର ଲେଙ୍କା ଉଦଘାଟନ କରିଥିଲେ।



ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର , ବିଶିଷ୍ଟ ସମାଜସେବୀ ଦ୍ୱାରିକାନାଥ ସେନାପତି, ନିରନ୍ତର ରକ୍ତ ଦାତା ଶୁକଦେବ ନାୟକ, ସମାଜ ସେବି ତଥା ଶିକ୍ଷକ ଅମୀୟ ରଞ୍ଜନ ବାରିକ, ଶିକ୍ଷକ ବିଶ୍ୱଜିତ ଦାସ, ଶିକ୍ଷୟିତ୍ରୀ ପ୍ରଣତି ସାହୁ ପ୍ରମୁଖ ଯୋଗଦେଇଥିଲେ। ଯୁବକ ସଙ୍ଘର ଉପଦେଷ୍ଟା ସମରେନ୍ଦ୍ର ସାହୁ ସଭା ପରିଚାଳନା କରିଥିବାବେଳେ ସମ୍ପାଦକ ନଗେନ୍ଦ୍ର ସାହୁ ବିବରଣୀ ପାଠ ଓ ସଭାପତି ତୃପ୍ତିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କେନ୍ଦ୍ରାପଡ଼ା ରେଡକ୍ରସର ରାକେଶ କୁମାର ସାହୁଙ୍କ ନେତୃତ୍ୱରେ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପ୍ରଭାଞ୍ଜନ ମହାପାତ୍ର, ଉଲ୍ଲାସ ସାହୁ, ଲକ୍ଷ୍ମୀଧର ସୁତାର, ବିବେକ ଲେଙ୍କା, ଜ୍ଞାନରଞ୍ଜନ ସାହୁ, ସଂଗ୍ରାମ ସାହୁ, ଅରୁଣ ସୁତାର, ଦେବେନ୍ଦ୍ର ସାହୁ, ହେମନ୍ତ ଓଝା, ବିକାଶ ପଣ୍ଡା, ବବିତା ସାହୁ, ଗତିକୃଷ୍ଣ ସାହୁ, ସତ୍ୟବ୍ରତ ସାହୁ, ରୁଦ୍ରନାରାୟଣ ଓଝା, ଓମ, ଚନ୍ଦନ, ନାଲୁଆ, ଭିକି, ହଳିଆ, ସିପନ,ବବୁଲୁ, ଗୁଡୁ, କାଲୁ, ସିବୁନି ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ବିକାଶ ପଣ୍ଡାଙ୍କ ପରିବାରର ସମସ୍ତ ସଦସ୍ୟ ରକ୍ତଦାନ କରିଥିବାରୁ ଯୁବକ ସଙ୍ଘ ତରଫରୁ ତାଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# କୁନ୍ତଳା କୁମାରୀ ସାବତଙ୍କ ଜନ୍ମ ଜୟନ୍ତୀ ନିମନ୍ତେ ପ୍ରସ୍ତୁତି

**କେନ୍ଦ୍ରାପଡ଼ା, ୧୩।୧ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ପୌରସଂସ୍ଥା ଅନ୍ତର୍ଗତ ଶାଶୁଘର ନସଡିପୁର ଠାରେ କୁନ୍ତଳା କୁମାରୀ ପ୍ରତିଭା ପରିସଦ ପକ୍ଷରୁ ଆସନ୍ତା ଫେବୃୁଆରୀ ମାସ ୮ ତାରିଖରେ ଉତ୍କଳ ଭାରତୀ ଡାକ୍ତର କୁନ୍ତଳା କୁମାରୀ ସାବତଙ୍କ ୧୨୬ ତମ ପୂର୍ଣ୍ଣ୍ୟ ଜନ୍ମ ଜୟନ୍ତୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା କୁନ୍ତଳା କୁମାରୀ ପ୍ରତିଭା ସମିତିର ସଭାପତି ତଥା କୁନ୍ତଳା କୁମାରୀଙ୍କ ନାତୁଣୁ ଜ୍ୱାଇଁ ବରିଷ୍ଠ ସରକାରୀ ଓକିଲ କୁଞ୍ଜ ବିହାରୀ ପରିଡାଙ୍କ ସଭାପତିତ୍ୱରେ ଏବଂ ସମ୍ପାଦକ ଚିତ୍ତ ରଂଜନ ସାହୁଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । କୁନ୍ତଳା କୁମାରୀ ସାବତ ଜଣେ ଉଚ୍ଚ କୋଟିର ଲେଖିକା ଥିଲେ । ତାଙ୍କ ପିତାଙ୍କ ଜନ୍ମସ୍ଥାନ ପୁରୀର ଦାଣ୍ଡ ମୁକୁନ୍ଦପୁର ଠାରେ ହୋଇଥିବା ବେଳେ । କୁନ୍ତଳା କୁମାରୀଙ୍କ ବାପା ଛତିଶଗଡର ବସ୍ତର ଜିଲ୍ଲାରେ ସରକାରୀ ଚାକିରୀ କରୁଥିବା ବେଳେ ସେହି ସ୍ଥାନରେ ହିଁ ୧୯୦୧ ମସିହାରେ ସେହି ମହାନ ମହିୟସୀ ମହିଳା କୁନ୍ତଳା କୁମାରୀ ସାବତ ଜନ୍ମ ଗ୍ରହଣ କରିଥିଲେ ।



ସେ ପିଲାଟି ବେଳୁ ବହୁ ଚଳ ଚଞ୍ଚଳ ଓ ମେଳାବି ଶୋଭାବର ମହିଳା ଥିଲେ । ସେ ଅଧିକାଂଶ ସମୟ ପତ୍ର, ପତ୍ରିକା ଲେଖା ଲେଖିରେ ସମୟ ଅତିବାହିତ କରୁଥିଲେ । ସେ ଅନେକ ଗୁଡ଼ିଏ ବହି ଲେଖିଥିବା ତାଙ୍କ ଆତ୍ମ ଜୀବନୀରୁ ଜଣାପଡ଼େ । ସେ ଓଡିଶାର ପ୍ରଥମ ଡାକ୍ତରୀ ଛାତ୍ରୀଥିଲେ । ଡାକ୍ତର ହେବାପରେ ସେ ମାଗଣାରେ ସମାଜସେବା କରିବା ସହିତ ରୋଗୀ ମାନଙ୍କର ଚିକିତ୍ସା ଓ ସେବା ସୁଶ୍ରୁଷା ମଧ୍ୟ କରୁଥିଲେ । ସେ ଖାଲି ଜଣେ ମହାନ ମହିୟସୀ ମହିଳା ଡ଼ାକ୍ତର ଓ ସମାଜସେବୀ ନଥିଲେ । ସେ ସମଗ୍ର ଓଡିଶାରେ ଜଣେ ବିଶିଷ୍ଟ ନାରୀ କବି ଓ ଲେଖିକା ଭାବେ ତାଙ୍କର ଯେତିକି ସୁନାମ ଥିଲା, ସେତିକି କ୍ଷାତି,ଯଶ ମଧ୍ୟ ଥିଲା । କୁନ୍ତଳା କୁମାରୀ ସାବତ କେନ୍ଦ୍ରାପଡା ଜିଲ୍ଲା ପୌରାଞ୍ଚଳ ଅନ୍ତର୍ଗତ ନସିଡିପୁର ଗ୍ରାମରେ କୃଷ୍ଣ ପ୍ରସାଦ ଦାଶଙ୍କୁ ବିବାହ କରିଥିଲେ । ତାଙ୍କର ଉତ୍ତରାଧିକାରୀ ଭାବେ ଏକ ମାତ୍ର ସୁଯୋଗ୍ୟ ସନ୍ତାନ ଜଗମୋହନ ଦାଶ ଏବଂ ଦୁଇ ନାତୁଣୀ ଦେବସ୍ମିତା ସାବତ ଓ କିର୍ତ୍ତିମୟୀ ସାବତ ରହିଥିବା ବେଳେ । କୁନ୍ତଳା କୁମାରୀ ସାବତ ବହୁ ଅଳ୍ପ ବୟସରୁ ମୃତ୍ୟୁ ବରଣ କରିଥିଲେ ମଧ୍ୟ ସେ ସମାଜ ମଙ୍ଗଳ ପାଇଁ ଅନେକ କିଛି କାମ କରି ଯାଇଛନ୍ତି । ଗରିବ, ଅସହାୟ, ଦଳିତ, ନିଷ୍ପେଶିତ ଲୋକ ମାନଙ୍କ ପାଇଁ ତାଙ୍କର ଅମ୍ଳାନ ବଳୀଦାନ ଆଗାମୀ ଭବିଷ୍ୟତ ବଂଶଧର ବା ଯୁବପିଢ଼ୀ ମାନଙ୍କ ପାଇଁ ନିଶ୍ଚୟଂ ପ୍ରେରଣାର ଉତ୍ସହୋଇ ରହିବ ବୋଲି ମଞ୍ଚାସୀନ ଅତିଥୀମାନେ ତାଙ୍କ ଅଭି ଭାଷଣରେ କହିଥିଲେ । ଏହି ବୈଠକରେ ମୂଖ୍ୟତଃ କିଭଳି ଭାବରେ ତାଙ୍କର ଜନ୍ମ ଜୟନ୍ତୀ ପାଳନ କରାଯିବ ସେହି ବିଷୟରେ ଉପସ୍ଥିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଆଲୋଚନା ପ୍ରର୍ଯ୍ୟା ଲୋଚନାରେ ଭାଗ ନେଇଥିବା ଦେଖିବାକୁ ମିଳିଥିଲା ।

# ଅଗ୍ନିକାଣ୍ଡରେ ଜଳିଗଲା ୬ ବଖରା ଘର



**କେନ୍ଦ୍ରାପଡ଼ା, ୧୩।୧ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ତହସିଲ ଅଧିନ ବାରୁଅ ପଂଚାୟତର ଗିଗିଡିଆ ଇଟିପୁର ଗ୍ରାମରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ପ୍ରାୟ ୬ ବଖରା ଘର ଜଳି ଧ୍ୱଂସ ହେବା ସହ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତି ନଷ୍ଟ ହୋଇଥିବା ଜଣାପଡିଛି । ସୋମବାର ମଧ୍ୟାହ୍ନରେ ସେହି ଗ୍ରାମର ଚୈତନ୍ୟ ନାୟକ, ଜିତେନ୍ଦ୍ର ନାୟକ ଓ ରାକେଶ ନାୟକ ପ୍ରଭୃତି ବିଲରେ ଧାନ କାଟୁଥିବା ବେଳେ ସେମାନଙ୍କର ଗ୍ରାମରେ ଥିବା ଘରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା । ଘରେ ଥିବା ମହିଳା ମାନେ ପାଟି କରିବାରୁ ସ୍ଥାନୀୟ ଲୋକେ ଦୌଡି ଆସିଥିଲେ ମଧ୍ୟ ଅଗ୍ନି ତୀବ୍ର ରୂପ ଧାରଣ କରି ଘରର ସମସ୍ତ ଆସବାବ ପତ୍ର, ପ୍ରାୟ ୧୦୦ ବସ୍ତା ଧାନ , ଲୁଗାପଟା ଓ ଅନ୍ୟାନ୍ୟ ସମସ୍ତ ବ୍ୟବହାର ଯୋଗ୍ୟ ସାମଗ୍ରୀ, ଟଙ୍କା ପାଇସା, ସୁନା ରୂପା ପ୍ରଭୃତି ଜଳି ଯାଇଛି। ସ୍ଥାନୀୟ ସରପଂଚ ଗୋପୀନାଥ ମଲିକ ଘଟଣା ସ୍ଥଳରେ ପହଁଚି ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗ ପହଁଚି ନିଆଁକୁ ଆୟତ କରିଥିଲେ । ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସରପଞ୍ଚ ଶ୍ରୀ ମଲ୍ଲିକ ଦାବି କରିଛନ୍ତି ।

# ତାଳଚୁଆ ଗୁଳିକାଣ୍ଡ ଘଟଣା: ଟ୍ରଲର ମାଲିକ ଗିରଫ

**ରାଜନଗର, ୧୩।୧ (ସଂଚାର ବ୍ୟୁରୋ) :** ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଭିତରେ ଟ୍ରଲର ମାଫିଆମାନେ ବେଧଡକ ଭାବେ ମାଛ ମାରିବା ସହିତ ଆତଙ୍କରାଜ ଚଳାଇଛନ୍ତି। ସେମାନଙ୍କ ମର୍ଜିରେ ଅତିଥି କଇଁଛ ଅଲିଭରିଡଲେ ବଞ୍ଚିଛନ୍ତି। ସେମାନେ ମାଛ ମାରିବା ସହ କଇଁଛ ମଧ୍ୟ ମାରୁଛନ୍ତି। ଗତକାଲି ଜବତ ଟ୍ରଲରରୁ ୪୦ କେଜି ଓଜନର ଗୋଟିଏ ମୃତ ଅଲିଭରିଡଲେ କଇଁଛ ଉଦ୍ଧାର ହୋଇଛି। ସମୁଦ୍ର ଭିତରେ ବନବିଭାଗ ପାଟ୍ରୋଲିଂ ଟିମକୁ ବୁଡାଇ ମାରି ଦେବାକୁ ଉଦ୍ୟମ କରିଥିବା ଟ୍ରଲର ଓ ଟ୍ରଲର ମାଲିକଙ୍କ ବିରୁଦ୍ଧରେ ତାଳଚୁଆ ସାମୁଦ୍ରିକ ଥାନାରେ ବନବିଭାଗ ପକ୍ଷରୁ ଏତଲା ଦିଆଯାଇଛି। ବନବିଭାଗର ଏତଲା ଆଧାରରେ ସାମୁଦ୍ରିକ ଥାନା ପୁଲିସ ତଦନ୍ତକୁ କରିବା ସହ ଚାନ୍ଦି ତାରିଣୀ-୩ ଟ୍ରଲରର ମାଲିକ ଅବିନାଶ କୁମାର ନାୟକଙ୍କୁ ମହକାଳପଡ଼ା ବ୍ଲକର ଶାସନପେଟାରୁ ପୁଲିସ ଗିରଫ କରିଛି।



**ଦାଦନଙ୍କୁ ନିର୍ଯାତନା**

# କର୍ଣ୍ଣାଟକରେ ଯୁବକ ମୃତ, ମହାରାଷ୍ଟ୍ରରେ କୋମାରେ ନିରଞ୍ଜନ

**ରାଜନଗର, ୧୩।୧ (ସଂଚାର ବ୍ୟୁରୋ) :** ରାଜନଗର ବ୍ଲକର ଯୁବକମାନେ କାମଧନ୍ଦା ନପାଇ ରାଜ୍ୟ ଓ ଦେଶ ବାହାରକୁ କାମ କରିବାକୁ ଯାଉଛନ୍ତି। ସେଠାରେ ନିର୍ଯ୍ୟାତନାର ଶିକାର ହେବା ସହ ବିଭିନ୍ନ ସମୟରେ ଜୀବନ ମଧ୍ୟ ହରାଉଛନ୍ତି। ଗତ ୧୧ ତାରିଖରେ କର୍ଣ୍ଣାଟକରେ ଯୁବକଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଯୁବକ ମହାରାଷ୍ଟ୍ରରେ ଡାକ୍ତରଖାନାରେ ଜୀବନ ସହ ଲଢୁଛନ୍ତି। ରାଜନଗର ବ୍ଲକ ବେଲପାଳ ଗାଁର ବସନ୍ତ କୁମାର ସ୍ୱାଇଁଙ୍କ ପୁଅ ବରଦାକାନ୍ତ ସ୍ୱାଇଁ (୨୬ବର୍ଷ) କର୍ଣ୍ଣାଟକରେ ଦାଦନ ଖଟୁଥିଲେ। କର୍ଣ୍ଣାଟକରେ ଥିବା ଏକ ଫାଷ୍ଟଫୁଡ ଦୋକାନରେ କାମ କରୁଥିଲେ। ୧୧ ତାରିଖ ରାତିରେ ତାଙ୍କ ପୁଅ ଆତ୍ମହତ୍ୟା କରିଥିବା ନେଇ ପରିବାର ଲୋକେ ଖବର ପାଇଥିଲେ। ସେଠାରେ ପରିବାର ଲୋକେ ପହଁଚି ଦେଖିବା ବେଳକୁ ତାଙ୍କ ମୃତଦେହ ନିକଟରେ ରକ୍ତଛିଟା ପଡ଼ିଛି। ତାଙ୍କୁ ଜୀବନରୁ ମାରିବା ପରେ ରୁମ ଭିତରେ ଟାଙ୍ଗି ଦେଇଛନ୍ତି। ଏହି ଘଟଣାରେ ବରଦାକାନ୍ତଙ୍କ ପରିବାର ଲୋକେ ସ୍ଥାନୀୟ ପୁଲିସ ଷ୍ଟେସନରେ ଅଭିଯୋଗ କରିଛନ୍ତି। ଆଜି କର୍ଣ୍ଣାଟକରେ ବରଦାକାନ୍ତଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବସନ୍ତ କୁମାରଙ୍କ ଦୁଇ ପୁଅଙ୍କ ମଧ୍ୟରୁ ବରଦାକାନ୍ତ ବଡପୁଅ ଥିଲେ। ସେହିପରି ଏହି ବ୍ଲକ ଭିତରଗଡ଼ ପଞ୍ଚାୟତ ଲକ୍ଷ୍ମୀନାରାୟଣପୁର ଗାଁର ନିରଞ୍ଜନ ପ୍ରଧାନ ମହାରାଷ୍ଟ୍ରରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। ୧୧ ତାରିଖ ଦିନ ସକାଳେ ଖାଇସାରି କାମକୁ ଯାଉଥିବା ବେଳେ ସେ ବ୍ରେନଷ୍ଟ୍ରୋକର ଶିକାର ହୋଇଥିଲେ। ସେଠାରେ ଥିବା ଓଡିଆ ଶ୍ରମିକମାନେ ତାଙ୍କୁ ନେଇ ଗୁରୁତର ଅବସ୍ଥାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଆଇସିୟୁରେ ମୃତ୍ୟସହ ଲଢେଇ କରୁଛନ୍ତି। ପରିବାରର ଆର୍ଥିକ ଅବସ୍ଥା ଭଲ ନଥିବାରୁ ସେଠାରେ ନିରଞ୍ଜନଙ୍କୁ ଚିକିତ୍ସା ଯୋଗାଇ ଦେବା ସମ୍ଭବ ହୋଇପାରୁନି। ପରିବାରରେ ନିରଞ୍ଜନ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କର ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବାକୁ ତାଙ୍କ ପତ୍ନୀ ନିରୁପମା ପ୍ରଧାନ ନିବେଦନ କରିଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୮ତମ ବାର୍ଷିକ ଉତ୍ସବ ସମ୍ପନ୍ନ



**ପଟ୍ଟାମୁଣ୍ଡାଇ, ୧୩।୧ (ସଂଚାର ବ୍ୟୁରୋ) :** ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୨୮ତମ ବାର୍ଷିକ ଉତ୍ସବ ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଶିଶୁ ମନ୍ଦିର ପରିଚାଳନା କମିଟି ସଭାପତି ଶିକ୍ଷାବିତ ପ୍ରମୋଦ ନାୟକଙ୍କ ପୌରହିତ୍ୟରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟଅତିଥି,ଓଡିଶା ଶିକ୍ଷା ବିକାଶ ସମିତି ଉତ୍ତର ପୂର୍ବ ସମ୍ଭାଗ ସମ୍ପାଦକ ମହେନ୍ଦ୍ର କୁମାର ଘଡେଇ ମୁଖ୍ୟବକ୍ତା,ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲଳିତ ବେହେରା, ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଗୁଣାତ୍ମକ ଶିକ୍ଷା ପ୍ରସାର ଉପରେ ଗୁରୁତ୍ୱଆରୋପ କରିବା ସହିତ ଶିକ୍ଷାନୁଷ୍ଠାନ ବିକାଶ ପାଇଁ ସରକାରୀ ସ୍ତରରେ ସମସ୍ତ ସହଯୋଗ ଯୋଗାଇ ଦେବାକୁ ପ୍ରତିଶୃତି ଦେଇଥିଲେ । ଶିଶୁ ମନ୍ଦିର ପରିଚାଳନା କମିଟି ଉପସଭାପତି ସୁଜାତା ମିଶ୍ର, କୋଷାଧ୍ୟକ୍ଷ ଡା ରବି ନାରାୟଣ ଦାଶ ଓ ସସ୍ମିତା ସେଠୀ ମଂଚାସୀନ ଥିଲେ । ପ୍ରଧାନ ଆଚାର୍ଯ୍ୟ ପ୍ରଭାତ କିଶୋର ନାୟକ ବାର୍ଷିକ ବିବରଣୀ ପାଠ କରିଥବା ବେଳେ ସମ୍ପାଦକ ଶ୍ରୀଧର ରାଉତ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।

# ବାଲିସାହିପାଟଣାରେ ଧାନମଣ୍ଡି ଉଦ୍‌ଘାଟିତ

**ରାଜନଗର, ୧୩।୧ (ସଂଚାର ବ୍ୟୁରୋ) :** ରାଜନଗର ବ୍ଲକ ବାଲିସାହିପାଟଣା ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ କୁମାର ସାହୁ ଓ ସେବା ସମବାୟ ସମିତିର ସଭାପତି ବଂଶୀଧର ବରାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନି ଉତ୍ସବରେ ସମିତିର ନିର୍ଦ୍ଦେଶକ ନବ କିଶୋର ପାତ୍ର, ବୈକୁଣ୍ଠ ବିହାରି ପରିଡ଼ା, ମୃତ୍ୟୁଞ୍ଜୟ ମିଶ୍ର, ସର୍ବେଶ୍ୱର ନାୟକ, କୈଳାସ ଚନ୍ଦ୍ର ଜେନା, ଦର୍ପ ନାରାୟଣ ରାଉତ, ଉମେଶ ଚନ୍ଦ୍ର ଦାଶ, ସବିତା ବଳ, ଦୁର୍ଯ୍ୟଧନ ରାଉତଙ୍କ ସମେତ ଚାଷୀମାନେ ଉପସ୍ତିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସମିତିର ସମ୍ପାଦକ ଅମର କୁମାର ବଳ ଓ କର୍ମଚାରୀମାନେ ପରିଚାଳନା କରିଥିଲେ।

# ଚୀନରୁ ପାରାଦ୍ୱୀପ ଆସୁଛି ଡୁପ୍ଲିକେଟ ଗାଡ଼ି ଯନ୍ତ୍ରପାତି

**କୁଜଙ୍ଗ, ୧୩।୧ (ସଂଚାର ବ୍ୟୁରୋ) :** ପାରାଦ୍ୱୀପ ଦୋଛକିରେ ଥିବା ଜେକେ ଇଞ୍ଜିନିୟରିଂ ରେ ଚଢ଼ାଉ ବେଳେ ବିପୁଳ ପରିମାଣର ଡୁପ୍ଲିକେଟ ଜେସିବି ପାର୍ଟ୍ସ ଜବତ କରାଯାଇଛି । କ୍ୟାଟ କମ୍ପାନୀର ଡୁପ୍ଲିକେଟ ଜେସିପି ପାର୍ଟ୍ସ ଚାଇନାରୁ ଆସୁଛି । ଜେ କେ ଇଞ୍ଜିନିୟରିଂ ନାମକ ସୋ ରୁମ୍ ରେ ଏଗୁଡିକ ଷ୍ଟକ୍ ରଖାଯାଇ ବିକ୍ରୟ କରାଯାଉଥିଲା। ଦିଲ୍ଲୀରେ ଥିବା କ୍ୟାଟ୍ କମ୍ପାନୀର ଫିଲ୍ଡ ଅଫିସର ଏ ସମ୍ପର୍କରେ ଖବର ପାଇବା ପରେ କଲିକତା ଓ ଦିଲ୍ଲୀର ଦୁଇଟି ଡିଷ୍ଟ୍ରିବୁଟର ଉପରେ ଚଢାଉ କରାଯିବା ପରେ ସମସ୍ତ ତଥ୍ୟ ପଦାକୁ ଆସିଥିଲା। ତିନୋଟି ଡିଷ୍ଟ୍ରିବୁଟର ମିଶି ଚାଇନା ରୁ ଡୁପ୍ଲିକେଟ ପାର୍ଟ୍ସ ମଗାଇ ବିକ୍ରି କରୁଥିବା ଜଣାପଡିଥିଲା ।



କ୍ୟାଟ କମ୍ପାନୀ ର ଅରଜିନାଲ ପାର୍ଟ୍ସ ୮ ରୁ ୧୦ ହଜାର ପଡୁଥିବା ବେଳେ ଚାଇନା ରୁ ଆସୁଥିବା ପାର୍ଟ୍ସ ମାତ୍ର ୭ ଶହ ରୁ ୧ ହଜାର ଭିତରେ ପଡୁଥିବା କ୍ୟାଟ୍ କମ୍ପାନୀ ର ଫିଲ୍ଡ ଅଫିସର ପ୍ରକାଶ କରିଛନ୍ତି। ପାରାଦ୍ୱୀପ ଅତିରିକ୍ତ ଏସପି ଙ୍କ ନେତୃତ୍ୱରେ ଲକ୍ ଥାନା ଓ ପାରାଦୀପ ଆଦର୍ଶ ଥାନା ପକ୍ଷରୁ ଚଢ଼ାଉ କରାଯାଇ ସେଠାରୁ ଡୁପ୍ଲିକେଟ ପାର୍ଟ୍ସ ଜବତ କରାଯିବା ସହ ମାଲିକକୁ ଅଟକ ରଖି ଅଧିକ ପଚର ଉଚରା କରାଯାଉଛି।ତେବେ ଭୁଲ ବସତ ଏହି ମାଲ ଚାଇନା ରୁ ଚାଲିଆସିଥିବା ରୁ ଏହା ଫେରସ୍ତ ହୋଇପାରି ନ ଥିବାରୁ ଷ୍ଟକ ରହିଯାଇଛି ବୋଲି ଜେ. କେ.ଇଞ୍ଜିନିୟର ର ମାଲିକ ପ୍ରକାଶ କରିଛନ୍ତି। ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପାରାଦ୍ୱୀପ ଅତିରିକ୍ତ ଏସପି ପ୍ରକାଶ କରିଛନ୍ତି।

# ଓଡ଼ିଶାରୁ ବାଜିପାରେ ହିନ୍ଦୁ ରାଷ୍ଟ୍ର ବିଗୁଲ: ବାଗେଶ୍ୱର ବାବା



**ପୁରୀ,୧୩।୧ (ସଂଚାର ବ୍ୟୁରୋ):** ବାଗେଶ୍ୱର ଧାମର ମୁଖ୍ୟ ବାବା ଧୀରେନ୍ଦ୍ର ଶାସ୍ତ୍ରୀ ହିନ୍ଦୁ ରାଷ୍ଟ୍ର ଗଠନ ପାଇଁ ପୁଣି ଆହ୍ୱାନ ଦେଇଛନ୍ତି। ନିକଟରେ ପୁରୀ ଗସ୍ତରେ ଆସି ଧରେନ୍ଦ୍ର ଶାସ୍ତ୍ରୀ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିଥିଲେ। ଏହି ସମୟରେ ସେ ସାମ୍ବାଦିକମାନଙ୍କୁ ହିନ୍ଦୁ ରାଷ୍ଟ୍ର ଗଠନ ସମ୍ପର୍କରେ ବଡ଼ ବୟାନ ଦେଇଛନ୍ତି।

ତାଙ୍କ କହିବା କଥା ଯେ ସମସ୍ତ ହିନ୍ଦୁ ଗୋଟିଏ କାରଣ ପାଇଁ ଏକାଠି ହେବାର ସମୟ ଆସି ଯାଇଛି। ସେହିପରି ହିନ୍ଦୁ ରାଷ୍ଟ୍ର ଗଠନର ବିଗୁଲ କେବଳ ଓଡ଼ିଶାରୁ ବାଜି ପାରେ ବୋଲି ସେ କହଛନ୍ତି। ସେ କହିଛନ୍ତି, "ଓଡ଼ିଶା ହେଉଛି ଗୋଟିଏ ଆଧ୍ୟାତ୍ମିକ ରାଜ୍ୟ। ଭଗବାନ ଜଗନ୍ନାଥଙ୍କୁ ପୂଜା କରିବା ପରେ ମୋ ହୃଦୟ ଗଦଗଦ ହୋଇଯାଇଛି। ମହାପ୍ରସାଦ ପାଇ ମୁଁ ଆତ୍ମବିଭୋର। ହିନ୍ଦୁ ରାଷ୍ଟ୍ର ଗଠନର ବିଗୁଳ କେବଳ ଓଡ଼ିଶାରୁ ବାଜି ପାରେ। ଯେକୌଣସି ପରିସ୍ଥିତିରେ ମଧ୍ୟ ଆମକୁ ଓଡ଼ିଶାର ସମସ୍ତ ହିନ୍ଦୁଙ୍କ ସମର୍ଥନ ଆବଶ୍ୟକ। ହିନ୍ଦୁ ରାଷ୍ଟ୍ର ନେଇ ଆମେ ଦେଖିଥିବା ସ୍ୱପ୍ନକୁ ବାସ୍ତବ ରୂପ ଦେବା ପାଇଁ ଆମକୁ ପ୍ରତିଟି ଓଡ଼ିଆ ହିନ୍ଦୁଙ୍କ ସମର୍ଥନ ଦରକାର। ଆପଣମାନେ ଆମକୁ ସମର୍ଥନ କରନ୍ତୁ। ଆମେ ଆପଣମାନଙ୍କୁ ଗୋଟିଏ ହିନ୍ଦୁ ରାଷ୍ଟ୍ର ତିଆରି କରି ଦେବୁ। ଆମେ ଏକାଠି ହିନ୍ଦୁ ରାଷ୍ଟ୍ର ଗଠନ କରିବା।" ଓଡ଼ିଶା ଗସ୍ତରେ ଆସିଥିବା ବାବା ଧୀରେନ୍ଦ୍ର ଶାସ୍ତ୍ରୀ ପୁରୀ ଶ୍ରୀମନ୍ଦିର ଯିବା ସହ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ନେଇଛନ୍ତି। ସେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଶ୍ରୀମନ୍ଦିରକୁ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା କରିବା ସହ ମହାପ୍ରସାଦ ସେବନ କରିଛନ୍ତି।

# ଅଫିସ୍ ଟାଇମ୍‌ରେ ମଦପିଇ ଆର୍‌ଆଇ ମାତାଲ



**ପୁରୀ,୧୩।୧ (ସଂଚାର ବ୍ୟୁରୋ):** ଅଦିନିଆ ବର୍ଷା ଯୋଗୁ ପୁରୀ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। କ୍ଷତିପୂରଣ ପାଇବା ପାଇଁ ଚାଷୀମାନେ ନାନା ହଇରାଣ ହରକତ ହେଉଛନ୍ତି। ଏପରି ସ୍ଥିତିରେ ଗୋପ ତହସିଲ ଅଧିନସ୍ଥ ବୌଲାଙ୍ଗ ପଞ୍ଚାୟତ ବୌଲାଙ୍ଗ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ମାର୍ଶାଲ ପ୍ରଧାନ ଅଫିସ୍‌ରେ ନାହାଁନ୍ତି। ମଧ୍ୟାହ୍ନରେ ମାତାଲ ଅବସ୍ଥାରେ ଅଫିସ୍ ଆଗରେ ଠିଆ ହୋଇ କହୁଛନ୍ତି, ... ମୋଦି ମୋର ଫ୍ରେଣ୍ଡ। ମୁଁ ଆଜି ଚାହିଁଲେ ପ୍ରଧାନମନ୍ତ୍ରୀ ହୋଇଯିବି। ଏମିତି କେତେ କ'ଣ ବାଚଳାମି କରି ଚାଲିଛନ୍ତି। ଯାହାର ଭିଡିଓ ଏବେ ସୋଶାଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି।

ଖଜଣା ଦେଇ ପାଉତି କାଟିଲେ ଚାଷୀମାନେ ଫସଲ କ୍ଷୟକ୍ଷତି ପାଇଁ ଆବେଦନ କରିବେ। ହେଲେ ଦୁର୍ଭାଗ୍ୟର ବିଷୟ ବୌଲାଙ୍ଗ ଆର୍‌ଆଇ ଅଫିସ୍‌ରେ ନାହାଁନ୍ତି। ତେଣୁ ଚାଷୀମାନେ ପଟା ଓ ପାଉତି ଧରି ଆର୍‌ଆଇ ଅଫିସ୍ ଆଗରେ ଦୀର୍ଘ ସମୟ ଧରି ଛିଡ଼ା ହୋଇଥିଲେ। ଅଭିଯୋଗ ହେଉଛି ମଧ୍ୟାହ୍ନରେ ଆର୍‌ଆଇ ମହାଶୟ ଅଫିସ୍ ଆଗରେ ପହଞ୍ଚିଥିଲେ। ଆଉ ସିଏ ଚାଲିବା ଅବସ୍ଥାରେ ନଥିଲେ। ଏପରିକି ଭଲ ଭାବେ କଥା କହିପାରୁନଥିଲେ। ଯାହା ପାରୁଥିଲେ, ମନଇଚ୍ଛା ତାହା ଗପି ଚାଲୁଥିଲେ। ମଦ ନିଶାରେ ଯାହା କହିବା କଥା କହୁଥିଲେ, ଯାହା ନକହିବା କଥା କହିପକାଉଥିଲେ। ଯାହାର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ୍ ହେଉଛି। ମାତାଲ ଅବସ୍ଥାରେ ବିଳମ୍ବରେ ଅଫିସ୍ ଆସିବା ସମ୍ପର୍କରେ ଚାଷୀମାନେ ପଚାରିବାରୁ କହିଲେ, କାଲିଠାରୁ ଏଠାରେ ଅଛି। ମୁଁ ମଦ ପିଇଛି ବୋଲି କିଏ କହିଲା। ତହସିଲ୍‌ଦାର କିଏ? ମୋତେ ସରକାର ଚାକିରି ଦେଇନି। କଲେକ୍ଟର ମୋତେ ଚାକିରି ଦେଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଛାତିରେ ହାତ ବାଡେଇ କହୁଛନ୍ତି ମୁଁ ବର୍ତ୍ତମାନ ଚାହିଁଲେ ପ୍ରଧାନମନ୍ତ୍ରୀ ହୋଇଯିବି। ମୋଦିଙ୍କୁ ମୁଁ ଛାଡ଼ିବାକୁ ଚାହୁଁନି। କାରଣ ମୋଦି ମୋର ବେଷ୍ଟ ଫ୍ରେଣ୍ଡ ବୋଲି କହୁଛନ୍ତି।

ଗୋ-ସମାବେଶ, ଓମ୍‌ଫେଡକୁ ବିପଣନ ସହାୟତା ଏବଂ ଗିଫ୍ଟ ମିଲ୍କ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କଲେ ରାଷ୍ଟ୍ରପତି

# ୩ ହଜାର ଚାଷୀଙ୍କୁ ଦୁଧିଆଳୀ ଗାଈ ପ୍ରଦାନ



ବାରିପଦା,୧୩।୧(ସଂଚାର ବ୍ୟୁରୋ): ଆଜି ରାଇରଙ୍ଗପୁରର ମହତାବ ଭବନଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଭାସୀ ମାଧ୍ୟମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋ-ସମାବେଶ, ଓମଫେଡକୁ ବିପଣନ ସହାୟତା ଏବଂ ଗିଫ୍ଟ ମିଲ୍କ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମକୁ ଉଦଘାଟନ କରି ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ଏହି ଯୋଜନାରେ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଗୋସମ୍ପଦ ଓ ପିଲାମାନେ ଉପକୃତ ହୋଇପାରିବେ ବୋଲି କହିଛନ୍ତି। ଗ୍ରାମୀଣ ଗୋପାଳକଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ ବୋଲି ରାଷ୍ଟ୍ରପତି ଆଶା ପ୍ରକାଶ କରିବା ସହ ଦେଶରେ ଗୋସମ୍ପଦର ଉନ୍ନତି ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ସ୍ୱାଗତ କରିଛନ୍ତି।

ରାଷ୍ଟ୍ରୀୟ ଗୋକୁଳ ମିଶନ କାର୍ଯ୍ୟକ୍ରମ ଅଧୀନସ୍ଥ ପିଇଏସ ଯୋଜନା ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲାର ୨୬ଟି ବ୍ଲକର ହିତାଧିକାରୀମାନଙ୍କୁ ୩୦୦୦ଟି ଦୁଧିଆଳୀ ଗାଈ ଯୋଗାଇଦେବା ନିମନ୍ତେ ବ୍ୟବସ୍ଥା ହୋଇଛି। ସେଥିମଧ୍ୟରୁ ରାଇରଙ୍ଗପୁର ସବଡିଭିଜନ ପାଇଁ ହଜାରେ ହିତାଧିକାରୀଙ୍କୁ ଗୋଟିଏ ଲେଖାଏଁ ଗାଈ ଯୋଗାଇ ଦିଆଯିବ। ଉକ୍ତ ଗାଈଗୁଡିକ ଗୁଜରାଟରୁ ଅଣାଯାଇ ମୟୂରଭଞ୍ଜ ଜିଲ୍ଲାର ଦୁଗ୍ଧ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଛି। ଏହାଦ୍ୱାରା ଗାଈ ପ୍ରଜାତିର ଆନୁବଂଶିକ ଉନ୍ନତି ସହ ଦୁଗ୍ଧ ଚାଷୀମାନେ ଲାଭବାନ ହୋଇପାରିବେ। ସେହିପରି ଗିଫ୍ଟ ମିଲ୍କ ଯୋଜନାରେ ରାଇରଙ୍ଗପୁର ପୌରପାଳିକା ଅନ୍ତର୍ଗତ ୧୯ଟି ସରକାରୀ ବିଦ୍ୟାଳୟର ୧୧୮୪ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପୋଷଣ ତଥା ମାନସିକ ଓ ଶାରୀରିକ ବିକାଶ ନିମନ୍ତେ ମଧ୍ୟାହ୍ନ ଭୋଜନରେ ୨୦୦ ଏମଏଲର ଭିଟାମିନ ଏ' ଓ ଡି' ମିଶ୍ରିତ ପୁଷ୍ଟିଯୁକ୍ତ କ୍ଷୀର ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ରାଇରଙ୍ଗପୁରର କେତେକ ଚାଷୀଙ୍କୁ ବିଭାଗୀୟ ମନ୍ତ୍ରୀ ତଥା ଅତିଥିମାନେ ପ୍ରତୀକାତ୍ମକ ଭାବରେ ମଞ୍ଚରେ ଗୋ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ରାଜ୍ୟରେ ଗୋସମ୍ପଦର ବିକାଶ ପାଇଁ ରାଜ୍ୟ ସରକାର କାମଧେନୁ ଯୋଜନା ଆରମ୍ଭ କରିଛନ୍ତି। ଏଥିରେ ଅଧିକ ଦୁଗ୍ଧ ଉତ୍ପାଦନ ପାଇଁ ସଙ୍କର ଜାତୀୟ ଗାଈ ତଥା ଦେଶୀୟ ପ୍ରଜାତିର ଗୀର ଓ ସହିୱାଲ ଆଦି ପ୍ରଜାତି ଗାଈ ପାଳନ ପାଇଁ ୭୦ ପ୍ରତିଶତ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଏଥିସହ ଗାଈ, ମଇଁଷିଙ୍କ ବୀମା ମାଧ୍ୟମରେ ଗୋପାଳକମାନଙ୍କୁ ଆର୍ଥିକ ସୁରକ୍ଷା ଦିଆଯାଉଛି। ଏଥିରେ ବୀମା ପ୍ରିମିୟମ ରାଶିର ୮୫ ପ୍ରତିଶତ ରାଜ୍ୟ ସରକାର ବହନ କରୁଛନ୍ତି। ଆହୁରି ରାଜ୍ୟରେ ପ୍ରାଣୀ ସମ୍ପଦର ବିକାଶ ପାଇଁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ମତ୍ସ୍ୟ, ପ୍ରାଣୀପାଳନ ଓ ଡାଏରୀ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, ରାଷ୍ଟ୍ର ମନ୍ତ୍ରୀ ପ୍ରଫେସର ଏସ ପି ସିଂହ ବଘେଲ ଆଭାସୀ ମାଧ୍ୟମରେ ଯୋଗ ଦେଇଥିବା ବେଳେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ, ନିଯୁକ୍ତି ଓ କର୍ମଚାରୀ ବୀମା ମନ୍ତ୍ରୀ ଗଣେଶ ରାମ ସିଂହଖୁଣ୍ଟିଆ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ଏନଡିଡିବି ଅଧ୍ୟକ୍ଷ ଡକ୍ଟର ମିନେଶ ସାହା ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଧନ୍ୟବାଦ ଦେଇଥିଲେ।

## ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କୁ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର,୧୩।୧(ସଂଚାର ବ୍ୟୁରୋ):** ଆଜି ସକାଳେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୟନ୍ତୀ ଅବସରରେ ସ୍ଥାନୀୟ ଏଜି ଛକସ୍ଥିତ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି। ପୂର୍ବତନ ମନ୍ତ୍ରୀ ତଥା ବିଧାୟକ, ପ୍ରଫୁଲ୍ଲ ସାମଲ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ, ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ, ଆଚାର୍ଯ୍ୟ ବିହାର ପରିଷଦର ସମ୍ପାଦକ ତଥା ବିଭିନ୍ନ ସାମାଜିକ ଅନୁଷ୍ଠାନ କର୍ମକର୍ତ୍ତା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ ଆଜି ସକାଳେ ଉପରୋକ୍ତ ଅତିଥିମାନଙ୍କ ସହ ବିଭାଗର ବହୁ ଅଧିକାରୀ ଏବଂ କର୍ମଚାରୀ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ।

## ପିକ୍‌ଅପ୍ ଭ୍ୟାନରୁ ୪ କ୍ୱିଣ୍ଟାଲ ଗଞ୍ଜେଇ ଜବତ



**ନିରାକାରପୁର,୧୩।୧ (ସଂଚାର ବ୍ୟୁରୋ):** ଗୁପ୍ତ ଭାବେ ଗଞ୍ଜେଇ ଚାଲାଣ ବେଳେ ଧରିଛି ଅବକାରୀ ବିଭାଗ। ଟାଙ୍ଗୀ ଅବକାରୀ ବିଭାଗ ଆଜି ଜବତ କରିଛି ୪ କ୍ୱିଣ୍ଟାଲ ଓଜନର ଗଞ୍ଜେଇ। ଏତେ ପରିମାଣର ଗଞ୍ଜେଇ ଗୋଟିଏ ପିକଅପ ଭ୍ୟାନାରେ ଚାଲାଣ ହେଉଥିଲା। ଅବକାରୀ ବିଭାଗ ଗଞ୍ଜେଇକୁ ଜବତ କରିଥିବା ବେଳେ ପିକଅପ ଭ୍ୟାନ ଡ୍ରାଇଭରଙ୍କୁ ଗିରଫ କରିଛି। ଆଜି ଭୋର ସମୟରେ ନିରାକାରପୁର ଲେଭଲ କ୍ରସିଂ ଦେଇ ଗୋଟିଏ ପିକଅପ ଭ୍ୟାନ ଯାଉଥିଲା। ଏଥିରେ ଗଞ୍ଜେଇ ଚାଲାଣ ହେଉଥିବା ଅବକାରୀ ବିଭାଗକୁ ପୂର୍ବରୁ ହିଁ ଗୁପ୍ତ ସୂଚନା ମିଳି ସାରିଥିଲା। ଗାଡ଼ିଟି ଲେଭଲ କ୍ରସିଂ ପାର୍ ହେଉଥିବା ବେଳେ ଟାଙ୍ଗୀ ଅବକାରୀ ବିଭାଗ ଏହାକୁ ଅଟକାଇଥିଲା। ଗାଡ଼ି ଯାଞ୍ଚ ସମୟରେ ପ୍ରାୟ ଚାରି କ୍ୱିଣ୍ଟାଲ ଗଞ୍ଜେଇ ଅବକାରୀ ବିଭାଗ ଜବତ କରିବା ସହିତ ଡ୍ରାଇଭଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇ ଓ ଅନ୍ୟାନ୍ୟ ଜିନିଷର ଆନୁମାନିକ ମୂଲ୍ୟ ପ୍ରାୟ ୪୫ ଲକ୍ଷ ଟଙ୍କା ହେବ ବୋଲି ଟାଙ୍ଗୀ ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ ସୂଚନା ଦେଇଛନ୍ତି। ତାଙ୍କ କହିବା କଥା ଯେ ଏତେ ପରିମାଣର ଗଞ୍ଜେଇ ଗଞ୍ଜାମର ଶେରଗଡ଼ ଅଞ୍ଚଳରୁ ନିରାକାରପୁର ଦେଇ ବ୍ରହ୍ମଗିରି ଯାଉଥିଲା। କିନ୍ତୁ ନରାକରପୁର ଠାରେ ଏହାକୁ ଜବତ କରାଯାଇଛି। ଆଜି ଟାଙ୍ଗୀ ଅବକାରୀ ବିଭାଗ ସକାଳ ୬.୩୦ ସମୟରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଖବର ମିଳିଥିଲା ଯେ ଗୋଟିଏ ପିକ୍‌ଅପ୍ ଭ୍ୟାନରେ ଗଞ୍ଜେଇ ଲୋଡ ହୋଇ ନରାକାରପୁର ଲେଭଲ କ୍ରସିଂ ପାର କରିବ। ଖବର ପାଇ ଅବକାରୀ ଟିମ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଗଞ୍ଜେଇ ଲୋଡେଡ ପିକଅପ ଭ୍ୟାନକୁ ଧରିଥିଲା। ଏ ଗାଡ଼ି ଚାଳକଙ୍କୁ ମଧ୍ୟ ଗିରଫ କରାଯାଇଛି। ଗିରଫ ଡ୍ରାଇଭର ଜଣଙ୍କ ହେଲେ ପୂର୍ଣ୍ଣଚନ୍ଦ୍ର ଦେ ଓ ତାଙ୍କ ଘର ପୁରୀ ଜିଲ୍ଲା ବ୍ରହ୍ମଗିରି ଅଞ୍ଚଳରେ। ଗାଡ଼ିରୁ ୪ କ୍ୱିଣ୍ଟାଲ ୧ କେଜି ୬୦୦ ଗ୍ରାମ ଗଞ୍ଜେଇ ସହ ୨ଟି ମୋବାଇଲ ଜବତ ହୋଇଛି। ଏସବୁ ମୂଲ୍ୟ ପ୍ରାୟ ୪୫ ଲକ୍ଷ ଟଙ୍କା ହେବ। ଏହି ଘଟଣାରେ ଗିରଫ ଡ୍ରାଇଭର ନାଁରେ ମାମଲା ହୋଇଛି। ଏଥିରେ ସାମିଲ ଥିବା ଅନ୍ୟମାନଙ୍କୁ ମଧ୍ୟ ଖୁବଶୀଘ୍ର ଗିରଫ କରାଯିବ। ଗିରଫ ପୂର୍ଣ୍ଣଚନ୍ଦ୍ର ପୂର୍ବରୁ ମଧ୍ୟ ଅନେକ ଥର ଗଞ୍ଜେଇ ଚୋରାଚାଲାଣ କରିଥିଲା ବୋଲି ସୁମତି ତ୍ରିପାଠୀ କହିଛନ୍ତି।

# ବିଗିଡ଼ିଗଲେଣି ବିଜେପି କର୍ମୀ !

- ଭଲି ଖେଳକୁ ଆସିବାର ଥିଲା...
- ବିରୋଧ ଭୟରେ ଫେରିଗଲେ ମହାକାଳପଡା ବିଧାୟକ !

**କେନ୍ଦ୍ରାପଡ଼ା,୧୩।୧(ସଂଚାର ବ୍ୟୁରୋ):** ବିଜେପି ସରକାରକୁ ଆଠ ମାସ ପୁରିନି ତେଣେ ବିଜେପି କର୍ମୀଙ୍କ ମନରେ ନେତାଙ୍କ କାର୍ଯ୍ୟକଳାପକୁ ନେଇ ଲାଗିଲାଣି ନିଆଁ। ବିଜେପି ବିରାଧି ଦଳ ସଂଗଠନକୁ ଭାଙ୍ଗି ଅଧିକ ଶକ୍ତିଶାଳୀ ହେବ କ'ଣ ନିଜ ଦଳର କର୍ମୀଙ୍କ ଭିତରେ ବଢ଼ି ଚାଲିଛି ଫାଟ। ଏମିତି ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ନିର୍ବାଚନ ମଣ୍ଡଳୀରେ। ଜିଲ୍ଲାରେ ଜଣେ ମାତ୍ର ବିଜେପି ବିଧାୟକ ହେଉଛନ୍ତି ମହାକାଳପଡାର ଦୁର୍ଗା ପ୍ରସନ୍ନ ନାୟକ। ଅନ୍ୟ ୪ଟି ବିଧାସଭା ଆସନ ରହିଛି ବିଜେଡି ଦଖଲରେ। ତେବେ ଏହି ମହାକାଳପଡାରେ ନାନା ପ୍ରକାର ବିବାଦରେ ଦେଖିବାକୁ ମିଳୁଛି ବିଜେପି ଦଳରେ। କିଏ କହୁଛି ବିଧାୟକଙ୍କ ପାଇଁ ତ ଆଉ କିଏ କହୁଛି ବିଧାୟକ ଦାଦାଙ୍କ ପାଇଁ କର୍ମୀଙ୍କ ମନ ଫାଟିଯାଉଛି। ଏହି ଦାଦା-ପୁତୁରା ରାଜନୀତିରେ କିନ୍ତୁ ୮ ମାସ ଭିତରେ ଯାବତୀୟ କ୍ଷତିରେ ବିଜେପି ଦଳ ପଡିଲାଣି





ବୋଲି ରାଜନୈତିକ ମହଲରେ ବେଶ ଚର୍ଚ୍ଚା ଚାଲିଛି। ପ୍ରଥମେ ନିର୍ବାଚନମଣ୍ଡଳୀର ଜଣେ ସରପଞ୍ଚଙ୍କୁ ବିଜେପି କର୍ମୀ ଆକ୍ରମଣ କରିବା ଘଟଣାରେ ବିଧାୟକ ଆସିଥିଲେ ଚର୍ଚ୍ଚାକୁ। କାରଣ ତାଙ୍କ ପାଖ ଲୋକ ସଂପୃକ୍ତ ସରପଞ୍ଚକୁ ଆକ୍ରମଣ କରିଥିବାର ଅଭିଯୋଗ ଉଠିଥିଲା। ସେହିପରି ଆଉ କେତେବେଳେ ବିଧାୟକଙ୍କ ମନପସନ୍ଦର ନିର୍ଦ୍ଦିଷ୍ଟ ପୁଲିସ ଅଧିକାରୀଙ୍କୁ ଥାନାରେ ନିଯୁକ୍ତି ଦିଆଯିବା ନେଇ ବିଧାୟକଙ୍କ ପକ୍ଷରୁ ଲେଖାଯିବା ଚିଠିକୁ ନେଇ ବିବାଦ ତ ପୁଣି କେତେବେଳେ ବିଧାୟକଙ୍କ ଦାଦା ଗନ୍ଧର୍ବ ନାୟକଙ୍କୁ ବିଜେପି କର୍ମୀ ଘେରିବା ଚର୍ଚ୍ଚା ପ୍ରସଙ୍ଗରେ ଦଳ ବଦନାମ ଓ ବିବାଦ ଭିତରକୁ ଯାଇଛି। ଅନେକ ଦଳୀୟ କର୍ମୀ ତ ଖୋଲା ଖୋଲି ଆଲୋଚନା କଲେଣି ବିଧାୟକ ଏବଂ ତାଙ୍କ ଦାଦାଙ୍କ ପାଇଁ ନିର୍ବାଚନମଣ୍ଡଳୀ ସାରା ପିସି ଆଦାୟ କରାଯାଇ ବିଜେଡି ଲୋକଙ୍କ ବିଲ୍ ପାସ କରାଇ ଦିଆଯାଉଛି। ତେବେ ଗତକାଲି( ରବିବାର) ମହାକାଳପଡା ଯେଉଁ ଘଟଣା ଘଟିଛି ତାକୁ ନେଇ ସୋମବାର ଭାଜପା ରାଜନୀତିରେ ରୋଚକ ଚର୍ଚ୍ଚା ଆଲୋଚନା ଚାଲିଛି। ରବିବାର ମହାକାଳପଡା ସଦର ପଂଚାୟତରେ 'ବଜରଙ୍ଗୀ ଯୁଥ କ୍ଲବ'ପକ୍ଷରୁ ଭଲି ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଥିଲେ ମହାକାଳପଡା ବିଧାୟକ। ଅପରାହ୍ନରେ ଖେଳପଡିଆକୁ ବିଧାୟକ ଆସିବେ ବୋଲି ଖେଳ ଆୟୋଜକ କମିଟି ବଡବଡ ହୋର୍ଡିଂ ବାଟ ଯାକ ଲଗେଇ ଦେଇଥିଲେ। ମାଇକ୍ ପ୍ରଚାର ବି ହେଉଥିଲା। କିନ୍ତୁ ବିଧାୟକ ଆସିବାକୁ ଥିବା ମାତ୍ର କିଛି ସମୟ ପୂର୍ବରୁ କୁଆଡେ ଖବର ପାଇଥିଲେ ବିଜେପି କର୍ମୀ। ଏଥିରେ ସେହି ପଂଚାୟତର ବିଜେପି କର୍ମୀ ରାଗି ଖପ୍ପା। ସିଧା ବିଧାୟକ ଏବଂ ତାଙ୍କ ପାଖ ଲୋକଙ୍କୁ କୁଆଡେ ଫୋନରେ ଚେତାବନୀ ଦେଲେ ଆସିଲେ ହେବ ବିରୋଧ ସାଙ୍ଗକୁ ଅଣ୍ଡାମାଡ। ବିଧାୟକଙ୍କ କାର୍ଯ୍ୟକ୍ରମକୁ ଫାଇନାଲ କଲା କିଏ ? ବିଜେପି କର୍ମୀ ଜାଣି ପାରିଲେନି କେମିତି। ବିଜେଡିର ଜଣେ କର୍ମୀଙ୍କୁ ଧରି ମହାକାଳପଡା ପଂଚାୟତରେ ରାଜନୀତି କେମିତି ଆଗକୁ କରିବ କର ବୋଲି ଚେତାବନୀ ଦେଇ ଥିଲେ ବିଜେପି କର୍ମୀ। ଏହି ଖବର ପାଇ ବିଧାୟକ ଆସିବା ପୂର୍ବରୁ କିଛି ବରିଷ୍ଠ ବିଜେପି ସମର୍ଥକଙ୍କ ପକ୍ଷରୁ ବିରୋଧ ପାଇଁ ତୟାର ଥିବା ବିଜେପି କର୍ମୀଙ୍କୁ ମନାଇବାକୁ ବହୁ ପ୍ରକାର ଉଦ୍ୟମ ହୋଇଥିଲା। ଘଟଣାରେ ପୁଲିସ ବି କୁଆଡେ ହସ୍ତକ୍ଷେପ କରିଥିଲା। ଅସନ୍ତୁଷ୍ଟ ବିଜେପି କର୍ମୀ ପୁଲିସକୁ ଶୁଣାଇ ଦେଲେ ଆମ ଦଳ ଭିତର କଥା ଆମେ ଆମ ନେତାଙ୍କୁ କ'ଣ କହିବୁ କି ନାଇଁ ପୁଲିସ କାହିଁ ମୁଣ୍ଡ ପୁରାଉଛି। ଅସନ୍ତୁଷ୍ଟ କର୍ମୀଙ୍କ ରୋକ୍‌ଠୋକ୍ ବାଣୀ ଶୁଣିବା ପରେ ପୁଲିସ ବି ନିରୁପାୟ ହୋଇଯାଇଥିଲା। ଶେଷରେ ବିଧାୟକ କର୍ମୀଙ୍କ ଅସନ୍ତୋଷ କାରଣରୁ ଭଲି ଖେଳ ପାଖକୁ ଅତିଥି ହେବାକୁ ନଆସି ଅଧାବାଟରୁ ଫେରିଯାଇ ଥିବା ବିଜେପି କର୍ମୀ ମହଲରେ ଚର୍ଚ୍ଚା ଚାଲିଛି। ମହାକାଳପଡାର କେବଳ ସଦର ପଞ୍ଚାୟତରେ କର୍ମୀ ଅସନ୍ତୋଷ ଅଛି ତାହା ନୁହେଁ। ପ୍ରତି ପଞ୍ଚାୟତରେ ନୂଆ-ପୁରୁଣା କର୍ମୀଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ। ଦୀର୍ଘ ବର୍ଷ ହେବ ବିଜେପିରେ ଥିବା କର୍ମୀଙ୍କୁ ଅଣଦେଖା ପୁଣି ବିଧାୟକ କର୍ମୀଙ୍କ କଥା ଏବଂ ସାମୂହିକ କାର୍ଯ୍ୟ ସମ୍ପର୍କରେ ଶୁଣୁ ନଥିବା ଅଭିଯୋଗ ବି ଉଠିଲାଣି। ଏହାଦ୍ୱାରା ବିଧାୟକଙ୍କର ରାଜନୈତିକ ଭବିଷ୍ୟତ କ୍ଷତି ହେଉଛି ସତ, କିନ୍ତୁ ଅଧିକ କ୍ଷତି ବିଜେପି ଦଳର ହେଉଥିବା କୁହାଯାଉଛି। ବିଭିନ୍ନ ପଞ୍ଚାୟତରେ ବିଧାୟକଙ୍କ ଉପରେ ବିଗିଡ଼ିଥିବା ବିଜେପି କର୍ମୀ କେବଳ ଆଗାମୀ ନିର୍ବାଚନ ସମୟକୁ ଅପେକ୍ଷାରେ ଥିବା ଦଳୀୟ ମହଲରେ ଚର୍ଚ୍ଚା ଚାଲିଛି। ତେବେ ଏସମ୍ପର୍କରେ ବିଧାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ମହିଳାଙ୍କ ନାଁରେ ୪୦ ଲକ୍ଷ ଋଣ କରି ଯୁବକ ପାର୍

**ବ୍ରହ୍ମପୁର,୧୩।୧(ସଂଚାର ବ୍ୟୁରୋ):** ଲକ୍ଷେ କି ୨ ଲକ୍ଷ ନୁହେଁ, ପାଖାପାଖି ୪୦ ଲକ୍ଷ ଟଙ୍କାର ଠକେଇ କରି ଜନୈକ ବ୍ୟକ୍ତି ଫେରାର୍ ହୋଇଯାଇଛି। ଫାଇନାନ୍ସ କମ୍ପାନୀରୁ ଏକାଧିକ ମହିଳାଙ୍କ ନାଁରେ ଋଣ ଉଠାଣ କରି ଏହି ଅଭିଯୁକ୍ତ ଜଣଙ୍କ ଫେରାର ହୋଇଯାଇଥିବା ବେଳେ ନ୍ୟାୟ ପାଇଁ ପୀଡ଼ିତ ମହିଳାମାନେ ଏକାଠି ହୋଇ ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଓ ଗଞ୍ଜାମ ଏସ୍‌ପିଙ୍କ ନିକଟରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆସିକା ବ୍ଲକ୍ ଖଣ୍ଡରାବଳି ଗ୍ରାମରେ ଏପରି ଠକେଇ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଆସିକା ବ୍ଲକ ଖଣ୍ଡରାବଳି ଗାଁ ୩୦ରୁ ଅଧିକ ମହିଳାଙ୍କ ମଧ୍ୟରୁ କାହା ନାଁରେ ୮୦ ହଜାର ତ ଆଉ କାହା ନାଁରେ ଲକ୍ଷେ ଟଙ୍କାର ଋଣ ରହିଛି। ଏହିପରି ଭାବେ ଉକ୍ତ ଅଭିଯୁକ୍ତ ଜଣଙ୍କ ୪୦ ଲକ୍ଷରୁ ଅଧିକ ଟଙ୍କା ଠକିନେଇ ଫେରାର୍ ହୋଇଯାଇଛି। ତା'ର ନାମ ଅଶୋକ ସାହୁ ବୋଲି ଜଣାପଡ଼ିଥିବା ବେଳେ ଏନେଇ ଗାଙ୍ଗପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତ ଅଶୋକକୁ ଧରିବା ସକାଶେ ଗାଙ୍ଗପୁର ପୁଲିସ ତନାଘନା ଚଳାଇଥିଲେ ମଧ୍ୟ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ତା'ର କୌଣସି ଟେର୍ ପାଇପାରିନାହିଁ। ଅଶୋକର ଠକେଇ ତରିକା ସମ୍ପର୍କରେ ଯାହା ଜଣାପଡ଼ିଛି, ସେ ମହିଳାମାନଙ୍କୁ ନେଇ ବିଭିନ୍ନ ଫାଇନାନ୍ସ କମ୍ପାନୀଠାରୁ ଲକ୍ଷାଧିକ ଟଙ୍କା ଋଣ କରୁଥିଲା। ନିଜେ ଋଣ ଶୁଝିବା ସହ ମହିଳାଙ୍କୁ କମିଶନ ଆକାରରେ ହଜାରେ ଟଙ୍କା ଦେଉଥିଲା। ଦୁଇ ଥର ଋଣ ଶୁଝି ମହିଳାମାନଙ୍କ ବିଶ୍ୱାସ ଜିତିଥିଲା। ପରେ ସେମାନଙ୍କ ବ୍ୟାଙ୍କ ଖାତା, ଆଧାରକାର୍ଡ, ଭୋଟର ପରିଚୟପତ୍ର ଆଦି ନିଜ ପାଖରେ ରଖିଥିଲା। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ବାହାନା କରି ମହିଳାମାନଙ୍କ ଦସ୍ତଖତ ନେଇ କେତେକ ଫାଇନାନ୍ସ କର୍ମଚାରୀଙ୍କୁ ହାତ କରି ଲକ୍ଷ ଲକ୍ଷ ଟଙ୍କାର ଋଣ ହାତେଇଛି। ଉକ୍ତ ଟଙ୍କା ନ ଶୁଝି ସେ କୁଆଡ଼େ ଫେରାର୍ ହୋଇଯାଇଥିବା ବେଳେ ପୁଲିସ୍ ତାକୁ ଖୋଜିବାକୁ ଯାଇ ଘରେ ତାଲା ପଡ଼ିଥିବା ଦେଖିବାକୁ ପାଇଥିଲା।



ଚଳିତ ଆଦିବାସୀ ମେଳାରେ ସୋମବାର ପରିବେଷିତ ଫୁଲବାଣୀର ପାରମ୍ପରିକ ନୃତ୍ୟ

## 'ମିସା ବନ୍ଦୀ'ଙ୍କୁ ପ୍ରକୃତ ସମ୍ମାନ ଦେଇଛନ୍ତି ସରକାର: ମନମୋହନ



**ଭୁବନେଶ୍ୱର,୧୩।୧(ସଂଚାର ବ୍ୟୁରୋ):** ୧୯୭୫ ଜୁନ ୨୫ ତାରିଖ, ଭାରତୀୟ ଗଣତନ୍ତ୍ର ଇତିହାସରେ ଏକ କଳାଦିନ ଥିଲା। ଏହି ଦିନରେ ଲକ୍ଷ ଲକ୍ଷ ସଂଗ୍ରାମୀମାନଙ୍କୁ ଅତ୍ୟନ୍ତ ଅମାନୁଷିକ ଭାବେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରି 'ମିସା, ଡିଆଇଆର୍ ଏବଂ ଡିଆଇଏସଆଇଆର୍ ଆଇନ' ବଳରେ ଜେଲରେ ଭର୍ତ୍ତି କରିଦିଆଯାଇଥିଲା। ଦୀର୍ଘ ୨୧ ମାସ ଧରି ଏହି ବନ୍ଦୀମାନଙ୍କୁ ଅକଥନୀୟ ଅତ୍ୟାଚାରର ସମ୍ମୁଖୀନ ହେବାକୁ ପଡିଥିଲା। ଭାରତବର୍ଷର ବହୁ ରାଜ୍ୟରେ ଏହି ମହାନ୍ ସଂଗ୍ରାମୀମାନଙ୍କୁ ସମ୍ମାନ ଜଣାଇ ସାମାଜିକ ଓ ଆର୍ଥିକ ଭାବେ ପେନ୍‌ସନ୍ ରାଶି ପ୍ରଦାନ କରାଯାଉଛି ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାରେ ଜରୁରୀକାଳିନ ପରିସ୍ଥିତି ସମୟରେ ବନ୍ଦୀ ଜୀବନ କଟାଇଥିବା ସଂଗ୍ରାମୀମାନଙ୍କୁ ସମ୍ମାନ ଜଣାଇ ମାସିକ ୨୦ ହଜାର ଟଙ୍କାର ପେନ୍‌ସନ୍ ରାଶି ପ୍ରଦାନ ସହ ସମସ୍ତଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ ବୋଲି ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଦେଶ ମାତୃକାର ସେବା ପାଇଁ ବଳିଦାନ ଦେଇଥିବା ସଂଗ୍ରାମୀମାନଙ୍କୁ ବିଜେପି ସବୁ ସମୟରେ ସମ୍ମାନ ଜଣାଇଆସିଛି। ଏହି କ୍ରମରେ 'ମିସା' ବନ୍ଦୀମାନଙ୍କୁ ସଂଗ୍ରାମୀ ଆଖ୍ୟା ଦେଇ ସମ୍ମାନିତ କରିଥିବାରୁ ଏଥିପାଇଁ ଶ୍ରୀ ସାମଲ ମୁଖ୍ୟମନ୍ତ୍ରୀ ଓ ବିଜେପି ସରକାରକୁ ଧନ୍ୟବାଦ ଦେଇଛନ୍ତି।

# ୪୭୨୮ କୋଟି ଖର୍ଚ୍ଚ ସତ୍ତ୍ୱେ ଥମୁନି ବିଦ୍ୟୁତ୍ କାଟ

**ଭୁବନେଶ୍ୱର,୧୩।୧(ତଥ୍ୟ):** ବିଦ୍ୟୁତ୍ ଭିତ୍ତିଭୂମି ମରାମତି ନାଁରେ ଗାଁରୁ ସହର ପର୍ଯ୍ୟନ୍ତ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ୍ ହେଉଥିବାବେଳେ ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଟାଟା ପାୱାର ଏ ବାବଦରେ ୪୭୨୮ କୋଟି ଟଙ୍କାରୁ ଅଧିକ ଅର୍ଥ ଖର୍ଚ୍ଚ କରିସାରିଲାଣି। ତଥାପି ବ୍ୟାପକ ବିଜୁଳି କାଟ୍ ଏବେ ବି ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଇବାରେ ଲାଗିଛି। ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସିର ସୂଚନା ଅନୁଯାୟୀ, ରାଜ୍ୟରେ ବିଦ୍ୟୁତ୍ ଭିତ୍ତିଭୂମିର ଉନ୍ନତିକରଣ ପାଇଁ ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଟାଟା ପାୱାର ଦ୍ୱାରା ପରିଚାଳିତ ଚାରିଟି କମ୍ପାନୀକୁ ୬୯୧୪ କୋଟି ଟଙ୍କା କାପେକ୍ସ ମାଧ୍ୟମରେ ଖର୍ଚ୍ଚ କରିବାପାଇଁ ଅନୁମୋଦନ ମିଳିଛି। ଏହି ଟଙ୍କାରୁ ବର୍ତ୍ତମାନ ସୁଦ୍ଧା ବିତରଣ କମ୍ପାନୀଗୁଡିକ ୪୭୨୮ରୁ ଅଧିକ





ଟଙ୍କା ଖର୍ଚ୍ଚ କରିସାରିଲେଣି।

ଏହି ବିପୁଳ ପରିମାଣର ଅର୍ଥ ବ୍ୟୟ ଭିତ୍ତିଭୂମି ବିକାଶ ପାଇଁ ହୋଇଛି ଏବଂ ବର୍ତ୍ତମାନ ସୁଦ୍ଧା ଏହା ଜାରି ରହିଛି। ତେବେ ଏହି କାର୍ଯ୍ୟ ପାଇଁ ଗାଁ ଠାରୁ ସହର ପର୍ଯ୍ୟନ୍ତ ଘନ ଘନ ବିଦ୍ୟୁତ୍ କାଟ୍‌ରେ ଗ୍ରାହକମାନେ ଅତିଷ୍ଠ ହେଉଛନ୍ତି। ଅବଶ୍ୟ ଯେଉଁଠାରେ ବିଦ୍ୟୁତ୍ କାଟ ହେଉଛି ସେଠାରେ ଗ୍ରାହକମାନଙ୍କ ପଞ୍ଜିକୃତ ମୋବାଇଲ୍ ନମ୍ବରକୁ ବିଦ୍ୟୁତ୍ କାଟ୍‌ର ସମୟ ଜଣାଇ ଦିଆଯାଉଛି। ତେବେ କେଉଁ ଅଞ୍ଚଳରେ କି ପ୍ରକାର କାର୍ଯ୍ୟ ପାଇଁ ଏଭଳି ବିଦ୍ୟୁତ୍‌କାଟ୍ ହେଉଛି ତାହା ଗ୍ରାହକଙ୍କୁ କୁହାଯାଉ ନାହିଁ। ଯଦି ଗ୍ରାହକଟି ନିକଟସ୍ଥ ବିଦ୍ୟୁତ୍ ଅଫିସ୍‌କୁ ଫୋନ୍ କରୁଛି ସେଠାରୁ ମଧ୍ୟ କାର୍ଯ୍ୟ ବିଷୟରେ ସବିଶେଷ ସୂଚନା ପାଇପାରୁନାହିଁ। ତେବେ ସବୁଠାରୁ ବଡ କଥା ହେଉଛି, ଟାଟା ପାୱାର ପରିଚାଳିତ ବିତରଣ କମ୍ପାନୀଗୁଡିକ ଓଡ଼ିଶା ଗାଁ ଠାରୁ ସହର ପର୍ଯ୍ୟନ୍ତ ହିତାଧିକାରୀମାନଙ୍କୁ ଯେଉଁ ବିଦ୍ୟୁତ୍ କାଟ୍ ମେସେଜ୍ ପଠାଉଛନ୍ତି ତାହା ସମ୍ପୂର୍ଣ୍ଣ ଇଂରାଜୀରେ ଦେଉଛନ୍ତି। ଫଳରେ ଗାଁ ଗହଳର ହିତାଧିକାରୀମାନେ ଏହାକୁ ସହଜରେ ବୁଝିପାରୁ ନାହାନ୍ତି। ଏବେ ଗାଁ ଗହଳରେ ଧାନ ଅମଳ ଋତୁ ହୋଇଥିବାବେଳେ ଚାଷୀମାନେ ଏଥିପାଇଁ ବିଦ୍ୟୁତ୍ ଉପରେ ନିର୍ଭର କରୁଛନ୍ତି। ହେଲେ ଭିତ୍ତିଭୂମି ବିକାଶ ନାଁରେ ଘଣ୍ଟା ଘଣ୍ଟା ବିଜୁଳି କାଟ୍ ଏବେ ଫସଲ ଅମଳକୁ ପ୍ରଭାବିତ କରିବାରେ ଲାଗିଛି। ବ୍ୟାପକ ଅର୍ଥ ଖର୍ଚ୍ଚ ସତ୍ତ୍ୱେ ଅଧିକାଂଶ ସମୟରେ ବିଜୁଳି କାଟ୍ କେବଳ ହିତାଧିକାରୀମାନଙ୍କୁ କଲବଲ କରୁନାହିଁ, ଟଙ୍କା ଖର୍ଚ୍ଚର ସଠିକତା ନେଇ ସେମାନଙ୍କ ମନରେ ପ୍ରଶ୍ନ ଉଠିବାରେ ଲାଗିଲାଣି।

ଇତି ମଧ୍ୟରେ ବାତ୍ୟା ଦାନାରେ ବିଦ୍ୟୁତ୍ ବିଭାଗର ହୋଇଥିବା କ୍ଷୟକ୍ଷତିର ମରାମତି ଓ ପୁନରୁଦ୍ଧାର ପାଇଁ ଟିପିଏନଓଡିଏଲ୍‌କୁ ରାଜ୍ୟ ସରକାର ୯୩ କୋଟି ୮୩ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। କମ୍ପାନୀ କିନ୍ତୁ ଏଥିପାଇଁ ୯୬.୮୮ କୋଟି ଟଙ୍କାର ଆକଳନ କରିବା ସହିତ ତାହାକୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିକଟରେ ଦାଖଲ କରିଥିଲା।

ଯେଉଁ ସୂର୍ଯ୍ୟମଣ୍ଡଳ ସମସ୍ତ ଲୋକ ମଧ୍ୟରେ ପୂଜିତ, ଯାହା ଏହି ମର୍ତ୍ତ୍ୟଲୋକରେ ଜ୍ୟୋତିଃ ଦାନ କରେ, ଯାହା କାଳସ୍ୱରୂପ, ପ୍ରଳୟର କାରଣ, ଆଦି ଓ ଅନାଦିସ୍ୱରୂପ, ସବିତୃଦେବଙ୍କର ସେହି ବରଣୀୟ ମଣ୍ଡଳ ମୋତେ ପବିତ୍ର କରୁ।

SANCHAR
ସଂଚାର
ମଙ୍ଗଳବାର ୧୪ ଜାନୁଆରୀ ୨୦୨୫, ଭୁବନେଶ୍ୱର
Tuesday 14 January 2025 Bhubaneswar



# ଅର୍ଥହୀନ ଅସ୍ତ୍ରବିରତି

ଭାରତ ଓ ପାକିସ୍ତାନ ମଧ୍ୟରେ ୨୦୨୧ ଫେବୃଆରୀରେ ହୋଇଥିବା ଅସ୍ତ୍ରବିରତି ଚୁକ୍ତି ଏବେ ବି ବଳବତ୍ତର ରହିଛି। କିନ୍ତୁ ଏହାକୁ ପାକିସ୍ତାନ ବାରମ୍ବାର ଉଲ୍ଲଂଘନ କରୁଛି। ଅସ୍ତ୍ରବିରତି ଚୁକ୍ତିର ସୁଯୋଗ ନେଇ ଅନେକ ସମୟରେ ପାକିସ୍ତାନୀ ଉଗ୍ରବାଦୀମାନେ ଭାରତରେ ଅନୁପ୍ରବେଶ କରୁଛନ୍ତି। ଅବଶ୍ୟ ଆତଙ୍କବାଦୀଙ୍କୁ ଅଟକାଇବା ବା ଅନୁପ୍ରବେଶକୁ ରୋକିବାରେ କିଛି କଟକଣା ନାହିଁ। କିନ୍ତୁ ସୀମାରେ ଭାରତୀୟ ସେନା ସଂଯମତା ରକ୍ଷା କରୁଛି। ଏବେ ଭାରତୀୟ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଲକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଇଛନ୍ତି। ତାଙ୍କ କହିବାନୁଯାୟୀ କାଶ୍ମୀର ଉପତ୍ୟକାରେ ଏବେ ସକ୍ରିୟ ଥିବା ଆତଙ୍କବାଦୀଙ୍କ ମଧ୍ୟରୁ ୮୦ ପ୍ରତିଶତ ହେଉଛନ୍ତି ପାକିସ୍ତାନୀ। ସୁରକ୍ଷା ବାହିନୀର ଗୁଳିରେ ନିଜହ ଆତଙ୍କବାଦୀଙ୍କ ମଧ୍ୟରୁ ୬୦% ହେଉଛନ୍ତି ପାକ ଅନୁପ୍ରବେଶକାରୀ। ସ୍ଥଳସେନା ମୁଖ୍ୟଙ୍କ ଏହି ବୟାନ ଯେତିକି ଗୁରୁତ୍ୱପୂର୍ଣ୍ଣ ସେତିକି ଚିନ୍ତାଜନକ। ଏଥିରୁ ସ୍ପଷ୍ଟ ହୋଇଛି ଯେ, ସୀମାରେ ବିଦେଶୀ ଆତଙ୍କବାଦୀଙ୍କ ଅନୁପ୍ରବେଶ ହ୍ରାସ ପାଇଥିଲେ ମଧ୍ୟ ବନ୍ଦ ହୋଇନାହିଁ। ସେମାନଙ୍କ ସଂଖ୍ୟା ନଗଣ୍ୟ ନୁହେଁ। ଧାରା ୩୭୦ ହଟିବା ପରେ ୨୦୨୩ ପର୍ଯ୍ୟନ୍ତ କାଶ୍ମୀର ଉପତ୍ୟକାରେ ପରିସ୍ଥିତିରେ ଉଲ୍ଲେଖନୀୟ ଉନ୍ନତି ଆସିଥିଲା। ଅନୁପ୍ରବେଶ ହ୍ରାସ ପାଇଥିଲା। ଅମିତ ଶାହାଙ୍କ କଡ଼ା ନିର୍ଦ୍ଦେଶରେ କାଶ୍ମୀର ଉପତ୍ୟକାରେ ସେନା ଏବଂ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ସକ୍ରିୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। କିନ୍ତୁ ୨୦୨୪ରୁ ପରିସ୍ଥିତିରେ ନିୟମିତ ଅବନତି ପରିଲକ୍ଷିତ ହେଉଛି। ଲୋକସଭା ନିର୍ବାଚନ ପୂର୍ବରୁ ଜାମ୍ମୁ-କାଶ୍ମୀରରେ ଆତଙ୍କବାଦୀମାନେ ବେଶ ସକ୍ରିୟ ହେବା ଲକ୍ଷ୍ୟ କରାଗଲା। ସେମାନେ ନିର୍ବାଚନ ପ୍ରକ୍ରିୟାକୁ ଭଣ୍ଡୁର କରିବା ପାଇଁ ବହୁ ଉଦ୍ୟମ କରିଥିଲେ। କିନ୍ତୁ ସୁରକ୍ଷା ବାହିନୀର କଡ଼ା କାର୍ଯ୍ୟାନୁଷ୍ଠାନ ଫଳରେ ଆତଙ୍କବାଦୀଙ୍କ ଉଦ୍ୟମ ବିଫଳ ହେଲା। ଜାମ୍ମୁ-କାଶ୍ମୀରବାସୀ ବିପୁଳ ସଂଖ୍ୟାରେ ଆସି ନିର୍ଭୟରେ ମତଦାନ କଲେ। ଏଥିପାଇଁ ସେମାନେ ପ୍ରଶଂସା ଏବଂ ଧନ୍ୟବାଦର ପାତ୍ର। ଭାରତୀୟ ସମ୍ବିଧାନ ପ୍ରତି କାଶ୍ମୀରବାସୀ ନିର୍ବାଚନ ମାଧ୍ୟମରେ ନିଜର ସମର୍ଥନ ପ୍ରକାଶ କରିଛନ୍ତି। ଲୋକସଭା ନିର୍ବାଚନର ଅଳ୍ପ କିଛି ଦିନ ପରେ ଜାମ୍ମୁ-କାଶ୍ମୀରରେ ବିଧାନସଭା ନିର୍ବାଚନ ହେଲା। ୩୭୦ ଉଚ୍ଛେଦ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଜାମ୍ମୁ-କାଶ୍ମୀରର ପୁନର୍ଗଠନ ପରେ ଏହା ଥିଲା ପ୍ରଥମ ବିଧାନସଭା ନିର୍ବାଚନ। ଆତଙ୍କବାଦୀମାନେ ପୁନର୍ବାର ଏଥିରେ ବାଧା ସୃଷ୍ଟି କରିବାକୁ ପ୍ରୟାସ କଲେ। ନିଜ ଉପସ୍ଥିତି ଜାହିର କରିବାକୁ ଅନେକ ସ୍ଥାନରେ ହତ୍ୟା ଏବଂ ସେନା ବାହିନୀ ଉପରେ ଆକ୍ରମଣ କଲେ। କିଛି ଭାରତୀୟ ଯବାନ ମଧ୍ୟ ଶହୀଦ ହେଲେ। କିନ୍ତୁ ବିଧାନସଭା ନିର୍ବାଚନରେ ଲୋକସଭା ନିର୍ବାଚନଠାରୁ ଅଧିକ ମତଦାନ ରେକର୍ଡ ହେଲା। ରାଜ୍ୟରେ ଏବେ ଏକ ନିର୍ବାଚିତ ସରକାର ପ୍ରତିଷ୍ଠା ହୋଇଛି। ଗଣତନ୍ତ୍ର ପୁନଃପ୍ରତିଷ୍ଠା ହୋଇଛି। ବିଶ୍ୱବାସୀ ଏବେ ଅନୁଭବ କରୁଛନ୍ତି କାଶ୍ମୀରବାସୀଙ୍କର ଭାରତୀୟ ସମ୍ବିଧାନ ଏବଂ ଆଇନ ବ୍ୟବସ୍ଥା ଉପରେ ଗଣତନ୍ତ୍ର ଉପରେ ଦୃଢ଼ ଆସ୍ଥା ଏବଂ ବିଶ୍ୱାସ ରହିଛି। ଏହା ପାକିସ୍ତାନ ବରଦାସ୍ତ କରିପାରୁନି। ସେଥିପାଇଁ ପାକିସ୍ତାନର କେତେକ ଉଗ୍ରବାଦୀ ସଙ୍ଗଠନ କାଶ୍ମୀର ଉପତ୍ୟାରେ ହିଂସା ଏବଂ ଅସ୍ଥିରତା ସୃଷ୍ଟି ଲାଗି ବରାବର ପ୍ରୟାସ କରୁଛନ୍ତି। ସେମାନଙ୍କ ଉଦ୍ଦେଶ୍ୟ ହେଲା କାଶ୍ମୀରବାସୀ ଭାରତର ନାଗରିକ ହୋଇ ରହିବାକୁ ଚାହୁଁନାହାଁନ୍ତି ବୋଲି ବିଶ୍ୱାବସୀଙ୍କ ମନରେ ଧାରଣା ସୃଷ୍ଟି କରିବା। ଆତଙ୍କବାଦକୁ ସେମାନେ ସ୍ୱାଧୀନତା ସଂଗ୍ରାମ ଭାବେ ବର୍ଣ୍ଣନା କରୁଛନ୍ତି। ଏହା ଜବାବ ଦେବାକୁ ଭାରତୀୟ ସେନା ପାକ ଅନୁପ୍ରବେଶକାରୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବା ଉଚିତ। ବର୍ତ୍ତମାନ ପରିପ୍ରେକ୍ଷୀରେ ପାକିସ୍ତାନ ସହ ଅସ୍ତ୍ରବିରତି ଚୁକ୍ତି ଅର୍ଥ ହୀନ ହୋଇଯାଇଛି। ସୀମାରେ ବିଦେଶୀ ନାଗରିକଙ୍କ ଅନୁପ୍ରବେଶ ରୋକିବାକୁ ସେନା କଠୋର ପଦକ୍ଷେପ ନେବା ଉଚିତ। ଏଥିଲାଗି କେନ୍ଦ୍ର ସରକାର ସେନା ବାହିନୀକୁ ପୂର୍ଣ୍ଣ ସ୍ୱାଧୀନତା ଦେବା ଉଚିତ। କାଶ୍ମୀରରେ ଯେବେଠାରୁ ଓମାର ଅବଦୁଲ୍ଲାଙ୍କ ନେତୃତ୍ୱରେ ନିର୍ବାଚିତ ସରକାର ଗଠିତ ହୋଇଛି ସେବେଠାରୁ ଆତଙ୍କବାଦ କାର୍ଯ୍ୟକଳାପ ବୃଦ୍ଧି ପାଇବା ଅନୁଭବ କରାଯାଉଛି। ଆତଙ୍କବାଦୀଙ୍କ ପ୍ରତି ଓମାର ସରକାରଙ୍କ ଦୁର୍ବଳତା ଏବଂ କିଛିମାତ୍ରାରେ ସହାନୁଭୂତି ଏହାର ମୁଖ୍ୟ କାରଣ। ଭାରତ ନିଜ ଦେଶର ନାଗରିକଙ୍କୁ ହତ୍ୟା କରିବାକୁ ଚାହୁଁନି। ତେଣୁ ସେମାନଙ୍କୁ ଅସ୍ତ୍ରତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ବାରମ୍ବାର ନିବେଦନ କରାଯାଉଛି। ଏହାର ସୁଫଳ ମଧ୍ୟ ମିଳିଛି। ଆଉ କାଶ୍ମୀର ଉପତ୍ୟକାରେ ସେନା ଉପରକୁ ଟେକା ପଥର ମାଡ଼ ହେଉନି। ରାଜ୍ୟରେ ବିକାଶର ନୂଆ ଯୁଗ ଆରମ୍ଭ ହୋଇଛି। ନିଯୁକ୍ତି ସୁଯୋଗ ସୃଷ୍ଟି ସହ ପର୍ଯ୍ୟଟନ ଶିଳ୍ପର ବିକାଶ ମଧ୍ୟ ହୋଇଛି। ଭାରତର ଅନ୍ୟ ଅଞ୍ଚଳ ସହ କାଶ୍ମୀରର ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆସିଛି। କିନ୍ତୁ ଏସବୁ ବିକାଶମୂଳକ କାର୍ଯ୍ୟକ୍ରମ ସହିତ ବିଭିନ୍ନ କଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରୀତା ତ୍ୱରାନ୍ୱିତ ହେବା ଉଚିତ। କିନ୍ତୁ ଏହା ସହିତ ଆତଙ୍କବାଦ ଦମନ କାର୍ଯ୍ୟ ମଧ୍ୟ ସମାନ୍ତରାଳ ଭାବେ ଚାଲିବା ଉଚିତ। କାରଣ ଜାମ୍ମୁ-କାଶ୍ମୀରବାସୀ ସୁରକ୍ଷିତ ରହିବା ଜରୁରୀ। ଏହା ସେମାନଙ୍କର ମୌଳିକ ଅଧିକାର। ଏହାକୁ ପାକ ଅନୁପ୍ରବେଶକାରୀମାନେ ଅପହରଣ କରିବାକୁ ଉଦ୍ୟମ କରୁଛନ୍ତି। ତେଣୁ ପାକିସ୍ତାନ ସହ ଅସ୍ତ୍ରବିରତି ଚୁକ୍ତି ସତ୍ତ୍ୱେ ସେନା ବାହିନୀ ସୀମାରେ କଠୋର ପଦକ୍ଷେପ ନେବା ଉଚିତ। ସୀମା ଆରପଟୁ ଗୋଟିଏ ପିମ୍ପୁଡ଼ି ମଧ୍ୟ ଯେପରି ଅନୁପ୍ରବେଶ କରିବାକୁ ସୁଯୋଗ ନପାଏ ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ। ପାକିସ୍ତାନ ସହ ଭାରତ ସମସ୍ତ ପ୍ରକାର ରାଜନୈତିକ ଏବଂ ବାଣିଜ୍ୟିକ ସମ୍ପର୍କ ଛିନ୍ନ କରିଛି। କିନ୍ତୁ ଏତିକି ଯଥେଷ୍ଟ ନୁହେଁ। ସୀମାପାର ଆତଙ୍କବାଦକୁ ବନ୍ଦ କରିବା ଏବଂ ଅନୁପ୍ରବେଶ ରୋକିବାକୁ ଭାରତ ସରକାର ପାକିସ୍ତାନକୁ ଏକ ଚରମ ନିର୍ଦ୍ଦେଶ ଦେବା ଉଚିତ। ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହାକୁ ରୋକିବା ଲାଗି ପାକିସ୍ତାନ ସରକାର ଉଚିତ ପଦକ୍ଷେପ ନନେଲେ ପରିଣାମ ଲାଗି ଭାରତ ଦାୟୀ ହେବ ନାହିଁ ବୋଲି ଇସଲାମାବାଦକୁ ନୂଆଦିଲ୍ଲୀ କହିଦେବା ଉଚିତ। ଏବେ ପାକିସ୍ତାନର ଆଭ୍ୟନ୍ତରୀଣ ପରିସ୍ଥିତି ଅତି ଖରାପ। ଆଫଗାନିସ୍ତାନ ସହ ଏହାର ସୀମା ବିବାଦ ଯୋଗୁଁ ଖଣ୍ଡଯୁଦ୍ଧ ଲାଗି ରହୁଛି। ଆଫଗାନିସ୍ତାନ ସୀମାକୁ ଲାଗିଥିବା ପାଖତୁନଖ୍ୱା ପ୍ରଦେଶରେ ଆତଙ୍କବାଦୀମାନେ ନରସଂହାର କରୁଛନ୍ତି। ପାକ ଅଧିକୃତ କାଶ୍ମୀର (ପିଓକେ)ରେ ଭାରତ ସପକ୍ଷବାଦୀମାନେ ସକ୍ରିୟ ହୋଇ ଉଠିଛନ୍ତି। ସେମାନେ ଭାରତରେ ସାମିଲ ହେବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। କାରଣ ପାକିସ୍ତାନରେ ସେମାନଙ୍କୁ ଚରମ ଆର୍ôଥିକ ଦୁର୍ଦ୍ଦଶା ମଧ୍ୟ ଦେଇ ଗତି କରୁଛି। ଭାରତର ଆର୍ôଥିକ ସ୍ଥିତି ଯଥେଷ୍ଟ ଭଲ। ଜାମ୍ମୁ-କାଶ୍ମୀରରେ ବିକାଶ ସମ୍ପର୍କରେ ସେମାନେ ଭଲଭାବେ ଅବଗତ ଅଛନ୍ତି। ତେଣୁ ସେଠାରେ ପାକିସ୍ତାନ ସରକାରଙ୍କ ବିରୋଧରେ ଜନମତ ତେଜୁଛି। ଯେସାକୁ ତେସା ନୀତିରେ ଭାରତ ଏହାର ସୁଯୋଗ ନେଇ ପାକିସ୍ତାନ ଉପରେ ଚାପ ପ୍ରୟୋଗ କରିବା ଉଚିତ। ଭାରତ ଏକ ସଭ୍ୟ, ଗଣତାନ୍ତ୍ରିକ ଏବଂ ଶାନ୍ତିପ୍ରିୟ ଦେଶ। ବିଶ୍ୱର କୌଣସି ସ୍ଥାନରେ ଆତଙ୍କବାଦ ଏବଂ ହିଂସାକୁ ଭାରତ ସମର୍ଥନ କରେନି ବା ପ୍ରଶ୍ରୟ ଦିଏନାହିଁ। ପାକିସ୍ତାନରେ ଆତଙ୍କବାଦର ସମ୍ମୁଖୀନ ହେଉଥିବା ନିରୀହ ଲୋକଙ୍କ ପ୍ରତି ଭାରତର ସମବେଦନା ରହିଛି। କିନ୍ତୁ ପାକିସ୍ତାନ ଯଦି ଭାରତ ବିରୋଧୀ କାର୍ଯ୍ୟକଳାପରୁ ବିରତ ନହୁଏ, ତେବେ ଭାରତ ଏହା ବିରୋଧରେ ସବୁ ସ୍ତରରେ ଲଢ଼େଇ ଲାଗି ବାଧ୍ୟ ହେବ। ପାକିସ୍ତାନକୁ ଏଥିଲାଗି ବିଶ୍ୱ ଦରବାରରେ ଏକଘରିକିଆ କରାଯିବା ଉଚିତ। ପାକିସ୍ତାନର ଆର୍ôଥିକ ସ୍ଥିତି ଅତି ଶୋଚନୀୟ। ଏହା ହିଁ ସୁଯୋଗ। ନଇଁ ପଡ଼ିଥିବ ଯେବେ ବିଧାଏ ମାରିବୁ ସେବେ ନୀତିରେ ଭାରତ ଏବେ ପାକିସ୍ତାନ ବିରୋଧରେ ଷଣ୍ଢୁଆସୀ ଆକ୍ରମଣ କରିବା ଉଚିତ। ଏଥିଲାଗି ଆଫଗାନିସ୍ତାନ ସହ ଭାରତ ଉତ୍ତମ କୂଟନୈତିକ ସମ୍ପର୍କ ରକ୍ଷା କରିବା ଉଚିତ। ଏବେ ଏ ଦିଗରେ ଗୁରୁତ୍ୱର ସହ ଚିନ୍ତା କରିବାର ସମୟ ଆସିଛି। କାଶ୍ମୀର ଉପତ୍ୟକାରେ ଯେପରି ଜଣେ ହେଲେ ଭାରତୀୟ ନାଗରିକ ହତ୍ୟାର ଶିକାର ନହୁଅନ୍ତି ସେଥିପ୍ରତି ଧ୍ୟାନ ଦିଆଯିବା ଉଚିତ। ଆତଙ୍କବାଦୀମାନେ ଗତ କିଛି ମାସ ହେବ ପ୍ରବାସୀ ଶ୍ରମିକଙ୍କୁ ଟାର୍ଗେଟ କରୁଛନ୍ତି। ଏହାକୁ ରୋକିବା ଓମାର ଅବଦୁଲ୍ଲାଙ୍କ ଦାୟିତ୍ୱ। ସେ ନିଜ ସାମ୍ବିଧାନିକ ଦାୟିତ୍ୱ ନିର୍ବାହରେ ତ୍ରୁଟି କରିବା ଅନୁଚିତ। ତାଙ୍କ ପ୍ରତି କାଶ୍ମୀରବାସୀ ଯେଉଁ ଆସ୍ଥା ଏବଂ ବିଶ୍ୱାସ ସ୍ଥାପନ କରିଛନ୍ତି ତାହାର ମୂଲ୍ୟ ଦେବାକୁ ସେ ନିଷ୍ଠାପର ପ୍ରୟାସ କରିବା ଉଚିତ। ନଚେତ ସମୟ ଆସିବ ଲୋକେ ତାଙ୍କୁ ଅଳିଆ ଗଦାକୁ ଫିଙ୍ଗିଦେବେ। ଇତିହାସ ତାଙ୍କୁ କେବେ କ୍ଷମା କରିବ ନାହିଁ।

# ଅଫିସର୍ ଅର୍ଥ ଅଧିକାରୀ ନୁହେଁ

ପଙ୍କଜ କୁମାର ପାଣିଗ୍ରାହୀ

ଇଂରେଜ ଛାଡି ଚାଲିଗଲେ। ଦେଶ ସ୍ୱାଧୀନ ହୋଇଗଲା। ସ୍ୱାଧୀନତା ଦିବସ ପାଳନ ହେଉଛି ପ୍ରତିବର୍ଷ। ଦେଶରେ ସ୍ୱରାଜ ଶାସନ ଲାଗୁ ହେଲା। ସ୍ୱରାଜ ଶାସନ ପାଇଁ ଅନେକ ଦଳ ଗଠନ ହେଲା। ବିଭିନ୍ନ ଦଳ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହେଲା ଯେ ଦେଶ ଶାସନ କରିବ କିଏ ? ଭିନ୍ନ ଭିନ୍ନ ଦଳ ଗୁଡିକ ସାଧାରଣ ଲୋକଙ୍କୁ ନିଜ ନିଜର ଦକ୍ଷତା ବଖାଣିଲେ। ଦେଶରେ ନିର୍ବାଚନ ମାଧ୍ୟମରେ ଗଠନ ହେଲା ସ୍ୱରାଜ ସରକାର। ଦୀର୍ଘ ୭୭ ବର୍ଷ ବିତିଗଲା। ଗୋଟିଏ ପରେ ଗୋଟିଏ ଶାସକ ଦଳର ଆବିର୍ଭାବ ହୋଇ ଚାଲିଲା ଦେଶର ଶାସନ ବ୍ୟବସ୍ଥା। ସାଧାରଣ ଲୋକେ ପ୍ରତିଥର ବିଚାର କଲେ ଯେ କିଏ ଆମକୁ ସୁଶାସନ ଦେଇ ପାରିବ ?! ଲୋକଙ୍କ ବିଚାରକୁ ନେଇ ନିର୍ବାଚନୀ ବିଜୟ ପରେ ଶାସକ ଆରମ୍ଭ କଲେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ। ଅଦ୍ୟାବଧି ଅନେକ ଦଳ ଆମକୁ ଶାସନ କରି ଆସୁଛନ୍ତି ଯାହା ସବୁ ଆମେ ଦେଖୁଛେ। ହେଲେ ଏପର୍ଯ୍ୟନ୍ତ କୌଣସି ଗୋଟିଏ ହେଲେ ଦଳ ବିଚାର କଲେ ନାହିଁ କି ଦେଶ ଚାଲୁଛି କେମିତି ?! ଦେଶର ସାଧାରଣ ନାଗରିକ ଭଲରେ ଅଛନ୍ତି ନା କିଛି ସଂସ୍କାର, ସୁଧାରର ଆବଶ୍ୟକତା ରହିଛି ଆମ ଆଇନ, କାନୁନ, ନିୟମ ଗୁଡିକ ଉପରେ ?!!

ଦେଶର ଶାସନ, ପ୍ରଶାସନ ଏବଂ ନ୍ୟାୟାଳୟ ଏହି ତିନୋଟି ବ୍ୟବସ୍ଥା ମାଧ୍ୟମରେ ଚାଲିଛି ଆମ ଦେଶ ଶାସନ। ଏହି ତିନୋଟିର କାର୍ଯ୍ୟଧାରାକୁ ସର୍ବସମ୍ମୁଖରେ ପ୍ରତିପାଦନ କରୁଛି ଆଉ ଏକ ବ୍ୟବସ୍ଥା ଯାହାକୁ କୁହାଯାଏ ଗଣମାଧ୍ୟମ। ପ୍ରଥମ ତିନିଟି ବ୍ୟବସ୍ଥା ମଧ୍ୟରେ ସମ୍ପର୍କର ନିବିଡ଼ତା ଏକ ଜଟିଳ ମାଧ୍ୟମ ଦେଇ ଗତି କରୁଥିବା ବେଳେ ତାହା ଅନେକ ଆଇନ କାନୁନ ମଧ୍ୟରେ ବନ୍ଧା ହୋଇ ରହିଛି। ଚତୁର୍ଥଟି ଏକ ସ୍ୱେଚ୍ଛାସେବୀ ବ୍ୟବସ୍ଥା ଭଳି କାର୍ଯ୍ୟ କରିଥାଏ। କି'ନ୍ତୁ ସେମାନଙ୍କୁ ମଧ୍ୟ ନିୟନ୍ତ୍ରିତ ସୀମାରେଖା ମଧ୍ୟରେ କେତେକ ଆଇନ ଦ୍ୱାରା ବାନ୍ଧି ରଖି, ଚାଲିଛି ଆମ ସମାଜ। କହିବାକୁ ଗଲେ ଚାରୋଟି ସଂସ୍ଥା ଅଳ୍ପ ବହୁତେ କେତେକ ସାମ୍ବିଧାନିକ ଆଇନ ଦ୍ୱାରା ହିଁ ପରିଚାଳିତ ହେଉଛନ୍ତି ଆମ ସମାଜରେ। ପ୍ରଥମ ତିନୋଟି ବ୍ୟବସ୍ଥାରେ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷ ସର୍ବଜନ ସରକାରୀ ପାଣ୍ଠିରୁ ନିଜର ପାରିଶ୍ରମିକ ନେଇଥା'ନ୍ତି। ଚତୁର୍ଥଟି ପାଇଁ କେତେବେଳେ କିଞ୍ଚିତ ଅନୁଦାନ ବ୍ୟବସ୍ଥା ରହିଥିଲେ ମଧ୍ୟ ପ୍ରାୟତଃ ସେମାନେ ନିଜସ୍ୱ ପାଣ୍ଠିରୁ ହିଁ ଚଳାଉଛନ୍ତି ସେମାନଙ୍କ ସଂସ୍ଥା।

ବର୍ତ୍ତମାନ ବିଚାର କରାଯିବା ବିଷୟ ଏହା କି, ଯେ ଦେଶ ଶାସନ ପାଇଁ ଲେଖାଯାଇଥିବା ସାମ୍ବିଧାନିକ ଆଇନ ଗୁଡିକ ଲେଖାଯାଇ ଅଛି କେମିତି ?! ଆମ ଦେଶର ସାମ୍ବିଧାନିକ ଆଇନ ଗୁଡିକ ପୂର୍ବ ଭାରତୀୟ ସଂସ୍କାର, ସଂସ୍କୃତି, ଦାର୍ଶନିକ ତତ୍ତ୍ୱ, ମାନବିକ ମନୋଭାବ ଜନିତ ଶୃଙ୍ଖଳା ଆଧାରିତ ନା ଆଉ କିଛି ? ଯେଉଁ ସବୁ ଆଇନ ବିଭିନ୍ନ ବ୍ୟବସ୍ଥା ଗୁଡିକ ପାଇଁ ଲେଖାଯାଇ ଅଛି ସେଗୁଡିକ ସମ୍ପୂର୍ଣ୍ଣ ଭାରତୀୟ ମନୋଭାବ ଆଧାରିତ ନା ଆଉ କ'ଣ ? ଏମିତି ଅନେକ ପ୍ରଶ୍ନ ଉଙ୍କି ମାରୁଛି ମନରେ ଯେତେବେଳେ ଆମକୁ କେତେକ ଆଇନ ସଠିକ ମର୍ଯ୍ୟାଦା ଦେଇପାରୁ ନାହିଁ ଜଣେ ସ୍ୱତନ୍ତ୍ର ନିରପେକ୍ଷ ରାଷ୍ଟ୍ରୀୟ ନାଗରିକ ହିସାବରେ। ଦେଖିବାକୁ ଗଲେ ପ୍ରାୟତଃ ସମସ୍ତ ଆଇନ କେବଳ ଇଂରେଜ ମନୋଭାବ ଜନିତ ଲେଖାଯାଇ ଅଛି ଯାହା ସାଧାରଣ ଭାରତୀୟ ନାଗରିକ ଆଜି ପର୍ଯ୍ୟନ୍ତ ବୁଝି ପାରୁନାହାନ୍ତି। ରାଷ୍ଟ୍ରୀୟ ପରିଚାଳନା ବ୍ୟବସ୍ଥାରେ ରହିଥିବା ଆଇନ କାନୁନ ଏବଂ ନିୟମ ଗୁଡିକ ବିଦେଶୀ ଢାଞ୍ଚାରେ ଲିପିବଦ୍ଧ ହୋଇ ରହିଛି ! ସେଗୁଡିକ ମଧ୍ୟରେ ଆଦୌ ଭାରତୀୟ ଭାଷାତତ୍ତ୍ୱ କିମ୍ବା ଦର୍ଶନ ତତ୍ତ୍ୱ ଦେଖିବାକୁ ମିଳିବ ନାହିଁ ସମୀକ୍ଷା କରାଗଲେ। ଏମିତିକି ଆମ ନ୍ୟାୟିକ ବ୍ୟବସ୍ଥାରେ ଲିପିବଦ୍ଧ ରହିଥିବା ଆଇନ ଗୁଡିକ ଜଣେ ସାଧାରଣ ମଣିଷ ତ ବହୁତ ଦୂର ଉଚ୍ଚ ଶିକ୍ଷିତ ମାନେ ମଧ୍ୟ ବୁଝିବା କଷ୍ଟକର ! ଇତି ମଧ୍ୟରେ ସେହି ସବୁ ଇଂରେଜ / ପାଶ୍ଚାତ୍ୟ ମାନସିକତାରେ ଲିଖିତ ଆଇନ ଓ ନିୟମ ଗୁଡିକ ମଧ୍ୟରେ କେତେକ ସାଙ୍ଘାତିକ ତ୍ରୁଟିପୂର୍ଣ୍ଣ ଭାଷାତତ୍ତ୍ୱ ବ୍ୟବହୃତ ହେଉଛି ଅଦ୍ୟାବଧି ଯାହା ଆମ ସମାଜକୁ ଇଂରେଜ ଶାସିତ କରି ରଖିଛି ଯାହା ସେମାନଙ୍କ ମୁଖ୍ୟ ଷଡ଼ଯନ୍ତ୍ର ଥିଲା !

ଏହି ପ୍ରସଙ୍ଗରେ ଦେଖିଲେ ଜାଣିହେବ ଯେ ଇଂରେଜମାନେ ଦେଶ ବ୍ୟାପି ବିଭିନ୍ନ ନିୟନ୍ତ୍ରଣ କାର୍ଯ୍ୟାଳୟ ସ୍ଥାପିତ କରି ଚଳାଇଥିଲେ ସେମାନଙ୍କ ରାଜୁତି। ସେମାନଙ୍କ ଅଧିନରେ କାର୍ଯ୍ୟ କରୁଥିବା ଲୋକଙ୍କୁ ଯଥେଷ୍ଟ ଅଖଣ୍ଡ କ୍ଷମତା ପ୍ରଦାନ କରିଥିଲେ ସ୍ଥାନୀୟ ଲୋକଙ୍କ ଉପରେ ଅତ୍ୟାଚାର କରି ସାଧାରଣ ଲୋକଙ୍କୁ ପ୍ରତି ମୁହୂର୍ତ୍ତରେ ଦମନ କରି ରଖିବା ପାଇଁ। ତଦନୁଯାୟୀ ଇଂରେଜ ମାନେ ତାଙ୍କ କର୍ମଚାରୀ ମାନଙ୍କ ବିଭିନ୍ନ ଉପାଧି ନିର୍ଦ୍ଧାରିତ କରିଥିଲେ ଯାହା ଲୋକଙ୍କୁ ଭୟାତୁର କରି ରଖୁଥିଲା। ଏବଂ ସେମାନେ ମଧ୍ୟ ଲୋକଙ୍କ ଉପରେ ନିଜର କ୍ଷମତା, ଦକ୍ଷତା ସାବ୍ୟସ୍ତ କରି ଦମନଲୀଳା ଚଳାଉଥିଲେ। ଆଜି ମଧ୍ୟ ଆମ



ଦେଶରେ ସମାନ ଢଙ୍ଗରେ ପ୍ରଚଳିତ ଆମ ଶାସନ ବ୍ୟବସ୍ଥା ସାଧରଣ ଲୋକଙ୍କୁ ସେହିଭଳି ଇଂରେଜର କ୍ରିତଦାସ ଭଳି କରି ରଖିଛି ! ତଦ୍ୱାରା ଶାସନ କ୍ଷମତାରେ ରହୁଥିବା ସରକାରୀ କଳ ସେମାନଙ୍କ ମାଧ୍ୟମରେ ନିୟନ୍ତ୍ରଣାଧିନ କରି ରଖିଛନ୍ତି ସାଧାରଣ ନିରୀହ ଜନତାଙ୍କୁ ! ଏହି ପ୍ରସଙ୍ଗରେ ଅତ୍ୟନ୍ତ ଗମ୍ଭୀର ଅମାନୁଷିକ ବିଚାର ସୃଷ୍ଟି ହୁଏ ମନରେ ସେମାନଙ୍କର ଯେଉଁମାନେ କାର୍ଯ୍ୟରତ ସରକାରୀ ପ୍ରଶାସନିକ ବ୍ୟବସ୍ଥାରେ। କେମିତି, ବିଚାର କରି ଦେଖିବା...

ଆମ ଦେଶ ଯଦି ଗୋଟିଏ ଗଣତନ୍ତ୍ର ରାଷ୍ଟ୍ର ତା ଅର୍ଥ ହେଉଛି ସରକାର ଏବଂ ଦେଶର ଶାସନ କଳର ମାଲିକ ହେଉଛନ୍ତି ସର୍ବସାଧାରଣ ଜନତା। ସେମାନଙ୍କ ପାଇଁ କାର୍ଯ୍ୟରତ କର୍ମଚାରୀ ବୃନ୍ଦ ସେମାନଙ୍କ ସାମୁହିକ ଅର୍ଥରୁ ନିଜର ପାରିଶ୍ରମିକ ପାଉଥିବା କାରଣରୁ ସେମାନେ ହୁଅନ୍ତି ସରକାରୀ ଚାକିରିଆ ଅର୍ଥ ଚାକର ! ଏହା ଏକ ସତ୍ୟ ବଚନ। କି'ନ୍ତୁ ଆମ ଦେଶରେ ସେମିତି ହେଉଛି କି ?! ଆଦୌ ନୁହେଁ! କାରଣ ଶାସନ, ପ୍ରଶାସନ ବ୍ୟବସ୍ଥା ପାଇଁ ଅବସ୍ଥାପିତ କାର୍ଯ୍ୟାଳୟ ଗୁଡିକରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ତଳୁ ଉପର ପର୍ଯ୍ୟନ୍ତ ସମସ୍ତେ ସରକାରଙ୍କ କର୍ମକର୍ତ୍ତା ଚାକର। ସେମାନେ ସାଧାରଣ ଲୋକ ଅର୍ଥାତ ଜନସାଧାରଣଙ୍କୁ ସରକାରୀ ଅଧିକାରୀର ମର୍ଯ୍ୟାଦା ଦେବା କଥା। ଆମ ଦେଶରେ କି'ନ୍ତୁ ତା'ର ବିପରୀତରେ କାର୍ଯ୍ୟ ଚାଲୁଥିବା କିଏ ନଜାଣନ୍ତି ?! ଏମିତି ହେବାର ମୁଖ୍ୟ କାରଣ ହେଉଛି ଆମେ ସେହି ଇଂରେଜ ପ୍ରଣୋଦିତ ମାନ୍ୟତା ଦେଇ ଆସୁଅଛେ ଆମର ସବୁ ବର୍ଗର ଚାକରଙ୍କୁ ! ଇଂରେଜ ମାନ୍ୟତା ଅନୁଯାୟୀ କେବଳ ସେମାନଙ୍କ ନିଜ ଲୋକ ବ୍ୟତୀତ ଅନ୍ୟ ସମସ୍ତ ଭାରତୀୟ କର୍ମକର୍ତ୍ତାଙ୍କୁ ଅଫିସର ବୋଲି ସେମାନେ କହୁଥିଲେ। ସେମାନେ ତାଙ୍କ ଭାଷା ଇଂରେଜରେ ଯାହା କହୁଥିଲେ ତାର ଅର୍ଥ ହେଉଛି କାର୍ଯ୍ୟାଳୟ କର୍ମକର୍ତ୍ତା। କି'ନ୍ତୁ ଏଠାରେ ପ୍ରଶ୍ନ ଉଠୁଛି ଯେ ଅଫିସର ଅର୍ଥାତ ଭାରତୀୟ ଭାଷାରେ ସେମାନଙ୍କୁ ଅଧିକାରୀ ବୋଲି ଆମେ କହିବାର ତାତ୍ପର୍ଯ୍ୟ କ'ଣ ?! ଅଫିସ ଅର୍ଥ ହେଉଛି କାର୍ଯ୍ୟାଳୟ। ସେହି ଅଫିସ ବା କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଲୋକଙ୍କୁ କର୍ମଚାରୀ କୁହାଯିବ। ଯଦି ସେହି କାର୍ଯ୍ୟାଳୟର ଜଣେ ମୁଖ୍ୟ କର୍ମକର୍ତ୍ତା ନିଯୁକ୍ତି ହୁଅନ୍ତି ତାହେଲେ ତାଙ୍କୁ ସେହି କାର୍ଯ୍ୟାଳୟ ମୁଖ୍ୟ କର୍ମଚାରୀ ବୋଲି କୁହାଯାଇ ପାରିବ। କି'ନ୍ତୁ ସେମାନଙ୍କୁ ଅଧିକାରୀ ବୋଲି କହିବା ଉଦ୍ଦେଶ୍ୟ ଆମର କ'ଣ ?! ଅଧିକାରୀ ଶବ୍ଦର ଭାରତୀୟ ଭାଷା ଅର୍ଥ ହେଉଛି ମାଲିକ। ଗଣତନ୍ତ୍ର ରାଷ୍ଟ୍ରରେ ଜନସାଧାରଣ ଅଧିକାରୀ ବା ମାଲିକ ହୋଇଥିବା ବେଳେ ସେମାନେ ସାମାନ୍ୟ କର୍ମଚାରୀ ହୋଇଥା'ନ୍ତି। ସେମାନେ ଅଧିକାରୀ ବା ମାଲିକ ହେଲେ କେମିତି ବୁଝିବା ଅତ୍ୟନ୍ତ କଷ୍ଟ ! ତେଣୁ ସେମାନଙ୍କୁ ଅଧିକାରୀ ବୋଲି ପଦବାଚ୍ୟ ଏମିତି ଏକ ସ୍ତରକୁ ଆଣି ପହଞ୍ଚାଇ ଦେଉଛି ଯେ ସେମାନେ ନିଜକୁ ମାଲିକ ବୋଲି ଭାବି, ଅର୍ଥାତ ଜନସାଧାରଣଙ୍କୁ ନିଜ ପାଦ ତଳର ଚାକର ବା କ୍ରୀତଦାସ ଭଳି ଅନୁଭବ ଓ ବ୍ୟବହାର କରିବାକୁ ପଛଘୁଂଚା ଦେଉନାହାନ୍ତି ! ଏହି କ୍ରମରେ ଗଣତନ୍ତ୍ରର ପ୍ରକୃତ ମାଲିକ ଅର୍ଥାତ ସାଧାରଣ ଜନତା ସେମାନଙ୍କ ଚାକର ଅର୍ଥାତ ସରକାରୀ କର୍ମଚାରୀଙ୍କୁ ଅନୁରୋଧ ପତ୍ର ଲେଖିବାକୁ ପଡୁଛି ଯାହା ଭାରତୀୟ ମନୋଭାବରେ ଏକ ସାଙ୍ଘାତିକ ବିଡମ୍ବନା !

ତେଣୁ ଏଠାରେ ଗୋଟିଏ ସନ୍ଦେଶ ଦିଆଯିବା ବିଷୟ ଏହାକି ଯେ ସରକାର ସେମାନଙ୍କୁ ସରକାରୀ ଅଧିକାରୀ ଶବ୍ଦର ବ୍ୟବହାର କରିବା ବନ୍ଦ କରନ୍ତୁ ଏବଂ ଲୋକଙ୍କୁ ନିଜର ସ୍ୱତନ୍ତ୍ର ଅଧିକାର ସାବ୍ୟସ୍ତ କରିବା ସୁଯୋଗ ଦିଅନ୍ତୁ ଯଦି ଆମ ଦେଶକୁ ଗଣତନ୍ତ୍ର ଦେଶ ବୋଲି କୁହାଯାଉ ଅଛି। ଅଥବା ଏହା ଏକ ଇଂରେଜ ଶାସିତ ଅବା ରାଜତନ୍ତ୍ରିକ ରାଷ୍ଟ୍ର ବୋଲି ଘୋଷଣା କରି ଲୋକଙ୍କ ଭ୍ରାନ୍ତି ଦୂର କରିବା ଅନିବାର୍ଯ୍ୟ। ଯଦି ଆମ ଦେଶ ପ୍ରକୃତରେ ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ମାନ୍ୟତା ପ୍ରଦାନ କରୁଛି ରାଷ୍ଟ୍ରର ନାଗରିକଙ୍କୁ ତାହେଲେ ସରକାରୀ କର୍ମଚାରୀଙ୍କ ଉପାଧିରେ ବ୍ୟାପକ ପରିବର୍ତ୍ତନର ଆବଶ୍ୟକତା ରହିଛି ଯାହା ସେମାନଙ୍କୁ କେବଳ କର୍ମଚାରୀ ବୋଲି କୁହାଯାଉ କିନ୍ତୁ ଅଧିକାରୀ ନୁହନ୍ତି। ତଦ୍ୱାରା ଦେଶର ପ୍ରଶାସନିକ ବ୍ୟବସ୍ଥାରେ ଏକ ବଡ ଧରଣର ପରିବର୍ତ୍ତନ ସମ୍ଭବ ହେବ ଯାହା ସାଧାରଣ ଲୋକଙ୍କୁ ଏକ ଗଣତନ୍ତ୍ର ରାଷ୍ଟ୍ରର ଅନୁଭୂତି ପ୍ରଦାନ କରିବାରେ ସମର୍ଥ ହେବ। ଅନ୍ୟଥା ଏହା ଏକ କୁର ଶାସନ ତନ୍ତ୍ର ବ୍ୟତୀତ ଆଉ କିଛି ହୋଇ ନପାରେ ଯେତେବେଳ ପର୍ଯ୍ୟନ୍ତ ଘରର ଚାକରକୁ ଅଧିକାରୀ ବା ମାଲିକର ମାନ୍ୟତା ଦେଇ ପ୍ରକୃତ ମାଲିକ ତା ପାଖରେ ନତମସ୍ତକ ପୂର୍ବକ ନିଜର ହକ୍‌କୁ ଅନୁରୋଧ ମାଧ୍ୟମରେ ଜଣାଇବାକୁ ପଡୁଛି! ଏହି କ୍ରମରେ ପ୍ରତ୍ୟେକ ସ୍ଥାନରେ କାର୍ଯ୍ୟରତ ବିଭିନ୍ନ କର୍ମକର୍ତ୍ତାଙ୍କ ଭୂମିକାକୁ ନେଇ ସେମାନଙ୍କ ପଦବାଚ୍ୟ ପ୍ରକୃତ ଭାରତୀୟ ଭାଷା, ସଂସ୍କୃତି ଓ ଦାର୍ଶନିକ, ମାନବିକ ସଂବୋଧନାର୍ଥ ବ୍ୟବହାର ହେବା ଅତ୍ୟାବଶ୍ୟକ ଯାହା ଭାରତୀୟ ସମ୍ବିଧାନ ସଂଶୋଧନ କରିବା ପାଇଁ ତତ୍ପରତା ପ୍ରଦର୍ଶନ କରାଯାଉ। ତେହେଲେ ଯାଇ ଆମ ଦେଶ ଏକ ସୁଧାର ଦିଗରେ ଅଗ୍ରଗତି ହୋଇପାରିବ। ଅନ୍ୟଥା ସର୍ବକାଳ ଆମେ ଏକ କୁର ଶାସନ ତନ୍ତ୍ରର କ୍ରୀତଦାସ ଭଳି ବଞ୍ଚିବା ଛଡା ସ୍ୱତନ୍ତ୍ରତା ଏଠାରେ ସ୍ୱପ୍ନ ହୋଇ ରହିଛି ରହିବ ମଧ୍ୟ।

ୟୁଟ୍ୟୁବ-ସାମାଜିକ ଜନମଞ୍ଚ (ଭାରତ)
ଛତ୍ରପୁର, ଗଂଜାମ
ମୋବାଇଲ୍: ୯୪୩୭୩୨୪୯୧୭

# ଓଡ଼ିଆ ପରମ୍ପରାରେ ମକର ସଂକ୍ରାନ୍ତି



ବିକ୍ରମ ମହାପାତ୍ର

ସଂସାରର ସବୁ ସଂସ୍କୃତିରେ ସୂର୍ଯ୍ୟଙ୍କୁ ଆଲୋକ ଓ ଶକ୍ତିର ଦେବତା ଭାବରେ ଗ୍ରହଣ କରାଯାଏ। ଧର୍ମ ଓ ବିଜ୍ଞାନ ଉଭୟ ସୂର୍ଯ୍ୟଙ୍କ ମହତ୍ତ୍ୱକୁ ସ୍ୱୀକାର କରନ୍ତି। ମକର ସଂକ୍ରାନ୍ତିରେ ପ୍ରୟାଗର ତ୍ରିବେଣୀ ସଙ୍ଗମ ଠାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ସ୍ନାନ କରି ଅନୁଚିତ ଚିନ୍ତା ଛାଡ଼ି ସତ୍‌ମାର୍ଗରେ ଚାଲିବାର ସଂକଳ୍ପ ନିଅନ୍ତି। ବିଶ୍ୱାସ କରାଯାଏ, ଏହି ଦିନ ଠାରୁ ପୃଥିବୀର ସବୁ ତୀର୍ଥ ପ୍ରୟାଗ ଆସନ୍ତି। ଉତ୍ତରାୟଣ ସୂର୍ଯ୍ୟ ଆମକୁ ଦୃଢ଼ ସଂକଳ୍ପବାନ ଓ କର୍ମଯୋଗୀ ହେବାର ପ୍ରେରଣା ଦିଅନ୍ତି। ଧର୍ମଶାସ୍ତ୍ର ଅନୁଯାୟୀ ସୂର୍ଯ୍ୟ ଦକ୍ଷିଣାୟନ ହେଲେ ସବୁ ଶୁଭ କାର୍ଯ୍ୟ ବର୍ଜିତ ହୁଏ। ଉତ୍ତରାୟଣ ଠାରୁ ସବୁ ଶୁଭ କାର୍ଯ୍ୟ ଆରମ୍ଭ ହେବ। ଏ ବର୍ଷ ସୂର୍ଯ୍ୟ ଉତ୍ତରାୟଣ ହେବା ପରେ ଦେଶ ଦୁନିଆ ଉପରେ ସୂର୍ଯ୍ୟଙ୍କର ଶୁଭ ପ୍ରଭାବ ପଡ଼ିବ। ସୂର୍ଯ୍ୟଙ୍କର ଶୁଭ ପ୍ରଭାବରେ ଦେଶର ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ। ଦେଶର ଅଗ୍ରଗତି ହେବ। ମୂଲ୍ୟବାନ ଧାତୁର ଚାହିଦା ବଢ଼ିବ। ବ୍ୟବସାୟ ବାଣିଜ୍ୟ ବଢ଼ିବ, କେତେକ ଦେଶରେ କ୍ଷମତା ପରିବର୍ତ୍ତନ ହୋଇପାରେ। ଅଧିକାଂଶ ଶୁଭଫଳ ପ୍ରଦାନ କରିବ। ତେବେ ସରକାର, ପ୍ରଶାସନ ଏବଂ ଜନତା ମଧ୍ୟରେ ବିରୋଧ ବଢ଼ିବାରେ ସମ୍ଭାବନା ରହିଛି। ହିନ୍ଦୁ ଧର୍ମର ପ୍ରତ୍ୟେକ ପର୍ବ କୌଣସି ନା କୌଣସି ଦେବତାଙ୍କ ପାଇଁ ଉଦ୍ଦିଷ୍ଟ। ଉତ୍ତରାୟଣ ପର୍ବ ଅର୍ଥାତ୍ ମକର ସଂକ୍ରାନ୍ତି ସୂର୍ଯ୍ୟ ଉପାସନାର ପର୍ବ। ଏହି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରନ୍ତି। ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବା ଯୋଗୁଁ ମନୁଷ୍ୟ ମନରେ ମଧ୍ୟ ପରିବର୍ତ୍ତନ ଆସେ। ସମସ୍ତେ ମିଳିମିଶି ରୁହନ୍ତୁ, ସମସ୍ତଙ୍କ ଜୀବିକା ନିର୍ବିଘ୍ନରେ ଚାଲୁ, ସମସ୍ତେ ଶକ୍ତିମାନ ହୁଅନ୍ତୁ, ସତ୍‌କର୍ମରୁ ଆମକୁ ଶକ୍ତି ମିଳୁ - ଏହା ମକର ସଂକ୍ରାନ୍ତିର ସନ୍ଦେଶ।

ମକର ସଂକ୍ରାନ୍ତି ବେଳକୁ ଓଡ଼ିଶାରେ ଧାନ, ଆଖୁ ଆଦି ନୂଆ ଫସଲ ଅମଳ ହୋଇଥାଏ। ତେଣୁ ଏହି ଦିନ ନୂଆ ଧାନରୁ ପ୍ରସ୍ତୁତ ଅରୁଆ ଚାଉଳ, ନୂଆ ଗୁଡ଼, ଛେନା, ନଡ଼ିଆ ଆଦି ମିଶାଇ ଗୋଟିଏ ସୁମିଷ୍ଟ ଭୋଗ ପ୍ରସ୍ତୁତ କରି ଦେବୀ ଦେବତା ଓ ଧାନ ଖଳାରେ ଭୋଗ ଲଗାଯାଏ। ଏହି ଭୋଗ ମକର ଚାଉଳ ଭାବେ ପରିଚିତ। କେତେକ ଅଞ୍ଚଳରେ ନୂଆଧାନର ଚାଉଳ ପ୍ରସ୍ତୁତ ପୋଡ଼ ପିଠା ସହ ଗୁଡ଼, କଦଳୀ, ନଡ଼ିଆ ଓ ଅରୁଆ ଚାଉଳରେ ଭୋଗ ଲଗାଯାଇ ଦେବାଦେବୀଙ୍କ ପାଖରେ ଦିଆଯାଏ। ସୂର୍ଯ୍ୟଙ୍କ ଯୋଗୁଁ କୃଷି କ୍ଷେତ୍ରରେ ଶସ୍ୟ ଉତ୍ପନ୍ନ ହେଉଥିବାରୁ କୃଷକମାନେ ମକର ସଂକ୍ରାନ୍ତିର ପୂଣ୍ୟକାଳରେ ସୂର୍ଯ୍ୟଙ୍କୁ ନୂତନ ଶସ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିଥାନ୍ତି। ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର ଆଦି ଉତ୍ତରାଞ୍ଚଳ ଜିଲ୍ଲାରେ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଏହି ମକର ପର୍ବ ପାଳିଥାନ୍ତି। ଏହାକୁ ଟୁସୁ ପର୍ବ ଭାବେ ମଧ୍ୟ ପାଳନ କରାଯାଇଥାଏ।

ଓଡ଼ିଆରେ କଥାନିକାଟି ଅଛି ମକର ଠାରୁ ଦିନ ହୁଏ ବକରା। ଅର୍ଥାତ୍ ମକର ସଂକ୍ରାନ୍ତିରୁ ଦିନର ଅବଧି କ୍ରମଶଃ ବୃଦ୍ଧି ପାଏ। ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହୋଇଯାଉଥିବାରୁ ଖରା ଧୀରେ ଧୀରେ ପ୍ରଖର ହୁଏ। ମକର ଦିନ ଠାରୁ ସୂର୍ଯ୍ୟ ଉତ୍ତର ଦିଗକୁ ଯାତ୍ରା କରି ଛଅ ମାସ



ଅବସ୍ଥାନ କରୁଥିବାରୁ ବିବାହ, ବ୍ରତ, ଯଜ୍ଞାନୁଷ୍ଠାନ, ଗୃହ, ଦେବାଳୟ ପ୍ରତିଷ୍ଠା ଆଦି ସମସ୍ତ ଶୁଭକର୍ମ ଅନୁଷ୍ଠିତ ହୋଇଥାଏ। ଖାଲି ସେତିକି ନୁହେଁ, ମକର ସଂକ୍ରାନ୍ତି ଓଡ଼ିଆ ମାନଙ୍କ ପାଇଁ ବନ୍ଧୁତ୍ୱର ଦିନ। ଏହି ଦିନ ବନ୍ଧୁକୁ ମକର ଚାଉଳ ଖୁଆଇ ଓଡ଼ିଆମାନେ ମକର ବସିଥାନ୍ତି। କେବଳ ମକର କାହିଁକି, ଓଡ଼ିଶାରେ ପ୍ରତିଟି ପବିତ୍ର ଦ୍ରବ୍ୟ ଓ ନୈବେଦ୍ୟକୁ ନେଇ ସମ୍ପର୍କର ସୂତ୍ର ଯୋଡ଼ିବାର ପରମ୍ପରା ବହୁ ପ୍ରାଚୀନ।

ମକର ସଂକ୍ରାନ୍ତିରୁ ଉତ୍ତରାୟଣ ପର୍ବ ଆରମ୍ଭ ହୁଏ। ଏହା ଦେବତା ମାନଙ୍କ ଦିନ ହୋଇଥିବା ଯୋଗୁଁ ଏହି ଦିନ ଜପ, ତପ, ଦାନ, ସ୍ନାନ, ଶ୍ରାଦ୍ଧ, ତର୍ପଣ ଆଦି ଧାର୍ମିକ କାର୍ଯ୍ୟର ବିଶେଷ ମହତ୍ୱ ରହିଛି। ଏହିଦିନ ଠାରୁ ଦିନ ବଡ଼ ହେବାକୁ ଲାଗେ ଏବଂ ରାତି ଛୋଟ ହେବାକୁ ଲାଗେ। ଦିନ ବଡ଼ ହେବା ଯୋଗୁଁ ଅଧିକ ଆଲୋକ ମିଳେ। ଫଳରେ ତାପମାତ୍ରା କମେ। ଅର୍ଥାତ୍ ମକର ସଂକ୍ରାନ୍ତି ଠାରୁ ଶୀତର ପ୍ରକୋପ କମ୍ ହୋଇଯାଏ। ଅଧିକ ଆଲୋକ ଯୋଗୁଁ ମନୁଷ୍ୟର ଚେତନା ଓ କାର୍ଯ୍ୟଶକ୍ତି ବୃଦ୍ଧି ପାଏ। ଏହି ଦିନ ସୂର୍ଯ୍ୟଙ୍କ ରାଶିରେ ହୋଇଥିବା ପରିବର୍ତ୍ତନକୁ ଅନ୍ଧକାରରୁ ଆଲୋକ ଆଡ଼କୁ ଅଗ୍ରସର ହେବାର ପ୍ରତୀକ ଭାବରେ ବିବେଚନା କରାଯାଏ। ଏହି ଦିନ ରାଶି ଲଡୁ ଭୋଗ କରାଯାଏ। ଏହା ପଛରେ ବୈଜ୍ଞାନିକ କାରଣ ରହିଛି। ଶୀତଦିନେ ଶରୀରକୁ ଉତ୍ତାପର ଆବଶ୍ୟକତା ଥାଏ। ଗୁଡ଼ ଓ ରାଶି ଶରୀରକୁ ଆବଶ୍ୟକ ଉତ୍ତାପ ପ୍ରଦାନ କରନ୍ତି। ରାଶିକୁ ପ୍ରଚୁର ପରିମାଣରେ ତେଲ ଆମ ଶରୀରକୁ ଯାଏ। ଏହା ଶରୀରର ଆବଶ୍ୟକ ଉତ୍ତାପ ରକ୍ଷା କରେ। ସାରା ଭାରତରେ ମକର ସଂକ୍ରାନ୍ତି ଦିନ ଗୁଡ଼ିଉଡା ପର୍ବ ଆରମ୍ଭ ହୁଏ। ମକର ସଂକ୍ରାନ୍ତିରେ ଗୁଡ଼ି ଉଡାଇବା ପଛରେ କୌଣସି ଧାର୍ମିକ କାରଣ ନାହିଁ। କିନ୍ତୁ ଏହାର ମନୋବୈଜ୍ଞାନିକ କାରଣ ରହିଛି। ପୌଷ ମାସରେ ଅଧିକ ଥଣ୍ଡା ଯୋଗୁଁ ଆମ ଶରୀରରେ ଅନେକ ରୋଗ ସୃଷ୍ଟି ହୋଇଥାଏ। ଏହି ଦିନରେ ତ୍ୱଚା ମଧ୍ୟ ଶୁଷ୍କ ହୋଇଯାଏ। ସୂର୍ଯ୍ୟ ଉତ୍ତରାୟଣ ହେଲେ ତାଙ୍କ କିରଣ ଆମ ଶରୀର ପାଇଁ ଔଷଧ ପରି କାମ ଦିଏ। ଗୁଡ଼ି ଉଡାଇବା ସମୟରେ ଆମ ଶରୀର ସିଧାସଳଖ ସୂର୍ଯ୍ୟଙ୍କ କିରଣ ପାଏ। ଏହାଦ୍ୱାରା ଶୀତରୁ ସୃଷ୍ଟି ହୋଇଥିବା ଅନେକ ଶାରୀରିକ ରୋଗ ମନକୁ ମନ ଭଲ ହୋଇଯାଏ।

ଆସାମରେ ବିହୁ : ମକର ସଂକ୍ରାନ୍ତି ଅବସରରେ ଆସାମରେ ବିହୁ ଉତ୍ସବ ପାଳନ କରାଯାଏ। ଏହାକୁ ମାଘ ବିହୁ ମଧ୍ୟ କହନ୍ତି। ଆସାମରେ ଏହା ଏକ ବଡ଼ ପର୍ବ। ଫସଲ ପାଚିବା ଖୁସିରେ ଏହା ପାଳନ କରାଯାଏ। ମାଘ ବିହୁର ପୂର୍ବ ଦିନକୁ ଉରୁକା କୁହାଯାଏ। ଏହି ଦିନ ଲୋକମାନେ ନଦୀକୂଳରେ କିମ୍ବା ଖୋଲା ଜାଗାରେ ନଡ଼ାରେ ଅସ୍ଥାୟୀ ଛାଉଣୀ ବନାନ୍ତି। ରାତିରେ ଗାଁ ଲୋକେ ସମସ୍ତେ ଏଠାରେ ମିଳିମିଶି ଭୋଜି କରନ୍ତି। ଏହି ଛାଉଣୀ ପାଖରେ ରାତିରେ ୪ଟି ବାଉଁଶ ବାନ୍ଧି ନଡ଼ା ଏବଂ କାଠରେ ଉଚ୍ଚ ଖମ୍ବ ତିଆରି କରନ୍ତି ଏହାକୁ ମେଜି କୁହାଯାଏ। ଓଡ଼ିଆ ଆଧ୍ୟାତ୍ମିକ ଓ ଜନଜୀବନ ଚେତନାରେ ମକର ସଂକ୍ରାନ୍ତିର ସ୍ଥାନ ସ୍ୱତନ୍ତ୍ର ଏବଂ ଏହି ଦିନଟି ଓଡ଼ିଆ ପରମ୍ପରାରେ ଘରେ ଘରେ ସମ୍ପର୍କ ସୁଦୃଢ଼ କରିବା ପାଇଁ ଯୁଗବତ୍ ଯେଉଁ ପରମ୍ପରା ରହିଆସିଛି ତାହା ମଧ୍ୟ ସ୍ମରଣୀୟ।

'ଆନନ୍ଦ ଜ୍ୟୋତ୍ସ୍ନା', ଚଣ୍ଡୀମନ୍ଦିର ମାର୍ଗ, ଚଣ୍ଡୀଛକ, କଟକ

# ଶ୍ରୀମନ୍ଦିରରେ ନବାଙ୍କ ପର୍ବ



ବିପିନ ବିହାରୀ ରାଉତ

ଧନୁ ସଂକ୍ରାନ୍ତିରୁ ବାପ ଘରକୁ ଯାଇଥିବା ମହାଲକ୍ଷ୍ମୀ ଆଜି ଫେରିଛନ୍ତି। ଧାନ, ଚାଉଳ ଓ ଫୁଲ ଆଦି ଭାର ଧରି ପଟୁଆରରେ ଶ୍ରୀମନ୍ଦିର ବିଜେ କରିଛନ୍ତି। ଦୀର୍ଘ ଏକମାସ ଧରି ଅପେକ୍ଷା କରିଥିବା ଶ୍ରୀମନ୍ଦିର ଯେମିତି ତାଙ୍କ ଫେରିବାରେ ଆନନ୍ଦରେ ଉଛୁଳି ପଡ଼ିଛି।



ଓଡ଼ିଆ ଘରେ ନୂଆ ବୋହୂଟିଏ ପ୍ରଥମ ଥର ବାପଘର ଯାଇ ଫେରିବା ଭଳି ମହାଲକ୍ଷ୍ମୀ ପଟୁଆର ଧରି ଏକ ସ୍ୱତନ୍ତ୍ର ଠାଣୀରେ ଶ୍ରୀମନ୍ଦିର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହିପରି ଭାବେ ଶ୍ରୀମନ୍ଦିରରେ ନବାଙ୍କ ପର୍ବ ଅନୁଷ୍ଠିତ ହୋଇ ମହାପ୍ରଭୁଙ୍କ ନବାଙ୍କ ବେଶ ଅନୁଷ୍ଠିତ ହୋଇଥାଏ ଯାହାକି ଚଳିତ ଜାନୁଆରୀ ୧୩ ତାରିଖ (ସୋମବାର) ଦିନ ଅନୁଷ୍ଠିତ ହେବ। ବିଧି ବ୍ୟବସ୍ଥା ଅନୁଯାୟୀ ଅଲାମଚଣ୍ଡି ଠାରୁ ମକରତାଡ଼ ଆସିଥାଏ। ଏକ ପଟୁଆରରେ କୁମ୍ଭକାରମାନେ ଏହି ତାଡକୁ ଶ୍ରୀମନ୍ଦିର ବିଜେ କରାଇବାର ପରମ୍ପରା ରହିଛି। ନବାଙ୍କ ଅବସରରେ ମହାପ୍ରଭୁଙ୍କର ଅବକାଶ ମଇଲମ ପରେ ଘୋଡ଼ ଲାଗି ହୋଇଥାଏ ଓ ସନ୍ଧ୍ୟା ଆଳତି ପରେ ସିଂହଦ୍ୱାର ଚକଡ଼ାରେ ପାହାଡ଼ା ପଡ଼ି ଚାଉଳ ମେଲଣର ରୀତିକାନ୍ତି ରହିଛି। ଧାନଘର ଠାରୁ ବୋରୋଭୋଇ ପ୍ରଧାନ ଚାଉଳ ଧରି ସିଂହଦ୍ୱାର ଚକଡ଼ାରେ ବିଜେ କରାଯାଏ। କୋଠଭୋଗ ଯୋଗାଣିଆ ତଳିଛ ପଟୁଆର କରି ଘଣ୍ଟ, ଛତା, କାହାଳୀ ସହ ଶ୍ରୀମନ୍ଦିରକୁ ଗୋଟିଏ ବେଢ଼ା ବୁଲି ଇନ୍ଦ୍ରାଣୀ ବେଢ଼ାରେ ରଖନ୍ତି। ଫୁଲମେଲାଣ ପାଇଁ ମାଳିମାନେ ତଳିଛ ପଟୁଆରରେ ଘଣ୍ଟା, ଛତା, କାହାଳୀ ସହ ଶ୍ରୀମନ୍ଦିର ଗୋଟିଏ ବେଢ଼ା ବୁଲି ବେହେରଣ ତଢ଼ଉ ଦରଶୁଆ କରି ଖୁଣ୍ଟିଆଙ୍କ ମାର୍ଫତରେ ଦେଇଥାନ୍ତି। ଖୁଣ୍ଟିଆ ଏହାକୁ ନେଇ ସନ୍ଧ୍ୟା ଆଳତିରେ ମହାପ୍ରଭୁଙ୍କୁ ଲାଗି କରାନ୍ତି। ସନ୍ଧ୍ୟା ଆଳତି ବଢ଼ି ସନ୍ଧ୍ୟାଧୂପ ହେବା ସହ ତିନୋଟି ବାଉଁସିଆରେ ଚାଉଳ ରଖାଯାଇଥାଏ। ଏହାପରେ ଅଧିବାସ ନୀତି ଅନୁଷ୍ଠିତ ହୋଇଥାଏ। ତଢ଼ାଉ ଦୁଆର ମୁଦ କରିବା ପରେ ବଡ଼ସିଂହାର ବେଶ ବା ନବାଙ୍କ ବେଶ ହେବାର ପରମ୍ପରା ରହିଛି। ଏଥିରେ ଏକ ଆଜ୍ଞାମାଳ ଲାଗି ହୋଇଥାଏ। ଶ୍ରୀଅଙ୍ଗରୁ ମାଳ ଆସିବା ପରେ ମହାଜନ ମଦନ ମୋହନଙ୍କୁ ବଟମୂଳେ ବିମାନରେ ବିଜେ କରାନ୍ତି ଓ ବିମାନବଡୁମାନେ ବିମାନକୁ ୫ବେଢ଼ା ବୁଲାଇଥାନ୍ତି। ମହାପ୍ରଭୁଙ୍କ ନବାଙ୍କ ବେଶରେ ମହାଲକ୍ଷ୍ମୀଙ୍କ ଘରୁ ଆସିଥିବା ଫୁଲ ଲାଗି ହୋଇଥାଏ। ମହାଲକ୍ଷ୍ମୀଙ୍କ ପକ୍ଷରୁ ବଡ଼ଓଡ଼ିଆ ମଠ ଫୁଲ ଯୋଗାଇ ଆସୁଛି। ଜଗନ୍ନାଥଙ୍କ ପାଇଁ ୧୬ହାତ, ବଳଭଦ୍ରଙ୍କ ଲାଗି ୧୪ ହାତ ଓ ସୁଭଦ୍ରାଙ୍କ ଲାଗି ୧୨ ହାତ ଲମ୍ବାର ଏହି ମାଳ ତିଆରି ହୋଇଛି। ଏହି ଦିନରେ ମହାପ୍ରଭୁଙ୍କ ନବାଙ୍କ ବେଶ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ପ୍ରବଳ ଜନସମାଗମ ହୋଇଥାଏ।

ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ

# ତ୍ରିବେଣୀ ତଟରେ କୁମ୍ଭମେଳା ଆରମ୍ଭ

## ସକାଳୁ ବୁଡ଼ ପକାଇଲେଣି ୬୦ ଲକ୍ଷ ୦୪୦ କୋଟି ସାଧୁ ସନ୍ଥଙ୍କ ସମାଗମ

**ପ୍ରୟାଗରାଜ, ୧୩।୧:** ଉତ୍ତରପ୍ରଦେଶ ପ୍ରୟାଗରାଜର ତ୍ରିବେଣୀ ସଙ୍ଗମ ତଟରେ ଆରମ୍ଭ ହୋଇଛି ସନାତନ ଆସ୍ଥାର ମହାପର୍ବ କୁମ୍ଭ ମେଳା। ଭୋର୍ ୫ଟା ୦୩ ମିନିଟରେ ପ୍ରଥମ ସ୍ନାନ ଯୋଗ ରହିଥିଲା। ପ୍ରଥମେ ସାଧୁ ସନ୍ଥ ଓ ତାପରେ କୋଟି କୋଟି ସଂଖ୍ୟାରେ ଶ୍ରଦ୍ଧାଳୁ ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ସଂଗମ ସ୍ଥଳରେ ବୁଡ଼ ପକାଇଛନ୍ତି। ଏବେ ସୁଦ୍ଧା ୬୦ ଲକ୍ଷ ଶ୍ରଦ୍ଧାଳୁ ବୁଡ଼ ପକାଇଲେଣି। ଫେବ୍ରୁଆରୀ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ପ୍ରାୟ ୪୦ କୋଟି ସାଧୁ, ସନ୍ଥ ଓ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ସମ୍ଭାବନା ରହିଛି।



ମହାକୁମ୍ଭର ଶୁଭାରମ୍ଭ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟ୍ୱିଟ୍ କରିଛନ୍ତି। ସେ ଲେଖିଛନ୍ତି ଯେ, ଭାରତୀୟ ମୂଲ୍ୟବୋଧ ଏବଂ ସଂସ୍କୃତିକୁ ଯୋଡ଼ି ରଖିଥିବା କୋଟି କୋଟି ଲୋକଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ପ୍ରୟାଗରାଜରେ ମହାକୁମ୍ଭ ୨୦୨୫ର ଶୁଭାରମ୍ଭ ହୋଇଛି। ଯାହାକି ଆସ୍ଥା, ଭକ୍ତି, ଏବଂ ସଂସ୍କୃତିର ପବିତ୍ର ସଙ୍ଗମରେ ଅଗଣିତ ଲୋକଙ୍କୁ ଏକାଠି କରିବ। ମହାକୁମ୍ଭ ଭାରତର ଶାଶ୍ୱତ ଆଧ୍ୟାତ୍ମିକ ଧରୋହରର ପ୍ରତୀକ। ଏହା ଆସ୍ଥା ଏବଂ ସଦ୍ଭାବର ଉତ୍ସବ। ମହାକୁମ୍ଭରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ହେଲିକପ୍ଟର ରାଇଡ୍‌ର ବ୍ୟବସ୍ଥା କରାଯାଇଛି। ମାତ୍ର ୧୨୯୬ ଟଙ୍କା ଦେଇ ୭ ରୁ ୮ ମିନିଟ୍ ପର୍ଯ୍ୟନ୍ତ କୁମ୍ଭମେଳାର ଏରିଅଲ ଭ୍ୟୁ ଦେଖିପାରିବେ। ଏହି ସୁବିଧା ଆଜି ଠାରୁ ଉପଲବ୍ଧ ହେବ। ଏନେଇ ଉତ୍ତର ପ୍ରଦେଶର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜୟବୀର ସିଂହ ସୂଚନା ଦେଇଛନ୍ତି।

ଉତ୍ତର ପ୍ରଦେଶ ଡିଜିପି ପ୍ରଶାନ୍ତ କୁମାର କହିଛନ୍ତି ଯେ, ଚଳିତ ବର୍ଷ ଏହା ଆସ୍ଥା ଏବଂ ଆଧୁନିକତାର ସଙ୍ଗମ। ପାରମ୍ପରିକ ପୋଲିସ ବ୍ୟବସ୍ଥା ସହ ଟେକନୋଲୋଜିର ବ୍ୟବସ୍ଥା କରାଯାଇଛି। ଆଜି ଆକାଶ ମାର୍ଗରୁ ପୁଷ୍ପବର୍ଷା ମଧ୍ୟ କରାଯିବ। ଏପର୍ଯ୍ୟନ୍ତ ସବୁକିଛି ସୁଚାରୁ ରୂପେ ଏବଂ ନିର୍ବାଧରେ ଚାଲିଛି। କୁମ୍ଭମେଳା ବିଶାଳ, ଐଶ୍ୱରିକ ସହ ଡିଜିଟାଲ ଓ ସୁରକ୍ଷିତ ହେବ ବୋଲି ସେ କହିଛନ୍ତି।

କୁମ୍ଭ ମେଳା ପ୍ରତି ୧୨ ବର୍ଷରେ ଥରେ ଭାରତର ୪ ପ୍ରାଚୀନ ସହର ହରିଦ୍ୱାର, ନାସିକ, ପ୍ରୟାଗରାଜ ଓ ଉଜ୍ଜୈନୀରେ ଅନୁଷ୍ଠିତ ହୁଏ। ଏହି ସମୟରେ ପବିତ୍ର ଜଳରେ ସ୍ନାନ କରିବାର ସବୁଠାରୁ ବଡ଼ ସୁଯୋଗ ଆସିଥାଏ। କୁମ୍ଭମେଳା ସମୟରେ ବୁଡ଼ ପକାଇଲେ ସମସ୍ତ ପାପରୁ ମୁକ୍ତି ମିଳେ। ପୌଷ ପୂର୍ଣ୍ଣିମାରୁ ଫେବ୍ରୁଆରୀ ୧୨ ତାରିଖ ମାଘ ପୂର୍ଣ୍ଣିମା ପର୍ଯ୍ୟନ୍ତ ସାଧୁସନ୍ଥ ଓ ଶ୍ରଦ୍ଧାଳୁମାନେ କଳ୍ପବାସରେ ରହିବେ। ଏହି ସମୟରେ ସେମାନେ ନିୟମ ଓ ସଙ୍କଳ୍ପ ପୂର୍ବକ ୧ ମାସ ଧରି ଗଙ୍ଗା ସ୍ନାନ କରିବା ସହ ଜପ, ତପ, ଧ୍ୟାନ, ପୂଜନ ଓ ସତ୍‌ସଙ୍ଗ କରିବେ। ସେମାନଙ୍କ ସୁବିଧା ଓ ସୁରକ୍ଷା ପାଇଁ ପ୍ରୟାଗରାଜ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଝୁନ୍‌ସୀ ଠାରୁ ଫାଫାମଉ ପର୍ଯ୍ୟନ୍ତ ଦୀର୍ଘ ୧୭ କି.ମି. ବ୍ୟାପୀ ୧.୬ ଲକ୍ଷ ଟେଣ୍ଟ ନିର୍ମାଣ କରାଯାଇଛି। ଶ୍ରଦ୍ଧାଳୁମାନଙ୍କ ଲାଗି ୬୫୦ କି.ମି.ର ଅସ୍ଥାୟୀ ସଡ଼କ ଓ ୩୦ଟି ପୁଣ୍ଟନ ବ୍ରିଜ ମଧ୍ୟ ନିର୍ମାଣ କରାଯାଇଛି। କଳ୍ପବାସୀଙ୍କୁ ମହାକୁମ୍ଭ ଅବସରରେ ଶସ୍ତାରେ ରାସନ ସାମଗ୍ରୀ ଯୋଗାଇ ଦିଆଯିବ। ଏଥିସହ ସୁବିଧାରେ ରନ୍ଧନ ଗ୍ୟାସ ମଧ୍ୟ ଉପଲବ୍ଧ କରାଯିବ। କଳ୍ପବାସୀଙ୍କ ଲାଗି ସ୍ୱତନ୍ତ୍ର ଘାଟ ପ୍ରସ୍ତୁତ କରାଯାଇଛି। ସେମାନଙ୍କ ସୁରକ୍ଷା ଲାଗି ସେଠାରେ ବାରିକେଡ ଓ ଜଳ ପୁଲିସର ବନ୍ଦୋବସ୍ତ ହୋଇଛି। ଥଣ୍ଡାରୁ ସୁରକ୍ଷା ଦେବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ ସ୍ୱାସ୍ଥ୍ୟଗତ ସମସ୍ୟାର ମୁକାବିଲା ଲାଗି ଅସ୍ଥାୟୀ ହସ୍ପିଟାଲ ପ୍ରତିଷ୍ଠା ହୋଇଛି।



ତିରୁପତିରେ ପୁଣି ଅଘଟଣ

## ଲଡୁ କାଉଣ୍ଟର ନିକଟରେ ଅଗ୍ନିକାଣ୍ଡ

**ତିରୁମଲା, ୧୩।୧:** ତିରୁପତି ମନ୍ଦିରରେ ପୁଣି ଅଘଟଣ। କିଛି ଦିନର ବ୍ୟବଧାନ ପରେ ପୁଣି ଆଉ ଏକ ଦୁର୍ଘଟଣା ଘଟିଛି। ସୋମବାର ତିରୁପତି ତିରୁମାଲା ଦେବସ୍ଥାନମ ମନ୍ଦିରରେ ଥିବା ଲଡୁ ବିତରଣ କାଉଣ୍ଟର ନିକଟରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି।

ଲଡୁ କାଉଣ୍ଟରରେ ଆଜି ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଜମିଥିଲା। ଏତିକି ବେଳେ ଏହା ନିକଟରେ ଭୟଙ୍କର ନିଆଁ ଲାଗିଯାଇଥିଲା। ଫଳରେ ଶ୍ରଦ୍ଧାଳୁମାନେ ଭୟଭୀତ ହୋଇପଡିଥିଲେ। ତେବେ ଏଥିରେ କେହି ମୃତାହତ ହୋଇଥିବା ସୂଚନା ମିଳିଛି। ଅଗ୍ନିକାଣ୍ଡର କାରଣ ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି। । ପ୍ରଶାସନ ପକ୍ଷରୁ ନିଆଁ ଲିଭାଇବା ପାଇଁ ଉଦ୍ୟମ ଜାରି ରହିଛି। ଅଗ୍ନିଶମ ବିଭାଗର ଗାଡ଼ି ଏବଂ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ୧୦ ନିଦିଆ ବୈକୁଣ୍ଠ ଦ୍ୱାର ଦର୍ଶନମ ଉତ୍ସବ ବେଳେ ଏହି ଅଘଟଣ ଘଟିଛି। ବୈକୁଣ୍ଠ ଦ୍ୱାର ଦର୍ଶନମ ପାଇଁ ୧୦ ହଜାରରୁ ଅଧିକ ଶ୍ରଦ୍ଧାଳୁ ସମାଗମ ହୋଇଛି।

ସୂଚନାଯୋଗ୍ୟ, ଏହା ପୂର୍ବରୁ ଜାନୁଆରୀ ୮ ତାରିଖରେ ମନ୍ଦିର ବାହାରେ ଦଳାଚକଟା ହୋଇଥିଲା। ଏଥିରେ ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୦ ଜଣ ଆହତ ହୋଇଥିଲେ। ବୈକୁଣ୍ଠ ଦ୍ୱାର ଦର୍ଶନମଙ୍କ ପାଇଁ ଆଗୁଆ ଟିକଟ ବୁକ୍ କରିବା ପାଇଁ ଭକ୍ତଙ୍କ ଗହଳି ଜମିଥିଲା। ଯେଉଁଥିପାଇଁ ସେଠାରେ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣା ପରଠୁ ମନ୍ଦିରରେ ହାଇ ଆଲର୍ଟ ଜାରି କରାଯିବା ସହ ମନ୍ଦିରରେ ଭିତରେ ଏବଂ ବାହାରେ ସୁରକ୍ଷା ବ୍ୟବସ୍ଥା ଅହୁରି କଡ଼ାକଡ଼ି କରାଯାଇଛି।

## ଏଲ୍ଏସି ସ୍ଥିତି ସମ୍ବେଦନଶୀଳ, କିନ୍ତୁ ସ୍ଥିର: ସ୍ଥଳସେନା ମୁଖ୍ୟ



**ନୂଆଦିଲ୍ଲୀ, ୧୩।୧:** ଏଲ୍ଏସିରେ ସ୍ଥିତି ସମ୍ବେଦନଶୀଳ କିନ୍ତୁ ସ୍ଥିର ରହିଛି। ଭାରତୀୟ ସେନା ପ୍ରତିଟି ସ୍ଥିତି ମୁକାବିଲା କରିବାକୁ ପ୍ରସ୍ତୁତ। ଭାରତ ଓ ଚୀନ୍ ସୀମା ବିବାଦକୁ ନେଇ ଆଜି ଏଭଳି କିଛି କହିଛନ୍ତି ସ୍ଥଳ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ। ସୀମା ବିବାଦକୁ ନେଇ ଭାରତ ଓ ଚୀନ୍ ମଧ୍ୟରେ ସମ୍ପର୍କ ଦୀର୍ଘ ଦିନ ଧରି ତିକ୍ତ ରହିଛି। କିନ୍ତୁ ନିକଟରେ ଉଭୟ ଦେଶ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେଇଛନ୍ତି। ଏଲ୍ଏସି ପ୍ରସଙ୍ଗ ସମ୍ବେଦନଶୀଳ କିନ୍ତୁ ସେଠାରେ ସ୍ଥିତି ସ୍ଥିର ରହିଛି। ଏହି ପ୍ରସଙ୍ଗକୁ ନେଇ ଅନେକ ସ୍ତରରେ ବୈଠକ ହୋଇଛି। ଉଭୟ ପକ୍ଷର ସେନା ପଛକୁ ହଟିଛନ୍ତି ଏବଂ ଉଭୟ ସନ୍ତୁଷ୍ଟ ଅଛନ୍ତି। ତଥାପି, କେତେକ ବିବାଦୀୟ ସ୍ଥାନରେ କୌଣସି ବଫର୍ ଜୋନ୍ ନାହିଁ। ପୂର୍ବ ଲଦାଖର ଡେପସଙ୍ଗ ଏବଂ ଡେମଚୋକର ପାରମ୍ପାରିକ ଅଞ୍ଚଳରେ ପାଟ୍ରୋଲିଂ ଏବଂ ଗୋରୁ ଚରିବା ଆରମ୍ଭ ହୋଇଛି। ଆମର ନିୟୋଜନ ସନ୍ତୁଳିତ ଏବଂ ମଜଭୁତ, ଆମେ ଯେକୌଣସି ପରିସ୍ଥିତିର ମୁକାବିଲା କରିବାକୁ ସକ୍ଷମ ଅଟୁ। ଆମେ ସୀମାରେ ଭିତ୍ତିଭୂମି ଏବଂ ଦକ୍ଷତା ବିକାଶକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେଉଛୁ ବୋଲି ସ୍ଥଳ ସେନା ମୁଖ୍ୟ କହିଛନ୍ତି ସେହିପରି ଜମ୍ମୁ କଶ୍ମୀରରେ ହ୍ରାସ ପାଇଛି ଆତଙ୍କବାଦ। ଟେରରିଜିମରୁ ଟୁରିଜମ ଆଡକୁ ଅଗ୍ରସର ହେଉଛି ଉପତ୍ୟକା। କାଶ୍ମୀରରେ ଆଜିର ସ୍ଥିତି ନେଇ ଭାରତୀୟ ସ୍ଥଳ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଏହା କହିଛନ୍ତି। ଗତ ବର୍ଷ କଶ୍ମୀରରେ ନିପାତ ହୋଇଥିବା ଆତଙ୍କବାଦୀଙ୍କ ମଧ୍ୟରୁ ୬୦% ପାକିସ୍ତାନୀ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି। ଏବେ ଉପତ୍ୟକାରେ ସକ୍ରିୟ ଆତଙ୍କୀଙ୍କ ମଧ୍ୟରୁ ୮୦% ପାକିସ୍ତାନୀ ବୋଲି କହିଛନ୍ତି ସ୍ଥଳସେନା ମୁଖ୍ୟ। ତେବେ ଆତଙ୍କୀ କାର୍ଯ୍ୟକଳାପ ଓ ସୀମାପାର ଅନୁପ୍ରବେଶ ଜାରି ରହିଛି ବୋଲି କହିଛନ୍ତି। ଗତ କିଛି ମାସ ମଧ୍ୟରେ ଉତ୍ତର କାଶ୍ମୀର ଓ ଡୋଡା-କିସ୍ତୱାଡା ଅଞ୍ଚଳରେ ଆତଙ୍କୀ କାର୍ଯ୍ୟକଳାପ ବଢ଼ିଛି। ତେବେ ହିଂସା ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଭିତରେ ଥିବା କହିଛନ୍ତି।

## ଭେଟିବାକୁ ଆସିଲେ, ବାପାମା' ଦେଖିଲେ ପୁଅର ଝୁଲନ୍ତା ମୃତଦେହ

**ନୂଆଦିଲ୍ଲୀ, ୧୩।୧:** ପୁଅକୁ ଦେଖିବାକୁ ଯାଇଥିଲେ ବାପାମା'। ଆଇଆଇଟି ଖଡ଼ଗପୁରରେ ପଢୁଥିଲା ପୁଅ। ତେବେ ହଷ୍ଟେଲ ରୁମ୍ କବାଟ ଖୋଲୁ ଖୋଲୁ ପାଦ ତଳୁ ମାଟି ଖସି ଯାଇଥିଲା। ଝୁଲନ୍ତା ଅବସ୍ଥାରେ ପୁଅର ମୃତଦେହ ଦେଖିବାକୁ ପାଇଥିଲେ ବାପାମା'। ସୋମବାର ଦିନ ଆଇଆଇଟି-ଖଡ଼ଗପୁରର ହଷ୍ଟେଲ ରୁମ ଭିତରୁ ଜଣେ ତୃତୀୟ ବର୍ଷର ଇଞ୍ଜିନିୟରିଂ ଛାତ୍ରଙ୍କ ମୃତଦେହ ଉଦ୍ଧାର ହୋଇଛି। ରବିବାର ଦିନ ତାଙ୍କୁ ଭେଟିବାକୁ ଆସିଥିବା ତାଙ୍କ ପିତାମାତା ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ପଢୁଥିବା ୨୧ ବର୍ଷୀୟ ଛାତ୍ର ଶାନ୍ ମଲ୍ଲିକଙ୍କ ଝୁଲନ୍ତା ମୃତଶରୀର ଦେଖି ଭାଙ୍ଗି ପଡ଼ିଛନ୍ତି। ଶାନ୍ ପୂର୍ବ ରାତିରେ ତାଙ୍କ ବାପାମା'ଙ୍କ ସହ ଫୋନରେ କଥା ହୋଇଥିଲେ। ସବୁକିଛି ଠିକ୍ ଥିଲା। ତେବେ ସେ କାହିଁକି ଜୀବନ ହାରିଛନ୍ତି ଏନେଇ ତଦନ୍ତ ଜାରି ରହିଛି। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଜାନୁଆରି ୧୨ ତାରିଖ ସକାଳେ ଆଜାଦ ହଲ୍ ଅଫ୍ ରେସିଡେନ୍ସ ପରିସରରେ ତାଙ୍କର ମୃତଦେହ ମିଳିଛି। ରୁମ୍ ନମ୍ବର ୩୦୨ରେ ରହୁଥିଲେ। ଆଇଆଇଟି-ଖଡ଼ଗପୁର ପକ୍ଷରୁ କୁହଯାଇଛି ଯେ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ତୃତୀୟ ବର୍ଷର ଛାତ୍ର ଶାନ୍ ମଲିକଙ୍କ ଆକସ୍ମିକ ବିୟୋଗରେ ଛାତ୍ର, କର୍ମଚାରୀ ଏବଂ ଅଧ୍ୟାପକମାନେ ଗଭୀର ଶୋକ ପ୍ରକାଶ କରୁଛନ୍ତି।

## ଚୀନ୍‌ରେ କମିଲା ଏଚ୍ଏମ୍‌ପିଭି ସଂକ୍ରମିତଙ୍କ ସଂଖ୍ୟା

**ବେଜିଂ, ୧୩।୧:** ଚୀନ୍‌ର ଉତ୍ତରାଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ଭାଇରସ୍ ଏଚ୍ଏମ୍‌ପିଭି (ହ୍ୟୁମାନ ମେଟାନ୍ୟୁମୋଭାଇରସ୍) ସଂକ୍ରମଣ ହ୍ରାସ ପାଉଛି। ଚାଇନିଜ ସେଣ୍ଟର ଫର ଡିଜିଜ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନସନର ବିଶିଷ୍ଟ ଗବେଷିକା ୱାଙ୍ଗ ଲିପିଙ୍ଗ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ବର୍ତ୍ତମାନ ସଂକ୍ରମଣ ହାର, ସଂକ୍ରମିତଙ୍କ ସଂଖ୍ୟା ଓ ପଜିଟିଭିଟି ହା ଯଥେଷ୍ଟ ହ୍ରାସ ପାଇବାରେ ଲାଗିଛି। ଏଚ୍ଏମ୍‌ଭିଭି ଭାଇରସ୍ କୌଣସି ନୂଆ ନୁହେଁ। ୨୦୦୧ରେ ଦେଶରେ ଏହି ଭାଇରସ ଚିହ୍ନଟ ହୋଇଥିଲା।

## ଡଲାର ତୁଳନାରେ ସର୍ବକାଳୀନ ଦୁର୍ବଳ ସ୍ଥିତିରେ ଟଙ୍କା

**ମୁମ୍ବାଇ, ୧୩।୧:** ଭାରତୀୟ ମୁଦ୍ରା ଆମେରିକାର ଡଲାର ତୁଳନାରେ ସବୁଠାରୁ ଦୁର୍ବଳ ସ୍ଥିତିରେ ପହଞ୍ଚିଛି। କ୍ରମାଗତ ଦ୍ୱିତୀୟ ଥର ପାଇଁ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଇଛି। ଆମେରିକା ବଜାରରେ ନିଯୁକ୍ତି ଅଭିବୃଦ୍ଧି ଆଶା ଠାରୁ ଅଧିକ ରହିବାରୁ ଏପରି ସ୍ଥିତି ସୃଷ୍ଟି ହୋଇଛି। ଆଜି ଶେୟାର ବଜାର ଖୋଲିବା କ୍ଷଣି ଟଙ୍କାର ମୂଲ୍ୟ ହ୍ରାସ ପାଇଥିଲା। ଏବେ ୧ ଡଲାରର ମୂଲ୍ୟ ୮୬.୪୨ ଟଙ୍କା ରହିଛି। ପୂର୍ବ ତୁଳନାରେ ଆଜି ଟଙ୍କାର ମୂଲ୍ୟ ୩୮ ପଇସା ହ୍ରାସ ପାଇଛି। ପୂର୍ବରୁ କେବେ ହେଲେ ଏବି ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଏତେ ପରିମାଣର ହ୍ରାସ ପାଇ ନଥିଲା। ଶୁକ୍ରବାର ବଜାର ବନ୍ଦ ହେବା ବେଳକୁ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୧୮ ପଇସା ହ୍ରାସ ପାଇଥିଲା। ଗୋଟିଏ ଡଲାରର ମୂଲ୍ୟ ସେତେବେଳେ ୮୬.୦୪ ଟଙ୍କା ଥିଲା। ଆଜି ଏହା ପୁଣି ୩୮ ପଇସା ହ୍ରାସ ପାଇଛି।

## ମାତ୍ର ୧୦ ଟଙ୍କା ପାଇଁ ପୂର୍ବତନ ଆଇଏଏସ ଅଧିକାରୀଙ୍କୁ ନିର୍ଘୁମ ମାଡ଼

**ଜୟପୁର, ୧୩।୧:** ବସ୍ ଭିତରେ ବର୍ଷିଲା ଲାତ ଗୋଇଠା। ପୂର୍ବତନ ଆଇଏଏସ୍ ଅଧିକାରୀଙ୍କୁ ନିର୍ଘୁମ ପିଟିଲେ ବସ୍ କଣ୍ଡକ୍ଟର। ମାତ୍ର ୧୦ ଟଙ୍କା ପାଇଁ ବୟସ୍କ ଆଇଏଏସ୍ ଅଧିକାରୀଙ୍କୁ ବସ୍ ଭିତରେ ହିଁ ଆକ୍ରମଣ କଲେ। ଏଭଳି କିଛି ଘଟଣା ସାମ୍ନାକୁ ଆସିଛି ରାଜସ୍ଥାନର ଜୟପୁରରୁ। ପୂର୍ବତନ ଆଇଏଏସ୍ ଅଧିକାରୀ ଆର୍‌ଏଲ୍ ମୀନା। ତାଙ୍କ ବୟସ ୭୫ ବର୍ଷ। ଶୁକ୍ରବାର ୧୧ଟା ବେଳେ ସେ ବସ୍ ଯୋଗେ ଜୟପୁରରୁ ନାୟଲା ଯାଉଥିଲେ। ତେବେ ସେ କୋନୋଟା ବସଷ୍ଟାଣ୍ଡ ଯାଏ ଟିକେଟ୍ ନେଇଥିଲେ। ତାଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ପାଇଁ କଣ୍ଡକ୍ଟର ତାଙ୍କୁ ଅଧିକ ୧୦ ଟଙ୍କା ମାଗିଥିଲା। କିନ୍ତୁ ଆର୍‌ଏଲ୍ ମୀନା ଦେବାକୁ ମନା କରିଦେଇଥିଲେ। ଅଭିଯୋଗ ହୋଇଛି ଯେ ଭଡା ବିବାଦକୁ ନେଇ କଣ୍ଡକ୍ଟର ତାଙ୍କୁ ନାୟଲା ପହଞ୍ଚିବା ପରେ ମଧ୍ୟ କାନୋଟା ବସ୍‌ଷ୍ଟାଣ୍ଡରେ ଗାଡି ଅଟକାଇ ନଥିଲା। ଏହା ଦେଖି ପୂର୍ବତନ ଆଇଏଏସ୍ ଅଧିକାରୀ ଗାଡ଼ି ଅଟକାଇବା ପାଇଁ କଣ୍ଡକ୍ଟରକୁ କହିଥିଲେ। କଣ୍ଡକ୍ଟର କିନ୍ତୁ ତାଙ୍କୁ ପ୍ରଥମେ ଧକ୍କା ଦେଇଥିଲା। ଏଥିରେ ରାଗି ଆଇଏସ୍ ଅଧିକାରୀ କଣ୍ଡକ୍ଟରଙ୍କୁ ଚାପୁଡ଼ା ମାରିଥିଲେ। ବାସ୍ ଏତିକି ରାଗି ଯାଇଥିଲା ଅଭିଯୁକ୍ତ କଣ୍ଡକ୍ଟର। ସେ ଆର୍‌ଏଲ ମୀନାଙ୍କୁ ନିର୍ଘୁମ ମାଡ଼ ମାରିଥିଲା। ଏହି ପୂରା ଘଟଣାର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ବାଂଲାଦେଶ ଡେପୁଟି ହାଇ କମିଶନରଙ୍କୁ ଭାରତର ସମନ୍

**ନୂଆଦିଲ୍ଲୀ, ୧୩।୧:** ଭାରତ ଓ ବାଂଲାଦେଶ ମଧ୍ୟରେ ଲଗାତର ସମ୍ପର୍କ ତିକ୍ତ ହେବାରେ ଲାଗିଛି। ବଢ଼ିବାରେ ଲାଗିଛି ସୀମା ବିବାଦ। ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ବହିଷ୍କାର କରିବା ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ତିକ୍ତ ଥିବା ଜଣାପଡିଛି। ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ ଭାରତୀୟ ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ସୁରକ୍ଷାକୁ କଡାକଡି କରିଛି। ସୀମାନ୍ତ ଅଞ୍ଚଳରେ ବିଏସଏଫ ତୀକ୍ଷ୍ଣ ନଜର ରଖିଛି, ଯେଉଁ କାରଣରୁ ବାଂଲାଦେଶର ମହମ୍ମଦ ୟୁନୁସ ସରକାର ହଡବଡେଇ ଯାଇଛନ୍ତି। ଏବେ ବାଂଲାଦେଶକୁ ତା' ଭାଷାରେ ଜବାବ ଦେଇଛି ଭାରତ। ରବିବାର ବାଂଲାଦେଶ ବୈଦେଶିକ ମନ୍ତ୍ରଣାଳୟ ଭାରତୀୟ ହାଇ କମିଶନର ପ୍ରଣୟ ବର୍ମାଙ୍କୁ ଡାକି ସୀମାରେ ବିଏସଏଫ ଦ୍ୱାରା କରାଯାଇଥିବା ତାର ବାଡକୁ ନେଇ ଆପତ୍ତି ଜଣାଇଥିଲା। ସୋମବାର ଭାରତ ନୂଆ ଦିଲ୍ଲୀରେ ଥିବା ବାଂଲାଦେଶର ଡେପୁଟି ହାଇ କମିଶନର ନୁରାଲ ଇସଲାମଙ୍କୁ ଡକାଇଛି। ବାଂଲାଦେଶର ବୈଦେଶିକ ମନ୍ତ୍ରଣାଳୟ ସୀମାରେ ତାର ବାଡକୁ ବେଆଇନ ଉଦ୍ୟମ ବୋଲି କହିଛି। ତେବେ ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ଏ ବାବଦରେ କୌଣସି ବିବୃତ୍ତି ଦେଇନାହାଁନ୍ତି। ଅନୁପ୍ରବେଶକାରୀଙ୍କୁ ରୋକିବାକୁ ଭାରତ ନିଜ ସୀମାରେ ବାଡ଼ ତିଆରି କରୁଛି। ଯାହାକୁ ବାଂଲାଦେଶ ସରକାର ସହଜରେ ଗ୍ରହଣ କରିପାରୁନାହାନ୍ତି। ଏଥିଲାଗି ତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଭାରତର ହାଇକମିଶନଙ୍କୁ ନୋଟିସ କରି ଆଲୋଚନା ବି କରୁଛି। କିନ୍ତୁ ନିଜ ସୀମାରେ ଭାରତ ତିଆରି କରୁଥିବା ବାଡ଼ରେ ବାଂଲାଦେଶର କି ଅସୁବିଧା ତାହାକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ହସିନାଙ୍କ ସରକାର ଯିବା ପରେ ଏବେ ବାଂଲାଦେଶ ଜାଣିଶୁଣି କେଁ ବାହାର କରୁଥିବା ସ୍ପଷ୍ଟ ହୋଇଛି।

## ନାମାଙ୍କନ ଦାଖଲ କରିପାରିଲେନି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ

**ନୂଆଦିଲ୍ଲୀ, ୧୩।୧:** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଏବଂ ଆପ୍ ନେତ୍ରୀ ଆତିଶୀ ସୋମବାର ନିଜର ନାମାଙ୍କନ ଦାଖଲ କରିପାରି ନାହାନ୍ତି। କାଲକାଜୀ ଆସନରୁ ପ୍ରାର୍ଥୀ ହୋଇଥିବା ଆତିଶୀ ଆଜି ନାମାଙ୍କନ ଦାଖଲ କରିବାରେ ବିଫଳ ହୋଇଛନ୍ତି। ଆଜି ତାଙ୍କ ସହ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଏବଂ ଆପ୍‌ର ବରିଷ୍ଠ ନେତା ମନୀଷ ସିସୋଦିଆ ମଧ୍ୟ ସାମିଲ ଥିଲେ। ନାମାଙ୍କନ ଦାଖଲ ନକରି ଆତିଶୀ ନିର୍ବାଚନ ଆୟୋଗଙ୍କ ପାଖରେ ପହଞ୍ଚିଛନ୍ତି। ବିଶେଷ କରି ପାଟପରଗଞ୍ଜରୁ ଆପ୍ ପ୍ରାର୍ଥୀ ଅଓ୍ୱଧ ଓଝାଙ୍କ ଭୋଟ୍ ଟ୍ରାନ୍ସଫରକୁ ନେଇ ଆପ୍‌ରେ ଚିନ୍ତା ବୃଦ୍ଧି ପାଇଛି। ଏହାକୁ ନେଇ ଆପ୍‌ର ରାଷ୍ଟ୍ରୀୟ ସଂଯୋଜକ କେଜ୍ରିଓ୍ୱାଲଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ମଧ୍ୟ ନିର୍ବାଚନ ଆୟୋଗଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଅଓ୍ୱଧ ଓଝାଙ୍କ



ଭୋଟ୍ ଗ୍ରେଟର ନୋଏଡାରୁ ଦିଲ୍ଲୀକୁ ସ୍ଥାନାନ୍ତର କରାଇବାର ଅଛି। ଏନେଇ ଜାନୁଆରୀ ୭ରେ ଫର୍ମ-୮ ପୂରଣ କରି ନିର୍ବାଚନ ଆୟୋଗଙ୍କୁ ଦେଇଥିଲେ ଆପ୍ ପ୍ରାର୍ଥୀ ଅଓ୍ୱଧ ଓଝା। କିନ୍ତୁ ଏହି ଫର୍ମ ପୂରଣ କରିବାର ଶେଷ ତାରିଖକୁ ନିର୍ବାଚନ ଆୟୋଗ କମାଇ ଜାନୁଆରୀ ୬ କରିଦେଇଥିବା

### ନିର୍ବାଚନ ଆୟୋଗଙ୍କ ଦ୍ୱାରସ୍ଥ

ନେଇ ଆପ୍ ଅଭିଯୋଗ କରିଛି। ତେବେ ଦିଲ୍ଲୀ ନିର୍ବାଚନ ଆୟୋଗ ଏଭଳି କରି ଓଝାଙ୍କୁ ନିର୍ବାଚନ ମୈଦାନରୁ ଦୂରେଇ ରଖିବାକୁ ଚେଷ୍ଟା କରୁଥିବା ଦାବି କରିଛି ଆପ୍।

ଯଦିଓ ନିର୍ବାଚନ ଆୟୋଗଙ୍କ ପାଖରୁ ଡାକରା ମିଳିନାହିଁ ତଥାପି ଦଳୀୟ ପ୍ରତିନିଧିମଣ୍ଡଳୀ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ସାକ୍ଷାତ କରିବାକୁ ସେଠାରେ ଡେରା ପକାଇବ ବୋଲି କେଜ୍ରିଓ୍ୱାଲ କହିଛନ୍ତି। ତେବେ ଏହି ପ୍ରତିନିଧିଙ୍କ ମଧ୍ୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ ଏବଂ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ, ଆପ୍ ସାଂସଦ ସଂଜୟ ସିଂ ଓ ରାଘବ ଚଡ୍ଢା ପ୍ରମୁଖ ସାମିଲ ରହିବେ ବୋଲି ଜଣାପଡ଼ିଛି।

## କୁମ୍ଭମେଳାରେ ଷ୍ଟିଭ୍ ଜବସ୍‌ଙ୍କ ପତ୍ନୀ

### ଗଳାରେ ରୁଦ୍ରାକ୍ଷ ମାଳା, ଦେହରେ ଗେରୁଆ ବସ୍ତ୍ର



**ପ୍ରୟାଗରାଜ, ୧୩।୧:** ଗଳାରେ ରୁଦ୍ରାକ୍ଷ ମାଳା। ଦେହରେ ଗେରୁଆ ବସ୍ତ୍ର। ଭକ୍ତି ରଙ୍ଗରେ ରଙ୍ଗେଇ ହେଲେ ଆପଲ୍‌ର ସହ ପ୍ରତିଷ୍ଠାତା ଦିବଙ୍ଗତ ଷ୍ଟିଭ୍ ଜବସ୍‌ଙ୍କ ପତ୍ନୀ ଲରେନ୍ ପାଓ୍ୱେଲ ଓରଫ କମଳା। ସେ ମହାକୁମ୍ଭ ମେଳାରେ ବୁଡ଼ ପକାଇବେ। ଏଥିପାଇଁ ପ୍ରୟାଗରାଜରେ ସେ ଶନିବାରଠୁ ଡେରା ପକାଇଛନ୍ତି। ଗଙ୍ଗା, ଯମୁନା ଏବଂ ସରସ୍ୱତୀ ନଦୀର ସଙ୍ଗମସ୍ଥଳ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇବେ ଲରେନ୍ ପାଓ୍ୱେଲ। ଏଥିପାଇଁ ଲରେନ୍ ଶନିବାର ରାତିରେ ଏକ ୪୦ ଜଣିଆ ଦଳ ସହିତ ଆମେରିକାରୁ ଆସିଛନ୍ତି। ଏମାନେ ସମସ୍ତେ କୁମ୍ଭମେଳାରେ ଅତିଥିଙ୍କ ପାଇଁ ତିଆରି ହୋଇଥିବା ଆଧ୍ୟାତ୍ମିକ ଶିବିରରେ ଅଛନ୍ତି। ଲରେନ୍ ପାଓ୍ୱେଲଙ୍କ ସହ ତାଙ୍କ ସହ ଆସିଥିବା ଆମେରିକାର ଅନ୍ୟ ଲୋକମାନେ ମଧ୍ୟ ମାହାକୁମ୍ଭରେ ପୂଜା କରିଛନ୍ତି। ଆଉ ହର ହର ମହାଦେବର ନାରା ଦେଇଥିବା ଦେଖିବାକୁ ମିଳିଛି। ନୀରଞ୍ଜନ ଆଖଡାର ଆଚାର୍ଯ୍ୟ କୈଳାଶନନ୍ଦ ଗିରି ମହାରାଜ ଲରେନ୍ ପାଓ୍ୱେଲଙ୍କୁ ଆଧ୍ୟାତ୍ମିକ ନିବିଡ଼ତାର ପ୍ରତୀକ ଭାବେ କମଳା ନାମ ଦେଇଥିଲେ। ସେ ପ୍ରୟାଗରାଜ ଆସିବା ପୂର୍ବରୁ ବାରଣାସୀ ଯାଇଥିଲେ। ସେଠାରେ ସେ କାଶୀବିଶ୍ୱନାଥ ମନ୍ଦିର ଯାଇ ଦର୍ଶନ କରିଥିଲେ। ତାଙ୍କ ସହ କୈଳାଶନନ୍ଦ ଗିରି ମହାରାଜ ମଧ୍ୟ ମନ୍ଦିର ଯାଇଥିଲେ।

## ସଚ୍ଚୋଟତା ଉପରେ ସନ୍ଦେହ, ଆପ୍ ଉପରେ ବର୍ଷିଲେ ହାଇକୋର୍ଟ

**ନୂଆଦିଲ୍ଲୀ, ୧୩।୧:** ପାଖେଇ ଆସିଲାଣି ଦିଲ୍ଲୀ ବିଧାନସଭା ନିର୍ବାଚନ। ଆସନ୍ତା ମାସରେ ପଡିବ ଭୋଟ୍। ଏହି ନିର୍ବାଚନୀ ଭିତରେ ଆମ୍ ଆଦମୀ ପାର୍ଟି ସରକାର ଉପରେ ବର୍ଷିଛନ୍ତି ଦିଲ୍ଲୀ ହାଇକୋର୍ଟ। ସିଏଜି ରିପୋର୍ଟକୁ ନେଇ କଡ଼ା ସମାଲୋଚନା କରିଛନ୍ତି। ଆପର୍ ସଚ୍ଚୋଟତା ଉପରେ କୋର୍ଟ ସନ୍ଦେହ ପ୍ରକାଶ କରିଛନ୍ତି।



### ସିଏଜି ରିପୋର୍ଟ

ସିଏଜି ରିପୋର୍ଟକୁ ନେଇ ଆମ୍ ଆଦମୀ ପାର୍ଟି ଯେଉଁ ପ୍ରକାରେ ନିଜ ଗୋଡ ପଛକୁ ହଟାଇଛି ତାକୁ ନେଇ ତା'ର ସଚ୍ଚୋଟତା ଉପରେ ସନ୍ଦେହ ସୃଷ୍ଟି ହୋଇଥିବା କୋର୍ଟ କହିଛନ୍ତି। ମିଡିଆରେ ସିଏଜିର ଦୁଇଟି ରିପୋର୍ଟ ଲିକ୍ ହେବା ପରେ କୋର୍ଟଙ୍କ ଏହି ଟିପ୍ପଣୀ ସାମ୍ନାକୁ ଆସିଛି। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ବଙ୍ଗଳା ପିଛା ବେଆଇନ ରୂପେ କୋଟ କୋଟି ଟଙ୍କା ଖର୍ଚ୍ଚ ଓ ମଦ ନୀତ ଯୋଗୁ ୨୦୦୦ କୋଟିରୁ ଅଧିକ ଟଙ୍କାର ରାଜସ୍ୱ କ୍ଷତି ହୋଇଥିବା ଦାବି କରାଯାଇଛି। ଜଷ୍ଟିସ ସଚ୍ଚିନ ଦତ୍ତାଙ୍କ ଏକକ ଖଣ୍ଡପୀଠ ସିଏଜି ରିପୋର୍ଟକୁ ନେଇ ଦିଲ୍ଲୀ ସରକାରଙ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି। ବିଧାନସଭାରେ ୧୪ଟି ସିଏଜି ରିପୋର୍ଟ ଉପସ୍ଥାନ କରିବାରେ ବିଳମ୍ବ କରିବାକୁ ନେଇ କୋର୍ଟ ଦିଲ୍ଲୀ ସରକାରଙ୍କୁ ତାଗିଦ୍ କରିଛନ୍ତି।

ସିଏଜି ରିପୋର୍ଟକୁ ଯେପରି ଗୃହରେ ଉପସ୍ଥାନ କରିବାକୁ ପଡିବ ନାହିଁ ସେଥିପାଇଁ ଦିଲ୍ଲୀ ସରକାର ବିଧାନସଭାର ଏକ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ପଛଘୁଞ୍ଚା ଦେଇଛନ୍ତି। ଆପଣଙ୍କୁ(ଆପ୍ ସରକାର) ସିଏଜି ରିପୋର୍ଟକୁ ବିଧାନସଭା ବାଚସ୍ପତିଙ୍କ ନିକଟକୁ ପଠାଇବାର ଥିଲା ଏବଂ ଗୃହରେ ଏହା ଉପରେ ଆଲୋଚନା ଆରମ୍ଭ କରିବାର ଥଲା। କିନ୍ତୁ ଏଥିରେ ଆପଣ ବିଳମ୍ବ କରିଛନ୍ତି। ଏହାଦ୍ୱାରା ଆପ୍ ସଚ୍ଚୋଟତା ଉପରେ ସନ୍ଦେହ ସୃଷ୍ଟି ହେଉଛି ବୋଲି ହାଇକୋର୍ଟ କହିଛନ୍ତି। ହାଇକୋର୍ଟ ଜୋର ଦେଇ କହିଛନ୍ତି ଯେ, ତୁରନ୍ତ ସିଏଜି ରିପୋର୍ଟକୁ ଦିଲ୍ଲୀ ସରକାର ବାଚସ୍ପିତଙ୍କ ନିକଟକୁ ପଠାଇ ଗୃହରେ ଆଲୋଚନା କରିବା ଉଚିତ। ଆଜି ଅପରାହ୍ନ ସାଢ଼େ ୨ଟାରେ ଏହି ମାମଲାର ଶୁଣାଣି ହେବ। ସୂଚନାଯୋଗ୍ୟ, ସିଏଜି ରିପୋର୍ଟକୁ ଦର୍ଶାଇ ବିଜେପି ଦାବି କରିଛି ଯେ ମଦ ନୀତି ଦୁର୍ନୀତି ହେତୁ ଦିଲ୍ଲୀର ୨୦୨୬ କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଛି। ଦିଲ୍ଲୀର ମଦ ଦୁର୍ନୀତିରେ ଅନେକ ଆପ ନେତା ଲାଞ୍ଚ ମିଳିଥିବା ଦାବି କରାଯାଇଛି।

## ସପ୍ତାହେ ଧରି ଜଳୁଛି ଲସ୍ ଆଞ୍ଜେଲ୍ସ ଜଙ୍ଗଲ, ମୃତ୍ୟୁସଂଖ୍ୟା ୨୪

**ନୂଆଦିଲ୍ଲୀ, ୧୩।୧:** ଆମେରିକା ଦେଖୁଛି ପ୍ରକୃତିର କରାଳ ରୂପ। ଭୟଙ୍କର ହେଉଛି କାଲିଫର୍ଣ୍ଣିଆ ନିଆଁ। ସପ୍ତାହେ ଧରି ଜଳୁଛି ଆମେରିକାର ସବୁଠୁ ମହଙ୍ଗା ସିଟି ଲସ୍ ଆଞ୍ଜେଲ୍ସ। ଜଙ୍ଗଲ ନିଆଁରେ ଛାରଖାର ହୋଇଗଲାଣି ହଲିଉଡ ସେଲିବ୍ରିଟି ଓ ରାଜନେତାଙ୍କ ବିଳାସପୂର୍ଣ୍ଣ ଘର। ନିଆଁର ଆଁରେ ଗ୍ରାସି ହୋଇଗଲାଣି ଲୋକଙ୍କ ଘରଦ୍ୱାର ଓ ବିଶାଳ ଅଟ୍ଟାଳିକା। ଏପର୍ଯ୍ୟନ୍ତ ଗଲାଣି ୨୪ ଜୀବନ। ଜଙ୍ଗଲରେ ଲାଗିଥିବା ନିଆଁ ଥମିବାର ନାଁ ନେଉନି। ହଲିଉଡରେ ନଷ୍ଟ ହୋଇଯାଇଛି ୫୦୦ ଶହ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି। ଏପରିକି ବ୍ରେଟନଉଡ୍ ଅଞ୍ଚଳରେ ଥିବା ଉପରାଷ୍ଟ୍ରପତି କମଲା ହାରିସଙ୍କ ଘର ଖାଲି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।



ସାନଫ୍ରାନ୍ସିସକୋଠାରୁ ବିଶାଳ ଅଞ୍ଚଳକୁ ନିଆଁ ବ୍ୟାପିଥିବା ବେଳେ ମୋଟ ୧୨ ହଜାର କୋଠା ନଷ୍ଟ ହୋଇଛି। ଏଥିସହ ନିଆଁ କବଳରୁ ବର୍ତ୍ତିବା ପାଇଁ ୧୩ ଲକ୍ଷ ଲୋକ ଘର ଛାଡ଼ି ପଳାଇଛନ୍ତି। ଆଉ ଏବେ ଯାଏଁ ୨୪ ଜଣଙ୍କ ଜୀବନ ନେଇଛି ପ୍ରଳୟଙ୍କାରୀ ଜଙ୍ଗଲ ନିଆଁ। ଏ ପର୍ଯ୍ୟନ୍ତ ୧୩ ଜଣ ନିଖୋଜ ଅଛନ୍ତି। ଖରାପ ପାଗ ଯୋଗୁଁ ନିଆଁ ଆହୁରି ବ୍ୟାପିପାରେ ବୋଲି ଜାତୀୟ ପାଣିପାଗ ବିଭାଗ ସତର୍କ କରାଇଛି। ଆଗକୁ ମୃତକଙ୍କ ସଂଖ୍ୟା ବଢ଼ିପାରେ ବୋଲି ଅଧିକାରୀମାନେ କହିଛନ୍ତି। ଲସ୍ ଆଞ୍ଜେଲ୍ସ ଓ ଭେଣ୍ଟୁରା-କାଉଣ୍ଟି ଅଞ୍ଚଳର ହଜାରେ ଏକରରୁ ଅଧିକ ଜଙ୍ଗଲରେ ନିଆଁ ଲାଗିଛି। ପ୍ରସିଦ୍ଧ ହଲିଉଡ୍ ହିଲ୍ସ ବି ଜଳୁଛି। ସବୁଠୁ ଅଧିକ ଚିନ୍ତା ବଢ଼ାଇଛି ସମୁଦ୍ରକୂଳରୁ ବହୁଥିବା ପ୍ରାୟ ୧୦୦ କିଲୋମିଟର ବେଗରେ ପବନ। ଯାହା ଫଳରେ ନିଆଁ ଥମିବା ପରିବର୍ତ୍ତେ ଆହୁରି ହୁତୁହୁତୁ ହୋଇ ଜଳିବାରେ ଲାଗିଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଅନେକ ଅଗ୍ନିଶମ ବାହିନୀ ଟିମ୍ ନିୟୋଜିତ ହୋଇଛନ୍ତି। ଆକାଶମାର୍ଗରୁ ବିମାନ ଓ ହେଲିକପ୍ଟର ଯୋଗେ ପାଣି ମଧ୍ୟ ପକାଯାଉଛି। ହେଲେ ନିଆଁକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରାଯାଇପାରିନାହିଁ। ଏହା ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। ଲସ୍ ଏଞ୍ଜେଲସରେ ଲାଗିଥିବା ନିଆଁ ଯୋଗୁଁ ଏ ପର୍ଯ୍ୟନ୍ତ ୪ କୋଟି ୩୦ ଲକ୍ଷ ଟଙ୍କା କ୍ଷତି ହେଲାଣି। ପାଲିସେଡସରେ ସର୍ବାଧିକ ୨୧ ହଜାର ୫୯୬ ଏକର ଜଙ୍ଗଲରେ ନିଆଁ ଲାଗିଥିବାବେଳେ ମାତ୍ର ୮ ପ୍ରତିଶତ ଆୟତ ହୋଇଛି । ସେହିଭଳି ଇଟନରେ ୧୪ ହଜାର ୧୧୭ ଏକରରେ ନିଆଁ ଲାଗିଥିବାବେଳେ ୧ ହଜାର ଏକରରେ ଆୟତ ହୋଇଛି। ଅନ୍ୟପଟେ ପୋଡ଼ି ଯାଇଥିବା ସହରରେ ଚୋରି, ଲୁଟ୍‌ତରାଜ ମାମଲା ବୃଦ୍ଧି ପାଇବାରେ ଲାଗୁଛି। ଅନେକ ସେଲିବ୍ରିଟିଙ୍କ ଘରକୁ ଟାର୍ଗେଟ୍ କରାଯାଉଛି। ଏହି ମାମଲାରେ ୨୦ ଜଣଙ୍କୁ ଗିରଫ କରାଯାଇଛି । ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ପରିସ୍ଥିତିକୁ ଯୁଦ୍ଧ ଭଳି ଦୃଶ୍ୟ ବୋଲି କହିଛନ୍ତି। କାନାଡ଼ା ଏବଂ ମେକ୍ସିକୋ ମଧ୍ୟ ରିଲିଫ୍ ପ୍ରୟାସରେ ସହଯୋଗ କରିବା ଆରମ୍ଭ କରିଛନ୍ତି।

# ଫେବୃଆରୀ ୨୦ରୁ କଟକରେ ଜାତୀୟ କବାଡ଼ି ଚାମ୍ପିଅନ୍‌ଶିପ




**କଟକ, ୧୩।୧:** ପ୍ରଥମଥର ପାଇଁ ଓଡ଼ିଶାରେ ଖେଳାଯିବ ଜାତୀୟ ସିନିୟର କବାଡି ଚାମ୍ପିୟନଶିପ। ଆସନ୍ତା ଫେବୃଆରୀ ୨୦ରୁ ୨୩ ତାରିଖ ଯାଏ ୭୧ତମ ଜାତୀୟ ପୁରୁଷ ସିନିୟର କବାଡି ଚାମ୍ପିୟନଶିପ କଟକର ଜବାହାରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଆୟୋଜନ ହେବ। ଆମେଚର କବାଡି ଫେଡେରେସନ ଅଫ ଇଣ୍ଡିଆ ଓ ଓଡ଼ିଶା କବାଡି ଆସୋସିଏସନ୍ ପକ୍ଷରୁ ଏହି ଚମ୍ପିୟାନଶିପକୁ ଆୟୋଜନ କରାଯାଉଛି। ରାଜ୍ୟ ସରକାର ମଧ୍ୟ ଏହି ଚାମ୍ପିୟନଶିପରେ ସହଯୋଗ କରିବେ। ଟୁର୍ଣ୍ଣାମେଣ୍ଟରେ ୩୦ଟି ରାଜ୍ୟର ୪୫୦ରୁ ଅଧିକ ଖେଳାଳି ଭାଗ ନେବେ। ସେହିପରି ପ୍ରତିଯୋଗିତାରେ ୫ଟି ଡିପାର୍ଟମେଣ୍ଟାଲ ଦଳ ମଧ୍ୟ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଏହା ସିନୟର ଚାମ୍ପିୟନଶିପ ହୋଇଥିବାରୁ ବିଭିନ୍ନ ରାଜ୍ୟରୁ ଭାରତକୁ ପ୍ରତିନିଧିତ୍ୱ କରୁଥିବା ଷ୍ଟାର କବାଡି ଖେଳାଳି ଓ ପ୍ରୋ କବାଡି ଲିଗରେ ଭାଗ ନେଇ ନିଜର ଜଲୱା ଦେଖାଉଥିବା ଖେଳାଳିମାନେ ମଧ୍ୟ ଅଂଶଗ୍ରହଣ କରିବେ ବୋଲି ଓଡ଼ିଶା କବାଡି ଆସୋସିଏସନର ସମ୍ପାଦକ ଅଜୟ ବେହେରା ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି। ସେ କହିଛନ୍ତି, "ଦେଶର ସମସ୍ତ ରାଜ୍ୟର ଦଳଗୁଡ଼ିକ ଚାମ୍ପିୟନଶିପରେ ଭାଗ ନେବେ। ଏହାବାଦ ୫ଟି ଅଫିସିଆଲ ଦଳ- ସର୍ଭିସେସ, ଇଣ୍ଡିଆନ ରେଲୱେ, ବ୍ୟାଙ୍କ ସ୍ପୋର୍ଟସ, ଇଲେକ୍ଟ୍ରିସିଟି ବୋର୍ଡ ଓ ମେଜର ପୋର୍ଟସ ମ୍ୟାଚ୍ ଖେଳିବେ। ଖେଳାଳି ଓ ଅଫିସିଆଲଙ୍କୁ ମିଶାଇ ମୋଟ ୭୫୦ ଜଣ ଚାମ୍ପିୟନଶିପରେ ସାମିଲ ହେବେ।

ଚାମ୍ପିୟନଶିପର ଓପନିଂ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେବାର କାର୍ଯ୍ୟକ୍ରମ ଥିବା ବେଳେ ଉଦଯାପନୀ ଉତ୍ସବରେ କିଛି କେନ୍ଦ୍ରମନ୍ତ୍ରୀ ଯୋଗଦେବେ। ପ୍ରଥମଥର ପାଇଁ ଓଡ଼ିଶାରେ ସିନିୟର କବାଡି ଚାମ୍ପିୟନଶିପ ଆୟୋଜନ ହେଉଛି।

## ଅସ୍ମିତା ଖେଲୋ ଇଣ୍ଡିଆ ଜାତୀୟ ମହିଳା ଜୋନାଲ୍ ଭାରୋତ୍ତୋଳନ

# ୨ରୌପ୍ୟ ସହ ଓଡ଼ିଶାକୁ ୧୬ ପଦକ




**ବ୍ରହ୍ମପୁର, ୧୩।୧:** ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡ଼ିୟମ୍‌ରେ ଚାଲିଥିବା ଅସ୍ମିତା ଖେଲୋ ଇଣ୍ଡିଆ ଜାତୀୟ ମହିଳା ଜୋନାଲ୍ ଭାରୋତ୍ତୋଳନ ପ୍ରତିଯୋଗିତାର ଚତୁର୍ଥ ଦିନରେ ଓଡ଼ିଶାର ଖେଳାଳି ଜିତିଛନ୍ତି ଦୁଇଟି ରୌପ୍ୟ ପଦକ। ୭୧ କିଲୋ ବରିଷ୍ଠ ବର୍ଗରେ ବିହାରର ଖୁସ୍‌ବୁ କୁମାରୀ ମୋଟ ୧୬୯ (ସ୍ନାଚ୍‌ରେ ୭୫ ଓ କ୍ଲିନ୍ ଆଣ୍ଡ ଜର୍କରେ ୯୪) ସ୍ୱର୍ଣ୍ଣପଦକ, ଝାଡ଼ଖଣ୍ଡର ଆରୁହି କୁମାରୀ ମୋଟ ୧୩୫ (ସ୍ନାଚ୍‌ରେ ୫୫ ଓ କ୍ଲିନ୍ ଆଣ୍ଡ ଜର୍କରେ ୮୦) ରୌପ୍ୟପଦକ ଓ ଜମ୍ମୁ କଶ୍ମୀରର ଏସ୍.ଏ. ସାଲା ମୋଟ ୧୩୫ (ସ୍ନାଚ୍‌ରେ ୬୦ ଓ କ୍ଲିନ ଆଣ୍ଡ ଜର୍କରେ ୭୫)ଭାର ଉଠାଇ ବ୍ରୋଞ୍ଜପଦକ ହାସଲ କରିଛନ୍ତି। ଯୁବବର୍ଗରେ ହରିୟାଣାର କମୋଲ ଭାଟି ମୋଟ ୧୫୦ (ସ୍ନାଚ୍‌ରେ ୭୦ ଓ କ୍ଲିନ ଆଣ୍ଡ୍ ଜର୍କରେ ୮୦)ଙ୍କୁ ସ୍ୱର୍ଣ୍ଣ, ଝାଡ଼ଖଣ୍ଡର ଆରୁହି କୁମାରୀ ମୋଟ ୧୩୫ ( ସ୍ନାଚ୍‌ରେ ୫୫ ଓ କ୍ଲିନ ଆଣ୍ଡ୍ ଜର୍କରେ ୮୦)ଙ୍କୁ ରୌପ୍ୟ, ତାମିଲନାଡୁର ଇ. ପ୍ରିୟଦର୍ଶିନୀ ମୋଟ ୧୩୪ (ସ୍ନାଚ୍‌ରେ ୬୩ ଓ କ୍ଲିନ ଆଣ୍ଡ୍ ଜର୍କରେ ୭୧) ବ୍ରୋଞ୍ଜପଦକ ହାସଲ କରିଛନ୍ତି।

କନିଷ୍ଠରେ ଖୁସ୍‌ବୁ କୁମାରୀ ମୋଟ ୧୬୯ (ସ୍ନାଚ୍‌ରେ ୭୫ ଓ କ୍ଲିନ ଆଣ୍ଡ ଜର୍କରେ ୯୪) ସ୍ୱର୍ଣ୍ଣ, ଆସାମର ଦୁଖମେସାଙ୍ଗ ଟୁନୁଙ୍ଗ ମୋଟ ୧୫୮( ସ୍ନାଚ୍‌ରେ ୭୦ ଓ କ୍ଲିନ ଆଣ୍ଡ ଜର୍କରେ ୮୮) ଙ୍କୁ ରୌପ୍ୟ ଓ ଝାଡ଼ଖଣ୍ଡର ଆରୁହି କୁମାରୀ ମୋଟ ୧୫୭ (ସ୍ନାଚ୍‌ରେ ୭୦ ଓ କ୍ଲିନ ଆଣ୍ଡ ଜର୍କରେ ୮୭)ରେ ବ୍ରୋଞ୍ଜପଦକ ହାସଲ କରିଛନ୍ତି। ୭୬ କିଲୋ ବର୍ଗର ବରିଷ୍ଠରେ ତାମିଲନାଡୁର ସୁଭିକ୍ଷା କେ ମୋଟ ୧୮୪ (ସ୍ନାଚ୍‌ରେ ୮୨ ଓ କ୍ଲିନ ଆଣ୍ଡ ୧୦୨)ରେ ସ୍ୱର୍ଣ୍ଣ, ଓଡ଼ିଶାର ଏମ୍ କିର୍ତ୍ତୀ ମୋଟ ୧୭୯ (ସ୍ନାଚ୍‌ରେ ୭୯ ଓ କ୍ଲିନ ଆଣ୍ଡ ୧୦୦)ରେ ରୌପ୍ୟ ଓ ବିହାରର ସାଲିନୀ କୁମାରୀ ମୋଟ ୧୭୩ (ସ୍ନାଚ୍‌ରେ ୭୮ ଓ କ୍ଲିନ ଆଣ୍ଡ ୯୫)ରେ ବ୍ରୋଞ୍ଜପଦକ ମିଳିଛି। ଯୁବବର୍ଗରେ ତାମିଲନାଡୁର ସୁଭିକ୍ଷା କେ ମୋଟ ୧୮୪ (ସ୍ନାଚ୍‌ରେ ୮୨ ଓ କ୍ଲିନ ଆଣ୍ଡ ୧୦୨)ରେ ସ୍ୱର୍ଣ୍ଣ, ବିହାରର ସାଲିନୀ କୁମାରୀ ମୋଟ ୧୭୩ (ସ୍ନାଚ୍‌ରେ ୭୮ ଓ କ୍ଲିନ ଆଣ୍ଡ ୯୫) ରୌପ୍ୟପଦକ ଓ ହରିୟାଣାର ମଞ୍ଜୁ ମୋଟ ୧୬୬ (ସ୍ନାଚ୍‌ରେ ୭୧ ଓ କ୍ଲିନ ଆଣ୍ଡ ୯୫)ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। କନିଷ୍ଠ ବର୍ଗରେ ହରିୟାଣାର ବୈଷ୍ଣବୀ ମୋଟ ୧୪୮ (ସ୍ନାଚ୍‌ରେ ୬୫ ଓ କ୍ଲିନ ଆଣ୍ଡ ୮୩) ସ୍ୱର୍ଣ୍ଣ, ଓଡ଼ିଶାର ପ୍ରତିଭା ରାଣୀ ପାତ୍ର ମୋଟ ୧୪୨ (ସ୍ନାଚ୍‌ରେ ୬୪ ଓ କ୍ଲିନ ଆଣ୍ଡ ୭୮)ଙ୍କୁ ରୌପ୍ୟ, ମିଜୋରାମ୍‌ର ସିଣ୍ଡି ଲାଲପରମାୱି ମୋଟ ୧୧୪ (ସ୍ନାଚ୍‌ରେ ୫୪ ଓ କ୍ଲିନ ଆଣ୍ଡ ୬୦) ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ରବିବାରର ପଦକ ସଂଖ୍ୟାକୁ ମିଶାଇ ଓଡ଼ିଶାକୁ ୭ ସ୍ୱର୍ଣ୍ଣ ଓ ୬ରୌପ୍ୟ ଓ ୩ କାଂସ୍ୟ ସହ ମୋଟ ୧୬ ପଦକ ଜିତିଛି।

# ଜେମିମାଙ୍କ ପ୍ରଥମ ଶତକ: ସିରିଜ୍ ଜିତିଲା ଭାରତ



**ରାଜକୋଟ, ୧୩।୧:** ମହିଳା ଦିନିକିଆରେ ସର୍ବୋଚ୍ଚ ସ୍କୋର୍ ଏବଂ ଏକ ସର୍ବୋଚ୍ଚ ଭାଗୀଦାରି ରେକର୍ଡ ସହିତ ଭାରତୀୟ ଦଳ ରବିବାର ଆୟର୍ଲାଣ୍ଡ୍ ବିପକ୍ଷ ଦିନିକିଆ ଶୃଙ୍ଖଳାକୁ ଆଗୁଆ ଜିତି ନେଇଛି। ଜେମିମା ରଡ୍ରିଗ୍‌ସଙ୍କ ପ୍ରଥମ ଦିନିକିଆ ଶତକ (୯୧ ବଲ୍‌ରୁ ୧୦୨ ରନ୍, ୧୨ ଚୌକା) ବଳରେ ଭାରତ ରବିବାର ଦ୍ୱିତୀୟ ଦିନିକିଆରେ ଆୟର୍ଲାଣ୍ଡ୍‌କୁ ୧୧୬ ରନ୍‌ରେ ପରାସ୍ତ କରି ୩ ମ୍ୟାଚ୍ ଶୃଙ୍ଖଳାରେ ୨-୦ରେ ଅପରାଜେୟ ଅଗ୍ରଣୀ ନେଇଛି। ଜେମିମାଙ୍କ ଶତକୀୟ ପାଳି ଛଡ଼ା ପ୍ରଥମ ୩ ବ୍ୟାଟର୍ ସ୍ମୃତି ମନ୍ଧାନା (୫୪ ବଲ୍‌ରୁ ୭୩ ରନ୍), ପ୍ରତୀକା ରାୱଲ (୬୧ ବଲ୍‌ରୁ ୬୭ ରନ୍), ହର୍ଲିନ୍ ଦେଓଲ (୮୪ ବଲ୍‌ରୁ ୮୯ ରନ୍) ଚମତ୍କାର ଅର୍ଦ୍ଧଶତକ ହାସଲ କରିଥିଲେ। ଭାରତୀୟ ମହିଳା ଦଳ ନିଜ ଦିନିକିଆ ଇତିହାସରେ ସର୍ବୋଚ୍ଚ ୩୭୦/୫ ସ୍କୋର୍ କରିଥିଲା। ପୂର୍ବ ସର୍ବୋଚ୍ଚ ୩୫୮/୨ (ବନାମ ଆୟର୍ଲାଣ୍ଡ, ୨୦୧୭) ଓ ୩୫୮/୫ (ବନାମ ୱେଷ୍ଟଇଣ୍ଡିଜ୍, ୨୦୨୪) ଦୁଇ ଥର କରିଥିଲା। ମାତ୍ର ୯୦ ବଲ୍‌ରୁ ଶତକ ହାସଲ କରି ଜେମିମା ମଧ୍ୟ ଭାରତ ପାଇଁ ଯୁଗ୍ମ ଦ୍ୱିତୀୟ ଦ୍ରୁତତମ ମହିଳା ବ୍ୟାଟର୍ ହୋଇଛନ୍ତି। ଗତବର୍ଷ ହର୍ମନପ୍ରୀତ୍ କୌର୍ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୮୭ ବଲ୍‌ରୁ ଏବଂ ୨୦୧୭ରେ ଅଷ୍ଟ୍ରେଲିଆ ବିପକ୍ଷରେ ୯୦ ବଲ୍‌ରୁ ଶତକ ହାସଲ କରିଥିଲେ।

ଭାରତ ମଧ୍ୟ ତୃତୀୟ ଥର ପାଇଁ ୩୫୦+ ସ୍କୋର୍ କରିଛି। ମନ୍ଧାନା ଓ ରାୱଲ ପ୍ରଥମ ୱିକେଟ୍ ପାଇଁ ଉଠାଇଥିବା ୧୫୬ ରନ୍ ମଧ୍ୟ ଏକ ସର୍ବୋଚ୍ଚ ଭାଗୀଦାରି ରେକର୍ଡ ହୋଇଛି। ୫ ପାଳିରେ ଉଭୟ ତୃତୀୟ ଥର ପାଇଁ ଏଭଳି କରିଛନ୍ତି। ଭାରତ ପାଳିରେ ମୋଟ ୪୪ ଚୌକା ମଧ୍ୟ ଏକ ନୂଆ ରେକର୍ଡ ହୋଇଛି। ଗତମାସରେ ଭଡ଼ୋଦରାଠାରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତୀୟ ମହିଳା ୪୩ ଚୌକା ମାରିଥିଲେ। ଭାରତର ଶୀର୍ଷ ୪ ବ୍ୟାଟର୍ ୫୦+ ସ୍କୋର୍ କରିବା ମହିଳା ଦିନିକିଆରେ ସପ୍ତମ ଥର ପାଇଁ ନଜରକୁ ଆସିଛି। ୨୦୦୪ରେ ଧାନବାଦରେ ଭାରତ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ପ୍ରଥମ ଥର ଏଭଳି ସଫଳତା ପାଇଥିଲା। ରବିବାର ଭାରତର ୩୭୦/୫ ଜବାବରେ ଆୟର୍ଲାଣ୍ଡ୍ ୨୫୪/୭ରେ ସୀମିତ ରହିଥିଲା। କ୍ରିଷ୍ଟିନା କଲଟର୍ ରେଲି (୮୦)ଙ୍କ ଛଡ଼ା ଅନ୍ୟ କୌଣସି ଆଇରିସ୍ ବ୍ୟାଟର୍ ଲଢ଼ି ପାରିନଥିଲେ। ଦୀପ୍ତି ଶର୍ମା (୩/୩୭), ପ୍ରିୟା ମିଶ୍ର (୨/୫୩) ପ୍ରଭାବୀ ବୋଲିଂ କରିଥିବାବେଳେ ଟିଟାସ୍ ସାଧୁ ଓ ସାୟଲୀ ସତ୍‌ଘାରେ ଗୋଟିଏ ଲେଖାଏଁ ୱିକେଟ୍ ଦଖଲ କରିଥିଲେ। ଜେମିମା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ବୁଧବାର ଶେଷ ଦିନିକିଆ ଖେଳାଯିବ।

## ୨୯ତମ ରାଜ୍ୟସ୍ତରୀୟ ନିମାପଡା କପ

# ରେଲୱେକୁ ହରାଇ ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିଅନ

**ବାମନାଳ, ୧୩।୧:** ନିମାପଡ଼ା ବାରବାଟୀ ପଡ଼ିଆରେ ପ୍ରଥମ ତାପସ ଦାସ ଓ ୨୯ ତମ ରାଜ୍ୟସ୍ତରୀୟ ନିମାପଡା କପ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ଇଷ୍ଟ କୋଷ୍ଟ ରେଲୱେ ଖୋର୍ଦ୍ଧା ଓ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ଇଷ୍ଟ କୋଷ୍ଟ ରେଲୱେ (ଖୋର୍ଦ୍ଧା) ଟସ ଜିତି ବ୍ୟାଟିଂ କରି ସମସ୍ତ ୱିକେଟ ହରାଇ ୧୫୯ ରନ୍ ସଂଗ୍ରହ କରିଥିଲେ। ଦଳପକ୍ଷରୁ ପ୍ରଶାନ୍ତ ସାହୁ ୩୪ ଓ ରାକେଶ ମହାନ୍ତି ୩୭ ରନ୍ ସଂଗ୍ରହ କରିଥିଲେ। ବୋଲିଂ କରି ଆଶୁତୋଷ ନାୟକ ୫ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ୧୬୨ ରନ୍ କରି ବିଜୟ ଲାଭ କରିଥିଲେ।ଦଳ ପକ୍ଷରୁ ଏମ୍ ଜି ଗୋପାଲ ୬୩ ରନ୍ ଓ ସିଦ୍ଧାର୍ଥ ବେହେରା ୪୯ ରନ୍ ସଂଗ୍ରହ କରିଥିଲେ। ମ୍ୟାଚ୍‌ରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ମନ୍ତ୍ରୀ ଓ ଆଥଲେଟିକ ଆସୋସିଏସନ୍‌ର ସଭାପତି ସମିର ରଞ୍ଜନ ଦାଶ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ , ଆଥଲେଟିକ ଆସୋସିଏସନ୍‌ର ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ଜିଲ୍ଲା ପରିଷଦ ପ୍ରଦୀପ୍ତ ଖୋଟଇ,ଶ୍ରଦ୍ଧାଶୁମନ ଦାଶ ଓ ସିନେମା ଜଗତର ସୁନାମଧନ୍ୟ ଅଭିନେତ୍ରୀ ଶିବାନୀ ଖେଳର ମୁଖ୍ୟ ଆକର୍ଷଣ ଥିଲେ। ଅତିଥିମାନଙ୍କ ଦ୍ୱାରା ଚାମ୍ପିଅନ ଦଳକୁ ୬୦ ହଜାର ଓ ରନର୍ସ ଅପ ଦଳକୁ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ମ୍ୟାଚକୁ ତ୍ରିଭୁବନ ନାଥ ଦାଶ ଓ ନିର୍ମଳ କୁମାର ମିଶ୍ର ପରିଚାଳନା କରିଥିଲେ।

# ଆଉ କିଛି ମାସ ନେତୃତ୍ୱ ନେବାକୁ ଚାହୁଁଛନ୍ତି ରୋହିତ



**ନୂଆଦିଲ୍ଲୀ, ୧୩।୧:** ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର ଗାଭାସ୍କର ଟ୍ରଫିରେ ଭାରତର ଶୋଚନୀୟ ପରାଜୟ ପରେ ଅଧିନାୟକ ରୋହିତ ଶର୍ମାଙ୍କୁ ନେଇ ନାନା ଚର୍ଚ୍ଚା ଓ ଆଲୋଚନା ହେଉଛି। ଖୁବଶୀଘ୍ର ତାଙ୍କୁ ନିୟମିତ ଅଧିନାୟକ ପଦରୁ ବିଦା କରିବାକୁ ବିସିସିଆଇ ଯୋଜନା କରୁଥିବା ମଧ୍ୟ କୁହାଯାଉଛି। ହେଲେ ରୋହିତ ଏବେ ଅଧିନାୟକ ପଦ ଛାଡ଼ିବାକୁ ଇଚ୍ଛୁକ ନୁହନ୍ତି। ଆଉ କିଛିମାସ ଭାରତୀୟ ଦଳର ନେତୃତ୍ୱ ନେବା ପାଇଁ ସେ ଚାହୁଁଥିବା ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି।

ଅଷ୍ଟ୍ରେଲିଆ ବିପକ୍ଷରେ ପରାଜୟ ପରେ ଗତ ସପ୍ତାହରେ ବିସିସିଆଇର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଓ ଅଧିନାୟକ ରୋହିତ ଶର୍ମା ଏହି ବୈଠକରେ ଯୋଗ ଦେଇଥିଲେ। ରୋହିତଙ୍କ ପରେ ଭାରତୀୟ ଦଳର ନେତୃତ୍ୱ କିଏ ନେବ, ସେନେଇ ବୈଠକରେ ଆଲୋଚନା ହୋଇଥିଲା। ଯେଉଁଥିରେ ଜସପ୍ରୀତ ବୁମ୍ରା ଦଳର ନେତୃତ୍ୱ ନେବା ପାଇଁ ପ୍ରମୁଖ ଦାବିଦାର ବୋଲି ମଧ୍ୟ ଆଲୋଚନା ହୋଇଥିଲା। ହେଲେ ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ରୋହିତ ଏବେ ନେତୃତ୍ୱ ଛାଡ଼ିବାକୁ ଇଚ୍ଛୁକ ନୁହନ୍ତି। ସେ ଉଭୟ ଟେଷ୍ଟ ଓ ଦିନିକିଆରେ ଆଉ କିଛିମାସ ଅଧିନାୟକ ରହିବାକୁ ଚାହୁଁଥିବା ଚୟନକର୍ତ୍ତା ଓ ବିସିସିଆଇର ବରିଷ୍ଠ ଅଧିକାରୀଙ୍କୁ ଜଣାଇଛନ୍ତି। ଏହାପରେ ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଯିବେ ବୋଲି କୁହାଯାଉଛି। ଏହି ରିପୋର୍ଟ ଅନୁସାରେ ଚଳିତବର୍ଷ ଖେଳାଯିବାକୁ ଥିବା ଚାମ୍ପିୟନ୍ସ ଟ୍ରଫି ପରେ ରୋହିତ ନିଜ ଅନ୍ତର୍ଜାତୀୟ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ଟାଣିପାରନ୍ତି। ଏଭଳି ସ୍ଥିତିରେ ରୋହିତଙ୍କ ଉପସ୍ଥିତିରେ ଟେଷ୍ଟ ଓ ଦିନିକିଆରେ ତାଙ୍କ ଉତ୍ତରାଧିକାରୀ ଖୋଜିବାକୁ ବିସିସିଆଇ ଆରମ୍ଭ କରିଛି ଅଭିଯାନ। ଅନ୍ୟପଟେ ବିସିସିଆଇର ବରିଷ୍ଠ ଅଧିକାରୀ ଓ ଚୟନକର୍ତ୍ତାଙ୍କ ମଧ୍ୟରେ ବୁମ୍ରାଙ୍କୁ ନିୟମିତ ଅଧିନାୟକ ନିଯୁକ୍ତ କରିବାକୁ ନେଇ ସହମତି ହୋଇପାରିନାହିଁ। ଆହତ ସମସ୍ୟା ଓ ଅତ୍ୟଧିକ କାର୍ଯ୍ୟଭାର ପରିଚାଳନା ହୁଏତ ତାଙ୍କ କ୍ୟାରିୟରକୁ ସମସ୍ୟାରେ ପକାଇପାରେ। ଏଥିପାଇଁ ବୁମ୍ରାଙ୍କ ସହଯୋଗ ପାଇଁ ଜଣେ ଦକ୍ଷ ଉପ-ଅଧିନାୟକ ଖୋଜୁଛନ୍ତି ଚୟନକର୍ତ୍ତା। ଅନ୍ୟ ଏକ ରିପୋର୍ଟ ଅନୁସାରେ ଦିନିକିଆ ଓ ଟେଷ୍ଟରେ ଦୁଇଜଣ ଅଧିନାୟକ ରଖିବାକୁ ବିସିସିଆଇ ଚାହୁଁନି। ତେଣୁ ଟି20 ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ଦିନିକିଆ ନେତୃତ୍ୱ ଦେବାକୁ ମଧ୍ୟ ଆଲୋଚନା ହୋଇଥିଲା। ହେଲେ ସେ ଏବେ ଭାରତୀୟ ଦିନିକିଆ ଦଳର ଅଂଶ ନାହାନ୍ତି। ତେଣୁ ବୁମ୍ରାଙ୍କୁ ଉଭୟ ଦିନିକିଆ ଓ ଟେଷ୍ଟ ଦଳର ଅଧିନାୟକ ଭାବେ ନିଯୁକ୍ତ କରିବା ଦଳ ପାଇଁ ଏକମାତ୍ର ବିକଳ୍ପ ବୋଲି କୁହାଯାଉଛି। ହେଲେ ତାଙ୍କର ବାରମ୍ବାର ଆହତ ସମସ୍ୟା ମଧ୍ୟ ଚିନ୍ତାର କାରଣ ହୋଇପାରେ। ତେଣୁ ଋଷଭ ପନ୍ତ ଓ ଯଶସ୍ୱୀ ଜୈସୱାଲଙ୍କ ମଧ୍ୟରୁ ଜଣକୁ ଉପଅଧିନାୟକ ଭାବେ ନିଯୁକ୍ତ କରିବାକୁ ଆଲୋଚନା ହେଉଥିବା ମଧ୍ୟ କୁହାଯାଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସହଜ ହେବ...

ଉମର ଅବଦୁଲ୍ଲା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ୬.୪ କିମି ଦୈର୍ଘ୍ୟବିଶିଷ୍ଟ ଏହି ଜେଡ୍-ମୋଡ଼ ସୁଡଙ୍ଗ ସୋନମାର୍ଗର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହେବ ଓ ଏହା ଗନ୍ଦେରବଲ ଜିଲ୍ଲାର କଙ୍ଗନ ସହରକୁ ଯୋଡିଆସିଛି। ଶୀତ ଋତୁରେ ଶ୍ରୀନଗର ଓ ଘାଟି ରାସ୍ତାଗୁଡିକ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଉଥିବାରୁ ଏହି ସୁଡ଼ଙ୍ଗ ପଥ ଯାତ୍ରୀମାନଙ୍କ ଯାତ୍ରାକୁ ଆହୁରି ସହଜ ଓ ସୁଗମ କରିବ। କୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତିରେ ଏହି ସୁଡ଼ଙ୍ଗ ଯାତ୍ରୀମାନଙ୍କ ସକାଶେ ଉପଯୁକ୍ତ ବିକଳ୍ପ ହୋଇପାରିବ। ଏହି ସୁଡଙ୍ଗ ଯୋଗୁ ଗନ୍ଦେରବଲ-ଲେହ ରାଜରାସ୍ତା ବର୍ଷତମାମ ଖୋଲା ରହିବ। ନିକଟରେ ଥିବା ଜୋଜିଲା ସୁଡଙ୍ଗ ମଧ୍ୟ ଆସନ୍ତା ୨୦୨୮ ବେଳକୁ କାର୍ଯ୍ୟକ୍ଷମ ହେବାର ଲକ୍ଷ୍ୟ ରହିଛି। ଏହାଦ୍ୱାରା ଲେହକୁ ଯୋଗାଯୋଗ ଆହୁରି ସୁବିଧାଜନକ ହେବ। ଏହା ସାମରିକ ତଥା ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ବେଶ ଗୁରୁତ୍ୱ ବହନ କରେ। ଏହି ସୁଡଙ୍ଗ ସିନ୍ଧୁ ନଦୀର ସାଢ଼େ ୮ ହଜାର ଫୁଟ ଉଚ୍ଚରେ ନିର୍ମାଣ କରାଯାଇଛି। ଗତ ୨୦୧୨ରୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ରାଜପଥ ମାଧ୍ୟମରେ ଲଦାଖ ତଥା ପୂର୍ବ ସୀମାରେ ଚୀନ ଓ ଭାରତ ମଧ୍ୟରେ ଥିବା ବିବାଦୀୟ ବାସ୍ତବିକ ନିୟନ୍ତ୍ରଣ ରେଖା (ଏଏଲ୍‌ସି)ରେ ନିୟୋଜିତ ସେନା ଓ ସୁରକ୍ଷା ବାହିନୀଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ତଥା ଦୈନିକ ବ୍ୟବହାର ସାମଗ୍ରୀକୁ ମଧ୍ୟ ଯଥେଷ୍ଟ କମ୍ ସମୟ ମଧ୍ୟରେ ପହଞ୍ଚାଯାଇପାରିବ।

### ବିଜେଡି...

କରିଥିବା ବିଜେଡି ସରକାରକୁ ପ୍ରଧାନମନ୍ତ୍ରୀ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଗତ ସରକାର ଅମଳରେ ଓଡ଼ିଶାବାସୀ ଆୟୁଷ୍ମାନ୍ ଭାରତ ପରି ଏକ ଜନକଲ୍ୟାଣକାରୀ ଯୋଜନାର ଲାଭ ପାଇବାରୁ ବଞ୍ଚିତ ହୋଇଥିଲେ। କିନ୍ତୁ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଆଜି ଯେଉଁ ଚୁକ୍ତି ସ୍ୱାକ୍ଷର କରିଛନ୍ତି, ସେଥିରେ ଓଡ଼ିଶା ଜନସାଧାରଣ, ବିଶେଷକରି ନାରୀ ଶକ୍ତି ଓ ବରିଷ୍ଠ ନାଗରିକମାନେ ସ୍ୱତନ୍ତ୍ର ଫାଇଦା ପାଇବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏକ 'ଏକ୍ସ' ପୋଷ୍ଟର ଜବାବରେ ଆୟୁଷ୍ମାନ୍ ଭାରତ ଯୋଜନା ସୁଲଭ ମୂଲ୍ୟରେ ଉଚ୍ଚମାନର ସ୍ୱାସ୍ଥ୍ୟସେବାକୁ ସୁନିଶ୍ଚିତ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ଓଡ଼ିଶାରେ...

ବରିଷ୍ଠ ନାଗରିକମାନେ ମଧ୍ୟ ଚିକିତ୍ସା ସୁବିଧା ପାଇପାରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଯୋଜନା ଦ୍ୱାରା ଓଡିଶାର ଲୋକେ, ବିଶେଷକରି ଗ୍ରାମାଞ୍ଚଳ ବାସିନ୍ଦାଙ୍କ ଚିକିତ୍ସା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆସିପାରିବ। ରାଜ୍ୟରେ ସ୍ୱାସ୍ଥ୍ୟସେବାର କାୟାକଳ୍ପ ପରିବର୍ତ୍ତନ ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଯାହାସବୁ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଉଛି, ତାହା ୨୦୨୬ ସୁଦ୍ଧା ସମୃଦ୍ଧ ଓଡିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ରାଜ୍ୟର ପଞ୍ଚାୟତ ସ୍ତରରେ ଥିବା ହେଲଥ ସବ୍ ସେଣ୍ଟରଗୁଡ଼ିକ ଠିକଭାବେ କାର୍ଯ୍ୟ କରୁନଥିବାରୁ ସରକାର ଖୁବ୍‌ଶୀଘ୍ର ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିରେ ହେଲଥ ୱାର୍କର ଓ ଯୋଗ ଶିକ୍ଷକ ନିୟୋଜିତ ହେବେ ଏବଂ ଏହି ସବୁ କେନ୍ଦ୍ରଗୁଡିକର ପୂର୍ଣ୍ଣାଙ୍ଗ ଭିତ୍ତିଭୂମି ବିକଶିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଗତ ୨୦୧୮ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହି ଯୋଜନା ଲାଗୁ ହୋଇଥିଲେ ମଧ୍ୟ ଓଡିଶାବାସୀ ଏଥିରୁ ବଞ୍ଚିତ କରାଯାଇଆସିଥିଲା। ଏବେ ଏହି ଯୋଜନା ଓଡିଶାର ନିଜସ୍ୱ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସହ ଯୋଡିହେବ ଓ ଏହାଦ୍ୱାରା ରାଜ୍ୟର କୋଟିଏରୁ ଉର୍ଦ୍ଧ୍ୱ ପରିବାର ଦେଶର ୨୯ ହଜାର ଚିକିତ୍ସାଳୟରେ ଚିକିତ୍ସା ସୁବିଧା ପାଇପାରିବେ। ସୂଚନାଯୋଗ୍ୟ ଯେ ଆୟୁଷ୍ମାନ ଭାରତ ଯୋଜନାରେ ମହିଳାମାନେ ୧୦ ଲକ୍ଷ ଓ ପୁରୁଷମାନେ 5 ଲକ୍ଷ ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ରେଳ, ଆଇଟି, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଓଡିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ପ୍ରମୁଖ ଅଭିଭାଷଣ ରଖିଥିଲେ।

### ପ୍ରବାସୀ ଭାରତୀୟ...

ହୋଇଥିଲା। ସମ୍ମିଳନୀରେ ମାଲକାନଗିରି, ନବରଙ୍ଗପୁର ଏବଂ ରାୟଗଡ଼ା ଭଳି ଆକାଂକ୍ଷୀ ଜିଲ୍ଲା ତଥା ଅନୁନ୍ନତ ଜନଜାତି ସମୂହ (ପିଭିଟିଜି)ର ଏସ୍‌ଏଚ୍‌ଜି ମଧ୍ୟ ପ୍ରତିନିଧିତ୍ୱ କରିଥିଲେ। ଷ୍ଟଲଗୁଡ଼ିକରେ ପାରମ୍ପରିକ ହସ୍ତତନ୍ତ, ସୂକ୍ଷ୍ମ ହସ୍ତଶିଳ୍ପ ଏବଂ ଜୈବିକ ଉତ୍ପାଦ ଅନେକ ବିଦେଶୀ ଅତିଥିଙ୍କୁ ଆକର୍ଷିତ କରିଥିଲା। ସେହିପରି ବିଭିନ୍ନ ଷ୍ଟଲ୍‌ଗୁଡ଼ିକରେ ୨ ଦିନରେ ପାଖାପାଖି ୨୨ ହଜାର ଦର୍ଶକ ବୁଲି ଦେଖିଥିଲେ। ମିଶନ ଶକ୍ତି ଷ୍ଟଲ୍‌ଗୁଡ଼ିକ ପ୍ରବାସୀ ଭାରତୀୟ ଦିବସର ଏକ ପ୍ରମୁଖ ଆକର୍ଷଣ ପାଲଟିଥିଲା। ପାରମ୍ପରିକ ବସ୍ତ୍ର, ନିଖୁଣ ହସ୍ତଶିଳ୍ପ ଏବଂ ତାଜା ଜୈବିକ ଉତ୍ପାଦର ସମାହାର ସହ ମହିଳା ଏସ୍‌ଏଚ୍‌ଜି ସଦସ୍ୟମାନେ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିବା ସହ ନିଜକୁ ସଫଳ ଉଦ୍ୟୋଗୀ ଏବଂ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଗର୍ବିତ ରାଷ୍ଟ୍ରଦୂତ ଭାବରେ ପ୍ରମାଣିତ କରିଥିଲେ।

ଏହି ଆକର୍ଷଣୀୟ ପ୍ରଦର୍ଶନୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କର ବିବିଧ ପ୍ରତିଭାକୁ ପ୍ରକାଶ କରିବା ସହିତ ସେମାନଙ୍କୁ ଭାରତୀୟ, ବିଦେଶୀ ପ୍ରତିନିଧି ଏବଂ ପର୍ଯ୍ୟଟକମାନଙ୍କ ସହିତ ଯୋଗାଯୋଗ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରିଥିଲା ।

### ବଳକା...

ଆରମ୍ଭ କରି ବିଭିନ୍ନ ଆଳ ଦେଖାଇ ସରକାର ରାଜ୍ୟବାସୀଙ୍କ ମୁଣ୍ଡରେ ବିଜୁଳି କ୍ଷତିର ବୋଝ ଲଦୁଥିବାବେଳେ ଅନ୍ୟ ରାଜ୍ୟକୁ କିଭଳି ଓ କାହିଁକି ଶସ୍ତାରେ ବିଜୁଳି ବିକୁଥିଲେ ତାହାର ତଦନ୍ତ କରାଗଲେ ଅନେକ ଗୁମର ପଦାକୁ ଆସନ୍ତା । କେଉଁ ବାବୁମାନେ ଶସ୍ତାରେ ବିଜୁଳି ବିକ୍ରି କରି ହାତ କେତେ ଚିକ୍କଣ କରିଛନ୍ତି ତାହା ରାଜ୍ୟବାସୀ ବି ଜାଣି ପାରନ୍ତେ ।

### 'ମିସା' ...

ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ଉକ୍ତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସମସ୍ତ ଚିକିତ୍ସା ବାବଦ ଖର୍ଚ୍ଚ ମଧ୍ୟ ରାଜ୍ୟ ସରକାର ବହନ କରିବେ ବୋଲି ଘୋଷଣା କରାଯାଇଛି। ଗତ ଜାନୁଆରୀ ୧ ସୁଦ୍ଧା ଜୀବିତ ଥିବା ସମସ୍ତ ସଂଗ୍ରାମୀ ଏହି ପେନସନ ଓ ଚିକିତ୍ସା ସୁବିଧା ପାଇବେ। ସୂଚନାଯୋଗ୍ୟ ଯେ ଗତ ୧୯୭୫ ଜୁନ୍ ୨୫ରୁ ୧୯୭୭ ମାର୍ଚ୍ଚ ୨୧ ତାରିଖ ପର୍ଯ୍ୟନ୍ତ ଦେଶର ଜାରି ରହିଥିବା ଜରୁରୀକାଳୀନ ପରିସ୍ଥିତିକୁ ବିରୋଧ କରି ଅନେକ ସଂଗ୍ରାମୀ ବିଭିନ୍ନ ଜେଲରେ ବନ୍ଦୀ ଜୀବନ କାଟିଥିଲେ।

### ପାଢ଼ୀବାବୁଙ୍କ......

ସୋମବାର ଦୁହିଁଙ୍କର ହେବାକୁ ଥିବା ଜାମିନ ଆବେଦନର ଶୁଣାଣି ଆସନ୍ତା ୧୬ ତାରିଖକୁ ଘୁଞ୍ଚିଛି। କେସ ଡାଏରି ଦାଖଲ କରିବାରେ ବିଳମ୍ବ ହେବାରୁ ଜାମିନ ଆନେଦନର ଶୁଣାଣି ଘୁଞ୍ଚିଛି। ମୋଟ ୧୧ ଜଣଙ୍କୁ ସମନ ସରିଛି । ଆଉ ୫ ଜଣ ମଧ୍ୟ ସ୍କାନରରେ ରହିଛନ୍ତି । ବିଦେଶରେ ବିନିଯୋଗ ହୋଇଥିବା ଟଙ୍କା କୁ ନେଇ ମଧ୍ୟ ଖୁବଶୀଘ୍ର ଖୋଳତାଡ଼ ହେବ ବୋଲି 'ସଂଚାର' କୁ ସୂଚନା ଦେଇଛନ୍ତି ଆୟକର ବିଭାଗର ଜନୈକ ଅଧିକାରୀ।

### ଏନ୍‌ଏଚ୍‌ଆଇଡିସିଏଲ୍...

ପତ୍ତନରୁ ୮ ହଜାର ୬୫୦ ଫୁଟ୍ ଉଚ୍ଚରେ ଏହି ଟନେଲ ନିର୍ମାଣ ଭାରତୀୟ ନିର୍ମାଣକାରୀଙ୍କ ବୈଷୟିକ ଦକ୍ଷତାକୁ ପ୍ରତିପାଦିତ କରୁଛି। ୨୦୧୮ ଜୁଲାଇ ମାସରୁ ପ୍ରକଳ୍ପ କାମ ବନ୍ଦ ହୋଇଯାଇଥିଲା। ୨୦୧୯ ଡିସେମ୍ବରରେ କ୍ରିଷନ କୁମାରଙ୍କୁ ଦାୟିତ୍ୱ ଦିଆଯିବା ପରେ ପୁଣି ଥରେ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା।

# ହାତ ଗୋଡ଼ ନଥାଇ ବି ତୀରନ୍ଦାଜିରେ ସ୍ୱର୍ଣ୍ଣ ଜିତିଲେ ପାୟଲ



**ଭୁବନେଶ୍ୱର, ୧୩।୧ (ସଂଚାର ବ୍ୟୁରୋ):** କଥାରେ ଅଛି ଇଚ୍ଛାଶକ୍ତି ଆଗରେ ସବୁ କିଛି ହାର ମାନେ। ଇଚ୍ଛାଶକ୍ତି ଆଗରେ ସମସ୍ତ ପ୍ରକାରର ପ୍ରତିକୂଳ ପରିସ୍ଥିତି ଫିକା ପଡ଼ିଯାଏ। ଏହାକୁ ପ୍ରମାଣ କରିଦେଖାଇଛନ୍ତି ଓଡ଼ିଶାର ଦିବ୍ୟାଙ୍ଗ ଝିଅ ପାୟଲ। ବଲାଙ୍ଗିର ଜିଲ୍ଲା ସହିତ ଦାଦନ ଦୁଃଖ ସବୁବେଳେ ଚର୍ଚ୍ଚାରେ ରହି ଆସିଛି। କିନ୍ତୁ ଏହି ଦାଦନ ଦୁଃଖର କାହାଣୀର ସଫଳ ନାୟିକା ସାଜିଛନ୍ତି ପାୟଲ। ଓଡ଼ିଶା ପାଇଁ ସେ ଜାତୀୟ ସିନିୟର ତୀରନ୍ଦାଜି ଚାମ୍ପିୟନଶିପରେ ଜିତିଛନ୍ତି ସ୍ୱର୍ଣ୍ଣ। ହାତ ଗୋଡ଼ ନଥାଇ ବି ସେ ସ୍ୱର୍ଣ୍ଣିମ ଇତିହାସ ସୃଷ୍ଟି କରିଛନ୍ତି। ଏଥିପାଇଁ ତାଙ୍କୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଖୋଦ ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋଶାଲ ମିଡିଆରେ ପାୟଲଙ୍କୁ ସ୍ୱର୍ଣ୍ଣ ପଦକ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

ଦିନେ ପାୟଲକୁ ନେଇ ତାଙ୍କ ପରିବାର ଚିନ୍ତାରେ ଥିଲେ। କାରଣ ବାପାମା ଦାଦନ ଯାଇଥିବା ବେଳେ ବିଦ୍ୟୁତ ଆଘାତରେ ସେ ୨ ହାତ ଓ ୨ ଗୋଡ଼ ହରାଇଥିଲେ। ହାତଗୋଡ଼ ନଥିବା ଝିଅର ଭବିଷ୍ୟତକୁ ନେଇ ଚିନ୍ତାରେ ଥିଲେ ପରିବାର। କିନ୍ତୁ ତାଙ୍କ ପାଇଁ ସେତେବେଳେ ଦେବଦୂତ ସାଜିଥିଲେ ତତକାଳୀନ ବଲାଙ୍ଗୀର ଜିଲ୍ଲାପାଳ ଚଂଚଳ ରାଣା। ଆଉ ଏବେ ପାୟଲ କେବଳ ବଲାଙ୍ଗିର କି ଓଡ଼ିଶାର ନୁହେଁ ବରଂ ଦେଶର ଗୋଲ୍ଡଗାର୍ଲ ପାଲଟି ଯାଇଛନ୍ତି। କଟା ଗୋଡ଼ରେ ତୀର ଚଳାଇ ଚାମ୍ପିୟନ ହୋଇଛନ୍ତି। ଜାତୀୟ ପାରା ତୀରନ୍ଦାଜ ଟାଇଟଲ ହାସଲ କରି ଏବେ ସାରା ଦେଶରେ ପାୟଲର ଚର୍ଚ୍ଚାରେ ରହିଛନ୍ତି।

୨୦୧୫ ମସିହାରେ ବିଦ୍ୟୁତ ଆଘାତରେ ପାୟାଲ ଦିବ୍ୟାଙ୍ଗ ପାଲଟି ଯାଇଥିଲେ। ସେତେବେଳେ ଏହି ଖବର ବେଶ ଚର୍ଚ୍ଚାକୁ ଆସିଥିଲା। ବିଦ୍ୟୁତ ଆଘାତ ପରେ ଅପରେସନ ଯୋଗୁ ସେ ନିଜର ଦୁଇ ହାତ ଓ ଦୁଇ ଗୋଡ଼ ହରାଇଥିଲେ। ନୀରିହ ମୁହଁରେ ହସି ହସି ସେତେବେଳେ ସେ କହୁଥିଲେ ଯେ ଏବେ ଆଉ ଭଲ ଲାଗୁନାହିଁ। କାରଣ ଖେଳିବାକୁ ଇଛା ହେଉଛି, କିନ୍ତୁ ଖେଳି ପାରୁନି। ବାସ୍ ୨୦୧୫ ମସିହାରେ କଇଁ କଇଁ କଥା କହୁଥିବା ପାୟଲ ଏବେ କରିସ୍ମା ଦେଖାଇଛନ୍ତି।

ନିଜର କଠିନ ପରିଶ୍ରମ ବଳରେ ସେ ଦେଶର ସମସ୍ତ ପ୍ରତିଭାନ ପାରା ଆଥଲେଟଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ରାଜସ୍ଥାନ ଜୟପୁରରେ ଚାଲିଥିବା ଷଷ୍ଠ ଜାତୀୟ ପାରା ତୀରନ୍ଦାଜି କମ୍ପାଉଣ୍ଡ ଓପନ ୱୋମେନ ରାଉଣ୍ଡ-୧ କ୍ୟାଟାଗୋରୀରେ ଦୁଇଟି ସ୍ୱର୍ଣ୍ଣ ଜିତିଛନ୍ତି ପାୟଲ ନାଗ।ସବୁଠାରୁ ବଡ଼କଥା ହେଉଛି ଅର୍ଜୁନ ଆୱାର୍ଡୀ ତଥା ଅଲମ୍ପିୟାନ ଶୀତଳ ଦେବୀଙ୍କୁ ସେ ହରାଇ ଏପରି ସଫଳତା ପାଇଛନ୍ତି। ଶୀତଳ ଦେବୀଙ୍କ ହାତ ନାହିଁ। ସେ ଗୋଡ଼ରେ ତୀର ମାରନ୍ତି। ଶୀତଲଙ୍କ ଭିଡିଓ ଦେଖି ତୀରନ୍ଦାଜ ହେବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ପାୟଲ। ଏବେ ସେ ଶୀତଲଙ୍କୁ ମାତ୍ ଦେଇ ଚାମ୍ପିୟନ ହୋଇଛନ୍ତି। ବାପା ମା' ଦାଦନ ଦୁଃଖରେ ପଡ଼ିଥିବା ବେଳେ ପାୟଲ ପାର୍ବତୀଗିରି ବାଳନିକେତନ ରୁହନ୍ତି। ପାୟଲ ଏବେ ଜାତୀୟ ସ୍ତରରେ ଚମକିବାରୁ ଆଶ୍ରମର ସଂପାଦିକା ସଂସ୍କୃତି ପଟ୍ଟନାୟକ ଓ ଓ ଜିଲ୍ଲା ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ ବେଶ ଖୁସି ବ୍ୟକ୍ତ କରିଛନ୍ତି। ଚାମ୍ପିୟନ ଝିଅର କାହାଣୀ କୌଣସି ସିନେମାଠାରୁ କମ ନୁହେଁ। ଦାଦନ ଦୁଃଖର ଅପବାଦ ମୁଣ୍ଡାଇଥିବା ବଲାଙ୍ଗିର ଜିଲ୍ଲା ପାଇଁ ପାୟଲ ଆଣିଛନ୍ତି ସମ୍ମାନର ସନ୍ତକ। ଆଜିଠୁ ଠିକ ଦଶ ବର୍ଷ ତଳେ ବାପା, ମା ଓ ପଡ଼ୋଶୀ ରାୟପୁରରେ ଦାଦନ ଖଟୁଥିଲେ। ସେତେବେଳେ ପାୟଲଙ୍କୁ ପ୍ରାୟ ୬ ବର୍ଷ ବୟସ ହୋଇଥିଲା। ଏହି କଅଁଳ ବୟସରେ ପାୟଲ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ମୃତ୍ୟୁ ସହ ସଂଗ୍ରାମ କରିବାକୁ ପଡ଼ିଥିଲା। ଡାକ୍ତରଙ୍କ ପରାମର୍ଶରେ ତାଙ୍କର ୨ ହାତ ଓ ୨ ଗୋଡ଼ କଟାଯାଇଥିଲା। ବାସ୍ ଭିନ୍ନକ୍ଷମ ଭତ୍ତା ପାଇ ଘରେ ପଡ଼ିରହିଥିଲେ ପାୟଲ। ହେଲେ ୨୦୨୨ ମସିହାରେ ହଠାତ୍ ପାୟଲଙ୍କ ଜୀବନର ମୋଡ଼ ବଦିଳିଥିଲା। ବଲାଙ୍ଗିର ଜିଲ୍ଲାର ତତକାଳୀନ ଜିଲ୍ଲାପାଳ ଚଂଚଳ ରାଣା ଦିବ୍ୟାଙ୍ଗ ପାୟଲଙ୍କ ପାଇଁ ସହଯୋଗର ହାତ ବଢ଼ାଇଥିଲେ।

# ପିଏମ୍‌କେଭିୱାଇ ଶିକ୍ଷାନବୀସଙ୍କୁ ପ୍ରମାଣପତ୍ର ପ୍ରଦାନ




**ଭୁବନେଶ୍ୱର, ୧୩।୧ (ସଂଚାର ବ୍ୟୁରୋ) :** ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା (ବିଏମ୍‌କେଭିୱାଇ) ଅଧୀନରେ ସୋଆ ବିଶ୍ୱବିଦ୍ୟାଳୟ ଠାରେ ଦକ୍ଷତା ବିକାଶ ନିମନ୍ତେ ତାଲିମ ପାଇଥିବା ଶିକ୍ଷାନବୀସ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ଏକ ବିଶେଷ ଉତ୍ସବରେ ତାଲିମ ଗ୍ରହଣ କରିଥିବା ୮ମ ବ୍ୟାଚର ଶିକ୍ଷାନବୀସ ମାନଙ୍କୁ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ପ୍ରମାଣପତ୍ର ପ୍ରଦାନ କରିଥିଲେ।

ଏହି ଅବସରରେ ପ୍ରଫେସର ନନ୍ଦ ଏହି ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବଗୋଷ୍ଠୀଙ୍କୁ ବିଭିନ୍ନ ଶିଳ୍ପ ନିମନ୍ତେ ପ୍ରସ୍ତୁତ କରାଯାଇପାରୁଛି ବୋଲି କହି ସୋଆ ବୈଷୟିକ ଶିକ୍ଷା ଓ ଶିଳ୍ପ ମଧ୍ୟରେ ଏକ ସେତୁ ଭଳି କାର୍ଯ୍ୟ କରୁଛି ବୋଲି ପ୍ରକାଶ କରିଥିଲେ। ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ୍ ସାଇନ୍‌ସେସ୍ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କିଲ ହବ୍ ଇନିସିଏଟିଭ୍ ଯୋଜନା ଅଧୀନରେ ପିଏମ୍‌କେଭିୱାଇ କାର୍ଯ୍ୟକ୍ରମ ପରିଚାଳିତ ହେଉଛି।

ଏହି କାର୍ଯ୍ୟକ୍ରମରେ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ତଥା ସେଂଟର ଫର୍ ସ୍କିଲ୍ ଡେଭଲପ୍‌ମେଣ୍ଟ ଆଣ୍ଡ ଏନ୍‌ଟରପ୍ରିନିୟରସିପ୍‌ର କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ। ସ୍କିଲ୍ ଡେଭଲପ୍‌ମେଣ୍ଟ ଆଣ୍ଡ ଏନ୍‌ଟରପ୍ରିନିୟରସିପ୍‌ର ଡେପୁଟି ଜେନେରାଲ ମ୍ୟାନେଜର ଅଶୋକ କୁମାର ନାୟକ ମଧ୍ୟ ଏହି ଅବସରରେ ନିଜର ମତ ରଖିଥିଲେ। ରାମକୃଷ୍ଣ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସର୍ବସାଧାରଣଙ୍କ ପାଇଁ ଖୋଲିଲା ରାଜଭବନ ଉଦ୍ୟାନ





## ଜନସାଧାରଣଙ୍କ ସହ ମିଶିଲେ ରାଜ୍ୟପାଳ

**ଭୁବନେଶ୍ୱର, ୧୩।୧ (ସଂଚାର ବ୍ୟୁରୋ) :** ଭୁବନେଶ୍ୱର ରାଜଭବନ ଉଦ୍ୟାନ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଆଜିଠାରୁ ଖୋଲାଯାଇଛି। ପ୍ରଥମ ଦିନରେ ଶୀତୁଆ ଅପରାହ୍ନ ସତ୍ତ୍ୱେ ତିନି ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ରାଜଭବନର ମନୋରମ ଉଦ୍ୟାନ ପରିଦର୍ଶନ କରିଥିଲେ। ଏହି ଅବସରରେ ରାଜ୍ୟପାଳ ଡ଼ ହରି ବାବୁ କମ୍ଭମ୍‌ପାଟି ଏବଂ ରାଜ୍ୟର ପ୍ରଥମ ମହିଳା ଶ୍ରୀମତୀ ଜୟଶ୍ରୀ କମ୍ଭମ୍‌ପାଟି ଜନସାଧାରଣଙ୍କ ସହ ମିଶି ବାର୍ତ୍ତାଳାପ କରିଥିଲେ। ନିଜର ପିତାମାତା/ଅଭିଭାବକଙ୍କ ସହ ଆସିଥିବା ଛୋଟ ଛୋଟ ଶିଶୁମାନଙ୍କ ସହ ମିଶିବା ସହିତ ସେମାନଙ୍କୁ ଚକୋଲେଟ୍ ଏବଂ ପେନ୍ ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ଉଦ୍ୟାନ ପରିଦର୍ଶନ କରୁଥିବା ଭିନ୍ନକ୍ଷମମାନଙ୍କ ସହ ମିଶି ବାର୍ତ୍ତାଳାପ କରିଥିଲେ। ଦର୍ଶକମାନେ ରାଜଭବନ ଉଦ୍ୟାନର ନୈସର୍ଗିକ ଶୋଭାରାଜି, ବିଭିନ୍ନ କିସମର ବୃକ୍ଷ ଲତା, ପୁଷ୍ପରାଜି, ମ୍ୟୁଜିକ୍ ଫାଉଂଟେନ୍, ହରିଣ ଉଦ୍ୟାନ, ମୟୂର ତଥା ଅନ୍ୟାନ୍ୟ ପକ୍ଷୀ, ମୁକ୍ତ ଆକ୍ୱାରିୟମ୍ ପରିଦର୍ଶନ କରି ସୌନ୍ଦର୍ଯ୍ୟ ଉପଭୋଗ କରିଥିଲେ।

ସୂଚନାଯୋଗ୍ୟଯେ, ଚଳିତ ଜାନୁଆରୀ ମାସ ୨୨ ତାରିଖ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ରାଜ ଭବନ ଉଦ୍ୟାନ ଖୋଲା ରହିବ ବୋଲି ନିଷ୍ପତି ନିଆଯାଇଛି। କେବଳ ମୋବାଇଲ୍ ଆପ୍ ପଂଜିକରଣ ମାଧ୍ୟମରେ ସର୍ବସାଧାରଣଙ୍କ ପ୍ରବେଶ ପାଇଁ ଅନୁମତି ଦିଆଯିବ ଏବଂ ରାଜଭବନ ଉଦ୍ୟାନ ପରିଦର୍ଶନ ପାଇଁ କୌଣସି ପ୍ରବେଶ ଶୁଳ୍କ ଦେବାକୁ ପଡ଼ିବ ନାହିଁ। ଏଥିନିମନ୍ତେ ପ୍ଲେ ଷ୍ଟୋର କିମ୍ବା ଆପ୍ସ ଷ୍ଟୋରରୁ ଉଦ୍ୟାନ ପରିଦର୍ଶନ, ରାଜଭବନ, ଓଡ଼ିଶାର ମୋବାଇଲ୍ ଆପ୍ ଡାଉନ୍‌ଲୋଡ଼ କରିବାକୁ ପଡ଼ିବ। ଉପରୋକ୍ତ ଧାର୍ଯ୍ୟ ତାରିଖ ଅବଧି ମଧ୍ୟରେ ଅପରାହ୍ନ ଘ ୨.୩୦ମି. ରୁ ୫ ଘଟିକା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ରାଜଭବନ ଉଦ୍ୟାନ ପରିଦର୍ଶନ ସମୟ ଧାର୍ଯ୍ୟ କରାଯାଇଛି।

ସେହିପରି ସ୍କୁଲ୍ ଛାତ୍ରଛାତ୍ରୀଙ୍କ ଉଦ୍ୟାନ ପରିଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି। ସ୍କୁଲ ପିଲାମାନଙ୍କ ପାଇଁ ଉଦ୍ୟାନ ପରିଦର୍ଶନ ସମୟ ପ୍ରତିଦିନ (ରବିବାର ବ୍ୟତୀତ) ସକାଳ ଘ ୮.୩୦ମି. ରୁ ୧୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ଏ ସମ୍ପର୍କରେ ଅଧିକ ବିବରଣୀ ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ୱେବ୍‌ସାଇଟ୍ www.rajbhavanodisha.gov.in ପରିଦର୍ଶନ କରିପାରିବେ। ସ୍କୁଲ ଛାତ୍ରଛାତ୍ରୀମାନେ ସ୍କୁଲ ୟୁନିଫର୍ମ ଓ ପରିଚୟ କାର୍ଡ଼ ପରିଧାନ ପୂର୍ବକ ଶିକ୍ଷକ / ଶିକ୍ଷୟିତ୍ରୀ / ସ୍କୁଲ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ଆସିବାକୁ ସୂଚନା ଦିଆଯାଇଛି। ସମସ୍ତ ଉଦ୍ୟାନ ଦର୍ଶନାର୍ଥୀମାନଙ୍କ ପାଇଁ ନ୍ୟୁ ଅଭିଷେକ ହଲ୍ ନିକଟସ୍ଥ ୩ ନମ୍ବର ଗେଟ୍‌ରେ ପ୍ରବେଶ ଏବଂ ସିକ୍ୟୁରିଟି ବାରାକ ନିକଟସ୍ଥ ଗେଟ୍‌ରେ ପ୍ରସ୍ଥାନ ବ୍ୟବସ୍ଥା କରାଯାଇଛି।

# ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରକୁ ପ୍ରଥମ ପୁରସ୍କାର




**ଭୁବନେଶ୍ୱର, ୧୩।୧ (ସଂଚାର ବ୍ୟୁରୋ) :** ଆଂଚଳିକ ଉଦ୍ଭିଦ ସମ୍ବଳ କେନ୍ଦ୍ର ଆନୁକୁଲ୍ୟରେ ଭୁବନେଶ୍ୱର ଏକାମ୍ର କାନନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)କୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି । ଏହି ବାର୍ଷିକ ପୁଷ୍ପ ପ୍ରଦର୍ଶନୀକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୭ ତାରିଖରେ ଉଦ୍‌ଘାଟନ କରିଥିବା ବେଳେ ୧୨ ତାରିଖରେ ଏହି ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଥିଲା । ଜେଏସପିର ପୁଷ୍ପ ପ୍ରଦର୍ଶନୀ ଉଭୟ ବିଚାରକ ଏବଂ ପରିଦର୍ଶକଙ୍କୁ ଆକର୍ଷିତ କରିଥିଲା । "ପ୍ରବାସୀ ଭାରତୀ"ର ବାର୍ତ୍ତା ଦେଇ ଏଥିରେ ବିରଳ ପ୍ରଜାତିର ଫୁଲକୁ ପ୍ରଦର୍ଶିତ କରାଯାଇଥିଲା । ଓଡ଼ିଶାର ବିକାଶରେ ଅଣ ଅବାସିକ ଭାରତୀୟ (ଏନଆରଆଇ)ଙ୍କୁ ନିମନ୍ତ୍ରଣ ଦେବା ଲକ୍ଷ୍ୟରେ ଏଭଳି ଏକ ବାର୍ତ୍ତା ଦିଆଯାଇଥିଲା ।

ପୁରସ୍କାର ବିତରଣ ଉତ୍ସବରେ ଜଙ୍ଗଲ ଓ ପରିବେଶ ତଥା ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଂଟିଆ ଯୋଗଦେଇ ବିଜେତାମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ଅନ୍ୟ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ବିଭାଗୀୟ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ଶ୍ରୀ ପ୍ରେମ କୁମାର ଝା, ଓଡ଼ିଶା ବନ ଉନ୍ନୟନ ନିଗମ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁରେଶ କୁମାର ପନ୍ତ, ପ୍ଲାଂଟ ଲଭର୍ସ ଆସୋସିଏସନର ସଭାପତି ଶ୍ରୀ ଖିରୋଦ କୁମାର ପଟ୍ଟନାୟକ ଏବଂ ଓଡ଼ିଶା ରୋଜ୍ ସୋସାଇଟିର ସଂପାଦକ ହେମନ୍ତ କୁମାର ପାଲ ପ୍ରମୁଖ ଯୋଗ ଦେଇଥିଲେ ।

# ଦୁର୍ଘଟଣାରେ ଗାଡ଼ ଭାଲୁ ମୃତ

**ନିମାପଡା, ୧୩।୧ (ସଂଚାର ବ୍ୟୁରୋ):** ନିମାପଡା ବନାଞ୍ଚଳ ଅଧୀନ ନିମାପଡା ପୌରାଞ୍ଚଳ ଅନ୍ତର୍ଗତ ନୁହାରକିରି ଛକ ନିକଟରେ ସୋମବାର ସକାଳେ ଗୋଟିଏ ଅଣ୍ଡିରା ଗାଡ଼ଭାଲୁ(ହନି ବାଜର)ର ମୃତ ଶରୀର ପଡ଼ିଥିବା ଦେଖିବାକୁ ମିଳିଛି । ପ୍ରତ୍ୟେକ୍ଷଦର୍ଶୀଙ୍କ ସୂଚନା ମୁତାବକ ସୋମବାର ସକାଳେ ଏହି ବିରଳ ପ୍ରଜାତିର ଜନ୍ତୁଟି ରାସ୍ତା ଉପରେ ବୁଲାବୁଲି କରୁଥିଲା । ଗୋଟିଏ ହାଇୱା ଗାଡି ଦ୍ରୁତ ଗତିରେ ଜନ୍ତୁଟିକୁ ମଡ଼ାଇ ଚାଲିଯାଇଥିଲା। ପରେ ଜନ୍ତୁଟି ଯନ୍ତ୍ରଣାରେ ଛଟପଟ



ହୋଇ ମୃତ୍ୟୁବରଣ କରିଥିଲା । ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ବନ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତ ଶରୀରକୁ ଜବତ କରିଛନ୍ତି। ଜନ୍ତୁଟି ବିରଳ ପ୍ରଜାତିର । ଓଡ଼ିଆରେ ଗାଡ଼ଭାଲୁ ବା ହନି ବାଜର ବୋଲି ବନ ବିଭାଗ ଚିହ୍ନଟ କରିଛି । ସାଧାରଣତଃ ଏହି ପ୍ରଜାତିର ଜନ୍ତୁ ଦକ୍ଷିଣ ଆଫ୍ରିକା, ଦକ୍ଷିଣ ଆମେରିକା,ଭାରତ ଏବଂ ନେପାଳ ଅଞ୍ଚଳର ବନାଞ୍ଚଳରେ ବସବାସ କରନ୍ତି । ଏମାନଙ୍କୁ ମଧ୍ୟ ଜଙ୍ଗଲର ଗୁଣ୍ଡା କୁହାଯାଏ । ଏଭଳି ପ୍ରଜାତିର ଜନ୍ତୁ ନିମାପଡା ଅଞ୍ଚଳରେ ଦୃଶ୍ୟମାନ ହେବା ଅଞ୍ଚଳବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି । ଆଖପାଖ ଅଞ୍ଚଳରେ ଅଧିକ ସଂଖ୍ୟାରେ ଏହି ପ୍ରଜାତିର ଜନ୍ତୁ ରହିଥିବା ଅଞ୍ଚଳବାସୀ ଦାବୀ କରିଛନ୍ତି ।

# ବୋରିଗୁମ୍ମାରେ ସକ୍ରିୟ ଲୁଟେରା ଗ୍ୟାଙ୍ଗ




**ବୋରିଗୁମ୍ମା, ୧୩।୧ (ସଂଚାର ବ୍ୟୁରୋ) :** ବୋରିଗୁମ୍ମା ସହର ମହକୁମାରେ କିଛି ଦିନ ପରେ ପୁଣି ପୋଲିସକୁ ଚ୍ୟାଲେଞ୍ଜ କଲା ଭଳି ଏକ କାଳୀନ ୪ଟି ଦୋକାନରେ ଲୁଟପାତ କରିଛନ୍ତି ଲୁଟେରା ଗ୍ୟାଙ୍ଗ । ସୂଚନା ମୁତାବକ ନବରଙ୍ଗପୁର ରୋଡ଼ ୨୬ନମ୍ବର ଜାତୀୟ ରାଜପଥ କଡରେ ଥିବା ଏକ ଗେରେଜର ସଟର ତାଲା ଭାଙ୍ଗି ୪ଟି ଗାଡି ବେଟେରି ଓ କିଛି ରେଂଚି ନେଇଥିବା ବେଳେ, ପିଙ୍କୁ ପାନ ସପରେ ମଧ୍ୟ ସଟର ତାଡି କିଛି ପଇସା ସହ ନିତ୍ୟ ବେବହାର୍ଯ୍ୟ କିଛି ସାମାନ ନେଇଛନ୍ତି । ଆଉ ଏକ ପୁରୁଣା ବୋରିଗୁମ୍ମା ଯିବା ରାସ୍ତାରେ ଥିବା ନିରଞ୍ଜନ ସାହୁଙ୍କ ଫେନସି ଷ୍ଟୋର ର ସଟର ତାଡି ବିଭିନ୍ନ ପ୍ରକାର ନିତ୍ୟ ବ୍ୟବହାର ସାମାନ ସହ, ଗୁଡ଼ାଏ ଫେନସି ପାଉଁଜୀ ବକ୍ସ ନେଇଯାଇଛନ୍ତି ଏବଂ ଦୁଲାଗୁଡା ରୋଡ଼ ସ୍ଥିତ ଏକ ପୂଜା ଭଣ୍ଡାର ତାଲା ଭାଙ୍ଗି ଦେଇଥିବା ଖବର ମିଳିଛି ।

ବଣିକ ସଙ୍ଘର ସଭାପତି ସୁଯ୍ୟନାରାୟଣ ଆଚାରିଙ୍କ ସହଯୋଗରେ ପୋଲିସକୁ ଲିଖିତ ଅଭିଯୋଗ ଦେଇଥିଲେ । ପରବର୍ତୀ ସମୟରେ ଘଟଣା ସ୍ଥଳକୁ ପୋଲିସ ପହଁଚି ଛାନଭିନ କରୁଥିବା ସୂଚନା ମିଳିଛି। ରାତ୍ରିକାଳୀନ ପେଟ୍ରୋଲିଙ୍ଗ ହେଉଥିବା ସତ୍ୱେ ପୁଲିସ ଆଖିରେ ଧୂଳି ଦେଇ ରାଜ୍ୟ ରାଜପଥ ପାର୍ଶ୍ୱରୁ ଏବଂ ଚାରି ଚାରି ଟି ଦୋକାନରୁ ଏଭଳି ଚୋରି କରିବା ସାଧାରଣରେ ଆତଙ୍କ ସୃଷ୍ଟି ହୋଇଛି ।

# ଭିଙ୍ଗାରପୁରରେ ଖୋଲିଲା ଧାନମଣ୍ଡି

**ବାଲିଅନ୍ତା, ୧୩।୧ (ସଂଚାର ବ୍ୟୁରୋ) :** ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ସେବା ସମବାୟ ସମିତି ପକ୍ଷରୁ ଆଜି ଧାନମଣ୍ଡି ଖୋଲା ଯାଇଛି। ମଣ୍ଡିରେ ୬ ଜଣ ଚାଷୀଙ୍କ ଠାରୁ ମୋଟ ୨୦୦ କ୍ୟୁଣ୍ଟାଲ ଧାନକିଣା ଯାଇଥିଲା। ଏହି ଅବସରରେ ବକ୍ରେଶ୍ୱର ମନ୍ଦିର



ପରିସରରେ ଆୟୋଜିତ ସଭାରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି, ସମିତି ସଭାପତି ରବିନ୍ଦ୍ର କୁମାର ଜେନା,ବ୍ଲକ ବିଜେଡ଼ି ସଭାପତି ପ୍ରଦୀପ୍ତ ଜେନାମଣି, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ,ସ୍ଥାନୀୟ ସରପଞ୍ଚ ହୃଷିକେଶ ବେହେରା, ସମିତି ସଭ୍ୟ ଗଗନ ବିହାରୀ ବେହେରା, ବେଣ୍ଟପୁର ସରପଞ୍ଚ ଗୀତାଞ୍ଜଳୀ ସାହୁ, ସମିତି ସଭ୍ୟ ଝରଣା ସ୍ୱାଇଁ, କାଶୀନାଥ ସାହୁ, ଖୋର୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ସଦସ୍ୟ ବିପିନି ପାତ୍ର , ୧୬ ନମ୍ବର ଜିଲ୍ଲା ପରିଷଦ ଜୋନ ସଭ୍ୟ ମହେଶ୍ୱର ଦାଶ ଓ ସହକାରୀ ଉପ ନିବନ୍ଧକ ଅମୀୟ ଖୁଣ୍ଟିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଣ୍ଡିର ଶୁଭାରମ୍ଭ କରିଥିଲେ।

# ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ

## ଯୌତୁକ ପାଇଁ ହତ୍ୟା ଅଭିଯୋଗ

**ବ୍ରହ୍ମପୁର, ୧୩।୧ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ପାଟପୁର ଥାନା କଲରାପଦର ଗ୍ରାମର ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ରାଜେନ୍ଦ୍ର ସ୍ୱାଇଁଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ସାହୁ। ରବିବାର ସାନଖେମୁଣ୍ଡି ତହସିଲଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ରାମଚନ୍ଦ୍ର ପଟ୍ଟନାୟକ,ସାଇଣ୍ଟିଫିକ ଟିମ ସହ ତଦନ୍ତକାରୀ ଅଧିକାରୀ ଏସଆଇ ହିମାଂଶୁ ପାତ୍ର ଗାଁରେ ପହଞ୍ଚି ତଦନ୍ତ କରିଥିଲେ। ପରେ ପୋଲିସ ପୁଷ୍ପାଞ୍ଜଳିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ଡାକ୍ତରଖାନାକୁ ପଠାଇଥିଲା। ଯୌତୁକ ପାଇଁ ଝିଅକୁ ହତ୍ୟା କରାଯାଇଥିବା ପୁଷ୍ପାଞ୍ଜଳିଙ୍କ ବାପା ଗଙ୍ଗାଧର ସାହୁ ପାଟପୁର ଥାନାରେ ଏତଲା ଦେଇଛନ୍ତି। ଶେରଗଡ଼ ଥାନା ଚିକିଲି ଗ୍ରାମର ପୁଷ୍ପାଞ୍ଜଳିଙ୍କ ୨୦୨୪ ଜୁଲାଇ ୨୫ ତାରିଖରେ କଲରାପଦର ଗ୍ରାମର ରାଜେନ୍ଦ୍ରଙ୍କ ସହ ବିବାହ ହୋଇଥିଲା। ସ୍ୱାମୀ ଓ ଶାଶୁର ଘର ଲୋକଙ୍କ ଦାବି ପ୍ରକାରେ ସମସ୍ତ ଯୌତୁକ ସାମଗ୍ରୀ ଦିଆଯାଇଥିଲା। ହେଲେ ବିବାହ ସମୟରେ ତୁଟିଥିବା ୩୦ ହଜାର ଯୌତୁକ ଟଙ୍କା ଦିଆଯାଇ ନଥିଲା। ବିବାହର କିଛିଦିନ ହସଖୁସିରେ ବିତିବା ପରେ ୩୦ ହଜାର ଟଙ୍କା ବାପଘରୁ ଆଣିବା ପାଇଁ ରାଜେନ୍ଦ୍ର ଓ ତାଙ୍କ ପରିବାର ଲୋକେ ପୁଷ୍ପାଞ୍ଜଳିଙ୍କୁ କଟୁ କଥା କହୁଥିଲେ। ରାଜେନ୍ଦ୍ର ଚେନ୍ନାଇରେ କାମ କରୁଥିବାରୁ ସେ କିଛିଦିନ ପରେ ଚାଲିଯାଇଥିଲେ। ସପ୍ତାହେ ତଳେ ସେ ଗାଁକୁ ଫେରିଥିଲେ। ଶନିବାର ରାତିରେ ପୁଷ୍ପା ମାନସିକ ଭାରସାମ୍ୟ ହରାଇ ଘରେ ରସି ଲଗାଇ ଆତ୍ମହତ୍ୟା କରିଥିବା ରାଜେନ୍ଦ୍ର ତାଙ୍କ ଶଶୁରଙ୍କୁ ଜଣାଇଥିଲେ। ଅନ୍ୟପକ୍ଷରେ ଝିଅକୁ ଶାଶୁଘର ଲୋକେ ମାରିଦେବା ପରେ ଆତ୍ମହତ୍ୟାର ରୂପ ଦେବା ପାଇଁ ଉଦ୍ୟମ କରିଥିବା ପୁଷ୍ପାଞ୍ଜଳିଙ୍କ ବାପା ଗଙ୍ଗାଧର ଏତଲାରେ ଦର୍ଶାଇଛନ୍ତି। ଏ ନେଇ ନଂ.୨୯/୨୫ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପାଟପୁର ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରା କହିଛନ୍ତି।

# ବିଦ୍ୟୁତ୍ ଆଘାତରେ ବାଳକ ମୃତ



**ନାଉଗାଁ, ୧୩।୧ (ସଂଚାର ବ୍ୟୁରୋ) :** ନାଉଗାଁ ଥାନା ଅନ୍ତର୍ଗତ ଗଙ୍ଗଦା ବଜାରରେ ଆଜି ସଂଧ୍ୟା ସମୟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଉକ୍ତ ବଜାରରେ ସ୍ଥାନୀୟ ପାଇକସାହି ଗ୍ରାମର ଚନ୍ଦନ ପରିଡ଼ା ନାମକ ଜଣେ ବ୍ୟକ୍ତିଙ୍କ ଏକ ପାନ ଦୋକାନ ରହିଛି। ଯେଉଁଠାରେ ଆଜି ସନ୍ଧ୍ୟାରେ ତାଙ୍କ ନାବାଳକ ପୁଅ ଆୟୁଷ ପରିଡ଼ା ଦୋକାନ ଇଲେକ୍ଟ୍ରି ବଲ ଲଗାଉଥିବା ସମୟରେ ତାକୁ ବିଦ୍ୟୁତ୍ ଆଘାତ ଲାଗିଥିବା ବେଳେ ସେଠାରେ ସେ ସଂଜ୍ଞାହୀନ ହୋଇପଡ଼ିଥିଲା। ଫଳରେ ସ୍ଥାନୀୟ ଲୋକମାନେ ତାଙ୍କୁ ଚିକିତ୍ସା ପାଇଁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ହେଲେ ସେଠାରେ ଡାକ୍ତର ଆୟୁଷକୁ ମୃତ ଘୋଷଣା କରିବା ପରେ ସ୍ଥାନୀୟ ଅଂଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହେଇଥିବା ଦେଖିବାକୁ ମିଳିଛି।ଆୟୁଷ ସ୍ଥାନୀୟ ଗଙ୍ଗଦା ଏମିଇ ବିଦ୍ୟାଳୟ ରେ ଷଷ୍ଠ ଶ୍ରେଣୀରେ ପାଠ ପଢୁଥିବା ଜଣାଯାଇଛି।

# ଶିକ୍ଷାନୁଷ୍ଠାନର ବିକାଶ ଓ ସୁନାମ ବଢ଼ାଇବାରେ ପୁରାତନ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



**ଭୁବନେଶ୍ୱର, ୧୩।୧ (ସଂଚାର ବ୍ୟୁରୋ) :** ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ଠାରୁ ଆରମ୍ଭ କରି ଏହାର ସର୍ବାଙ୍ଗୀନ ବିକାଶ ତଥା ସୁନାମ ବଢ଼ାଇବାରେ ପୁରାତନ ଛାତ୍ରଛାତ୍ରୀମାନଙ୍କର ଅବଦାନ ଓ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। 'ଓଲ୍ଡ଼ ଇଜ୍ ଗୋଲ୍ଡ଼' ଭଳି ପୁରାତନ ଛାତ୍ରଛାତ୍ରୀମାନେ କେବଳ ଶିକ୍ଷାନୁଷ୍ଠାନ ନୁହେଁ, ସମାଜର ବିକାଶ ପାଇଁ ସର୍ବଦା ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛନ୍ତି। ବର୍ତ୍ତମାନର ଡିଜିଟାଲ ଯୁଗର ପ୍ରତିଯୋଗିତାମୂଳକ ବାତାବରଣ ମଧ୍ୟରେ ଶୃଙ୍ଖଳିତ ଜୀବନ ଆଧାରିତ ମୂଲ୍ୟବୋଧଭିତ୍ତିକ ଶିକ୍ଷାର ଜରୁରୀ ଆବଶ୍ୟକତା ରହିଥିବା ବେଳେ ଏ କ୍ଷେତ୍ରରେ ପୁରାତନ ଛାତ୍ରଛାତ୍ରୀମାନେ ଉତ୍ତର ପିଢିକୁ ଦିଗ୍‌ଦର୍ଶନ ଦେବାର ସମୟ ଆସିଛି ବୋଲି ମତପ୍ରକାଶ ପାଇଛି। ଚୌଦ୍ୱାର ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ବାର୍ଷିକ ବନ୍ଧୁ ମିଳନ ସମାରୋହ (୨୦୨୫) ରବିବାର ମହାବିଦ୍ୟାଳୟ ପରିସରସ୍ଥ ନବନିର୍ମିତ କନଫରେନ୍ସ ହଲ୍‌ରେ ସଭାପତି ବିବେକାନନ୍ଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ରଶ୍ମୀ ରାଉତରାୟ, ଅଧ୍ୟାପକ ସୁମନ୍ତ ସାହୁ, ବସନ୍ତ ବିଶ୍ୱାଳ, ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଚିତ୍ରାନନ୍ଦ ରାଉତରାୟ ପ୍ରମୁଖ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ପୁରାତନ ଛାତ୍ରଛାତ୍ରୀମାନଙ୍କ ମହାବିଦ୍ୟାଳୟ ପ୍ରତିଷ୍ଠା ଓ ଏହାର ବିକାଶ କ୍ଷେତ୍ରରେ ଦେଇଥିବା ଯୋଗଦାନ ଉପରେ ଆଲୋକପାତ କରିବା ସହ ଆଗାମୀ ଦିନରେ ହେବାକୁ ଯାଉଥିବା ସମସ୍ତ ବିକାଶମୂଳକ କାର୍ଯ୍ୟକ୍ରମ ଏବଂ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଇଁ ସହଯୋଗ ଜାରି ରଖିବାକୁ ନିବେଦନ ଜଣାଇଥିଲେ। ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀ ପାଠପଢ଼ା ଦିନର ସ୍ମୃତି ଅନୁଭୂତି ବଖାଣିବା ସହ ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ।

# ମଣ୍ଡିରେ ଧାନ ବିକ୍ରି କରି ନ ପାରି ଚାଷୀ ହନ୍ତସନ୍ତ



**ବୈଶିଙ୍ଗା, ୧୩।୧ (ସଂଚାର ବ୍ୟୁରୋ) :** ରାଜ୍ୟର ନୂଆ ବିଜେପି ସରକାର ଗଠନ ପରେ ଖରିଫ୍ ଧାନ ଟ.୩୧୦୦/ରେ କିଣା ଯିବା ପାଇଁ ଘୋଷଣା କରିଥିଲେ। ହେଲେ ସାରା ରାଜ୍ୟରେ ଧାନ କିଣାରେ ତ୍ରୁଟିପୂର୍ଣ୍ଣ ନୀତି ପାଇଁ ଚାଷୀ ହନ୍ତସନ୍ତ ହେଉଥିବାର ଦେଖାଦେଇଛି । ୨୦୨୫ ମସିହା ଜାନୁଆରୀ ମାସ ଅଧା ହୋଇଗଲାଣି ମାତ୍ର ଡିସେମ୍ବର ମାସର ଆସିଥିବା ଟୋକନ୍‌ରେ ଧାନ କିଣା ହୋଇ ପାରୁନାହିଁ। ସରକାର କହିଲେ ମଣ୍ଡିକୁ ମନ୍ତ୍ରୀ ଜଗିବେ ମାତ୍ର ବିଧାୟକଙ୍କ ପାଦ ପଡୁନାହିଁ । ବୈଶିଙ୍ଗା ଲ୍ୟାମ୍ପସ ରେ ଏଭଳି ଅବ୍ୟବସ୍ଥା ଦେଖା ଦେଇଛି । ଦୈନିକ ୧୨୦୦ କ୍ୱିଣ୍ଟାଲ କିଣା ଯିବାର ନିୟମ କରାଯାଇଥିଲା ବେଳେ କିଣା ଯାଉଛି ୩୦୦ ଶହ ରୁ ୪୦୦ କ୍ୱିଣ୍ଟାଲ ଧାନ । ବହୁ ଚାଷୀ ଟ୍ରାକ୍ଟର ବା ଟ୍ରକ୍ ଯୋଗେ ଧାନ ଆଣି ପୁଣି ବାଧ୍ୟ ହୋଇ ଫେରାଇ ନେବାକୁ ବାଧ୍ୟ ହୋଇଥିଲେ।

ରାତି ପାହିଲେ ମକର ପର୍ବ। ମୟୂରଭଞ୍ଜରେ ମକର ପର୍ବ ଏକ ନିଆରା। ଏକ ସପ୍ତାହ ଧରି ମକର ପାଇଁ ଚାଷୀ ମସଗୁଲ ହୋଇ ଯାଇଥାଏ । କୁଡୁମୀ ଏବଂ ଆଦିବାସୀ ସମ୍ପ୍ରଦାୟରେ ଟୁସୁ ପର୍ବ, ଦାମୋଦର ଯାତ୍ରା, ବିଭିନ୍ନ ଗ୍ରାମରେ ସ୍ପୋର୍ଟସ ଆଦି ପାଳନ କରାଯାଇଥାଏ । ମାତ୍ର ଚାଷୀଟିଏ ଧାନ ବିକ୍ରୀ କରି ନ ପାରି କିପରି ହୀନସ୍ତା ହେଉଛନ୍ତି ତାହା ନ ଦେଖିଲେ ବିଶ୍ୱାସ କରିହେବ ନାହିଁ । ଯଥାଶୀଘ୍ର ଏହି ତୃଟି ପୂର୍ଣ୍ଣ ଧାନ କିଣା ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ନିମାପଡ଼ାରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ

**ନିମାପଡ଼ା, ୧୩।୧ (ସଂଚାର ବ୍ୟୁରୋ) :** ସଡକ ସୁରକ୍ଷା, ଜୀବନ ରକ୍ଷା! ଦ୍ରୁତ ଗତି, ମହା ବିପତ୍ତି ! ସୁରକ୍ଷା ପ୍ରତି ଯିଏ ଦିଏ ଧ୍ୟାନ, ତାହାର ହୁଏ ଦୀର୍ଘ ଜୀବନ ! ନୋ ବେଲ୍ଟ ନୋ ଏକ୍ସକ୍ୟୁଜ ! ଏପରି କିଛି ସ୍ଲୋଗାନ୍ ଆଉ ସଚେତନତା ବାର୍ତ୍ତା ନେଇ ନୟା ସବେରା ନିମାପଡା ୟୁଥ ଟ୍ରଷ୍ଟର ୬୦ରୁ ଊର୍ଦ୍ଧ୍ୱ ସଦସ୍ୟ ଓ ନିମାପଡା ପୋଲିସ ବାହିନୀର ମିଳିତ ଉଦ୍ୟମରେ ଦୋଳବେଦୀ ଛକ ମୁଖ୍ୟ ରାସ୍ତାରେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି।ଯେଉଁମାନେ ଚାରିଚକିଆ ଯାନରେ ସିଟ ବେଲ୍ଟ ବାନ୍ଧିଥିଲେ ଓ ଦୁଇଚକିଆ ଯାନରେ ହେଲମେଟ ପିନ୍ଧିଥିଲେ ତାଙ୍କୁ ଗୋଲାପ ଫୁଲ ଓ ଚକଲେଟ ଉପହାର ଦିଆଯାଇଥିଲା। ଯେଉଁମାନେ ସିଟ ବେଲ୍ଟ ଓ ହେଲମେଟ ପିନ୍ଧି ନଥିଲେ ଏବଂ ଆଲକହଲ ବା ଅନ୍ୟ ନିଶାଦ୍ରବ୍ୟ ବ୍ୟବହାର କରି ଗାଡି ଚଳାଉଥିଲେ ସେମାନଙ୍କୁ ସତର୍କ ଓ ସଚେତନ କରାଯାଉଥିଲା। ଏହି ଅଭିଯାନରେ ନିମାପଡ଼ା ଏସଡିପିଓ ପ୍ରଭାତ କୁମାର ମଲ୍ଲିକ, ଆଇଆଇସି ବାମଦେବ ସ୍ୱାଇଁ, ପୋଲିସ ଷ୍ଟାଫ୍, ଟ୍ରଷ୍ଟର ସମ୍ପାଦକ ନିର୍ମଳ ପରିଜା, ଉପଦେଷ୍ଟା ଜୀବନଜ୍ୟୋତି ଶତପଥି ଆଦି ଅନେକ ସଦସ୍ୟ ଉପସ୍ଥିତ ଥିଲେ।




# କାୟାକଳ୍ପ ଟିମ୍‌ର ବୋରିଗୁମ୍ମା ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ




**ବୋରିଗୁମ୍ମା, ୧୩।୧ (ସଂଚାର ବ୍ୟୁରୋ) :** ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ତିନି ଜଣିଆ ରାଜ୍ୟ କାୟାକଳ୍ପ ଟିମ୍ ପରିଦର୍ଶନ କରିଛନ୍ତି। ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱଚ୍ଛ ପରିଚ୍ଛନ୍ନ ଠାରୁ ଆରମ୍ଭ କରି ନିରାମୟ ଔଷଧ ବିତରଣ କେନ୍ଦ୍ର, ନିଦାନ ବିଭାଗ, ଅନ୍ତଃ ବିଭାଗ, ବହିଃ ବିଭାଗ, ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର, ଔଷଧ ଭଣ୍ଡାର ସହ କାର୍ଯ୍ୟାଳୟର ସମସ୍ତ ନଥୀପତ୍ର ପରଖିଥିଲେ । ଏହି ରାଜ୍ୟସ୍ତରୀୟ ତିନି ଜଣିଆ ଟିମରେ ଅତିରିକ୍ତ ନିର୍ଦ୍ଦେଶକ ଡ଼. ପ୍ରଭାକର ସାହୁ, ୟୁନିସେଫ ରୁ ଡ଼. ଅଭିଲାଷ କୁମାର, ପିଟିସି. କନ୍ସଲଟାଣ୍ଟ ସୁଧାଂଶୁ ଶେଖର ସାମନ୍ତରାୟ ସ୍ୱାସ୍ଥ୍ୟ ସେବାର ବିଭିନ୍ନ ବିଭାଗ ପରଖିଥିଲେ। ପୂର୍ବରୁ ବହୁବାର ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପରେ ରାଜ୍ୟ ଏବଂ ଜିଲ୍ଲାସ୍ତରରେ ସମ୍ମାନର ସହ ପୁରସ୍କୃତ ହୋଇ ସାରିଛି। ଚଳିତ ବର୍ଷ ମଧ୍ୟ କାୟକଳ୍ପ ପୁରସ୍କାର ପାଇବା ଆଶା ରଖୁଛନ୍ତି ବୋଲି କହିଛନ୍ତି ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶ୍ରୀକାନ୍ତ ଶତପଥୀ। ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିସିନ୍ ବିଭାଗ ଡା. ଶ୍ରୀକାନ୍ତ ଶତପଥୀ, ବିପିଏମ.ସରୋଜ କୁମାର ମହାପାତ୍ର, ଗୋଲକ ବିହାରୀ ଚୌଧୁରୀ, କିରାଣୀ ଶ୍ରୀଧର ହୋତା, ଶିବପ୍ରସାଦ ନାୟକ, ଦମୟନ୍ତୀ ମୁଦୁଲି, ଶ୍ରୀନିବାସ ରାଓ, ଓ ବାଲେଶ୍ୱର ନାୟକଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ୧୯୮୮ ବ୍ୟାଚର ବନ୍ଧୁମିଳନ

**ବାଲିଅନ୍ତା, ୧୩।୧ (ସଂଚାର ବ୍ୟୁରୋ) :** ବାଲିଅନ୍ତା ବ୍ଲକ ଅନ୍ତର୍ଗତ ପ୍ରତାପ ଶାସନ ବାଳକ ଉଚ୍ଚ ବିଦ୍ୟାଳୟର ୧୯୮୮ ବ୍ୟାଚର ବନ୍ଧୁ ମିଳନ ଉତ୍ସବ ବାଳକାଟୀ ଗଂଜେଇ ଗୋଦାମ ପାଖ ମା ହାଣ୍ଡି ଶାଳ ଠାରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଛତିଶ ବର୍ଷ ପରେ ସାଙ୍ଗମାନେ ଏକାଠି ହୋଇ ସ୍କୁଲ ବେଳର ସ୍ମୃତିକୁ ମନେ ପକେଇବାସହ ବର୍ତ୍ତମାନର ସୁଖ ଦୁଃଖକୁ ପରସ୍ପର ମଧ୍ୟରେ ବାଣ୍ଟିଥିଲେ ଏବଂ ଏହି ଅବସରେ ଦିବଂଗତ ଗୁରୁମାନଙ୍କୁ ମନେପକାଇଥିଲେ। ଏହି ବନ୍ଧୁ ମିଳନରେ ୫୦ରୁ ଅଧିକ ବନ୍ଧୁ ଏକତ୍ରିତ ହୋଇଥିଲେ। ଏହି ବନ୍ଧୁ ମିଳନରେ ଅରୁଣ କୁମାର ମହାନ୍ତି, ସୁର ନନ୍ଦୀ, ଶିବ ନାରାୟଣ ଦାସ ସଂଗୀତ ପରିବେଷଣ କରିଥିଲେ।



# ନୂଆଗାଁରେ ଝାଡ଼ାବାନ୍ତି, ୨ମୃତ

**କଣାସ, ୧୩।୧ (ସଂଚାର ବ୍ୟୁରୋ) :** କଣାସ ବ୍ଲକ ଗଡ଼ିଶାଗୋଦା ଗ୍ରାମପଞ୍ଚାୟତ ନୂଆଗାଁ ଗ୍ରାମରେ ୧୦ଦିନ ହେଲା ଛାଡାବାନ୍ତି ଲାଗିରହିଥିବା ବେଳେ ସାରଥ ପ୍ରଧାନ ୭୫ବର୍ଷ ଏବଂ ସଚଳା ସାହୁ ୬୦ବର୍ଷଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଖବର ନେବାରେ ଜଣାପଡ଼ିଛି ନୂଆଗାଁ ଗ୍ରାମରେ ଦୀର୍ଘ ୧୦ଦିନ ହେଲା ଝାଡାବାନ୍ତି ଲାଗିରହି କରୁଣାକର ସାହୁ, ରୋହିତ ସାହୁ, ସମିର ସାହୁ, ଶାନ୍ତିଲତା ଦଳାଇ, ଭୁବନୀ ପାଇକରାୟ, ଅନ୍ୟାନ୍ୟ ଛୋଟରାୟ, ଲିପିକା ଶ୍ରୀଚନ୍ଦନ, ମେରୁ ଶ୍ରୀଚନ୍ଦନ, ଆଶୀଷ ସାହୁ, ଅମନ ରାଉତରାୟ, ରାତା ବେୱା, ସର ଶ୍ରୀଚନ୍ଦନ, ମମି ସାହୁ, ଦିଗଇ ବେୱା, ଲକ୍ଷ୍ମୀଧର ରାଉତରାୟ, ପ୍ରହଲ୍ଲାଦ ଦଳାଇ, ସାରଥ ପ୍ରଧାନ, ସଚଳା ସାହୁ, ତରୁ ରାଉତରାୟ ପ୍ରମୁଖ ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ତରଳ ଝାଡାରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହୋଇ ଘରକୁ ଫେରିଥିଲେ। ସାରଥ ପ୍ରଧାନ ଝାଡାରେ ଆକ୍ରାନ୍ତ ହେବାପରେ ସେ ପ୍ରଥମେ ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିବା ବେଳେ ୬ଦିନ ତଳେ ମୃତ୍ୟୁ ହୋଇଯାଇଥିଲା। ସେହିପରି ସଚଳ ସାହୁ ଝାଡାରେ ଆକ୍ରାନ୍ତ ହେବାପରେ ଗତକାଲି କଣାସ ଗୋଷ୍ଠୀ ଚିକିତ୍ସା କେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇଥିବା ବେଳେ ତାଙ୍କୁ ଭୁବନେଶ୍ୱର ଡାକ୍ତରଖାନାକୁ ପଠାଇଦିଆଯାଇଥିଲା। ସେଠାରେ ସଚଳାଙ୍କ ଆଜି ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ୧୦ଦିନ ହେଲା ଝାଡାବାନ୍ତି ଲାଗିରହିଥିଲେ ମଧ୍ୟ କୌଣସି ଡାକ୍ତରୀ ଦଳ ଗ୍ରାମରେ ପହଞ୍ଚି ନାହାନ୍ତି। ଗ୍ରାମରେ ଥିବା ଆଶା ଦିଦି ରୋଗୀମାନଙ୍କୁ ଚିକିତ୍ସା କରୁଛନ୍ତି। ପାନୀୟଜଳ ସମସ୍ୟାକୁ ନେଇ ଝାଡାବାନ୍ତି ଲାଗିଥିବା ବୃଦ୍ଧ ବ୍ୟକ୍ତିମାନଙ୍କ ଠାରୁ ପ୍ରକାଶ।

# ହୋଟେଲ୍ ପାଲଟିଛି ଶଙ୍ଖ ଭବନ



ଜଗନ୍ନାଥଙ୍କୁ କାଉଣ୍ଟର କଲେ ଅରୁଣ




**ଭୁବନେଶ୍ୱର,୧୩।୧ (ସଂଚାର ବ୍ୟୁରୋ):** ବିଜେଡି ରାଜ୍ୟ କାର୍ଯ୍ୟାଳୟ ଶଙ୍ଖ ଭବନକୁ ନେଇ ସରଗରମ ହୋଇଛି ରାଜନୀତି। ମୁହାଁମୁହିଁ ହୋଇଛନ୍ତି ବିଜେପି ଓ ବିଜେଡି। ଶଙ୍ଖ ଭବନକୁ ନେଇ ବିଜେପି ନେତା ଜଗନ୍ନାଥ ପ୍ରଧାନ ଗୁରୁତର ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ଶଙ୍ଖ ଭବନ ହୋଟେଲ୍‌ରେ ପରିଣତ ହୋଇଛି। ବିଜେପି ନେତାଙ୍କ ଏପରି ଅଭିଯୋଗର ଜବାବ ରଖିଛନ୍ତି ବିଜେଡି ବିଧାୟକ ଅରୁଣ କୁମାର ସାହୁ।

ଶ୍ରୀ ସାହୁ କହିଛନ୍ତି ଯେ ଭାରତୀୟ ରାଜନୀତି ଇତିହାସରେ ଏକ ବିରଳ ଘଟଣା ଘଟିବାକୁ ଯାଉଛି। ଦୀର୍ଘ ୨୪ ବର୍ଷ କ୍ଷମତାରେ ରହିବା ପରେ ୨୦୨୧ରେ ନୂତନ କାର୍ଯ୍ୟାଳୟ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି)ଠାରୁ ବିଜେଡି ଅନୁମତି ପାଇଥିଲା। ଉକ୍ତ ଜମି ପାଇଁ ବିଜେଡି କାର୍ଯ୍ୟାଳୟ ପାଇଁ ଉଲ୍ଲିଖିତ ରହିଛି। ଗତ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଥିଲା। କିନ୍ତୁ ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ଖବରରୁ ଜଣାପଡ଼ିଛି ଯେ ବିଜେଡିର ଏହି କାର୍ଯ୍ୟାଳୟ ଏବେ ହୋଟେଲରେ ପରିଣତ ହୋଇଛି, ଯାହାକି ଦେଶରେ କେଉଁଠି ଦେଖିବାକୁ ମିଳି ନ ଥିଲା। କୌଣସିଠାରେ ବି ରାଜନୈତିକ ଦଳର କାର୍ଯ୍ୟାଳୟକୁ ହୋଟେଲରେ ପରିଣତ କରାଯାଇନାହିଁ। କାର୍ଯ୍ୟାଳୟକୁ କେହି ଆସୁନଥିବାରୁ ଦଳ ନିଷ୍ପତ୍ତି ନେବାକୁ ଯାଉଛି କି ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି।

ଗତ ବିଧାନସଭା ନିର୍ବାଚନରେ ଭୁବନେଶ୍ୱର (ମଧ୍ୟ) ଆସନରୁ ପ୍ରାର୍ଥୀ ହୋଇଥିବା ଶ୍ରୀ ପ୍ରଧାନ କହିଛନ୍ତି ଯେ ସରକାରଙ୍କ ପାଖରୁ ଜାଗା ନେଇ ବିଜେଡି ରାଜମହଲ ପରି କାର୍ଯ୍ୟାଳୟଟିଏ ନିର୍ମାଣ କରିଥିଲା। କର୍ପୋରେଟ ହାଉସ୍‌ଙ୍କଠାରୁ ଚାନ୍ଦା ଆଦାୟ କରି ବିଜେଡି କାର୍ଯ୍ୟାଳୟ ନିର୍ମାଣ କରିଥିଲା। ଏବେ ଆଉ କର୍ପୋରେଟ ହାଉସଙ୍କ ପାଖରୁ ଟଙ୍କା ଆସୁନାହିଁ। ସେଥିପାଇଁ କାର୍ଯ୍ୟାଳୟ ଚଳାଇବାକୁ ହୋଟେଲ୍‌ର ଆବଶ୍ୟକତା ପଡ଼ୁଛି। ତେଣୁ ଯଦି ଏବେଠାରୁ ରାଜ୍ୟ ସରକାର ଏହାକୁ ସଜ୍ଞାନକୁ ନ ନେବେ, ତା'ହେଲେ ଆଗାମୀ ଦିନରେ ବିଜେଡି କାର୍ଯ୍ୟାଳୟ ଷ୍ଟାର ହୋଟେଲ୍‌ରେ ପରିଣତ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏଥିସହ ଏହି କାର୍ଯ୍ୟାଳୟକୁ ବିଜେଡି କଳାୟ କାର୍ଯ୍ୟରେ ବିନିଯୋଗ କରିବ କି ଏହାକୁ ହୋଟେଲ୍ ଭାବେ କରିବା ସକାଶେ ସେ ଦାବି କରିଛନ୍ତି। ଯଦି ଦଳ କାର୍ଯ୍ୟାଳୟକୁ ହୋଟେଲ୍‌ରେ ପରିଣତ କରିବାକୁ ଚାହୁଁଛି, ତା'ହେଲେ ତୁରନ୍ତ ଉକ୍ତ ଜମି ପାଇଁ ମିଳିଥିବା ଅନୁମତିକୁ ବ୍ୟାଜ୍ୟାପ୍ତି କରାଯିବା ସହ ରାଜ୍ୟ ସରକାର କଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଶ୍ରୀ ପ୍ରଧାନ ଦାବି କରିଛନ୍ତି। ଅନ୍ୟପକ୍ଷରେ ଶ୍ରୀ ପ୍ରଧାନଙ୍କ ଏପରି ମନ୍ତବ୍ୟର ଜବାବ ରଖିବାକୁ ଯାଇ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି ଯେ ସେଲେଓ୍ୱରେ କ୍ୟାଣ୍ଟିନ୍ ଅଛି। ସଂସଦରେ ମଧ୍ୟ କ୍ୟାଣ୍ଟିନ୍ ରହିଛି। ତେଣୁ ବିଜେପି ନେତାଏ ଚାହିଁଲେ ଶଙ୍ଖ ଭବନରେ ଥିବା କ୍ୟାଣ୍ଟିନ୍‌କୁ ଆସି ଖାଇପାରିବେ। ଶଙ୍ଖ ଭବନ ନିର୍ମାଣ ସମୟରେ ଏହା ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ସ୍ପଷ୍ଟ କରାଯାଇଥିଲା। ଏବେ ବି ସେଠାରେ କର୍ମୀମାନଙ୍କୁ ନେଇ ବୈଠକ ବସୁଛି ଓ ସାଧାରଣ ଲୋକେ ସେଠାରେ ଥିବା କ୍ୟାଣ୍ଟିନ୍‌ରେ ଖାଉଛନ୍ତି। ତେଣୁ ଶ୍ରୀ ପ୍ରଧାନଙ୍କ ମନ୍ତବ୍ୟର ବିଶେଷ କିଛି ଗୁରୁତ୍ୱ ନାହିଁ ବୋଲି ଶ୍ରୀ ସାହୁ କହିଛନ୍ତି।

# ଓଡ଼ିଶାର ସ୍ୱାସ୍ଥ୍ୟସେବାରେ ନୂଆ ଅଧ୍ୟାୟ



**ନୂଆଦିଲ୍ଲୀ,୧୩।୧ (ସଂଚାର ବ୍ୟୁରୋ):** ଓଡ଼ିଶାରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟରେ ସ୍ୱାସ୍ଥ୍ୟସେବା ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡିହେଲା ବୋଲି ସୋମବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏ ସମ୍ପର୍କୀତ ଏମଓୟୁ ସ୍ୱାକ୍ଷର କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଓଡ଼ିଶାରେ ଆୟୁଷ୍ମାନ ଭାରତ ଯୋଜନାର କାର୍ଯ୍ୟକାରୀ ପାଇଁ କେନ୍ଦ୍ର ସରକାରଙ୍କ ନ୍ୟାସନାଲ୍ ହେଲଥ ଅଥୋରିଟି ସହିତ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାବାସୀଙ୍କୁ ଦେଇଥିବା ଆଉ ଏକ ପ୍ରତିଶ୍ରୁତି ପୂରଣ ହୋଇଛି। ଭାରତ ସରକାରଙ୍କ ଆୟୁଷ୍ମାନ ଭାରତ ପିଏମ ଜନ ଆରୋଗ୍ୟ ଯୋଜନା ଓ ଓଡ଼ିଶା ସରକାରଙ୍କ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ସମନ୍ୱିତ କ୍ରିୟାନ୍ୱୟନର ଶୁଭାରମ୍ଭ ଅବସରରେ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଉଛି।

ଓଡ଼ିଶା ସମେତ ଦେଶର ନାଗରିକଙ୍କୁ ସହଜ, ସୁଲଭ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଦିଗରେ ବିହିତ ପଦକ୍ଷେପ ନେଉଥିବାରୁ ପ୍ରଧାନମନ୍ତ୍ରୀ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି। ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ସ୍ୱାସ୍ଥ୍ୟ ଯୋଜନା ଦ୍ୱାରା ଓଡ଼ିଶାର ପ୍ରାୟ ୧ କୋଟି ୩ ଲକ୍ଷରୁ ଉର୍ଦ୍ଧ୍ୱ ପରିବାର ଆୟୁଷ୍ମାନ ଭାରତ ଯୋଜନା ସହ ରାଜ୍ୟ ସରକାରଙ୍କ ନିଜସ୍ୱ ସ୍ୱାସ୍ଥ୍ୟ ଯୋଜନାର ଲାଭ ନେଇପାରିବେ। ଓଡ଼ିଶାର ୭୦ ବର୍ଷରୁ ଅଧିକ ବୟସର ସମସ୍ତ ବରିଷ୍ଠ ନାଗରିକମାନେ ମଧ୍ୟ ଏହା ଦ୍ୱାରା ଉପକୃତ ହେବେ। ସ୍ୱାସ୍ଥ୍ୟ କ୍ଷେତ୍ରକୁ ଗୁରୁତ୍ୱ ଦେଇ ସୁସ୍ଥ ଓଡ଼ିଶା ଓ ସୁସ୍ଥ ସମାଜ ଗଠନ କରିବା ପାଇଁ ଆମ ସରକାର ବଦ୍ଧ ପରିକର।

# ମେଘୁଆ ରହିବ ପାଗ, ଜାରି ରହିବ ଶୀତ ପ୍ରକୋପ

**ଭୁବନେଶ୍ୱର,୧୩।୧(ସଂଚାର ବ୍ୟୁରୋ):** ସମ୍ପ୍ରତି ଭୀଷଣ ଶୀତ ଅନୁଭୂତ ହେଉଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ତେବେ ଏହି ଶୀତରୁ ଏବେ ସାଧାରଣଲୋକଙ୍କୁ ତ୍ରାହି ମିଳିବ ନାହିଁ। କାରଣ ଆସନ୍ତା ୪ରୁ ୫ ଦିନ ପର୍ଯ୍ୟନ୍ତ ଏହି ଶୀତ ମାତ୍ରାରେ କୌଣସି ପ୍ରକାର ପରିବର୍ତ୍ତନ ହେବ ନାହିଁ। ବରଂ ପାଗ ମେଘୁଆ ରହିବାର ସମ୍ଭାବନା ଥିବାରୁ ଆଗକୁ ଆହୁରି ଶୀତ ବଢ଼ିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପଟେ ପ୍ରବଳ ଶୀତ ସାଙ୍ଗକୁ ଘନ କୁହୁଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଘନ କୁହୁଡ଼ିକୁ ନେଇ ଆଗାମୀ ୪୮ ଘଣ୍ଟା ପାଇଁ ୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ରାଜ୍ୟର କିଛି ଅଞ୍ଚଳରେ ପାଗ ମେଘୁଆ ରହିବାର ସମ୍ଭାବନା ଥିବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ପାଣିପାଗ ବିଭାଗ ପକ୍ଷରୁ ଜାରି ସୂଚନାନୁସାରେ, ଆଗାମୀ ୪ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବନାହିଁ। ଏହାପରେ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି। ସେହିପରି ଆଜିଠାରୁ ଆଗାମୀ ୨ ଦିନ ପର୍ଯ୍ୟନ୍ତ କିଛି ଜିଲ୍ଲାରେ ଘନ କୁହୁଡ଼ି ଦେଖାଦେବ। ଏହାକୁ ନେଇ ୩ ଜିଲ୍ଲା କୋରାପୁଟ, କନ୍ଧମାଳ ଓ କଳାହାଣ୍ଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଆଗାମୀ ୨୪ ଘଣ୍ଟା ମଧ୍ୟରେ କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦୃଶ୍ୟମାନ ହେବ। ଜିଲ୍ଲାଗୁଡ଼ିକ ହେଉଛି ଝାରସୁଗୁଡ଼ା, କେନ୍ଦୁଝର, ସମ୍ବଲପୁର, ସୁନ୍ଦରଗଡ଼, କଟକ ଓ ଖୋର୍ଦ୍ଧା। ସେହିପରି ଆସନ୍ତାକାଲି ଓ ବୁଧବାର ମଧ୍ୟ କେତେକ ଜିଲ୍ଲାରେ ହାଲୁକା କୁହୁଡି ପରିଲକ୍ଷିତ ହେବ। ଉକ୍ତ ଜିଲ୍ଲାଗୁଡ଼ିକ ଝାରସୁଗୁଡ଼ା, କେନ୍ଦୁଝର, ଅନୁଗୋଳ, ସମ୍ବଲପୁର, ସୁନ୍ଦରଗଡ଼, କଟକ ଓ ଖୋର୍ଦ୍ଧା ବୋଲି ପାଣିପାଗ ବିଭାଗ ସ୍ପଷ୍ଟ କରିଛି।

# ଆଜି ଶେଷ ହେବ ଧନୁଯାତ୍ରା



**ବରଗଡ,୧୩।୧ (ସଂଚାର ବ୍ୟୁରୋ):** ଆଜି ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ଅନ୍ତିମ ଦିନ। ଦୀର୍ଘ ୧୧ ଦିନ ଧରି ଚାଲିଥିବା ବିଶ୍ୱର ଏହି ସର୍ବବୃହତ୍ତ ମୁକ୍ତାକାଶ ଯାତ୍ରା ଆଜି ପ୍ରବଳ ପ୍ରତାପୀ ମଥୁରା ନରେଶ ମହାରାଜ କଂସଙ୍କ ବଧ ସହ ଶେଷ ହେବ। ଅନ୍ତିମ ଦିବସରେ କୃଷ୍ଣ, ବଳରାମଙ୍କ ସହ ଗୋପ ଗୋପୀଙ୍କ ମଥୁରା ନଗରୀ ଭ୍ରମଣ , କୁବଳୟା ହସ୍ତୀ ବଧ, ଅଷ୍ଟମଲ୍ଲ ବଧ, ଶିବଧନୁ ଭଙ୍ଗ, କଂସ ବଧ ଓ ଉଗ୍ରସେନଙ୍କ ରାଜ୍ୟାଭିଷେକ ସହ ମଥୁରା କାରାଗାରରୁ ଦେବକୀ-ବସୁଦେବଙ୍କୁ ମୁକ୍ତି ଆଦି ଦୃଶ୍ୟ ଅଭିନୀତ ହେବ। କଂସ ମୃତ୍ୟୁରେ ସମଗ୍ର ମଥୁରା ଓ ଗୋପପୁରରେ ଆନନ୍ଦର ଲହରୀ ସହ ସମାପନ ହେବ ଐତିହାସିକ 'ଧନୁଯାତ୍ରା'। ଗତକାଲି ଧନୁଯାତ୍ରାର ଦଶମ ଦିନରେ ମଥୁରାରେ ପହଞ୍ଚିଛନ୍ତି ବନବିହାରୀ। ଅକ୍ରୁରଙ୍କ ସହିତ ମଥୁରାରେ କୃଷ୍ଣ-ବଳରାମ ଦୁଇ ଭାଇ ପହଞ୍ଚି ସାରିଛନ୍ତି। ଆଦିମାତା ମନ୍ଦିରରେ ଥିବା ମଧୁବନ ତୋଟାରୁ ବାଙ୍କବିହାରୀ ମଥୁରା ଭ୍ରମଣ ଆରମ୍ଭ କରିଛନ୍ତି। କଂସଙ୍କ ଅତ୍ୟାଚାରରୁ ରକ୍ଷା କରିବା ପାଇଁ ତାଙ୍କୁ ନିବେଦନ କରାଯାଇଛି। ଏହିକ୍ରମରେ ରାଜକୀୟ ରଜକଙ୍କୁ କୃଷ୍ଣ ବସ୍ତ୍ର ମାଗିବାରୁ ସେ ଦେଇନଥିଲା। ତେଣୁ ତାଙ୍କୁ ବଧ କରି ରାଜକୀୟ ପୋଷାକ ସବୁ ଗୋପାଳ ବାଳକଙ୍କୁ ବାଣ୍ଟି ଦେଇଥିଲେ ଶ୍ରୀ କୃଷ୍ଣ।

# ପାପନାଶିନୀ ବୈତରଣୀକୁ ଭୁଲିନାହାଁନ୍ତି ମୁଖ୍ୟମନ୍ତ୍ରୀ



**କେନ୍ଦୁଝର,୧୩।୧ (ସଂଚାର ବ୍ୟୁରୋ)** ମଙ୍ଗଳ ବାର ପବିତ୍ର ମକର ସଂକ୍ରାନ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟ ଦେଇ ପ୍ରବାହିତ ପୁଣ୍ୟତୋୟା ବୈତରଣୀ ନଦୀରେ ମକର ବୁଡ଼ ପକାଇବେ। ଏହାପରେ ପ୍ରଥମେ ପାଟଣା ବୈତରଣୀ ନଦୀ ସନ୍ନିକଟ ପରମେଶ୍ୱର ମହାଦେବଙ୍କ ଦର୍ଶନ ପରେ ପୁରାତନ ଆନନ୍ଦେଶ୍ୱର ମହାଦେବ ଦର୍ଶନ କରିବାର କାର୍ଯ୍ୟ କ୍ରମ ରହିଛି।

ଏହାପରେ ମୁଖ୍ୟମନ୍ତ୍ରୀ ଏହି ବ୍ଲକ୍ ଚାକୁଣ୍ଡା ପାଳ ପଞ୍ଚାୟତ ଶ୍ୟାମ ସୁନ୍ଦରପୁର ଗ୍ରାମର ବରିଷ୍ଠ ଭାଜପା ନେତା ତଥା କେନ୍ଦୁଝର ଏମ ପି ଅନନ୍ତ ନାୟକଙ୍କ ଜିଲାପାଳ ପ୍ରତିନିଧି ହରି ମହାନ୍ତଙ୍କ ଘରେ ଜଳଖିଆ କରି କେନ୍ଦୁଝରକୁ ସଡକ ପଥରେ ଗସ୍ତ କାର୍ଯ୍ୟକ୍ରମ ରହିଛି।

ସୂଚନା ଯେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ୨୦୨୨ମସିହା ରେ ସଦର ବିଧାୟକ ଥିବା ବେଳେ ପାଟଣା ମୁଖ୍ୟାଳୟ ବୈତରଣୀ ନଦୀର ଅନୁସୟା ଘାଟରେ ବୁଡ ପକାଇଥିଲେ। ପ୍ରତିବର୍ଷ ସେ ମକର ସଂକ୍ରାନ୍ତିରେ ଦ୍ୱିତୀୟ ଗଙ୍ଗା ପାଟଣା ବୈତରଣୀ ନଦୀରେ ବୁଡ ପକାନ୍ତି। ଚଳିତ ବର୍ଷ ସେ ମୁଖ୍ୟମନ୍ତ୍ରୀ ହେବା ପରେ ବି ନିଜ ସଂସ୍କୃତିକୁ ନ ଭୁଲି ବୈତରଣୀରେ ବୁଡ ପକାଇବା ନିଷ୍ପତ୍ତିକୁ ପାଟଣା ଅଞ୍ଚଳର ବୁଦ୍ଧିଜୀବୀମାନେ ସ୍ୱାଗତ କରିଛନ୍ତି।ଏନେଇ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ତାଙ୍କ ପ୍ରତିକ୍ରିୟା ରେ ମୁଖ୍ୟ ମନ୍ତ୍ରୀ ହେବା ପରେ ପାଟଣାକୁ ଏହା ତାଙ୍କର ପ୍ରଥମ ଗସ୍ତ। ତାଙ୍କୁ ପାଟଣା ମାଟିରେ ଭବ୍ୟ ସ୍ୱାଗତ କରାଯିବ। ସ୍ଥାନୀୟ ସାମାଜିକ କର୍ମୀ ଯୁଗୋଳ କିଶୋର ଦାଶ କହିଛନ୍ତି ଏଭଳି ତ ସଦର ବିଧାୟକ ଥିବା ବେଳେ ପ୍ରତିବର୍ଷ ମକର ରେ ସେ ବୁଡ ପକାଇବାକୁ ସେ ପାଟଣା ବୈତରଣୀ ନଦୀକୁ ଆସନ୍ତି। ଏଥର ତଫାତ କେବଳ ହେଉଛି ସେ ମୁଖ୍ୟମନ୍ତ୍ରୀ ହେବା ପରେ ବି ପରମ୍ପରା ସଂସ୍କୃତିକୁ ଭୁଲି ନାହାଁନ୍ତି। କେନ୍ଦୁଝର ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲ କର ଦାଗୁଡ୍ଡୁ, ଉପଜିଲା ପାଳ ଉମାଶଙ୍କର ଦଳେଇ,ପାଟଣା ତହସିଲ ଦାର ଲୀଳାବତୀ ନାୟକ, ଅତିରିକ୍ତ ତହସିଲ ଦାର ଶରଣ କୁମାର ଜେନା, ଘଟଗାଁ ଏସ ଡି ପି ଓ ପ୍ରଭାତ କୁମାର ତ୍ରିପାଠୀ, ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡ଼ ପ୍ରମୁଖ ବୈତରଣୀ ନଦୀ ଅନୁସୟା ଘାଟ ଓ ୨ଶିବ ମନ୍ଦିର ପରିଦର୍ଶନ କରି ଛନ୍ତି।ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

# ହଷ୍ଟେଲରେ ଛାତ୍ରୀଙ୍କ ମୃତଦେହ : ମାନସିକ ରୋଗୀ କହି ଖସିଗଲେ

**ଭୁବନେଶ୍ୱର,୧୩।୧(ସଂଚାର ବ୍ୟୁରୋ):** ରାଜଧାନୀ ଛାତି ଉପରେ ଥିବା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ହଷ୍ଟେଲରୁ ଜଣୈକା ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତା ଉତ୍କଳିକା ସ୍ୱାଇଁ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ରୀ ଓ ତାଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ହୋଇଥିବା ବେଳେ ସେ ଏକ ତିନିଜଣିଆ ହଷ୍ଟେଲ ରୁମ୍‌ରେ ରହୁଥିଲେ। ଗତକାଲି ରାତିରେ ଉକ୍ତ ରୁମ୍‌ରେ କେହି ନ ଥିବାର ସୁଯୋଗ ନେଇ ଉତ୍କଳିକା ବେକରେ ଓଢଣୀ ଲଗାଇ ଫ୍ୟାନ୍‌ରେ ଝୁଲିପଡ଼ିଥିଲେ। ଆଜି ସକାଳେ ସହପାଠିନୀମାନେ ଦୀର୍ଘ ସମୟ ଧରି କବାଟ ବାଡ଼େଇଥିଲେ ମଧ୍ୟ ଉତ୍କଳିକା ଉଠିନଥିଲେ। ତେଣୁ ସେମାନେ ତୁରନ୍ତ ଏନେଇ ସ୍ଥାନୀୟ ଖାରବେଳ ନଗର ପୁଲିସ୍‌କୁ ଖବର ଦେଇଥିଲେ। ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀଙ୍କ ମାନସିକ ରୋଗ ଥିଲା କହି ନିଜକୁ ଦାୟିତ୍ୱମୁକ୍ତ କରିଦେଇଛନ୍ତି। ଉଦବେଗର କଥା ହେଉଛି ପୂର୍ବରୁ କର୍ତ୍ତୃପକ୍ଷଙ୍କ ବିରୋଧରେ ଯେତେବେଳେ ବର୍ଷାରେ ଭିଜି ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷାମନ୍ତ୍ରୀଙ୍କୁ ଭେଟିଥିଲେ, ସେତେବେଳେ ମନ୍ତ୍ରୀ ସେମାନଙ୍କୁ ଘରେ ବସାଇ ଚା ପିଆଇ ବୁଝାଇସୁଝାଇ ଛାଡିଥିଲେ। ଆଜିର ଘଟଣା ପରେ କିନ୍ତୁ ବିଭାଗୀୟ ମନ୍ତ୍ରୀଙ୍କ ନିରବତା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି।

● ବଢୁଛି ଗୁଡ଼ିସୂତାଜନିତ ଅଘଟଣ

# ୫ ଦିନରେ ୫ ଆହତ

**ଭୁବନେଶ୍ୱର,୧୩।୧(ସଂଚାର ବ୍ୟୁରୋ):** ଆସନ୍ତାକାଲି ପବିତ୍ର ମକର ସଂକ୍ରାନ୍ତି ପାଇଁ ଲୋକଙ୍କ ମଧ୍ୟରେ ଗୁଡ଼ିଉଡ଼ା ନେଇ ଆଗ୍ରହ ବଢୁଥିଲେ ହେଁ ମାଞ୍ଜାସୂତାରେ ଦିନକୁ ଦିନ ଆହତ ହେଉଥିବା ଲୋକଙ୍କ ସଂଖ୍ୟା ବଢ଼ିଚାଲିଛି। ବିଶେଷକରି କଟକର ବିଭିନ୍ନ ସ୍ଥାନରେ ଗୁଡ଼ିଉଡ଼ା ପାଇଁ ବ୍ୟବହାର ହେଉଥିବା ସୂତା ଯୋଗୁଁ ଲୋକେ ଆହତ ହେଉଛନ୍ତି। ଏହି କ୍ରମରେ ଅଦ୍ୟାବଧି ୫ ଦିନରେ ୫ ଜଣ ଆହତ ହୋଇଥିବା ଜଣାପଡ଼ିଛି। ଅବଶ୍ୟ ବିଭିନ୍ନ ସମୟରେ ସ୍ଥାନୀୟ ପୁଲିସ ଗୁଡ଼ି ବିକ୍ରି ହେଉଥିବା ଦୋକାନରେ ଚଢ଼ାଉ କରିଛି। ମାଞ୍ଜାସୂତା ଯୋଗୁଁ ଆହତଙ୍କ ସଂଖ୍ୟା ବଢୁଥିବାରୁ ଏହାକୁ ନେଇ ଯଥେଷ୍ଟ ପୂର୍ବରୁ ହାଇକୋର୍ଟଙ୍କ ଏହା ଉପରେ କଟକଣା ଲଗାଇସାରିଛନ୍ତି। କିନ୍ତୁ ପୁଲିସ୍‌ର କ୍ରମାଗତ ଚଢ଼ାଉ ସତ୍ତ୍ୱେ ଅଘଟଣ ସଂଖ୍ୟା ଥମିବାର ନାଁ ଧରୁନାହିଁ।

ଆଜି କଟକରେ ଜଣେ ଯୁବକଙ୍କ ବେକରେ ଗୁଡ଼ିସୂତା ଲାଗିଯିବାରୁ ସେ ଆହତ ହୋଇଛନ୍ତି। ଏହା ପୂର୍ବରୁ ଗତ ୯ ତାରିଖରେ ବୟାଳିଶମୌଜା ଅଞ୍ଚଳର ଜଣେ ବ୍ୟକ୍ତି ଗୁଡ଼ିସୂତାରେ ଆହତ ହୋଇଥିଲେ। ପରଦିନ ପାଲାମଣ୍ଡପ ସାମ୍ନାରେ ବାଇକ୍‌ରେ ଯାଉଥିବା ଜଣେ ବ୍ୟକ୍ତି ଗୁଡ଼ିସୂତାରେ ଆହତ ହୋଇଥିଲେ। ସେହିପରି ଗତକାଲି ଅପରାହ୍ନରେ ତ୍ରିଶୂଳିଆ ନିକଟରେ ୩ ଜଣ ଗୁଡ଼ିସୂତାରେ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କର ବେକ ଓ ଆଙ୍ଗୁଳି କଟିଥିବା ଜଣାପଡ଼ିଛି। ତେବେ ଦିନକୁ ଦିନ ମାଞ୍ଜା ସୂତାଜନିତ ଅଘଟଣ ବଢୁଥିବାରୁ ଏହା ବିରୋଧରେ ପୁଲିସ୍ ଆହୁରି ଠୋସ୍ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଲୋକେ ମତ ଦେଉଛନ୍ତି।

୯ କୋଟିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଧରାପଡ଼ିବା ଘଟଣା

## ଜର୍ମାନୀରୁ ମାଲେସିଆ ଦେଇ ହେଉଥିଲା ଚାଲାଣ



**ଭୁବନେଶ୍ୱର,୧୩।୧ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ବିମାନ ବନ୍ଦରରୁ ୯ କୋଟିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ ମାମଲାରେ ଏବେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଚୋରା ଚାଲାଣ ପଛରେ ବଡ଼ ଅନ୍ତର୍ଜାତୀୟ ଗ୍ୟାଙ୍ଗ ଥିବା ସୂଚନା ମିଳିଛି। ତେବେ ଏହା ଜର୍ମାନୀରୁ ପ୍ରୋସେସିଂ ହୋଇ ମାଲେସିଆ ଦେଇ ଭାରତ ଆସିଥିବା ଜଣାପଡ଼ିଛି। ପଶ୍ଚିମବଙ୍ଗର ଗିରଫ ୨ ମହିଳାଙ୍କୁ ନାର୍କୋଟିକ୍ସ ଜେରା କରିବ। ଏହି ୨ ମହିଳା ହେଲେ ନାସିରା ଖାତୁନ ଓ ଅବିଦା ଖାତୁନ। ଉଭୟ ଜେରାର ସମ୍ମୁଖୀନ ହେବେ। ଭୁବନେଶ୍ୱର ବିମାନବନ୍ଦରରେ ବିପୁଳ ପରିମାଣର ମହିଳା ଗଞ୍ଜେଇ ଚାଲାଣ କରୁଥିଲେ। ମାତ୍ର କଷ୍ଟମ ବିଭାଗ ଅଧିକାରୀ ଏହାକୁ ଧରିଥିଲେ। ଆଉ ମହିଳାଙ୍କ ନିକଟରୁ ଛୋଟ ଛୋଟ ପ୍ୟାକେଟରେ ପୁଳା ପୁଳା ଗଞ୍ଜେଇ ଜବତ କରିଥିଲେ। ଯାହାର ଆନୁମାନିକ ମୂଲ୍ୟ ୯ କୋଟିରୁ ଅଧିକ ଟଙ୍କା ହେବ ବୋଲି ଜଣାପଡ଼ିଥିଲା। ତେବେ ମହିଳାଙ୍କ ବ୍ୟାଗ୍ ସର୍ଚ୍ଚ ବେଳେ ଏସବୁ ମିଳିଥିଲା। ପଚରାଉଚରା ପରେ ସଂପୃକ୍ତ ମହିଳାଙ୍କୁ ଗିରଫ କରାଯାଇଥିଲା।

ବାଘ ମାରି ଖାଇବା ଘଟଣା

## ବାସନ୍ଦ ହେଲେ ୪ ପରିବାର



**କୋମନା,୧୩।୧ (ସଂଚାର ବ୍ୟୁରୋ):** ବାଘ ମାରି ଖାଇଥିଲେ। ବନ ବିଭାଗ ହାତରେ ଧରାପଡ଼ି ଜେଲ୍ ଗଲେ। ହେଲେ ତାଙ୍କ ପରିବାର ଲୋକଙ୍କୁ ଛାଡ଼ିଲେନି ନିଜର ସମାଜର ଲୋକେ। ସେମାନଙ୍କୁ ବାସନ୍ଦ କରିଦେଲେ। ବାଘ ମାରି ଖାଇବା ଅଭିଯୋଗରେ ନୂଆପଡା ଜିଲ୍ଲା କୋମନା ବ୍ଲକ୍ ଦେଓଦରା ଗାଁରେ ୪ ପରିବାର ୧୩ ଜଣଙ୍କୁ ବାସନ୍ଦ କରିଛି ଚିନ୍ଧା ଭୁଞ୍ଜିଆ ଆଦିବାସୀ ସମାଜ।୨୦୨୪ ନଭେମ୍ବର ୧୬ ତାରିଖରେ କୋମନା ରେଞ୍ଜ ଦେଓଦରା ଗାଁର ଦେବେନ୍ଦ୍ର ଚିନ୍ଧା, ଟିଙ୍କୁ ଚିନ୍ଧା, ପୁରୁଷମ ଚିନ୍ଧା ଓ ଜଗବନ୍ଧୁ ଚିନ୍ଧା ଜଙ୍ଗଲରେ ଫାସ ବସାଇଥିଲେ। ଦୁର୍ଭାଗ୍ୟକୁ ସେହି ଫାସରେ ଗୋଟିଏ କଲରାପତରିଆ ବାଘ ପଡ଼ି ମରିଯାଇଥିଲା। ଏହି ୪ ଜଣ ବାଘର ମୃତଦେହକୁ ନଦୀ କୂଳକୁ ନେଇଯାଇଥିଲେ। ସେହି ସମୟରେ ସେମାନେ ଶୁଣିବାକୁ ପାଇଥିଲେ ବାଘ ମାଂସ ଖାଇଲେ କୌଣସି ରୋଗ ହେବନାହିଁ। ତେଣୁ ସେହି ୪ ଜଣ ମିଶି ବାଘକୁ କାଟି ଭୋଜି କରି ଖାଇ ଦେଇଥିଲେ।

## ପୁଣି ମାଓ ହିଂସା: ୨ ସୁରକ୍ଷା କର୍ମୀ ଆହତ

**ମାଲକାନଗିରି,୧୩।୧(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାର କୁଟ୍ରୁ ଅଞ୍ଚଳରେ ପୁଣି ମାଓବାଦୀଙ୍କ ହିଂସାକାଣ୍ଡ। ଜାଙ୍ଗଲା ନିକଟରେ ନକ୍ସଲ ଦମନ ଅପରେସନ ବେଳେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ଆଇଇଡି ବିସ୍ଫୋରଣ ହୋଇଛି। ଏଥିରେ ୨ ଜଣ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ହେଲିକପ୍ଟର ଯୋଗେ ରାୟପୁର ହସ୍ପିଟାଲକୁ ପଠାଯାଇଛି। ସେହିପରି ସ୍ଥାନୀୟ ଅଞ୍ଚଳରେ ସର୍ଚ୍ଚ ଅପରେସନକୁ ମଧ୍ୟ ଜୋରଦାର କରାଯାଇଛି। ଏ ସଂକ୍ରାନ୍ତରେ ସ୍ଥାନୀୟ ପୁଲିସ୍ ପକ୍ଷରୁ କୁହାଯାଇଛି ଯେ ଜାଙ୍ଗାଲା ନିକଟସ୍ଥ ଜୈଗୁର ଜଙ୍ଗଲରେ ଗତକାଲି ସନ୍ଧ୍ୟାରୁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ଡିଆରଜି ଯବାନ ଓ କୁଟ୍ରୁ ପୁଲିସ୍‌ର କର୍ମଚାରୀମାନେ ଏଥିରେ ସାମିଲ ହୋଇଥିଲେ। ତେବେ ସେମାନଙ୍କୁ ଟାର୍ଗେଟ୍ କରି ନକ୍ସଲମାନେ ଆଇଇଡି ବିସ୍ଫୋରଣ କରିଥିଲେ। ଏଥିରେ ଦୁଇ ଜଣ ସୁରକ୍ଷାକର୍ମୀ କନେଷ୍ଟବଳ ଗଜେନ୍ଦ୍ର ସାହା ଓ ରାମସୁ ମାଜି ଗୁରୁତର ଭାବେ ଆହତ ହୋଇଛନ୍ତି। କିନ୍ତୁ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିପଦମୁକ୍ତ ଥିବା ପୁଲିସ୍ ସ୍ପଷ୍ଟ କରିଛି। ସୂଚନାଯୋଗ୍ୟ ଯେ ପୂର୍ବରୁ ଗତ ୬ ତାରିଖରେ ବିଜାପୁର ଅନ୍ତର୍ଗତ କୁଟ୍ରୁ ପୁଲିସ୍ ଷ୍ଟେସନ ଅଧୀନରେ ଥିବା ଆମ୍ବେଲି ଗାଁ ନିକଟରେ ନକ୍ସଲମାନେ ଆଇଇଡି ବିସ୍ଫୋରଣ କରିବା ଫଳରେ ୯ ଜଣ ଯବାନ ସହିଦ ହୋଇଥିଲେ।

## ଯାଁଳା ଫାଣ୍ଡି ନିକଟରେ ଦୁର୍ଘଟଣା: ଦୁଇ ମୃତ

**ଭୁବନେଶ୍ୱର,୧୩।୧ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ଉପକଣ୍ଠ ଯାଆଁଳା ଫାଣ୍ଡି ପାଖରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏଥିରେ ଦୁଇଜଣ ପ୍ରାଣ ହରାଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ତେବେ ଜାତୀୟ ରାଜପଥରେ ଦୁର୍ଘଟଣା ହୋଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି।

# ୨୬.୨୮ ହଜାର ମେଟ୍ରିକ୍ ଟନ୍ ଧାନ କିଣା ହୋଇଛି: ମନ୍ତ୍ରୀ



**ଭୁବନେଶ୍ୱର,୧୩।୧ (ସଂଚାର ବ୍ୟୁରୋ):** ରାଜ୍ୟର ବିଭିନ୍ନ ଜିଲ୍ଲାରେ ଧାନ ମଣ୍ଡି ଖୋଲାଯାଇ ଧାନ ବିକ୍ରି ଜାରି ରହିଛି। ଏବେ ସୁଦ୍ଧା ୨୬ ଲକ୍ଷ ୨୮ ହଜାର ୨୨୮ ମେଟ୍ରିକ ଟନ ଧାନ ସରକାର କିଣି ସାରିଲେଣି ଓ ୪ ଲକ୍ଷ ୯୯ ହଜାର ୭୭୮ ଜଣ ଚାଷୀ ପାଇଲେଣି ଧାନର ମୂଲ୍ୟ ପାଇସାରିଛନ୍ତି ବୋଲି କହିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଧାନ ବିକ୍ରିକୁ ନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, "ରାଜ୍ୟରେ ଏବେ ସୁଦ୍ଧା ୨୬ ଲକ୍ଷ ୨୮ ହଜାର ୨୨୮ ମେଟ୍ରିକ ଟନ ଧାନ କିଣିଲେଣି ସରକାର। ୪ ଲକ୍ଷ ୯୯ ହଜାର ୭୭୮ ଜଣ ଚାଷୀ ପାଇଲେଣି ଧାନର ମୂଲ୍ୟ। ୧୯୦୪ କୋଟି ଟଙ୍କାର ଇନପୁଟ ସବସିଡି ସହ ମୋଟ ୭୩୭୯ କୋଟି ଟଙ୍କା ଚାଷୀଙ୍କୁ ଧାନର ମୂଲ୍ୟ ଦେଇଛନ୍ତି ସରକାର। ଧାନକିଣା ଠିକ ଭାବରେ ଚାଲିଛି। ଯେଉଁଠି ଅଫିସର ମାନେ ଅଣଦେଖା କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଆଗକୁ ମଧ୍ୟ ଏହା ଜାରି ରହିବ। ତେବେ ମଣ୍ଡିରେ ପେଡି ଆନାଲାଇଜର ମେସିନ ଯଥେଷ୍ଟ ନଥିବା ମାନିଛନ୍ତି ଯୋଗାଣ ମନ୍ତ୍ରୀ। ଏନେଇ ମନ୍ତ୍ରୀ କହିଛନ୍ତି ଏବେ ଆନାଲାଇଜର ମେସିନ କମ ଅଛି ଆମେ ଆଗକୁ ଅଧିକ ଆଣିବୁ। କିନ୍ତୁ ଏହି ମେସିନ ଭଲ କାମ ଦେଉଛି। ଆଜି କେନ୍ଦ୍ରାପଡା ଜିଲ୍ଲାରେ ମଧ୍ୟ କଟନୀ ଛଟନୀର କଥା ଉଠିଥିଲା ହେଲେ ମୁଁ ଫୋନ କରି ମନାକଲି। ଆବଶ୍ୟକ ପଡିଲେ ଅନ୍ୟ ଜିଲ୍ଲାର ମିଲର୍ସ ମାନଙ୍କୁ ଆମେ ଦବୁ।"

# ଲୋକସେବା ଭବନରୁ ଦଲାଲ ଗିରଫ

ଜାଲ୍ ପରିଚୟ ଦେଇ ଠକିଥିଲା ୨୦ ଲକ୍ଷ



Identity Card
ID No. OS-16-03018
Government of Odisha
Home Department
BYASADEV RANA
Section Offecer
Department : Panchayat Raj
Date of Issue : 01.04.2020
Valid upto : 31.12.2024
Emergency Contact : 0674-2322522/23
Signature of Issuing Authority
Signature of Card Holder

**ଭୁବନେଶ୍ୱର,୧୩।୧(ସଂଚାର ବ୍ୟୁରୋ):** ଆଜି ଲୋକସେବା ଭବନରୁ ଜଣେ ଦଲାଲକୁ କ୍ୟାପିଟାଲ ଥାନା ପୁଲିସ୍ ଗିରଫ କରିଛି। ଉକ୍ତ ଦଲାଲ୍ ଜଣକ ବ୍ୟାସଦେବ ରଣା ଓ ସେ ନିଜକୁ ପଞ୍ଚାୟତିରାଜ ବିଭାଗର ଜଣେ ସେକ୍ସନ ଅଫିସର ଭାବେ ପରିଚୟ ଦେଇ ଲୋକଙ୍କୁ ଠକିଚାଲିଥିଲା। ଏହି କ୍ରମରେ ସେ ଚାକିରି କରାଇ ଦେବା ନାଁରେ ଜଣଙ୍କଠାରୁ ପ୍ରାୟ ୨୦ ଲକ୍ଷ ଟଙ୍କା ଠକିନେଇଥିବା ଅଭିଯୋଗ ହୋଇଥିବା ବେଳେ ଏହି ଅଭିଯୋଗ ଆଧାରରେ ପୁଲିସ୍ ବ୍ୟାସଦେବକୁ ଗିରଫ କରିଛି। ଗିରଫ ବ୍ୟାସଦେବଠାରୁ ପଞ୍ଚାୟତିରାଜ ବିଭାଗର ଜାଲ୍ ପରିଚୟପତ୍ର ମଧ୍ୟ ଜବତ କରାଯାଇଛି। ୪୭ ବର୍ଷୀୟ ବ୍ୟାସଦେବର ଘର କଳାହାଣ୍ଡି ନର୍ଲାରେ ହୋଇଥିବା ବେଳେ ସେ ସ୍ଥାନୀୟ ଏକାମ୍ର ଅଞ୍ଚଳରେ ରହିଆସୁଥିଲା। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ବ୍ୟାସଦେବ ଜାଲ ପରିଚୟପତ୍ର ଦ୍ୱାରା ବର୍ଷ ବର୍ଷ ଧରି ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗର ସେକ୍ସନ ଅଫିସର ବୋଲି ପରିଚୟ ଦେଇଆସୁଥିବା ବେଳେ ଏହା କିପରି କାହା ନଜରକୁ ଆସୁନଥିଲା। ସେ ଉକ୍ତ ଜାଲ ପରିଚୟପତ୍ର ଦ୍ୱାରା ଅବାଧରେ ଲୋକସେବା ଭବନ ଭଳି ସରକାରୀ ପେଣ୍ଟସ୍ଥଳରେ ପ୍ରବେଶ କରୁଥିଲା। ଲୋକଙ୍କୁ ଚାକିରି ଦେବା ନାଁରେ ସେ ଟଙ୍କା ଲୁଟ୍ କରୁଥିଲା। ନିକଟରେ ସେ ପୁରୀ ଜିଲ୍ଲା ପିପିଲିର ଜଣେ ଯୁବକଙ୍କୁ ସରକାରୀ ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇଥିଲା। ଏଥିପାଇଁ ତାଙ୍କଠାରୁ ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୨୦ ଲକ୍ଷ ଟଙ୍କା ନେଇଥିଲା। ତେବେ ବ୍ୟାସଦେବ ଚାକିରି ନ ଦେବାରୁ ଉକ୍ତ ଯୁବକ ଜଣଙ୍କ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗର ତଦନ୍ତ କରି ବ୍ୟାସଦେବକୁ ଲୋକସେବା ଭବନର ଗେଟ୍ ନିକଟରୁ ଗିରଫ କରିଛି। ଗିରଫ ପରେ ସମ୍ପୃକ୍ତ ଠକକୁ ପୁଲିସ୍ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ବ୍ୟାସଦେବ ନିକଟରୁ ମିଳିଥିବା ପରିଚତ୍ର ପତ୍ର ୨୦୨୦ ଏପ୍ରିଲ୍ ୧ ତାରିଖରେ ଇସ୍ୟୁ ହୋଇଥିବା ଉଲ୍ଲେଖ ରହିଛି। ସେହିପରି ଏହାର ବୈଧତା ଗତ ଡିସେମ୍ବର ୩୧ ତାରିଖ ଯାଏ ରହିଥିଲା। ଏହାର ଅର୍ଥ ସେ ସମ୍ଭବତଃ ୪ ବର୍ଷ ଧରି ଲୋକସଭା ଭବନର କର୍ମଚାରୀ ଭାବେ ପରିଚୟ ଦେଇ ଲୋକଙ୍କୁ ଠକିଆସୁଥିଲା। ତେବେ ଗତ ୩୧ରୁ ପରିଚୟପତ୍ରର ଅବଧି ଶେଷ ହୋଇଥିଲେ ମଧ୍ୟ ବ୍ୟାସଦେବ କିପରି ଲୋକସଭା ଭବନକୁ ଯାଉଥିଲା, ତା'ହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି।

# ସ୍ଥାନୀୟ ଶିଳ୍ପକୁ ବକ୍ସାଇଟ୍ ଆବଣ୍ଟନ ଦାବି, ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର



ଦୁଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକାଠି ହେଲେ ଆଦିବାସୀ ଓ ଦଳିତ ସଂଗଠନ

**ଭୁବନେଶ୍ୱର,୧୩।୧(ସଂଚାର ବ୍ୟୁରୋ):** ଓଡ଼ିଶାକୁ ବଡ଼ ବଡ଼ ଶିଳ୍ପକୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ଉତ୍କର୍ଷ ଓଡ଼ିଶା କନକ୍ଲେଭ୍ ଆୟୋଜନ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଓଡ଼ିଶା ବାହାରେ ଥିବା ଶିଳ୍ପ ପାଇଁ କଞ୍ଚାମାଲ ଆବଣ୍ଟନକୁ ନେଇ ବିଭିନ୍ନ ଆଦିବାସୀ ଓ ଦଳିତ ସଂଗଠନର ହଜାର ହଜାର ଲୋକ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ନିଜ ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ଉନ୍ନତି ପାଇଁ ନିରନ୍ତର ଯୋଗଦାନ ଦେଉଥିବା ସ୍ଥାନୀୟ ଶିଳ୍ପ ଶିଳ୍ପ ପ୍ରତି ସମର୍ଥନ ଜଣାଇବା ପାଇଁ କୋଡିଙ୍ଗାମାଳି ବିକାଶ ପରିଷଦ, ଆଦିବାସୀ ମହାସଂଘ (କୋଡିଙ୍ଗାମାଳି), ହରିଜନ ମହାସଂଘ (କୋଡିଙ୍ଗମାଳି), ଆଦିବାସୀ ମହିଳା ସଂଘ (କୋଡିଙ୍ଗମାଳି) ଓ ଡମ୍ବ ସମାଜ (କୋଡିଙ୍ଗମାଳି)ର ସଦସ୍ୟମାନେ ଆଜି କୋରାପୁଟ ଓ ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକତ୍ରିତ ହୋଇଛନ୍ତି। ସଦସ୍ୟମାନେ ରାୟଗଡ଼ା ଓ କୋରାପୁଟ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଖଣିଜ ଅଧିକାରର ସୁରକ୍ଷା ଏବଂ ଓଡ଼ିଶାର ବକ୍ସାଇଟ୍ ସମ୍ପଦର ଉପଯୁକ୍ତ ଆବଣ୍ଟନ ସୁନିଶ୍ଚିତ କରିବାକୁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ସେମାନେ ଏକାଠି ହୋଇ ଓଡ଼ିଶାର ବକ୍ସାଇଟ୍ ସମ୍ପଦକୁ ବାହ୍ୟ ସଂସ୍ଥାକୁ ଆବଣ୍ଟନ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ରାଜ୍ୟ ତଥା ଜନସାଧାରଣଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଉଥିବା ସ୍ୱଚ୍ଛ ଓ ନିରପେକ୍ଷ ଅଭ୍ୟାସ ପାଇଁ ଅନୁରୋଧ କରିଛନ୍ତି। ପ୍ରଚୁର ଖଣିଜ ସମ୍ପଦରେ ଭରପୂର ରାଜ୍ୟ ଓଡ଼ିଶା ଦୀର୍ଘ ଦିନ ଧରି ଶିଳ୍ପ ଅଭିବୃଦ୍ଧି ଓ ସାମାଜିକ-ଅର୍ଥନୈତିକ ବିକାଶର ସୁଯୋଗର ଭୂମି ଭାବେ ପରିଚିତ। ତେବେ କୋଡିଙ୍ଗମାଳିରୁ ବକ୍ସାଇଟ୍ ସମ୍ବଳ ଆବଣ୍ଟନ କୁ ନେଇ ନିକଟରେ ଘଟିଥିବା ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ାଇ ଦେଇଛି।

ଗ୍ରାମସଭା ଆଲୋଚନା ସମୟରେ ଓଡ଼ିଶାରେ ପୁଞ୍ଜିନିବେଶ କରୁଥିବା ଶିଳ୍ପ, ବିଶୋଧନାଗାର ଓ ସ୍ମେଲଟର ପ୍ରତିଷ୍ଠା ଏବଂ ସ୍ଥାନୀୟ ସମୁଦାୟଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ବକ୍ସାଇଟ୍ ଆବଣ୍ଟନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଏହି ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦ ଏକ ବାହ୍ୟ ସଂସ୍ଥାକୁ ଆବଣ୍ଟନ କରାଯାଇଛି, ଯିଏକି ଓଡ଼ିଶାରେ ପୁଞ୍ଜିନିବେଶ କରିନାହିଁ କିମ୍ବା ଏହାର ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧିରେ ଯୋଗଦାନ ଦେଇନାହିଁ, ଯାହା ପ୍ରତିଶ୍ରୁତିକୁ ଅବମାନନା କରୁଛି ଓ ସ୍ଥାନୀୟ ଜନସାଧାରଣଙ୍କ ବିଶ୍ୱାସକୁ କ୍ଷୁଣ୍ଣ କରୁଛି। ନିଜ ଅଞ୍ଚଳର ଉନ୍ନତି ଆଶାରେ ନିଜ ଜମି ତ୍ୟାଗ କରିଥିବା ଆଦିବାସୀ ସମ୍ପ୍ରଦାୟ ଏବେ ଏହି ନିଷ୍ପତ୍ତି ଦ୍ୱାରା ସେମାନଙ୍କ ପ୍ରତି ବିଶ୍ୱାସଘାତକତା ହୋଇଥିବା ଅନୁଭବ କରୁଛନ୍ତି ବୋଲି କହିଛନ୍ତି। ଏହି ନିବେଦନ ସରକାରଙ୍କ ବିରୁଦ୍ଧରେ ନୁହେଁ ବରଂ ଓଡ଼ିଶାବାସୀଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତିକୁ ବଜାୟ ରଖିବାକୁ ଅନୁରୋଧ କରିବା ସହ ଏହି ସ୍ମାରକପତ୍ର ଦାଖଲ ନ କରି ଆସନ୍ତା ୭ ଦିନ ମଧ୍ୟରେ ଓଡ଼ିଶା ବାହାରେ ଥିବା ଅନୁଷ୍ଠାନକୁ ଆବଣ୍ଟିତ ବକ୍ସାଇଟ୍ ସମ୍ବଳ ରଦ୍ଦ କରିବା ପାଇଁ ସରକାର ଅନୁକୂଳ ନିଷ୍ପତ୍ତି ନେବାକୁ ସଂଗଠନଗୁଡ଼ିକ ଦାବି କରିଛନ୍ତି। ବାହ୍ୟ ସଂସ୍ଥାଗୁଡ଼ିକୁ ବକ୍ସାଇଟ୍ ଆବଣ୍ଟନ ବନ୍ଦ କରିବା, ରାଜ୍ୟ ଭିତରେ ଥିବା ଶିଳ୍ପଗୁଡ଼ିକୁ ପ୍ରାଥମିକତା ଦେବା ଏବଂ ଭବିଷ୍ୟତ ଆବଣ୍ଟନରେ ସ୍ୱଚ୍ଛତା ସୁନିଶ୍ଚିତ କରିବାକୁ ସେମାନେ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ମହାକୁମ୍ଭରୁ ମିଳିବ ୨୫ ହଜାର କୋଟିର ରାଜସ୍ୱ



**ନୂଆଦିଲ୍ଲୀ,୧୩।୧:** ପ୍ରୟାଗରାଜରେ ମହାକୁମ୍ଭର ଶଙ୍ଖନାଦ। ତ୍ରିବେଣୀ ସଙ୍ଗମ ତଟରେ ବୁଡ଼ ପକାଇଲେ ଲକ୍ଷାଧିକ ସାଧୁସନ୍ଥ ଓ ଶ୍ରଦ୍ଧାଳୁ।ଏଥର ୪୫ ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୪୫ କୋଟି ଲୋକଙ୍କ ସମାଗମ ହେବ। କୁମ୍ଭ ଉତ୍ତର ପ୍ରଦେଶ ରାଜକୋଷକୁ ୨୫ ହଜାର କୋଟିର ରାଜସ୍ୱ ଏବଂ ଅର୍ଥନୀତିକୁ ୨ ଲକ୍ଷ କୋଟିର କାରବାର ସୁଯୋଗ ସୃଷ୍ଟି କରିବ ବୋଲି ଅନୁମାନ କରାଯାଇଛି। କୁମ୍ଭ ମେଳା ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ, କାରିଗର, ହୋଟେଲ, ହୋମଷ୍ଟେ ଓନର, ରେଷ୍ଟୁରାଣ୍ଟ ଅପରେଟର, ଫୁଡ ଭେଣ୍ଡରଙ୍କ ସମେତ ଡାବର, ମଦର ଡେରୀ, ଆଇଟିସି ପ୍ରମୁଖ ବ୍ରାଣ୍ଡଗୁଡିକ ୩ ହଜାର କୋଟି ବିନିଯୋଗ କରିବେ ବୋଲି ଆଶା କରାଯାଇଛି।

ଉତ୍ତର ପ୍ରଦେଶ ସରକାରଙ୍କ ଆକଳନ ମୁତାବକ, ୨୦୧୯ କୁମ୍ଭରେ ୨୪ କୋଟି ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ୨୦୧୩ ପୂର୍ଣ୍ଣ କୁମ୍ଭରେ ୧୩ କୋଟି ଲୋକ ଯୋଗ ଦେଇଥିଲେ। ୨୦୧୬ରେ ଉଜ୍ଜୟିନୀରେ ହୋଇଥିବା କୁମ୍ଭରେ ୭.୫ କୋଟି ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଯୋଗୀ ଆଦିତ୍ୟନାଥଙ୍କ ସରକାର କୁମ୍ଭ ପାଇଁ ମୋଟ ୫୪୯ ପ୍ରକଳ୍ପ ହାତକୁ ନେଇଛନ୍ତି। ଭିତ୍ତିଭୂମି ଠାରୁ ପରିମଳ ଯାଏ ବିଭିନ୍ନ କାର୍ଯ୍ୟ ଲାଗି ୬୯୦୦ କୋଟି ଟଙ୍କା ବିନିଯୋଗ କରାଯାଇଛି। ୨୦୧୯ରେ ଏହା ୩୭୦୦ କୋଟି ଟଙ୍କା ଏବଂ ୭୦୦ ପ୍ରକଳ୍ପ ରହିଥିଲା। ୟୁପିକୁ ୧ ଟ୍ରିଲିୟନ ଡଲାର ଅର୍ଥନୀତି କରିବା ଦିଗରେ ଏବେ ରାଜ୍ୟ ସରକାର ବ୍ରାଣ୍ଡ ୟୁପି ଉପରେ କାମ କରୁଛନ୍ତି। ଏହାର ସଫଳ ଆୟୋଜନ ସାଂସ୍କୃତିକ ଜାଗରଣକୁ ଆଉପାଦେ ଆଗେଇ ନେବ ବୋଲି ୟୁପି ସରକାର ଆଶା ରଖିଛନ୍ତି। ଏ ଦିଗରେ ପୂର୍ବରୁ କାଶି ବିଶ୍ୱନାଥ ଧାମ କରିଡର ଏବଂ ଅଯୋଧ୍ୟାରେ ରାମ ମନ୍ଦିରର ସ୍ଥାପନା ହୋଇଛି।

ଯୋଗୀ ଆଦିତ୍ୟ ନାଥ କହିଛନ୍ତି, ୨୦୧୬ରେ ଅଯୋଧ୍ୟାକୁ ୨.୮୩ ଲକ୍ଷ ଶ୍ରଦ୍ଧାଳୁ ପରିଦର୍ଶନ କରିଥିଲେ। ଏହା ୨୦୨୪ରେ ୧୩.୪ କୋଟିକୁ ବୃଦ୍ଧି ହୋଇଛି।ସେହିଭଳି କାଶି ବିଶ୍ୱନାଥ ଧାମ କରିଡରକୁ ୬ କୋଟି ଲୋକ ପରିଦର୍ଶନ କରିଛନ୍ତି। ସିଆଇଆଇ ଅନୁମାନ ମୁତାବକ, ୨୦୧୯ କୁମ୍ଭରେ ୧.୨ ଲକ୍ଷ କୋଟିର ଆର୍ôଥକ ଲାଭ ଅର୍ଥନୀତିକୁ ମିଳିଥିଲା। ଏହା ଚଳିତ ଥର ବୃଦ୍ଧି ହେବାର ଢ଼େର ସମ୍ଭାବନା ରହିଛ।

## ଆଜିର ସୁନା ଦର



ପ୍ରତିଦିନ ସୁନା ଓ ରୂପା ଦର ନିର୍ଦ୍ଧାରଣ କରାଯାଇଥାଏ । କେଉଁ ଦିନ ଦର କମିଥାଏ ତ କେବେ ବଢିଥାଏ ଆଉ ପୁଣି କେବେ ସମାନ ରହିଥାଏ। ସୁନା କିଣିବାକୁ ଯାଉଥିଲେ ନଜର ପକାନ୍ତୁ ଆଜି ଓଡ଼ିଶା ସମେତ ଦେଶର ପ୍ରମୁଖ ସହର ମାନଙ୍କରେ କେତେ ରହିଛି ସୁନା ଦର। ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୩ ହଜାର ୪୦୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୮୦ ହଜାର ୦୭୦ ଟଙ୍କା ରହିଛି । ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୩, ୪୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୮୦, ୦୭୦ ଟଙ୍କା ରହିଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୩,୪୦୦ ଟଙ୍କା ଓ ୮୦, ୦୭୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୩,୫୫୦ ଟଙ୍କା ଓ ୮୦, 220 ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୩,୪୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୦, ୦୭୬ ଟଙ୍କା ଥିବା ରେକର୍ଡ ହୋଇଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୩,୪୦୦ ଟଙ୍କା ଓ ୮୦, ୦୭୦ ଟଙ୍କା ରହିଛି । ଅନ୍ୟ ପଟେ ରୁପା ଦର କେଜି ପ୍ରତି ୧,୦୨,୦୦୦ ହଜାର ଟଙ୍କା ହୋଇଛି।

# ସଞ୍ଜୀୟ ହଂସଙ୍କୁ ରତ୍ନଶ୍ରୀ ପୁରସ୍କାର



**ଭୁବନେଶ୍ୱର,୧୩।୧:** ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଲାଲଚାନ୍ଦ୍ ଗ୍ରୁପ୍‌ର ପ୍ରତିଷ୍ଠାତା ସଞ୍ଜୟ ହଂସଙ୍କୁ ନିକଟରେ ଆଉ ଏକ ରାଜ୍ୟସ୍ତରୀୟ ସମ୍ମାନ 'ରତ୍ନଶ୍ରୀ ପୁରସ୍କାର'ରେ ସମ୍ମାନିତ କରାଯାଇଛି। ଏପରିକି ମାନବ ସମ୍ବଳର ବିକାଶ ତଥା ଦେଶ ନିର୍ମାଣ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଯୋଗଦାନ ପାଇଁ ପ୍ରବାସୀ ଓଡ଼ିଆ ଦିବସ ଅବସରରେ ଲାଲଚାନ୍ଦ୍ ଗ୍ରୁପ୍‌ର ପ୍ରତିଷ୍ଠାତା ସଞ୍ଜୟ ହଂସଙ୍କୁ 'ରତ୍ନଶ୍ରୀ ପୁରସ୍କାର'ରେ ପୁରସ୍କୃତ କରାଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୫ ଜାନୁଆରୀ ୧୧ରେ ଭୁବନେଶ୍ୱରର ହୋଟେଲ ମେ'ଫେୟାର କନ୍‌ଭେନ୍ସନ ସେଣ୍ଟ୍ରାଲ ହଲ୍‌ଠାରେ ବିଶ୍ୱ ଓଡ଼ିଆ ସମାଜ ଦ୍ୱାରା ଆୟୋଜିତ 'ଉତ୍କଳ ଉତ୍ସବ' କାର୍ଯ୍ୟକ୍ରମରେ ସଞ୍ଜୟ ହଂସଙ୍କୁ ଏହି ପୁରସ୍କାର ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ସଞ୍ଜୟ ହଂସଙ୍କୁ ପକ୍ଷରୁ ଲାଲଚାନ୍ଦ୍ ଜୁଏଲସ୍‌ର ପରିଚାଳନା ନିର୍ଦ୍ଦେଶକ ଅଜିତ ହଂସ ଓ ନିର୍ଦ୍ଦେଶକ ଅଂଶୁମାନ ହଂସ ଯୋଗଦେଇ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଉପସ୍ଥିତ ଥିଲେ। ହାଇବ୍ରିଡ୍ ମୋଡ୍‌ରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ପ୍ରବାସୀ ଓଡ଼ିଆମାନେ ଉଭୟ ଅନ୍‌ସାଇଟ୍ ଓ ଅନ୍‌ଲାଇନ ମାଧ୍ୟମରେ ଯୋଗଦେଇଥିଲେ।

## ଆଜିର ପେଟ୍ରୋଲ, ଡିଜେଲ ଦର



ଆଜି ସାରା ଦେଶର ପେଟ୍ରୋଲ ଡିଜେଲର ନୂଆ ମୂଲ୍ୟ ପ୍ରକାଶ ପାଇଛି। କିଛି ସ୍ଥାନରେ ଦର ହ୍ରାସ ପାଇଥିବା ବେଳେ ଆଉ କିଛି ସ୍ଥାନରେ ଦର ସ୍ଥିର ରହିଛି । ଆସନ୍ତୁ ଜାଣିବା କେଉଁ ସହରର କେତେ ରହିଛି ଡିଜେଲ-ପେଟ୍ରୋଲ୍ ମୂଲ୍ୟ ? ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୦. ୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୧ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୨୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୮୧ ପଇସା ରହିଛି।

## ୮୦ ହଜାର ପାର୍‌କଲା ସୁନା ଦର



**ଭୁବନେଶ୍ୱର,୧୩।୧:** ଦିନ କେଇଟା ପରେ ବିବାହ ଋତୁ ଆରମ୍ଭ ହେବାକୁ ଯାଉଛି। ଏପରିକି ବିବାହ କାର୍ଯ୍ୟକ୍ରମରେ ସବୁବର୍ଗର ଲୋକ ଅଳ୍ପବହୁତ ସୁନା କିଣିଥାନ୍ତି। ହେଲେ ବିବାହ ଋତୁ ଆରମ୍ଭ ପୂର୍ବରୁ ଓଡ଼ିଶା ବଜାରରେ ପୁଣି ଥରେ ସୁନା ଦର ୮୦,୦୦୦ ଟପିଯାଇଛି। ଅପରପକ୍ଷରେ ରୁପା ଦର ମଧ୍ୟ ୧,୦୦,୦୦୦ ଟଙ୍କାର ନିକଟବର୍ତ୍ତୀ ହୋଇଛି। ସେହିଭଳି ପାର୍ବଣ ପରଠାରୁ ସୁନା ଓ ରୁପା ଦର କିଛି ପରିମାଣରେ କମିଥିଲାବେଳେ ଗ୍ରାହକଙ୍କ ଆବଶ୍ୟକତା ଓ ପାର୍ବଣ ଖର୍ଚ୍ଚ ଯୋଗୁ ଅଧିକାଂଶ ପରିବାର ସୁନା ଓ ରୁପା କିଣିପାରି ନ ଥିଲେ। ଏହାରି ମଧ୍ୟରେ ସୁନା ଦର ପୁଣି ଥରେ ବଢ଼ିବାରେ ଲାଗିଛି। ଆଗକୁ ବିବାହ କାର୍ଯ୍ୟ ସାଙ୍ଗକୁ ବିଭିନ୍ନ ପ୍ରକାରର ଶୁଭକାର୍ଯ୍ୟ ଅନୁଷ୍ଠିତ ହେବାକୁ ଥିଲାବେଳେ ବର୍ତ୍ତମାନ ଘରୋଇ ବଜାରରେ ସୁନା ଦର ୭୩,୦୦୦ ରୁ ୮୦,୫୦୦ ଟଙ୍କା ମଧ୍ୟରେ କାରବାର ହେଉଛି।

ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ବଜାରରେ ରବିବାର ସୁନା ଦର ପ୍ରତି ୧୦ ଗ୍ରାମ୍ ୨୪ କ୍ୟାରେଟ ସୁନାର ମୂଲ୍ୟ ପ୍ରାୟ ୮୦,୫୦୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୭୩,୧୫୦ ଟଙ୍କା ରହିଛି। ଏପରିକି ରୁପା କିଲୋଗ୍ରାମ୍ ପିଛା ୯୭,୨୦୦ ଟଙ୍କାରେ କାରବାର ହେଉଛି।

ଅପରପକ୍ଷରେ ନୂଆଦିଲ୍ଲୀ ବଜାରରେ ସୁନା ଦର ପ୍ରତି ୧୦ଗ୍ରାମ୍ ୨୪କ୍ୟାରେଟ ସୁନାର ମୂଲ୍ୟ ୭୮,୮୨୩ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୭୩,୧୭୩ ଟଙ୍କା ରହିଛି। ଏପରିକି ଉକ୍ତ ବଜାରରେ ରୁପା ଦର କିଲୋଗ୍ରାମ୍ ପିଛା ୯୬,୬୦୦ ଟଙ୍କାରେ କାରବାର ହେଉଛି। ସେହିପରି ଦେଶର ପ୍ରମୁଖ ମହାନଗର ମୁମ୍ବାଇ, କୋଲକାତା ଏବଂ ଚେନ୍ନାଇ ବଜାରରେ ପ୍ରତି ୧୦ଗ୍ରାମ୍ ୨୪ କ୍ୟାରେଟ ସୁନାର ମୂଲ୍ୟ ୭୯,୬୬୭ ଟଙ୍କା, ୭୯,୬୬୫ ଟଙ୍କା ଏବଂ ୭୯,୬୬୧ ଟଙ୍କା ଥିଲାବେଳେ ଉପରୋକ୍ତ ବଜାରଗୁଡ଼ିକରେ ରୁପା ଦର କିଲୋଗ୍ରାମ୍ ପିଛା ୯୫,୯୦୦ ଟଙ୍କା, ୯୭,୪୦୦ ଟଙ୍କା ଏବଂ ୧,୦୩,୭୦୦ ଟଙ୍କାରେ କାରବାର ହେଉଛି।

## ଉତ୍କଳ କର୍କଟ କନ୍‌କ୍ଲେଭ୍ ୨.୦ ଉଦ୍‌ଯାପିତ




**ଭୁବନେଶ୍ୱର,୧୩।୧:** ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ନୀଳାଦ୍ରିବିହାରସ୍ଥିତ ଉତ୍କଳ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ୍ ପକ୍ଷରୁ ଏକ ଦିନିକିଆ କର୍ମଶାଳା 'ଉତ୍କଳ କର୍କଟ କନ୍‌କ୍ଲେଭ ୨.୦ ରବିବାର ହୋଟେଲ ମେ ଫେୟାର କନ୍‌ଭେନ୍ସନ୍ ଭୁବନେଶ୍ୱରଠାରେ ଉଦ୍‌ଘାଟନ ସହ ଉଦ୍‌ଯାପିତ ହୋଇଯାଇଛି। ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦେଶର ଗୁଣାତ୍ମକ ଏବଂ ସୁଲଭ କର୍କଟ ଚିକିତ୍ସା ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିଭଳି ନାଇଜରର ନିର୍ଦ୍ଦେଶକ ଡ. ହିରେନ୍ଦ୍ରନାଥ ଘୋଷ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ବାସ୍ତବ ସ୍ଥିତି ଓ ସମ୍ମିଳନୀର ଆଭିମୁଖ୍ୟ ଓ ନିରନ୍ତର ଶିକ୍ଷାର ଭୂମିକା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ପ୍ରଫେସର ଡା. ପି.କେ.ଦାସ, ଡା. ଆର.କେ.ମହାପାତ୍ର, ଡା. ପି.ଆର.ଘଡାଇ କର୍ମଶାଳାର ବିଷୟବସ୍ତୁ ଓ ଦେଶର ରୋଗୀଙ୍କ ପାଇଁ ଉତ୍କଳ ହସ୍ପିଟାଲ ଦ୍ୱାରା ନିରନ୍ତର ବ୍ୟକ୍ତିଗତ କର୍କଟ ଚିକିତ୍ସା ପ୍ରତିବଦ୍ଧତା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। କର୍ମଶାଳାର ସଂଗଠନ ସଚିବ ଥିବା ରେଡିଏସନ୍ ଅଙ୍କୋଲୋଜି ନିର୍ଦ୍ଦେଶକ ଡା. ସଞ୍ଜୀବ କେ. ମିଶ୍ର ଉତ୍କଳ ହସ୍ପିଟାଲରେ ଉପଲବ୍ଧ କର୍କଟ ଚିକିତ୍ସା କ୍ଷେତ୍ରରେ ଉନ୍ନତି ଉପରେ ବିସ୍ତୃତ ଭାବେ ଗୁରୁତ୍ୱାରୋପ କରିଥିଲେ। ପରିଶେଷରେ ପ୍ରଫେସର ସୁଶୀଲ କୁମାର ଗିରିଙ୍କୁ କର୍କଟ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ( ବିଶେଷକରି ମହିଳା କର୍କଟ ରୋଗ ପ୍ରତି ତାଙ୍କ ଜୀବନବ୍ୟାପୀ ଅବଦାନ) ସମ୍ମାନିତ କରାଯାଇଥିଲା। କର୍ମଶାଳା ଶେଷରେ ଡା. ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟରେ ନିର୍ମାଣ ହେବ କୋଷ୍ଟାଲ୍ ହାଇୱେ

**ଭୁବନେଶ୍ୱର,୧୩।୧:** ରାଜ୍ୟବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ପୂରଣ ହେବ। ରାଜ୍ୟରେ ଶୀଘ୍ର କୋଷ୍ଟାଲ୍ ହାଇୱେ କାମ ଆରମ୍ଭ ହେବ। କୋଷ୍ଟାଲ୍ ହାଇୱେର ୧୬୩ କିଲୋମିଟର ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କଲେ ଭାରତର ଜାତୀୟ ରାଜପଥ ବା ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ। ଏହି ରାସ୍ତା ପାଇଁ ଫେବ୍ରୁଆରୀ ୨୭ ତାରିଖକୁ ଟେଣ୍ଡର ଅବଧିର ଶେଷ ଦିବସ ଭାବେ ଧାର୍ଯ୍ୟ କରାଯାଇଛି। ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଚାରି ଭାଗରେ ୧୬୩ କିମି ରାସ୍ତା ପାଇଁ ଟେଣ୍ଡର ଆହ୍ୱାନ କରିଥିବା ବେଳେ ଏ ବାବଦରେ ୭୦୪୦ କୋଟିରୁ ଅଧିକ ଖର୍ଚ୍ଚ ହେବ ବୋଲି ଆକଳନ କରିଛନ୍ତି। ବହୁ ବାଦବିବାଦ, ବାରମ୍ବାର ନକ୍ସା ପରିବର୍ତ୍ତନ ପରେ ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ଏହି ୧୬୩ କିଲୋମିଟର ରାସ୍ତା ପାଇଁ ଏପ୍ରିଲରୁ କାମ ଆରମ୍ଭ ହେବ। ପୁରୀରୁ କାକଟପୁର ୪୨ କିଲୋମିଟର୍‌ରେ ୪ ଲେନ୍ ବିଶିଷ୍ଟ କୋଷ୍ଟାଲ୍ ହାଓୱେ ନିର୍ମାଣ ବାବଦରେ ୧୫୯୨.୯୫ କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି କାକଟପୁରରୁ ଏରସମା ପର୍ଯ୍ୟନ୍ତ ୪୭.୬୦୦ କିମିରେ ୨୨୦୧.୧୭ କୋଟି ଟଙ୍କା, ଏରସମାରୁ ପାରାଦୀପ ୨୬.୨୦୦ କିମି ପାଇଁ ୧୩୭୦.୪୧ କୋଟି ଓ ରାମେଶ୍ୱରରୁ ପୁରୀ ୪୭.୩୪୦ କିମି ପାଇଁ ୧୮୭୫.୯୦ କୋଟିର ଆକଳନ କରାଯାଇଛି। ରାମେଶ୍ୱରରୁ ପୁରୀ ଟେଣ୍ଡର ଆବେଦନର ଶେଷ ଦିବସ ୨୪ ତାରିଖ ଥିବା ବେଳେ ଅନ୍ୟ ୩ଟି ପ୍ରକଳ୍ପ ପାଇଁ ୨୭ ତାରିଖ ଶେଷ ଦିବସ ରହିଛି। ୯ ବର୍ଷ ତଳେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରି ଏନେଇ ଘୋଷଣା କରିଥିଲେ। ପ୍ରଥମେ ଉପକୂଳ ରାଜପଥ ପ୍ରକଳ୍ପ ପ୍ରାୟ ୪୪୦ କିମି ଗୋପାଳପୁରରୁ ଦୀଘା ପର୍ଯ୍ୟନ୍ତ ଯିବାର ଥିଲା। କିନ୍ତୁ ଏକ୍ସପର୍ଟ ଆପ୍ରାଇଜାଲ୍ କମିଟି(ଇଏସି) ଚିଲିକା, ବାଲୁଖଣ୍ଡ ଓ ଭିତରକନିକାଠାରୁ ଦୂରରେ ରାଜପଥ ତିଆରି କରିବାକୁ ପରାମର୍ଶ ଦେଇଥିଲେ। ପରେ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀଠାରୁ ବାହାରି ରତନପୁର ଦେଇ ଦୀଘା ପର୍ଯ୍ୟନ୍ତ (୩୮୨ କିମି) ଉପକୂଳ ରାଜପଥ ହେବା ପାଇଁ ସ୍ଥିର ହୋଇଥିଲା। ହେଲେ ଜଗତସିଂହପୁର ଜିଲ୍ଲାରେ ସମୁଦ୍ରଠାରୁ ପ୍ରାୟ ୨୫ କିମି ଦୂରରେ ରାଜପଥ ନିଆଯିବାକୁ ନେଇ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଫଳରେ ଟେଣ୍ଡରକୁ ବାତିଲ କରାଯାଇଥିଲା। ଏବେ ତ୍ରୁଟିକୁ ସୁଧାରି ନୂଆ ନକ୍ସା ତିଆରି ହୋଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଦେଇ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ୍ ଅପଣ୍ଡରା ପଞ୍ଚାୟତର ପାଦରୁଆଁ ଗାଁ ଏବଂ ଏହାପରେ ନଳରା, ତାଳଗାଁ, ବରଦିଆ, ତେନ୍ତୁଳିବେଲାରୀ ଦେଇ ଉପକୂଳ ରାଜପଥ ଆଗକୁ ଯାଇଛି। ଜଗତସିଂହପୁର, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ଏ ନେଇ ଜନଶୁଣାଣି ସରିଛି। ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ଜିଲ୍ଲା ବଡ଼ପୋଖରୀଆରୁ କେନ୍ଦ୍ରାପଡ଼ା ଜିଲ୍ଲା ମଶାକଣୀ ପର୍ଯ୍ୟନ୍ତ ମୋଟ ୧୬୩ କିଲାମିଟର ରାସ୍ତା ହେବ। ପରେ ଦ୍ୱିତୀୟ ପର୍ଯ୍ୟାୟ ରାସ୍ତା କେନ୍ଦ୍ରାପଡ଼ା ଖଦଳସାହିରୁ ଦୀଘା ପର୍ଯ୍ୟନ୍ତ ପ୍ରାୟ ୧୭୧ କିମି ନିର୍ମାଣ ହେବ। ଏଥିପାଇଁ ବ୍ୟୟ ଅଟକଳ ହୋଇନାହିଁ। ପରିବେଶ ମଞ୍ଜୁରି ମଧ୍ୟ ମିଳିନାହିଁ। ଏଥିଲାଗି ପ୍ରାୟ ୧ ବର୍ଷ ଲାଗିବ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ରାଜ୍ୟ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଓଡ଼ିଶାରେ ଭାରତମାଳା ପରିଯୋଜନା ଅନ୍ତର୍ଗତ ରାମେଶ୍ୱରରୁ ପାରାଦୀପର ରତନପୁର ପର୍ଯ୍ୟନ୍ତ କୋଷ୍ଟାଲ୍ ହାଇୱେ ପ୍ରଥମ ପର୍ଯ୍ୟାୟର କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ। ପୂର୍ବରୁ ଏଥିରେ ସନ୍ଦେହ ରହିଥିଲା। ମାତ୍ର ଡବଲ ଇଞ୍ଜିନ ସରକାର ଆସିବା ପରେ ଏହି କାର୍ଯ୍ୟ ସୁନିଶ୍ଚିତ ଆରମ୍ଭ ହେବ। ଏହାଦ୍ୱାରା ବିପର୍ଯ୍ୟୟ ସମୟରେ ଉଦ୍ଧାର ଓ ରିଲିଫ ଅପରେସନ ତ୍ୱରାନ୍ୱିତ ହେବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।



- ୧୬୩ କିମି ପାଇଁ ୭୦୪୦ କୋଟି ଆକଳନ
- ଟେଣ୍ଡର ଆହ୍ୱାନ କଲା ଏନଏଚଏଆଇ

# ନେକ୍ସନ୍, ହାରିୟରକୁ କଡ଼ା ଟକ୍କର ଦେଉଛି ଟାଟା କର୍ଭ

**ନୂଆଦିଲ୍ଲୀ, ୧୩।୧:** ଟାଟା ମୋଟର୍ସ ଗତ ବର୍ଷ ଏହାର ମୋଷ୍ଟ ଆୱେଟେଡ୍ କାର୍ କର୍ଭ କୁ ଲଞ୍ଚ କରିଥିଲା। କମ୍ପାନୀ ପ୍ରଥମେ ଏହାର ଇଲେକ୍ଟ୍ରିକ୍ ମଡେଲକୁ ବଜାରରେ ଲଞ୍ଚ କଲା, ତା' ପରେ ଏହାର ପେଟ୍ରୋଲ-ଡିଜେଲ୍ ଭ୍ୟାରିଆଣ୍ଟ ମାର୍କେଟକୁ ଏଣ୍ଟ୍ରି କଲା। ଟାଟା କର୍ଭ ର ପ୍ରାଇସ୍ ୧୦ ଲକ୍ଷ ଟଙ୍କା ମୂଲ୍ୟରେ ଲଞ୍ଚ କରାଯାଇଥିଲା। ମାର୍କେଟରେ ଥିବା ଅନ୍ୟ ଟାଟା କାରର ମୂଲ୍ୟ ସହିତ ତୁଳନା କରାଗଲେ ଟାଟା କର୍ଭ ଆପଣଙ୍କ ପାଇଁ ପସନ୍ଦ ହେବକି ନାହିଁ ଆସନ୍ତୁ ଜାଣିବା। ଇଲେକ୍ଟ୍ରିକ୍ ସହିତ




ଟାଟା କର୍ଭ ପେଟ୍ରୋଲ୍ ଏବଂ ଡିଜେଲ୍ ପାୱାରଟ୍ରେନ୍ ସହିତ ଭାରତୀୟ ବଜାରରେ ଉପଲବ୍ଧ ରହିଛି। ଟାଟା ମୋଟର୍ସ କର୍ଭ ପେଟ୍ରୋଲ୍ ଭ୍ୟାରିଆଣ୍ଟର ଏକ୍ସ-ସୋରୁମ୍ ପ୍ରାଇସ୍ ୯,୯୯,୯୯୦ ଟଙ୍କା ରଖାଯାଇଛି। ଏହା ବ୍ୟତୀତ ଟାଟା କର୍ଭ ର ଟପ୍-ଏଣ୍ଡ ପେଟ୍ରୋଲ ଭ୍ୟାରିଆଣ୍ଟର ପ୍ରାଇସ୍ ୧୪ ଲକ୍ଷ ୬୯ ହଜାର ଟଙ୍କାକୁ ଯାଇଛି।

ଟାଟା ନେକ୍ସନ ସହିତ ତୁଳନା କଲେ ଜଣାପଡେ ଯେ ନେକ୍ସନ ଟର୍ବୋ ପେଟ୍ରୋଲର ପ୍ରାରମ୍ଭିକ ମୂଲ୍ୟ ୮ ଲକ୍ଷ ଟଙ୍କା ହୋଇଥିବାବେଳେ ଏହାର ଟପ୍-ଏଣ୍ଡ ପେଟ୍ରୋଲ ଡିସିଏ ଭ୍ୟାରିଆଣ୍ଟ ୧୫ ଲକ୍ଷ ଟଙ୍କା ହେବ। ଟାଟା କର୍ଭ ର ଡିସିଏ Revotron ର ପ୍ରାରମ୍ଭିକ ମୂଲ୍ୟ ୧୨.୪ ଲକ୍ଷ ଟଙ୍କା ହୋଇଥିବାବେଳେ ଡାଇରେକ୍ଟ ଇଞ୍ଜେକସନ୍ ଟର୍ବୋ ପେଟ୍ରୋଲ୍ ଭ୍ୟାରିଆଣ୍ଟର ପ୍ରାଇସ୍ ୧୪ ଲକ୍ଷ ଟଙ୍କା ହୋଇଛି ଏବଂ ଏଣ୍ଟ୍ରି ଲେଭଲ୍ ଡିସିଏ ଅଟୋମେଟିକ୍ ମୂଲ୍ୟ ୧୬.୪୯ ଲକ୍ଷ ଟଙ୍କା ରହିଛି। ଟାଟା କର୍ଭ ର ଡିଜେଲ ଭ୍ୟାରିଆଣ୍ଟର ପ୍ରାଇସ୍ ୧୧,୪୯,୯୯୦ ଟଙ୍କାରେ ଆରମ୍ଭ କରାଯାଇଛି। ଏହା ବ୍ୟତୀତ ଟପ୍-ଏଣ୍ଡ ଡିଜେଲ ଭ୍ୟାରିଆଣ୍ଟର ପ୍ରାଇସ୍ ୧୭ ଲକ୍ଷ ୬୯ ହଜାର ଟଙ୍କା ରହିଛି। ଟାଟା କର୍ଭ ର ଡିସିଏ ଡିଜେଲ୍ ଭ୍ୟାରିଆଣ୍ଟ ୧୩ ଲକ୍ଷ ୯୯ ହଜାର ଟଙ୍କାରେ ଆରମ୍ଭ ହୋଇଥାଏ। ଏହା ସହ ଟାଟା ନେକ୍ସନ ର ଡିଜେଲ ଭ୍ୟାରିଆଣ୍ଟ ୧୦ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଛି। ଏହାର ଟପ୍-ଏଣ୍ଡ ଡିଜେଲ୍ ଭ୍ୟାରିଆଣ୍ଟର ପ୍ରାଇସ୍ ୧୫.୮ ଲକ୍ଷ ଟଙ୍କା ହୋଇଛି।

# ବଜାଜ ଅଟୋର ବଜାଜ ପଲ୍‌ସ ଏନ୍-୧ ସବୁଠାରୁ ଶସ୍ତା ମଡେଲ୍

**ନୂଆଦିଲ୍ଲୀ, ୧୩।୧:** ବଜାଜ ପଲସର୍, ଏହି ବାଇକକୁ କୌଣସି ପରିଚୟର ଆବଶ୍ୟକତା ନାହିଁ । ଏହା ଏକ ଏଭଳି ବ୍ରାଣ୍ଡ ଯାହା ବିଷୟରେ ସମସ୍ତେ ଜାଣନ୍ତି । କିନ୍ତୁ ଆପଣ ଜାଣନ୍ତି କି ବଜାଜ ପଲସରର ସବୁଠାରୁ ଶସ୍ତା ମଡେଲ କ'ଣ ? ସମସ୍ତେ ପଲସର ନାମ ଶୁଣିଛନ୍ତି କିନ୍ତୁ ବହୁତ କମ୍ ଲୋକ ଏହି ପ୍ରଶ୍ନର ଉତ୍ତର ଜାଣିଥିବେ, ଆଜି ଆମେ ଆପଣଙ୍କୁ ବଜାଜ ପଲସର୍ ବାଇକର ସବୁଠାରୁ ଶସ୍ତା ମଡେଲ ବିଷୟରେ ଜଣାଇବୁ ।

ଆମେ କେବଳ ଆପଣଙ୍କୁ ଶସ୍ତା ମଡେଲର ନାମ କହିବୁ ନାହିଁ ବରଂ ବଜାଜ ପଲସରର ଶସ୍ତା ମଡେଲ ପାଇଁ ଆପଣଙ୍କୁ କେତେ ଟଙ୍କା ଖର୍ଚ୍ଚ କରିବାକୁ ପଡିବ ସେ ବିଷୟରେ ମଧ୍ୟ ସୂଚନା ଦେବୁ । ତେବେ ଆସନ୍ତୁ ଏହା ବିଷୟରେ ବିସ୍ତୃତ ଭାବରେ ଜାଣିବା । ବଜାଜ ଅଟୋର ପଲସର ଲାଇନ୍‌ଅପରେ ସବୁଠାରୁ ଶସ୍ତା ମଡେଲ୍ ହେଉଛି ବଜାଜ ପଲ୍‌ସର ଏନ୍୧-୨୫। ବର୍ତ୍ତମାନ ନାମ ଜାଣିବା ପରେ, ଆପଣ ଏହା ଜାଣିବାକୁ ଆଗ୍ରହୀ ଥିବେ ଯେ ଏହି ବାଇକର ମୂଲ୍ୟ କେତେ ଅର୍ଥାତ ଏହି ବାଇକ୍ ଆପଣଙ୍କ ବଜେଟରେ ଅଛି କି ନାହିଁ? କମ୍ପାନୀର ଅଫିସିଆଲ୍ ସାଇଟ୍ ଅନୁଯାୟୀ, ବଜାଜ ପଲସରର ଏହି ମଡେଲର ମୂଲ୍ୟ ୯୬ ହଜାର



୭୦୪ ଟଙ୍କା (ଏକ୍ସ-ସୋରୁମ୍) ରୁ ଆରମ୍ଭ ହୋଇଛି । ତେବେ ଦାମ୍ ପରେ ଏକ ବାଇକର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜିନ୍ସ ହେଉଛି ଏହାର ମାଇଲେଜ୍ ? ଖବର ଅନୁଯାୟୀ, ବଜାଜ ଅଟୋର ଏହି ଲୋକପ୍ରିୟ ବାଇକ୍ ଏକ ଲିଟର ପେଟ୍ରୋଲରେ ୬୦ କିଲୋମିଟର ପର୍ଯ୍ୟନ୍ତ ମାଇଲେଜ୍ ଦେଇଥାଏ । ଏହି ମୋଟରସାଇକେଲରେ କମ୍ପାନୀ ୧୨୪.୫୯ ସିସି ଇଞ୍ଜିନ୍ ଦେଇଛି ଯାହା ୧୨ପିଏସ ପାୱାର ଏବଂ ୧୧ଏନଏମ ଟର୍କ ଜେନେରେଟ୍ କରେ । ଏହି ବାଇକରେ ବ୍ଲୁଟୁଥ୍ ସପୋର୍ଟ ସହିତ ଏକ ଡିଜିଟାଲ୍ କନସୋଲ୍ ଅଛି, ଯେଉଁଥିରେ ଆପଣ କଲ୍ ଆଲର୍ଟ ଏବଂ ମେସେଜ୍ ଆଲର୍ଟ ପରି ଫିଚର୍ସ ଦେଖିବାକୁ ପାଇବେ । ଏହା ବ୍ୟତୀତ ଫୋନ୍ ଚାର୍ଜ କରିବା ପାଇଁ ୟୁଏସବି ଚାର୍ଜିଂ ପୋର୍ଟ ମଧ୍ୟ ପ୍ରଦାନ କରାଯାଇଛି । ୧ ଲକ୍ଷରୁ କମ୍ ମୂଲ୍ୟରେ ବାଜାଜ କମ୍ପାନୀର ଏହି ବାଇକ୍ ଟିଭିଏସ୍ ରାଇଡର୍ ୧୨୫ ଏବଂ ହିରୋ ଏକ୍ସଟ୍ରିମ୍ ୧୨୫ଆର ପରି ମୋଟରସାଇକେଲ ସହିତ କଠୋର ପ୍ରତିଦ୍ୱନ୍ଦ୍ୱିତା କରେ । ହିରୋ ମୋଟୋକର୍ପ ବାଇକର ମୂଲ୍ୟ ୯୬,୪୨୫ ଟଙ୍କା (ଏକ୍ସ-ସୋରୁମ୍) ରୁ ଆରମ୍ଭ ହୋଇଥିବାବେଳେ ଟିଭିଏସ୍ ମୋଟରର ୧୨୫ ସିସି ବାଇକ୍ ମୂଲ୍ୟ ୮୫,୦୧୦ ଟଙ୍କା (ଏକ୍ସ-ସୋ'ରୁମ୍) ରୁ ଆରମ୍ଭ ହେଉଛି ।

# ଖୋଲୁନି ସରକାରୀ ଧାନ ମଣ୍ଡି

## ଶାଗ ମାଛ ଦରରେ ବିକ୍ରି କରୁଛନ୍ତି ଚାଷୀ

**କାକଟପୁର/ଅସ୍ତରଙ୍ଗ,୧୩।୧ (ସଂଚାର ବ୍ୟୁରୋ) :** ଦୁଃସ୍ଥିତିରେ ଚାଷୀ। ଗାଁ ଗାଁ ରେ ଦଲାଲ ଧାନ ବ୍ୟବସାୟୀ ସକ୍ରିୟ। ପଦାରେ ପଡିଛି ରାଜ୍ୟ ସରକାରଙ୍କ କୃଷି ମାରଣ ନୀତି। କେବେ ଖୋଲିବ ସରକାରୀ ଧାନ ମଣ୍ଡି। ମଣ୍ଡି ପାଇଁ ବଢିଲା ମୁଣ୍ଡ ବିନ୍ଧା। ବେଡି ଉପରେ କୋରଡ଼ା ମାଡ଼। ଗୋଟିଏ ପଟେ ମଣ୍ଡି ଖୋଲୁନି ଅନ୍ୟ ପଟେ ଅମଳ ଧାନକୁ ଶାଗ ମାଛ ଦରରେ କିଣି ନେଉଛନ୍ତି ଦଲାଲ। ୨୦୨୫ଜାନୁଆରୀ ୭ରେ ପୁରୀ ଜିଲ୍ଲାରେ ମଣ୍ଡି ଖୋଲିବା ନେଇ ଜିଲ୍ଲାସ୍ତରୀୟ ପୋକ୍ୟୁମେଣ୍ଟ କମିଟି ନିଷ୍ପତି ନେଇଥିଲା। ଏହାକୁ ନେଇ ଚାଷୀମାନେ ବେଶ ଉତ୍ସାହିତ ହୋଇ ଯାଇଥିଲେ। ହେଲେ ଏହା ମଧ୍ୟରେ ଏକ ସପ୍ତାହ ବିତିଯାଇଥିଲେ ମଧ୍ୟ ପୁରୀ ଜିଲ୍ଲା ଅସ୍ତରଙ୍ଗରେ ମଣ୍ଡି ଖୋଲିନଥିବା ବେଳେ କାକଟପୁର ବ୍ଲକ ସୁହାଗପୁରରେ ସୋମବାର କେବଳ ଗୋଟିଏ ମଣ୍ଡି ଖୋଲିଛି। କାକଟପୁର ଓ ଅସ୍ତରଙ୍ଗ ବ୍ଲକ କିଛି ଚାଷୀଙ୍କୁ ଟୋକନ ମେସେଜ ଆସିଥିବା ବେଳେ ଅନେକ ଚାଷୀଙ୍କୁ ଟୋକନ ମେସେଜ ଆସିନାହିଁ। ଧାନ ଅମଳ କରି ଅପେକ୍ଷାରେ ଚାଷୀ।



ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଚାଷୀ ଅଞ୍ଚଳ ହୋଇଥିବା ବେଳେ ଚାଷରୁ ଯେଉଁ ରୋଜଗାର ହୁଏ ପରିବାର ପେଟକୁ ଆହାର ଯାଏ। ହେଲେ ଏଥର ଖରିଫ ଫସଲ ଅମଳ ସମୟରେ ସତେ ଯେମିତି ଚାଷୀଙ୍କ ପିଛା ଛାଡୁନି ସମସ୍ୟା। ରାଜ୍ୟ ସରକାର ଙ୍କ ମଣ୍ଡି ଅବ୍ୟବସ୍ଥା ସୁଯୋଗ ନେଇ ଚାଷୀଙ୍କୁ ଲୁଟୁଛନ୍ତି ସକ୍ରିୟ ଦଲାଲ ଧାନ ବ୍ୟବସାୟୀ। କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରୁ ପ୍ରତିଦିନ ଟ୍ରକ ଓ ମିନିଟ୍ରକରେ ଚାଲାଣ ହେଉଛି ଧାନ। କାକଟପୁର ବ୍ଲକରେ ୧୫ଟି ସେବା ସମବାୟ ସମିତିରେ ୨୩-୨୪ରେ ୩୪୦୯ଜଣ ପଞ୍ଜିକରଣ କରିଥିବା ବେଳେ ଚଳିତ ବର୍ଷ ୩୨୧୮ଜଣ ପଞ୍ଜିକରଣ କରିଛନ୍ତି। ସେହିପରି ଅସ୍ତରଙ୍ଗ ବ୍ଲକରେ ୧୦ଟି ସେବା ସମବାୟ ସମିତିରେ ୨୩-୨୪ରେ ୨୭୨୨ଜଣ ପଞ୍ଜିକରଣ କରିଥିବା ବେଳେ ଚଳିତ ବର୍ଷ ୨୭୧୩ଜଣ ପଞ୍ଜିକରଣ କରିଛନ୍ତି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଶତ ପ୍ରତିଶତ ଧାନ ଉଠାଯିବାକୁ ବିଭାଗୀୟ ଅଧିକାରୀ କହିଛନ୍ତି। ଯେଉଁ ଚାଷୀ ଙ୍କ ପାଖକୁ ଟୋକନ ଆସିଛି ତାର ସମୟ ସୀମା ଏକ ମାସ ରହିଥିବା ବେଳେ ଆଦ୍ୟାବିଧି ୭ଦିନ ଅତିକ୍ରମ କରିଗଲାଣି। ମଣ୍ଡି ଖୋଲିବାରେ ବିଳମ୍ବ ହେଲେ ଟୋକନର ସମୟ ସୀମା ଅତିକ୍ରାନ୍ତ କରିଯିବ। ଯାହାକୁ ନେଇ ଚାଷୀ ଆଶଙ୍କାରେ ରହୁଛନ୍ତି।

ଅଦିନିଆଁ ବର୍ଷାରେ ଚାଷୀର ସୁନାର ଫସଲ ନଷ୍ଟ ହୋଇଯାଇଥିବା ବେଳେ ସେଥିରୁ ଯାହା କିଛି ବଂଚିଛି ତାକୁ ଅମଳ କରି ସରକାରଙ୍କୁ ମଣ୍ଡି ମାଧ୍ୟମରେ ବିକ୍ରୟ କରି ଗାଁ ସାହୁକାର, ବ୍ୟାଙ୍କ, ସେବା ସମବାୟ ସମିତିରୁ ଆଣିଥିବା ଋଣ ଶୁଝିବା ପାଇଁ ଚାଷୀମାନେ ଚିନ୍ତାକରିଥିଲେ। ହେଲେ ଏ ପର୍ଯ୍ୟନ୍ତ ମଣ୍ଡି ଖୋଲିନାହିଁ। ଋଣ ଶୁଝିବା ପାଇଁ ଚାଷୀ ମାନେ ବାଧ୍ୟ ହୋଇ ଶାଗ ମାଛ ଦର ରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଏହାର ଫାଇଦା ଉଠାଉଛନ୍ତି କିଛି ଅସାଧୁ ବ୍ୟବସାୟୀ।

## ଖପ୍ରାଖୋଲ ଧନୁଯାତ୍ରା ଉଦ୍‌ଯାପିତ



**ଖପ୍ରାଖୋଲ,୧୩।୧ (ସଂଚାର ବ୍ୟୁରୋ) :** ଖପ୍ରାଖୋଲ ବ୍ଲକର ସଦର ମହକୁମାରେ ଧନୁଯାତ୍ରା ମହୋତ୍ସବର ଅନ୍ତିମ ଦିନରେ କୃଷ୍ଣ ବଳରାମଙ୍କ ହସ୍ତେ କଂସର ନିଧନ ହୋଇଛି । ଏଥି ସହିତ ୬ ଦିନ ଧରି ଚାଲୁଥିବା ଏହି ଧନୁଯାତ୍ରା ରବିବାର ଦିନ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପିତ ଉତ୍ସବରେ ଡୁମେରତଲେନ ଯୁବକ ସଂଘ ସଭାପତି ବିନୟ କୁମାର ପଣ୍ଡା(ବୁଲୁ) ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ପାଟଣାଗଡ ଉପ-ଜିଲ୍ଲାପାଳ ସୁନୀଲ ମେହେର, ସମ୍ମାନିତ ଅତିଥି ରୂପେ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ପ୍ରମୁଖ ଯୋଗଦେଇ ଥିଲେ । ବିଭିନ୍ନ ଧନୁଯାତ୍ରା ମହୋତ୍ସବରେ କଂସ ଭୂମିକା କରୁଥିବା ବରିଷ୍ଠ ମୁକ୍ତ ରଙ୍ଗ କଳାକାର କଳାକାର ଆର୍ତ୍ତତ୍ରାଣ ସୁନାନୀଙ୍କୁ ପାଟଣାଗଡ ଉପ-ଜିଲ୍ଲାପାଳ ସୁନୀଲ ମେହେର ମାନପତ୍ର ପ୍ରଦାନ କରିଥିଲେ ତା'ସହ ଖପ୍ରାଖୋଲ ଧନୁଯାତ୍ରା ମହୋତ୍ସବ ଅଯୋଜନ କରିଥିବା ମାଁ ଡୁମେରତଲେନ ଯୁବ ସଂଗଠନ ତରଫରୁ ସମସ୍ତ ସଦସ୍ୟଙ୍କୁ ସମ୍ମାନିତ କରିଥିଲେ । ସୂଚନା ଯୋଗ୍ୟ ଯେ, ଖପ୍ରାଖୋଲ ଧନୁଯାତ୍ରାର ଚତୁର୍ଥ ବର୍ଷରେ ଗ୍ରାମର ମାଁ ଡୁମେରତଲେନ ଯୁବ ସଂଗଠନ ଦ୍ୱାରା ଗତ ୬ ତାରିଖ ରୁ ଆରମ୍ଭ ହୋଇଥିଲା ।

## ବିନା ସୂଚନାରେ ଜନଶୁଣାଣି ଶିବିର



**କଣାସ,୧୩।୧ (ସଂଚାର ବ୍ୟୁରୋ) :** କଣାସ ପଞ୍ଚାୟତ ସମିତି ସଭା ଗୃହରେ ଆଜି ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶିବିରରେ ଯୋଗନଦେବା ଏବଂ ଜନସାଧାରଣଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ସମ୍ପର୍କରେ କୌଣସି ସୂଚନା ଦିଆଯାଇନଥିବାରୁ କଣାସ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ତିବ୍ର ଆସନ୍ତୋଷ ଦେଖାଇଦେଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଉପ ଜିଲ୍ଲାପାଳ

### ଜିଲ୍ଲାପାଳଙ୍କ ଅନୁପସ୍ଥିତିକୁ ନେଇ ଜନଅସନ୍ତୋଷ

ରାଜକିଶୋର ଜିନେ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ରାଉତ, ବିଡିଓ ନାରାୟଣ ସାହୁ ତହସିଲଦାର ହିମାଂଶୁଶେଖର ଗିରି, ଏପିଡି ରାଜିବି କୁମାର ବେହେରା, ଅତିରିକ୍ତ ଏସ.ପି ବିଷ୍ଣୁଚରଣ ପତି, ଏବିଡିଓ ମଙ୍ଗଳ ସିଂ ହେମ୍ବ୍ରମ୍ ଯୋଗଦେଇଥିବା ବେଳେ ଜିଲ୍ଲାର କେତେକ ଅଧିକାରୀ ଉପସ୍ଥିତ ଥିବା ବେଳେ କେତେକ ଅଧିକାରୀ ଅନୁପସ୍ଥିତ ରହିଥିବା ଜଣାପଡ଼ିବାରୁ ଅତିରିକ୍ତ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ୧୦୧ଟି ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିନଥିବା, ୮୦ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ବର୍ଦ୍ଧିତ ଭତା ମିଳିନଥିବା, ୬୦ବର୍ଷରୁ ଉର୍ଦ୍ଧ୍ୱ ହୋଇଥିଲେ ମଧ୍ୟ ଭତ୍ତା ମିଳିନଥିବା, ସିଆରବି ଚୟନରେ ଅନିୟମିତତା ହୋଇଥିବା, ବାରଦା ବାଦଲପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱ ହସ୍ତାନ୍ତର କରୁ ନ ଥିବା, ସମିତି ସଭ୍ୟମାନଙ୍କ ଅର୍ଥ ବଣ୍ଟନ କରାଯାଉ ନ ଥିବା, ପାନୀୟ ଜଳ ସମସ୍ୟା, ଅଙ୍ଗବାଡି ଠିକ୍ ଭାବେ ଚାଲୁ ନ ଥିବା, ମହିଳା ମହାସଂଘ ୧୮ବର୍ଷ ଧରି ନିର୍ବାଚନ ହୋଇନଥିବା, ନୂଆ ରାସନକାର୍ଡ ଓ ନାମ ସଂଯୋଗ ହୋଇପାରୁ ନ ଥିବା ପ୍ରଭୃତି ଅଭିଯୋଗମାନ ହୋଇଥିବା ଜଣାପଡ଼ିଛି।

## ଶ୍ରମିକ ମୃତ୍ୟୁକୁ ନେଇ ଉତ୍ତେଜନା



**ସୁବର୍ଣ୍ଣପୁର,୧୩।୧ (ସଂଚାର ବ୍ୟୁରୋ) :** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ପାଣିମୋରା ଠାରେ ଥିବା ମାସ୍ ବାୟୋ ପ୍ରାଇଭେଟ୍ ଲିମିଟେଡରେ ଘଟିଛି ଅଘଟଣ। ସୂଚନା ଅନୁଯାୟୀ ରବିବାର ଦିନ ରାତି ପ୍ରାୟ ୮.୩୦ ବେଳେ ସେଠାରେ କାମ କରୁଥିବା ସ୍ଥାନୀୟ ଅରଖପଦର୍ ଗ୍ରାମର ଅଜୟ ମହାକୁର (୨୫) ବର୍ଷ ଡ୍ରାୟରରେ ଗଳି ପଡ଼ିଥିଲେ। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପରେ ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ପ୍ଲାଣ୍ଟ ବିରୋଧରେ ବ୍ୟାପକ ଅଭିଯୋଗ କରିବା ସହ ମୃତ କର୍ମଚାରୀଙ୍କ ପରିବାରକୁ ଆର୍ଥିକ ସାହାଯ୍ୟ କରିବା ପାଇଁ ଦାବୀ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ ପ୍ଲାଣ୍ଟ ଭିତରେ ଶ୍ରମିକ ମାନେ ଅସୁରକ୍ଷିତ ଭାବରେ ବିନା ହେଲମେଟ, ଗ୍ଲୋବ ତଥା ଅନ୍ୟାନ୍ୟ ବିନା ସୁରକ୍ଷା ସାମଗ୍ରୀରେ କାମ କରୁଥିବା ଓ ଆଗରୁ ମଧ୍ଯ ବାହାର ରାଜ୍ୟ ର ଅନେକ ଶ୍ରମିକ ମୃତାହତ ହୋଇଥିବା ବେଳେ ମରଶରୀରକୁ ଭିତିରି ଭାବରେ ପାର୍ସଲ କରିଦିଆ ଯାଇଛି। ଘଟଣା ସ୍ଥଳରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ତରଭା ଏଡିସିନାଲ ତହସିଲଦାର, ସୋନପୁର ଏସଡିପିଓ ପ୍ରତାପ ତ୍ରିପାଠୀ, ତରଭା ଆଇଆଇସି ଅନିତା କିଡୋ ପହଞ୍ଚି ତଦନ୍ତ କରିବା ସହ ଲୋକଙ୍କୁ ବୁଝାସୁଝା କରୁଥିବା ଜଣାପଡିଛି।

**ଡାହିବାଡି ହାଟ: ଆରଏମସି ଖାଉଛି ସିଂହ ଭାଗ, ଯୋଗାଉ ନାହିଁ ମୌଳିକ ସୁବିଧା**

## ମଡେ଼ଲ ହାଟ ପାଇଁ ଅଣ୍ଟା ଭିଡ଼ିଲେ ବିଧାୟକ

**ବୈଶିଙ୍ଗା, ୧୩।୧ (ସଂଚାର ବ୍ୟୁରୋ):** କାହିଁ କେଉଁ କାଳରୁ ଏହି ସାପ୍ତାହିକୀ ହାଟଟି ପ୍ରତି ସପ୍ତାହରେ ବୁଧବାର ଓ ଶନିବାର ଅନୁଷ୍ଠିତ ହୋଇ ଆସୁଛି। ପ୍ରାୟ ୫୦ଖଣ୍ଡ ମୌଜାର ଚାଷୀ ଓ ବ୍ୟବସାୟୀ ନିଜ ନିଜର ଉତ୍ପାଦିତ ପନିପରିବା, ଧାନ ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ କ୍ରୟ ବିକ୍ରୟ କରିଥାନ୍ତି। ବାହାର ଜିଲ୍ଲାରୁ ଏବଂ ବାହାର ରାଜ୍ୟରୁ ମଧ୍ୟ ବ୍ୟବସାୟୀମାନେ ଆସି ବ୍ୟବସାୟ କରିଥାନ୍ତି। ମାତ୍ର ଏହି ହାଟରେ ୫୦ହଜାରରୁ ଅଧିକ ଲୋକଙ୍କ ସମାଗମ ହେଉଥିଲେ ମଧ୍ୟ ସେମାନଙ୍କ ପାଇଁ କୌଣସି ମୌଳିକ ସୁବିଧା ନାହିଁ।

ପିଇବା ପାଣି, ବର୍ଷାରୁ ରକ୍ଷା ପାଇଁ ଛପର, ପିଣ୍ଡି, ସାଇକେଲ ଷ୍ଟାଣ୍ଡ ଓ ବାଇକ୍ ପାର୍କିଂର ସୁବିଧା ଆଦିର ଅଭାବ ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ। ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସେଥିରୁ କୌଣସି ସୁଫଳ ମିଳୁ ନ ଥିବାର ଅଭିଯୋଗ ହୋଇଆସୁଥିଲା। ଏଥିସହିତ ହାଟକୁ ସଂଯୋଗ କରୁଥିବା ଚତୁଃପାର୍ଶ୍ୱସ୍ଥ ରାସ୍ତାଗୁଡିକ ସମ୍ପୂର୍ଣ୍ଣବିପଦ ସଙ୍କୁଳ ଅବସ୍ଥାରେ ରହିବା ଯୋଗୁଁ ଗାଡ଼ିମଟରରେ ମାଲ ପରିବହନ ସକ୍ଷମ ହୋଇପାରୁ ନଥିଲା। ଏଥିପାଇଁ ମୁଖ୍ୟ ରାସ୍ତା ଉପରେ ଗାଡିଗୁଡ଼ିକ ଛିଡା ହେବା ଦ୍ୱାରା ସାଧାରଣ ଲୋକ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡୁଥିଲା । ବାରମ୍ବାର ଅଭିଯୋଗ ହେବା ପରେ ବିଧାୟକଙ୍କ ତରଫରୁ ୪ଟି ହାଇମାକ୍ସ ଲାଇଟ ଲାଗିଥିଲା । ଏଥି ସହିତ ପିଣ୍ଡି, ରାସ୍ତା, ଆଦି କାର୍ଯ୍ୟ ଚାଲିଥିବାର ଜଣାଯାଇଛି।



ମାତ୍ର ସରକାରଙ୍କ ତରଫରୁ ନିୟନ୍ତ୍ରିତ ବଜାର କମିଟି ଗଠନ ହେବା ଠାରୁ ଏହି ଡାହିବାଡି ହାଟ ଉପରେ ନଜର ପକାଇଛି। ଉତ୍ପାଦିତ ସାମଗ୍ରୀ ଉପରୁ ଏହି କମିଟି ମୁଖ୍ୟ ମାହାସୁଲ ଆଦାୟ କରିନେବା ଯୋଗୁଁ ପଞ୍ଚାୟତର ବିପୁଳ କ୍ଷତି ଘଟୁଛି। ଏଥି ସହିତ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟରେ ମଧ୍ୟ ବାଧା ସୃଷ୍ଟି ହେଉଛି। ମୟୂରଭଞ୍ଜ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବା ସହିତ ନିୟନ୍ତ୍ରିତ ବଜାର କମିଟି ନିକଟରୁ ଭାଗିଦାରୀ ମାହାସୁଲ୍ ଆଦାୟ ଦାୟିତ୍ୱ କାଢିନେଇ ପଞ୍ଚାୟତକୁ ସଂପୂର୍ଣ୍ଣ ଅଧିକାର ଦେଲେ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ସାଧନ ହୋଇପାରନ୍ତା। ଅଧିକ ରାତି ପର୍ଯ୍ୟନ୍ତ ହାଟ ଅନୁଷ୍ଠିତ ହେଉଥିବାରୁ ସୁରକ୍ଷା ବ୍ୟବସ୍ଥା ପ୍ରତି ପ୍ରଶାସନ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି । ଏହି ସବୁ ସୁବିଧା ହୋଇପାରିଲେ ବାହାର ରାଜ୍ୟର ଅନେକ ବ୍ୟବସାୟୀଙ୍କ ଆଗମନ ହେବା ସହିତ ବୈଶିଙ୍ଗା ପଞ୍ଚାୟତକୁ ଅଧିକ ରାଜସ୍ୱ ମିଳି ପାରନ୍ତା । ଏହା ବ୍ୟତୀତ ଜିଲ୍ଲାପାଳ ଏହି ଡାହିବାଡି ହାଟ ପ୍ରତି ଅଧିକ ଅନୁଦାନ ରାଶି ମଞ୍ଜୁର କରିଲେ ହାଟର କଳେବର ବୃଦ୍ଧି ହୋଇ ପାରନ୍ତା ବୋଲି ମତ ପ୍ରକାଶ ପାଇଛି ।

**କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫**

## ପ୍ରଥମ ଥର ପାଇଁ ମହିଳା ଗଣଦୌଡ଼ ପ୍ରତିଯୋଗିତା

**କଳାହାଣ୍ଡି,୧୩।୧ (ସଂଚାର ବ୍ୟୁରୋ):** ଧର୍ମଗଡ ଠାରେ ଆସନ୍ତା ଜାନୁଆରୀ ୧୫ ରୁ ୧୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସଂପ୍ରସାରିତ କଳାହାଣ୍ଡି ଉତ୍ସବ ଉପଲକ୍ଷେ ଆଜି ମହିଳା ଗଣଦୌଡ



ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବଡ ବସୁଲ ପଡିଆ ଠାରୁ ଉତ୍ସବ ପଡ଼ିଆ ପର୍ଯ୍ୟନ୍ତ ପ୍ରାୟ ୫କିମି ରାସ୍ତା ଉପରେ ଏହି ଗଣଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଧର୍ମଗଡ ଉପଜିଲ୍ଲାପାଳ ଧିମାନ ଚକମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଡାକ୍ତର ମୋନିକା ପରଶିରା ପତାକା ଦେଖାଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥଲେ। ବଡ ବସୁଲ ମକୁନ୍ଦ ଶବର ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳା ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥଲେ।

ଏଥିରେ ଧର୍ମଗଡ଼ ବ୍ଲକ ଝାର କୁଣ୍ଡାମାଲ ଗ୍ରାମର ଯୁଗମଣି ଶବର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଧର୍ମଗଡ଼ ବ୍ଲକ ବୋଡ଼େନ ର ପୁଷ୍ପାଞ୍ଜଳି ଶବର ଦ୍ୱିତୀୟ ସ୍ଥାନ ଓ ଧର୍ମଗଡ଼ର ଲିଲି ସୁନାନୀ ତୃତୀୟ ସ୍ଥାନ ହାସଲ କରିଥିଲେ। କଳାହାଣ୍ଡି ଉତ୍ସବ ଘୁମୁରା ଉପଲକ୍ଷେ ପ୍ରଥମ ଥର ପାଇଁ ଧର୍ମଗଡ଼ରେ ମହିଳା ଗଣଦୌଡ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଉତ୍ସବ ପଡ଼ିଆ ଠାରେ ଆୟୋଜିତ ସମ୍ବର୍ଧନା କାର୍ଯ୍ୟକ୍ରମରେ ଧର୍ମଗଡ ଉପ ଜିଲ୍ଲାପାଳ ତଥା ଉତ୍ସବ କମିଟି ଅଧ୍ୟକ୍ଷ ଧିମାନ ଚକମା, ବରିଷ୍ଠ ସାମ୍ବାଦିକ ବିଦ୍ୟାଧର ସାହୁ, ପ୍ରଚାର ପ୍ରସାର କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ଜାଲ, ଅର୍ଥ କମିଟି ର ଉପାଧ୍ୟକ୍ଷ ସୁଶ୍ରୀ ହୀରା ବାଗ, ଇଙ୍ଗିତ ପଣ୍ଡା, ବରିଷ୍ଠ କ୍ରୀଡାବିତ୍ ଲକ୍ଷ୍ମୀକାନ୍ତ ବାଗ,କର୍ତ୍ତବ୍ୟ ଅନୁଷ୍ଠାନ ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଶୋକ ପଟ୍ଟନାୟକ, ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଜୟନ୍ତ ମୁଣ୍ଡ ପ୍ରମୁଖ ମଞ୍ଚାସିନ ରହି ବିଜୟୀ ମହିଳା କ୍ରୀଡାବିତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟ ଉତ୍ସବରେ କୃତି ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରାଯିବ।



## ବିଭିନ୍ନ ମନ୍ଦିରରେ ପୁଷ୍ପାଭିଷେକ

**ଟାଙ୍ଗୀ-ଚୌଦ୍ୱାର, ୧୩।୧ (ସଂଚାର ବ୍ୟୁରୋ):** ପବିତ୍ର ପୌଷପୂର୍ଣ୍ଣିମା ଅବସରରେ ଚୌଦ୍ୱାର ସହରର ବିଭିନ୍ନ ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିର ଗୁଡିକରେ ପୁଷ୍ପାଭିଷେକ ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି। ସୋମବାର ପ୍ରାତ ସମୟରୁ ପହଡ଼ ଫିଟା, ମଙ୍ଗଳ ଆରତୀ, ମଇଲମ ଓ ବିଗ୍ରହ ମାନଙ୍କୁ ପୁଷ୍ପ ବେଶରେ ସୁସଜ୍ଜିତ କରାଯାଇ ପହିଲି ରୂପ ଓ ଆରତୀ କରାଯାଇଥିଲା। ମଧ୍ୟାହ୍ନରେ ଅନ୍ନ ଭୋଗ ଓ ସନ୍ଧ୍ୟାରେ ସନ୍ଧ୍ୟା ଆଳତୀ କରାଯାଇଥିଲା। ଚତୁର୍ଦ୍ଧାମୁରତୀଙ୍କ ପୁଷ୍ପାଭିଷେକ ପରେ ମନ୍ଦିରରାଜା ମାନଙ୍କୁ ମଧ୍ୟ ଅଭିଷେକ କରାଯାଇଥିଲା। ଚୌଦ୍ୱାର ଚାରବାଟିଆ ସ୍ଥିତ ଜଗନ୍ନାଥ ମନ୍ଦିରର ଟ୍ରଷ୍ଟି ଶୁଭେନ୍ଦୁ ସାମଲ, ତିନିକୋଣିଆ ମନ୍ଦିରର ସଭାପତି ହରିହର ସାହୁ, ନବଗ୍ରହ ସାହିର ରାଜେଶ ସାହୁ ଓ ହରେକୃଷ୍ଣ ରାଉତ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ନିଳାଚଳ ଜଗନ୍ନାଥ ମନ୍ଦିରରେ ଶ୍ରୀ ବିଗ୍ରହ ମାନଙ୍କୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା।

## ସର୍ବଭାରତୀୟ ଶୋଭନୀୟ ଯୁବ ସମାବେଶ

**ବାଲିଚନ୍ଦ୍ରପୁର, ୧୩।୧ (ସଂଚାର ବ୍ୟୁରୋ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନ ପକ୍ଷରୁ ସର୍ବଭାରତୀୟ ଯୁବ ସମାବେଶ-୨୦୨୫ ପ୍ରଖ୍ୟାତ ଐତିହାସିକ ବୌଦ୍ଧପୀଠ ଉଦୟଗିରି ଠାରେ ପୂଜ୍ୟଶ୍ରୀ କୁମାର ଭାଇଙ୍କ ଦ୍ୱାରା ପ୍ରତିଷ୍ଠିତ ଜାତୀୟ ଶୋଭନୀୟ ପରିସରରେ ଆନ୍ଦୋଳନର ନିର୍ଦ୍ଦେଶିକା ଡ଼ଃ.ଅରୁନ୍ଧତୀ ଦେବୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ମାନ୍ୟବର ସାଂସଦ ଡ଼ଃ.ରବି ନାରାୟଣ ବେହେରା ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ବଡ଼ଚଣା ବିଧାୟକ ଶ୍ରୀଯୁକ୍ତ ଅମର କୁମାର ନାୟକ ଯୋଗଦେଇଥିଲେ।

ଏହି ସମାବେଶକୁ ବୌଦ୍ଧଗୁରୁ ପଦ୍ମସମ୍ଭବଙ୍କୁ ଉତ୍ସର୍ଗ କରାଯାଇଅଛି। ଅତିଥିମାନଙ୍କ ଦ୍ୱାରା ପୁଷ୍ପଗିରି ବିଶ୍ୱ ବିଦ୍ୟାଳୟ, ହୀରକ ତ୍ରିଭୁଜ ଓ ଗୁରୁ ପଦ୍ମସମ୍ଭବଙ୍କ ଉପରେ ବିଶେଷ ଆଲେକ୍ୟ 'ଯୁବସୂର୍ଯ୍ୟ' ଉନ୍ମୋଚିତ ହୋଇଯାଇଅଛି। ଉତ୍ତରାଖଣ୍ଡରୁ ଡ଼ଃ.ଅଜୟ ଶର୍ମାଙ୍କୁ 'ଆନ୍ତର୍ଜାତିକ କୁମାର ଭାଇ ଯୁବ ସମ୍ମାନ' ଓ ସଞ୍ଜୟ ସାମଲଙ୍କୁ 'ଶୋଭନୀୟ ସେବା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ 'ସମ୍ଭବ'ର ସହ ପ୍ରତିଷ୍ଠାତା ପଦ୍ମଶ୍ରୀ ସାବରମତୀ, ବୌଦ୍ଧ ଗବେଷକ ପ୍ରବିର କୁମାର ପଟ୍ଟନାୟକ, ପ୍ରଫେସର ଡ଼ଃ.ହରିଶ୍ ଚନ୍ଦ୍ର ପୃଷ୍ଟି, ଲଣ୍ଡନରୁ ଯୁବ ପ୍ରତିନିଧି ଭାଗ୍ୟଶ୍ରୀ ସିଂହ, ପ୍ରଫେସର ଡ଼ଃ. ବାଳକୃଷ୍ଣ ମହାପାତ୍ର, ଡ଼ଃ.ତ୍ରିଲୋଚନ ନାୟକ, ଡ଼ଃ. ଅନିତା ସାବତ, ଭିଏତନାମରୁ ନାଗୁୟେନ୍ ଥାଇଥାନ୍‌ଗା, ରମାଦେବୀ ୟୁନିଭରସିଟିରୁ ଡ଼ଃ.ପରମଜିତ୍ ସିଂହ, ବାଙ୍ଗାଲୋରରୁ ଭିକ୍ଷୁ ବୁଦ୍ଧଦତ୍ତ ଥେରୋଙ୍କ ସହ ତାଞ୍ଜାନିଆ, ନାଇଜେରିଆ ଆଦି ଦେଶମାନଙ୍କରୁ ବିଦ୍ୟାନମାନେ ତଥା ବିଭିନ୍ନ ଦେଶରୁ ସ୍କଲାରମାନେ ଯୋଗଦେଇ ସନ୍ଦର୍ଭ ଉପସ୍ଥାପନା କରିଥିଲେ। ଆମେରିକାର ଆନ୍ତର୍ଜାତିକ ବୁଦ୍ଧ ଧର୍ମ ଫାଉଣ୍ଡେସନର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡ଼ଃ. ୱାଙ୍ଗମୋ ଡ଼ିକସି ମାନବିକତାର ପତାକାକୁ ଉଦୟଗିରି ଆଶ୍ରମୀ ପାହାଡ଼ ତଳେ ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଥାଇଲାଣ୍ଡରୁ ଧୁତଙ୍ଗମଙ୍କ ଭେନେରେଲୁ ଫ୍ରେପାଲାଡ୍ ଆମ୍‌ପୋଲ୍ ପୋଲମ୍ୟାନ୍ ଏବଂ ଭିଏତନାମ ସଂଘର ମୁଖ୍ୟ ଭେନେରେବ୍‌ଲୁ ହୁ ୟାନ ମିନ୍ ଥୁଆନ୍, ବିଶିଷ୍ଟ ଅତିଥି ଭାବରେ ଓ ଲଣ୍ଡନର ପ୍ରବାସି ଭାରତୀୟ ସୁକାନ୍ତ ସାହୁ ଯୋଗଦେଇଥିଲେ।



## କନ୍ଧମାଳ ଜିଲ୍ଲା ବସ ଚାଳକ ସଙ୍ଘର ମନ୍ତବ୍ୟକୁ ଦୃଢ ନିନ୍ଦା

**ରାୟଗଡା,୧୩।୧ (ସଂଚାର ବ୍ୟୁରୋ) :** ରାୟଗଡା ଜିଲ୍ଲା ବସ ଚାଳକ ସଙ୍ଘ କନ୍ଧମାଳ ଜିଲ୍ଲା ବସ ଚାଳକ ସଙ୍ଘର ମନ୍ତବ୍ୟକୁ ଦୃଢ ନିନ୍ଦା କରିଛି। ଗତ ୧୨ ତାରିଖରେ କନ୍ଧମାଳ ଓ ରାୟଗଡ଼ା ଜିଲ୍ଲା ମଧ୍ୟରେ ଘରୋଇ ବସ ଚଳାଚଳ ଉପୁଜିଥିବା ବିବାଦକୁ ନେଇ ମା ପାଟଖଣ୍ଡା ମନ୍ଦିର ପରିସରରେ କନ୍ଧମାଳ ଜିଲ୍ଲା ବସ୍ ମାଲିକ ସଂଘର ବୈଠକ ଅନୁଷ୍ଠିତ ହୋଇଥଲା। ଉକ୍ତ ବୈଠକ ପରେ ପ୍ରେସ୍ ବିଜ୍ଞପ୍ତିରେ କନ୍ଧମାଳ ଜିଲ୍ଲା ବସ୍ ମାଲିକ ସଂଘ ତରଫରୁ ଦିଆଯାଇଥିବା ମନ୍ତବ୍ୟରେ ଉପୁଜି ଥିବା ବିବାଦକୁ ରାୟଗଡ଼ା ଓ କନ୍ଧମାଳ ଜିଲ୍ଲା ବସ୍ ମାଲିକ ସଂଘ ବିବାଦ ବଦଳରେ ଦୁଇ ଘରେଇ ବସ୍ ମାଲିକଙ୍କୁ ଯୋଡ଼ି ମୁଖ୍ୟ ବିବାଦକୁ ଜିଲ୍ଲା ସ୍ତରୀୟ ଦୁଇ ମାଲିକ ଉପରେ ଲଦିବା ଓ ହକର ଶବ୍ଦ ଲଗାଇ ଦୁଇ ବସ୍ ମାଲିକଙ୍କ ଉପରେ ଦୋସ ଲଦିବା ଭଳି ମନ୍ତବ୍ୟକୁ ରାୟଗଡ଼ା ଜିଲ୍ଲା ରାୟଗଡ଼ା, ବିଷମକଟକ, ମୁନିଗୁଡା ଓ ଗୁଣପୁର ବସ୍ ମାଲିକ ସଂଘ ଦୃଢ଼ ବିରୋଧ କରିଛନ୍ତି। ଜିଲ୍ଲା ବସ୍ ମାଲିକ ସଙ୍ଘ ବିବାଦ ଉପୁଜିଥିବା ସୂଚନା ଦେଇଛନ୍ତି ଓ ଜେଉଁଡ଼ିନ ଯାଏ ରାୟଗଡ଼ା ଜିଲ୍ଲା ବସ୍ କୁ କନ୍ଧମାଳ ଜିଲ୍ଲା ରେ ଚଳା ଚଳ କରିବାକୁ ଦିଆ ନ ଯାଏ ରାୟଗଡ଼ା ଜିଲ୍ଲା କନ୍ଧମାଳ ବସ୍ ଚଳା ଚଳ କରିବା କୁ ଦିଆ ଯିବନି ସୂଚନା ଦେଇଛନ୍ତି ଓ କନ୍ଧମାଳ ଜିଲ୍ଲା ମନ୍ତବ୍ୟରେ ବିଷମ କଟକ ଓ ମୁନିଗୁଡା ବସ୍ ମାଲିକ ସଙ୍ଘ ରେଜିଷ୍ଟେଶନ ନଥିବା ମନ୍ତବ୍ୟକୁ ବିରୋଧ କରିବା ସହ ରେଜେଷ୍ଟେଶନ ନମ୍ବର ୨୦୧୧-୦୨/୦୪-୦୫ ମା ମର୍କମା ବସ୍ ମାଲିକ ସଂଘ ନାମରେ ନାମିତ ଥିବା ସୂଚନା ଦେଇଛନ୍ତି ।

## ସଡ଼କ ସୁରକ୍ଷା ସଚେତନତା ଅଭିଯାନ

**ବେତନଟୀ,୧୩।୧ (ସଂଚାର ବ୍ୟୁରୋ) :** ବେତନଟୀ ଠାରେ ବେତନଟୀ ପୋଲିସ ପ୍ରଶାସନ, ବେତନଟୀ ରେଞ୍ଜର,ବେତନଟୀ ବ୍ଲକ, ବେତନଟୀ ତହସିଲ, ମୟୁରଭଞ୍ଜ ଏମ ଭି ଆଇ ଏବଂ ବେତନଟୀ ୩୫ଜୋନ ମଣ୍ଡଳ ଙ୍କ ମିଳିତ ଆନୁକୂଲ୍ୟ ରେ



ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ବେତନଟୀ ଥାନାଛକ ଠାରୁ ଆରମ୍ଭ ହୋଇ ଚଣ୍ଡିଛକ ,ବଙ୍ଗଳାଛକ ପଯ୍ୟନ୍ତ ଗୋଟିଏ ପ୍ଲା କାର୍ଡ,ସଚେତନତା ବେନର ଧରି ଗୋଟିଏ ରାଲି ଅନୁଷ୍ଠିତ ହୋଇ ଥିଲା।ଏହି ରାଲି ମଧ୍ୟରେ ଯେଉଁ ମଟରସାଇକେଲ ଚାଳକମାନେ ହେଲମେଟ ପିନ୍ଧି ଗାଡି ଚଳାଉଥିଲେ ସେମାନଙ୍କୁ ଗୋଟିଏ ଗୋଲାପ ଫୁଲ ଏବଂ ଯେଉଁମାନେ ବିନା ହେଲମେଟ ରେ ଗାଡିଚାଳନା କରୁଥିଲେ ତାଙ୍କୁ ଚନ୍ଦନ ଟିପା ଓ ଗୋଟିଏ ସଚେତନ ପତ୍ର ବଣ୍ଟନ କରୁଥିଲେ ଅଧିକାରୀ ମାନେ।ଏହି ରାଲିରେ ବେତନଟୀ ଥାନା ଅଧିକାରିଣୀ ସସ୍ମିତା ମହାନ୍ତ, ରେଞ୍ଜର ମନୱର ଖାଁ,ଏମ ଭି ଆଇ ଚିନ୍ମୟୀ ମାଡାମଙ୍କ ସହିତ ବେତନଟୀ ୩୫ ଜୋନ ମଣ୍ଡଳ ସଭାପତି ଜୀବନ ପରିଡା,ମନୋଜ ପଣ୍ଡା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ଅମ୍ବିକା ବାରିକ , ସମାଜସେବୀ ନିରଞ୍ଜନ ମହାନ୍ତି,ଜିଲ୍ଲା ଯୁବ ମୋର୍ଚ୍ଚା ସମ୍ପାଦକ ଶାନ୍ତନୁ ଦଳେଇ, ଯୁୱ ନେତା ଶାନ୍ତନୁ ପଣ୍ଡା, ଚନ୍ଦ୍ର ଶେଖର ବେରା, ରାକେଶ କୁମାର ମହାନ୍ତ, ସହଯୋଗ କରିଥିଲେ।

## ୨୬ତମ ଜଗତସିଂହପୁର ପୁସ୍ତକମେଳା: ୧୭ରେ ମିଡିଆ କନ୍‌କ୍ଲେଭ୍

**ଜଗତସିଂହପୁର,୧୩।୧ (ସଂଚାର ବ୍ୟୁରୋ) :** ଜଗତସିଂହପୁର ସାଂସ୍କୃତିକ ପରିଷଦର ଆନୁକୂଲ୍ୟରେ ୨୬ ତମ ଜଗତସିଂହପୁର ପୁସ୍ତକମେଳା-୨୦୨୫ ଆୟୋଜନ ନିମନ୍ତେ ସାମ୍ବାଦିକ ସମ୍ମିଳନୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆରେ ପୁସ୍ତକମେଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପ୍ରଶାସନ ପକ୍ଷରୁ ପୁସ୍ତକମେଳାକୁ ସଫଳ କରିବାକୁ ସମସ୍ତ ପ୍ରକାର ସହଯୋଗ ଦିଆଯାଇଛି। ଷ୍ଟଡି ଜୋନ୍ , ବ୍ୟାଙ୍ଗ କବି ସମ୍ମିଳନୀ, ଓଡ଼ିଶାର ପ୍ରତିଷ୍ଠିତ ସାଂସ୍କୃତିକ ଦଳ, ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସାଂସ୍କୃତିକ ଦଳ, ବିଦ୍ୟାଳୟ ସ୍ତରୀୟ ସାଂସ୍କୃତିକ ଦଳ, ବିଭିନ୍ନ ସାହିତ୍ୟ ଅନୁଷ୍ଠିତ ଦ୍ୱାରା କବିତା ପାଠୋତ୍ସବ, ପ୍ରତ୍ୟେକ ଦିନ କୁଇଜ୍ ପ୍ରତିଯୋଗିତା ଆଦି କରାଯିବା ସହ ସ୍ୱତନ୍ତ୍ର ଭାବରେ ୧୭ ତାରିଖ ଦିନ ପାଇଁ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ୨ଟି ପର୍ଯ୍ୟାୟରେ ମିଡିଆ କନକ୍ଲେଭ କରାଯିବା ପାଇଁ ସ୍ଥିରୀକୃତ ହୋଇଅଛି।

## ଚନ୍ଦଳି ଶକ୍ତି ପୀଠରେ ପୁଷ୍ ପୁନି ମେଳା

**ସୁନ୍ଦରଗଡ, ୧୩।୧ (ସଂଚାର ବ୍ୟୁରୋ):** ଲେଫ୍ରୀପଡା ବ୍ଲକ ରାଏଡିହି ପଞ୍ଚାୟତ ଅନ୍ତର୍ଗତ ପ୍ରସିଦ୍ଧ ଚନ୍ଦଳି ଶକ୍ତିପୀଠରେ ପୁଷପୁନି ଅବସରରେ ପୂଜୋତ୍ସବ ଓ ମେଳା ଅନୁଷ୍ଠିତ ହୋଇଯାଇଛି। ଆଖପାଖ ସମେତ ଦୂରଦୂରାନ୍ତରୁ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିବା ବେଳେ ଚନ୍ଦଳି ପାହାଡ ଉପରକୁ ଅତି ଉତ୍ସାହ ଓ ଆନନ୍ଦର ସହ ଆବାଳ ବୃଦ୍ଧବନିତା ଚଢି ପାଟମା' ଙ୍କ ପୂଜାର୍ଚ୍ଚନା କରିଥିଲେ। ମାନସିକ କରିଥିବା ଭକ୍ତମାନେ ମା' ଠାରେ ନଡିଆ ଚଢାଇଥିବା ବେଳେ ଓ ଅନେକ ବୋଦା ବଳି ଦେଇଥିଲେ। କେଉଁ ଆବହମାନ କାଳରୁ ଏଠାରେ ମା' ଚନ୍ଦଳି ପାଟ ପୂଜା ପାଇ ଆସୁଛନ୍ତି। ମା'ଙ୍କ ପ୍ରତି ଅଞ୍ଚଳବାସୀଙ୍କ ଅଗାଢ ଆସ୍ଥା,ବିଶ୍ୱାସ ଓ ଭକ୍ତି ରହିଛି । ଲକ୍ଷ ଲକ୍ଷ ଲୋକଙ୍କ ବିଶ୍ୱାସର ପ୍ରତୀକ ଏହି ଲୋକଦେବୀ । ତେଣୁ ପୁଷ୍‌ପୁନି ଦିନ ଏଠାରେ ମା' ଙ୍କ ବିଶାଳ ମେଳାର ଆୟୋଜନ ହୋଇଥାଏ । ଏହି ଚନ୍ଦଳି ପାହାଡ଼ ଉପରେ ପାଟମା'ଙ୍କ ଆସ୍ଥାନ ରହିଥିବା ବେଳେ ପୌଷପୂର୍ଣ୍ଣିମାରେ ଏଠାରେ ଭକ୍ତଙ୍କ ବେଶ୍ ଭିଡ଼ ପରିଲକ୍ଷିତ ହୋଇଥାଏ । ମା'ଙ୍କ ଦର୍ଶନ ପାଇଁ ଆଖିପାଖି ସମେତ ଝାରସୁଗୁଡ଼ା, ସମ୍ବଲପୁର ଜିଲ୍ଲା ଏବଂ ସୁଦୂର ଛତିଶଗଡ଼ ଅଂଚଳରୁ ଭକ୍ତ ମାନେ ମା'ଙ୍କ ଦର୍ଶନ ପାଇଁ ଆସିଥିବା ପ୍ରକାଶ । ମା' ଚନ୍ଦଳିପାଟ ପ୍ରତ୍ୟକ୍ଷ ଦେବୀ ହୋଇଥିବା ବେଳେ ତାଙ୍କ ପାଖରେ ମନାସି କଲେ ଅଭିଲାଷ ପୂରଣ ହୋଇଥାଏ ବୋଲି ଲୋକଙ୍କର ଅଗାଧ ବିଶ୍ୱାସ ରହିଛି ।



## ଜାତୀୟ ଯୁବ ଦିବସ ପାଳିତ



**ସୋନପୁର, ୧୩।୧ (ସଂଚାର ବ୍ୟୁରୋ):** ମା' ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖମ୍ବେଶ୍ୱରୀପାଲି ର ଯୁବ ରେଡ କ୍ରସ ତରଫରୁ ଜାତୀୟ ଯୁବ ଦିବସ ପାଳିତ ହୋଇ ଯାଇଅଛି। ଯୁବ ରେଡ କ୍ରସ କାଉନସିଲର ଶ୍ରୀ ସୁମନ୍ତ କୁମାର ମିଶ୍ର ଙ୍କ ତତ୍ତ୍ୱାବଧନରେ ଏକ ସଭା ଅନୁଷ୍ଠିତ ହୋଇଥିଲା ଏହି ସଭା ରେ ଅଧ୍ୟକ୍ଷା ସୁଶ୍ରୀ ସ୍ୱପ୍ନା ମହାପାତ୍ର ଅଧ୍ୟକ୍ଷତା କରିଥିଲେ ଏବଂ ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷା ବିଭାଗ ଅଧ୍ୟାପକ ନାରାୟଣ ନାଏକ, ଆଇ ଟି ଅଧ୍ୟାପକ ଦେବାଶିଷ ମିଶ୍ର, ଅର୍ଥନୀତି ଅଧ୍ୟାପିକା ମମତା ଦାସ, ଖେଳ ଶିକ୍ଷକ ମଦନ ମୋହନ ପଟେଲ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷା ଦେଶ କୁ ଆଗକୁ ନେବାରେ ଯୁବ ମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଦେବାଶିଷ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ର ଛାତ୍ରୀ ମାନେ ଆଜିର ସମୟରେ ଆଗକୁ ଆସି ଦେଶକୁ ଆଗକୁ ନେବାକୁ ଅଧ୍ୟାପକ ନାରାୟଣ ନାଏକ କହିଥିଲେ। ଯୁବ କାଉନସିଲର ସୁମନ୍ତ କୁମାର ମିଶ୍ର ଯୁବ ରେଡ କ୍ରସ ର ଭୂମିକା ତଥା କର୍ତ୍ତବ୍ୟ ବିଷୟରେ ଆଲୋପାତ କରିଥିଲେ। ଶେଷରେ ଅଧ୍ୟାପିକା ମମତା ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।